ଧରିତ୍ରୀ
51 Years
DHARITRI
ଭୁବନେଶ୍ୱର, ଶନିବାର, ନଭେମ୍ବର ୧/୨୦୨୫ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 1/2025 | Page 16 | ₹ 7.00
୫୧ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 335 | ମୂଲ୍ୟ ₹୭/-




## ‘କିଙ୍ଗ’କୁ ନେଇ ଉତ୍ସାହିତ ଶାହରୁଖ

ଶାହରୁଖ ଖାନ୍ ତାଙ୍କ ଆଗାମୀ ଫିଲ୍ମ ‘କିଙ୍ଗ’କୁ ନେଇ ବେଶ୍ ଉତ୍ସାହିତ। ଏଥିରେ ତାଙ୍କ ସହିତ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିବ।

୦୨

୧୬

## ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍

ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଅଷ୍ଟ୍ରେଲିଆର ଜୋଶ ହାଜେଲଉଡ୍।



# ଆଜିଠାରୁ ‘ଜଷ୍ଟ ଇନ୍ ଟାଇମ୍’ ନୀତି ପ୍ରଚଳନ

## ଇ-କୁବେର ପ୍ଲାଟ୍‌ଫର୍ମରେ ପରିଚାଳନା ହେବ ସିଏସ୍‌ଏସ୍ ପାଣ୍ଠି

**ଭୁବନେଶ୍ୱର,୩୧।୧୦ (ରବିନାରାୟଣ ଜେନା)**

କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍‌ଏସ୍) ଅର୍ଥ କିଭଳି ବାଟମାରଣା ହେବନାହିଁ ଏବଂ ଅର୍ଥ ଠିକଣା ବାଟରେ ଖର୍ଚ୍ଚ ହେବ ତାହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ‘ଜଷ୍ଟ ଇନ୍ ଟାଇମ୍’ ନୀତିକୁ ଗୁରୁତ୍ୱ ଦିଆଯାଇଛି। ଏହି ନୀତି ଅନୁଯାୟୀ, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଣ୍ଠି ରାଜ୍ୟକୁ ଆସିବା ମାତ୍ରେ ଖର୍ଚ୍ଚ କରିବାକୁ ପଡ଼ିବ। ପୂର୍ବରୁ ସିଏସ୍‌ଏସ୍ ପାଣ୍ଠିକୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏଣେ ତେଣେ ପାର୍କିଂ କରି ଠିକଣା ସମୟରେ ଖର୍ଚ୍ଚ କରିପାରୁ ନ ଥିଲେ। ଫଳରେ ରାଜ୍ୟକୁ ଉକ୍ତ ଟଙ୍କା ଠୁଳ କରି ରଖିବା ପାଇଁ କେନ୍ଦ୍ରକୁ ସୁଧ ଗଣିବାକୁ ପଡୁଥିଲା। ମାତ୍ର ଶନିବାରଠାରୁ ସିଏସ୍‌ଏସ୍‌ର ସମସ୍ତ ଅର୍ଥ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଅଧୀନ ଇ-କୁବେର ପ୍ଲାଟଫର୍ମ ଜରିଆରେ ପରିଚାଳନା ହେବ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ (ଖର୍ଚ୍ଚ ବିଭାଗ)ପକ୍ଷରୁ ଏସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଅକ୍ଟୋବର ୨୪ରେ ଅବଗତ କରାଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ଇଶା ଖୋସଲା ପତ୍ର ଲେଖି ଦର୍ଶାଇଥିଲେ, ଏହି ପଦ୍ଧତି ଯେଭଳି କଡ଼ାକଡ଼ି ଭାବେ ପାଳନ ହେବ ସେଦିଗରେ ଗୁରୁତ୍ୱ ଦେବାକୁ ହେବ। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ବୁଧବାର ପତ୍ର ଲେଖି ଅବଗତ କରାଇଛନ୍ତି।

ସ୍ୱତନ୍ତ୍ର ସଚିବ ୨୩ଟି ବିଭାଗର ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ‘ଜଷ୍ଟ ଇନ୍ ଟାଇମ୍’ ମାଧ୍ୟମରେ ଏଣିକି କେନ୍ଦ୍ର ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟତାମୂଳକ। ଏହା ‘ଏସ୍‌ଏନ୍‌ଏ-ଏସ୍‌ପିଆର୍‌ଏସ୍‌ଏଚ୍’ ଅଣ୍ଡରରେ ପରିଚାଳିତ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସଚିବ କୃଷି, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ, ଜଳସମ୍ପଦ, ଗୃହ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ନଗର ଉନ୍ନୟନ, ଆଇନ, ଏମ୍‌ଏସ୍‌ଏମ୍‌ଇ, ମିଶନଶକ୍ତି, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜାତି ଓ ଜନଜାତି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବଙ୍କୁ ପତ୍ର ଲେଖି ଏହାକୁ ଠିକଣା ଭାବେ ପାଳନ କରିବାକୁ ଦର୍ଶାଇଛନ୍ତି।

ପୂର୍ବରୁ ରାଜ୍ୟ ସରକାର କେବଳ ‘ସିଏସ୍‌ଏସ୍’ରେ ଗୋଟିଏ ଏସ୍‌ଏନ୍‌ଏ ଆକାଉଣ୍ଟ ଖୋଲୁଥିଲେ। ଏବେ କିନ୍ତୁ ଆଉ ଏକ ଆକାଉଣ୍ଟ ରିଜର୍ଭ ବ୍ୟାଙ୍କରେ ଖୋଲିବାକୁ ପଡ଼ିବ। ଏଥିରୁ ଯୋଜନାରେ ସମ୍ପୃକ୍ତ ତୃଣମୂଳସ୍ତରର କେଉଁ ଅଧିକାରୀ କେତେବେଳେ ଏହି ଖାତାରୁ ଟଙ୍କା ଉଠାଇବେ ତାହା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିପାରିବେ ନାହିଁ। କେବଳ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ ପଡ଼ିବ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ଆଉ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଖାତା ଖୋଲିବାପାଇଁ ଲାଳାୟିତ ହେବେନାହିଁ। ଏହି ପଦ୍ଧତିରେ କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ ଲାଗି ଯେଉଁ ସ୍ୱତନ୍ତ୍ର ଖାତା ଖୋଲାଯିବ ତାକୁ ଚାହିଁଲେ ତୃଣମୂଳସ୍ତରରେ ସଂପୃକ୍ତ ଯୋଜନା କାର୍ଯ୍ୟାନ୍ୱୟନ ଅଧିକାରୀ ଆବଶ୍ୟକତା ଅନୁଯାୟୀ ଉଠାଇ ପାରିବ। ଏହି ପଦ୍ଧତି ଦ୍ୱାରା ବ୍ୟାଙ୍କରେ ପାର୍କିଂ ବ୍ୟବସ୍ଥା ହୋଇପାରିବ ନାହିଁ। କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ ଲାଗି ଜିଲା କିମ୍ବା ବ୍ଲକସ୍ତରର ଅଧିକାରୀମାନେ ‘ଜଷ୍ଟ ଇନ୍ ଟାଇମ୍’ ଜରିଆରେ ଟଙ୍କା ଉଠାଣ କରିପାରିବେ।


**ଆଜିର ସମ୍ପାଦକୀୟ**
ରିଜ୍‌ଭିଙ୍କ ଧୈର୍ଯ୍ୟ ଶେଷ




ଜାତୀୟ ଏକତା ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଶୁକ୍ରବାର ସକାଳେ ଆୟୋଜିତ ‘ଏକତା ଦୌଡ଼’ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଭାଜପାର ପୂର୍ବତନ ସଭାପତି ସମୀର ମହାନ୍ତି, ଭାଜପା ନେତା ଗୋଲକ ମହାପାତ୍ର ଓ ଅନ୍ୟମାନେ ସାମିଲ ହୋଇଛନ୍ତି।

# ୬ ମେଡିକାଲ କଲେଜରେ ୬୨ ପିଜି ସିଟ୍‌କୁ ଅନୁମତି

**ଭୁବନେଶ୍ୱର, ୩୧।୧୦ (ରବିନାରାୟଣ ଜେନା)**

**କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଗକୁ ବଢୁଛି। ଫଳରେ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ୬ଟି ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନୂଆ ୬୨ଟି ପିଜି ସିଟ୍ ଅନୁମତି ମିଳିପାରିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ଅନୁମତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ☞ପୃଷ୍ଠା-୪




## ଅଭିଯୁକ୍ତଙ୍କ ପାଇଁ ଲଢୁଥିବା ଓକିଲଙ୍କୁ ସମନ କରିପାରିବେନି ତଦନ୍ତକରୀ ଅଫିସର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୧।୧୦(ପି.ଟି.)**

ଓକିଲ-ମହକିଲ ସ୍ୱାଧିକାରର ସୁରକ୍ଷା ଲକ୍ଷ୍ୟରେ ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆପରାଧିକ ମାମଲାରେ ଅଭିଯୁକ୍ତଙ୍କ ତରଫରୁ ମାମଲା ଲଢୁଥିବା ଆଇନଜୀବୀଙ୍କୁ ତଦନ୍ତକାରୀ ଅଫିସର ମନଇଚ୍ଛା ସମନ ଜାରି କରିପାରିବେ ନାହିଁ। ଏଥିପାଇଁ ଏସ୍‌ପିଙ୍କ ଅନୁମୋଦନ ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହିତ ସର୍ବୋଚ୍ଚ ଅଦାଲତ ତଦନ୍ତକାରୀ ଅଫିସରଙ୍କ ମନମୁଖି ସମନ ଜାରିକୁ ରୋକିବା ଲାଗି କେତେକ ନିର୍ଦ୍ଦେଶ ଜାରି କରିଛନ୍ତି। ବରିଷ୍ଠ ଆଇନଜୀବୀ ଅରବିନ୍ଦ ଡାଟାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ସମନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଆଇନଜୀବୀଙ୍କୁ ମାମଲା ଲଢ଼ିବା ଦାୟିତ୍ୱ ଦେବା ଅଭିଯୁକ୍ତଙ୍କ ମୌଳିକ ଅଧିକାର। ଏହାକୁ ତଦନ୍ତକାରୀ ଅଫିସର ଉଲ୍ଲଂଘନ କରୁଥିବା ପ୍ରଧାନ ବିଚାରପତି ବି.ଆର୍, ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଏକ ମନିଲଣ୍ଡରିଂ ମାମଲାରେ ଆଇନଜୀବୀ ଡାଟାର ଏବଂ ବେଣୁଗୋପାଳଙ୍କୁ ଇଡି ସମନ ପରେ ସର୍ବୋଚ୍ଚ ଅଦାଲତ ନିଜଆଡୁ ମାମଲାକୁ ବିଚାରକୁ ନେଇ ଉପରୋକ୍ତ ରାୟ ଦେଇଛନ୍ତି। ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅଯଥା ଚାପରୁ ଆଇନଗତ ପେସାର ସୁରକ୍ଷା ପାଇଁ କେତେଗୁଡ଼ିଏ ନିର୍ଦ୍ଦେଶାବଳୀ ଜାରି କରାଯାଇଥିବା ଜଷ୍ଟିସ୍ ଚନ୍ଦ୍ରନ କହିଛନ୍ତି।

ଦିଲ୍ଲୀରେ ଆଜି



ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶୁକ୍ରବାର ନୂଆଦିଲ୍ଲୀରେ କର୍ତ୍ତବ୍ୟପଥରେ ଭିସିଏସ୍‌ଜି ସର୍ବୋଦୟ ବାଲ୍ ବିଦ୍ୟାଳୟ ଛାତ୍ରୀଛାତ୍ର 'ଏକତା ପାଇଁ ଦୌଡ଼' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। (ଫଟୋ- ଚମନ ଗୌତମ)

## ୫ ବର୍ଷରେ କୋଟିଏ ନିଯୁକ୍ତି ପ୍ରତିଶ୍ରୁତି

### ଏନ୍‌ଡିଏର ବିହାର ନିର୍ବାଚନୀ ଇସ୍ତାହାର

**ପାଟନା,୩୧।୧୦**

ବିହାର ବିଧାନସଭା ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଶୁକ୍ରବାର ଇସ୍ତାହାର ପ୍ରକାଶ କରିଛି, ଯେଉଁଥିରେ ରାଜ୍ୟର ଯୁବତୀଯୁବକଙ୍କୁ ୫ ବର୍ଷରେ ୧ କୋଟି ନିଯୁକ୍ତି ଯୋଗାଇଦେବାର ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବିହାରରେ ୧ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରାଯିବା ସହ ୪ଟି ମହାନଗରରେ ମେଟ୍ରୋ ଟ୍ରେନ୍ ସେବା ଏବଂ ୭ଟି ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପ୍ରତିଶ୍ରୁତି ଦିଆଯାଇଛି। କେବଳ ସେତିକି ନୁହେଁ, ଏନ୍‌ଡିଏ ପୁନର୍ବାର ବିହାରରେ କ୍ଷମତାକୁ ଆସିଲେ ୭ଟି ଏକ୍ସପ୍ରେସ୍‌ୱେ, ୧୦ଟି ଶିଳ୍ପାଞ୍ଚଳ ପାର୍କ, କେଜିରୁ ପିଜି ପର୍ଯ୍ୟନ୍ତ ମୁକ୍ତ ତଥା ଉନ୍ନତମାନର ଶିକ୍ଷା ଏବଂ ଉଚ୍ଚଶିକ୍ଷା ପାଇଁ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ମାସିକ ୨,୦୦୦ ଟଙ୍କା ସହାୟତା ଯୋଗାଇଦେବ ବୋଲି କହିଛି। ସେହିପରି ରାଜ୍ୟର ବିଶ୍ୱସ୍ତରୀୟ ମେଡିସିଟି ଏବଂ ପ୍ରତି ଜିଲାରେ ଗୋଟିଏ ମେଡିକାଲ କଲେଜ, ମୁକ୍ତ ରାଶନ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା, ଅଧିକ ୫୦ ହଜାର ପକ୍କା ଘର ଯୋଗାଇ ଦିଆଯିବ। ଏହା ବ୍ୟତୀତ ମାତା ସୀତାଙ୍କ ଜନ୍ମସ୍ଥାନ କୁହାଯାଉଥିବା ସୀତାମାଢ଼ି ଜିଲାରେ 'ପୁନୌର ଧାମ ଜାନକୀ ମନ୍ଦିର' ନିର୍ମାଣ ସହ ଉକ୍ତ ଜିଲାର ନାମ ସୀତାପୁରମ୍ ରଖାଯିବ। ପାଟନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନ୍‌ଡିଏର ଇସ୍ତାହାର ଉନ୍ମୋଚିତ ହୋଇଥିବାବେଳେ ଏଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିତନରାମ ମାନ୍‌ଝୀ, ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ।

# ନେହେରୁଙ୍କ ଯୋଗୁ ବିଚ୍ଛିନ୍ନ ହୋଇଥିଲା କଶ୍ମୀର

### ରାଷ୍ଟ୍ରୀୟ୍ ଏକତା ଦିବସରେ ପ୍ରଧାନମନ୍ତ୍ରୀ ମୋଦି କହିଲେ

**ଏକତାନଗର(ଗୁଜରାଟ),୩୧।୧୦**

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତ ସହ ଅନ୍ୟ ଗଡ଼ଜାତ ରାଜ୍ୟଗୁଡ଼ିକ ଭଳି କଶ୍ମୀରର ମିଶ୍ରଣ ଚାହୁଁଥିଲେ, କିନ୍ତୁ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏପରି ହେବାକୁ ଦେଇ ନ ଥିଲେ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗୁଜରାଟର ଏକତାନଗରସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ ଅବସରରେ ସମ୍ବୋଧିତକରି ପ୍ରଧାନମନ୍ତ୍ରୀ କହିଛନ୍ତି,



ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ପଟେଲ ବିଶ୍ୱାସ କରୁଥିଲେ ଯେ କେହି ଇତିହାସ ଲେଖିବା ପାଇଁ ସମୟ ନଷ୍ଟ କରିବା ଅନୁଚିତ। ଇତିହାସ ଗଢ଼ିବା ଲାଗି କଠିନ ପରିଶ୍ରମ କରିବା ଉଚିତ।

୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରଠୁ ସର୍ଦ୍ଦାର ପଟେଲଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ପଟେଲଙ୍କ ୧୫୦ତମ ଜୟନ୍ତୀକୁ ଶୁକ୍ରବାର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଧୁମଧାମରେ ପାଳନ କରାଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ମୋଦି କହିଛନ୍ତି, ନେହେରୁଙ୍କ ଯୋଗୁ କଶ୍ମୀରକୁ ବିଭାଜିତ ହେବାକୁ ପଡ଼ିଥିଲା। କଶ୍ମୀର ପାଇଁ ଏକ ପୃଥକ୍ ସମ୍ବିଧାନ ଓ ଭିନ୍ନ ପତାକା ତିଆରି କରାଯାଇଥିଲା। କଂଗ୍ରେସ ଯୋଗୁ ଭାରତକୁ ଅନେକ ଦଶନ୍ଧି ଧରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା। ସର୍ଦ୍ଦାର ପଟେଲ ଯେଉଁ ନୀତି ପ୍ରଣୟନ କରିଥିଲେ ଓ ନିଷ୍ପତ୍ତି ନେଇଥିଲେ ତାହା ନୂଆ ଇତିହାସ ସୃଷ୍ଟି କରିଥିଲା। ସ୍ୱାଧୀନତା ପରେ ୫୫୦ରୁ ଊର୍ଦ୍ଧ୍ୱ ଗଡ଼ଜାତ ରାଜ୍ୟକୁ ଏକତ୍ରିତ କରିବା ଅସମ୍ଭବ ମନେହେଉଥିଲା, ଯାହାକୁ ସର୍ଦ୍ଦାର ପଟେଲ ସମ୍ଭବ କରିଥିଲେ। 'ଏକ ଭାରତ, ଉତ୍କର୍ଷ ଭାରତ'ର ପରିକଳ୍ପନା ପଟେଲଙ୍କ ପାଇଁ ସର୍ବୋପରି ଥିଲା ବୋଲି ମୋଦି କହିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ

### ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରାଯାଉ, ପଟେଲଙ୍କୁ ଅପମାନିତ କରିଛନ୍ତି ମୋଦି: ଖାର୍ଗେ

ଖାର୍ଗେ ନିନ୍ଦା କରିଛନ୍ତି। ଖାର୍ଗେ କହିଛନ୍ତି, ତାଙ୍କ ବ୍ୟକ୍ତିଗତ ମତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)କୁ ନିଷିଦ୍ଧ ଘୋଷଣା କରାଯିବା ଉଚିତ। କାରଣ ଅଧିକାଂଶ ଆଇନଶୃଙ୍ଖଳା ସ୍ଥିତି ଭାଜପା-ଆର୍‌ଏସ୍‌ଏସ୍ ଯୋଗୁ ଉପୁଜୁଛି। ପ୍ରଧାନମନ୍ତ୍ରୀ ମୋଦି ସରକାରୀ କର୍ମଚାରୀମାନଙ୍କୁ ସଂଘରେ ସାମିଲ ହେବାକୁ ଅନୁମତି ଦେଉଛନ୍ତି। ମୋଦି ସର୍ଦ୍ଦାର ପଟେଲଙ୍କ ଲିଗାସିକୁ ଅପମାନିତ କରିଛନ୍ତି। ୧୯୪୮ରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ଆର୍‌ଏସ୍‌ଏସ୍‌କୁ ସମାଲୋଚନା କରି ପଟେଲ ଦେଇଥିବା ମନ୍ତବ୍ୟକୁ ଏହି ଅବସରରେ ଖାର୍ଗେ ଉଲ୍ଲେଖ କରିଛନ୍ତି। ପଟେଲ ଆମମାନଙ୍କ ପାଇଁ ସମ୍ମାନାସ୍ପଦ। ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାଙ୍କ ନିକଟରେ ମଥାନତ ହେବା ଉଚିତ।

## ଟ୍ୟୁନିସିଆରେ ୩ ମାସ ହେଲା ଫସିଛନ୍ତି ଝାଡ଼ଖଣ୍ଡର ୪୮ ଦାଦନ ଶ୍ରମିକ

**ଆଙ୍କାରା,୩୧।୧୦**

ଝାଡ଼ଖଣ୍ଡର ଗିରିଡିହ, ବୋକାରୋ ଏବଂ ହଜାରିବାଗ ଜିଲାରୁ ୪୮ ଦାଦନ ଶ୍ରମିକ ଆଫ୍ରିକୀୟ ରାଷ୍ଟ୍ର ଟ୍ୟୁନିସିଆରେ ୩ ମାସ ହେଲା ଫସିରହିଛନ୍ତି। ସୁରକ୍ଷିତ ଭାବେ ସ୍ୱଦେଶ ଫେରିବା ପାଇଁ ଏକ ଭିଡିଓ ବାର୍ତ୍ତା ଜରିଆରେ ସେମାନେ ଭାରତ ସରକାରଙ୍କ ସହାୟତା ଲୋଡ଼ିଛନ୍ତି। ୬ ମାସ ହେଲା ପାରିଶ୍ରମିକ ମିଳି ନ ଥିବାରୁ ସେମାନେ ଭୋକରେ ଦିନ କାଟୁଛନ୍ତି। ବକେୟା ପାରିଶ୍ରମିକ ପ୍ରଦାନ ସାଙ୍ଗକୁ ଶୀଘ୍ର ଫେରାଇନେବା ଲାଗି ସେମାନେ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି। ମିଥ୍ୟା ପ୍ରତିଶ୍ରୁତିରେ ନେଇ ସେମାନଙ୍କୁ ଠିକାରେ ନିଯୁକ୍ତି ଦିଆଯାଇଥିଲା।

## ମନ୍ତ୍ରୀ ହେଲେ ମହମ୍ମଦ ଆଝାରୁଦ୍ଦିନ



**ହାଇଦ୍ରାବାଦ,୩୧।୧୦**

ପୂର୍ବତନ କ୍ରିକେଟ ଅଧିନାୟକ ତଥା କଂଗ୍ରେସ ନେତା ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା କ୍ୟାବିନେଟ୍‌ରେ ଗୁରୁବାର ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ରାଜ୍ୟପାଳ ଜିଷ୍ଣୁଦେବ ବର୍ମା ପୂର୍ବତନ କ୍ରିକେଟରଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ନଭେମ୍ବର ୧୧ରେ ଜୁବିଲି ହିଲ୍ସ ଆସନରେ ଉପନିର୍ବାଚନ ଥିବାରୁ ମୁସଲମାନ ଭୋଟରଙ୍କ ସମର୍ଥନ ହାସଲ ପାଇଁ ଆଝାରୁଦ୍ଦିନ୍‌ଙ୍କୁ ମନ୍ତ୍ରୀ କରାଯାଇଛି। ଜୁବିଲି ହିଲ୍ସ ନିର୍ବାଚନ ମଣ୍ଡଳୀରେ ୩୦% ମୁସଲମାନ ଭୋଟର ରହିଛନ୍ତି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ସରକାର ନୂଆ ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇ ଏହାର ଉଲ୍ଲଂଘନ କରିଥିବା ଭାଜପା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଉପନିର୍ବାଚନ ଲଢ଼ିବାକୁ କଂଗ୍ରେସ ଆଝାରୁଦ୍ଦିନଙ୍କୁ ଟିକେଟ ଦେଇ ନ ଥିଲା। ଏବେ ତାଙ୍କୁ ମନ୍ତ୍ରୀ କରି ସରକାର କ୍ଷମତାର ଦୁରୁପଯୋଗ କରିଥିବା ଭାଜପା କହିଛି।

## 'କିଙ୍ଗ୍'କୁ ନେଇ ଉତ୍ସାହିତ ଶାହରୁଖ



**ମୁମ୍ବାଇ:** ବଲିଉଡ୍ ବାଦ୍‌ଶାହା ଶାହରୁଖ ଖାନ୍ ତାଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'କୁ ନେଇ ବେଶ୍ ଉତ୍ସାହିତ। ଏହି ଫିଲ୍ମରେ ତାଙ୍କ ସହିତ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିବ। ସେମାନଙ୍କୁ ପରଦାରେ ଏକାଠି ଦେଖିବା ପ୍ରଶଂସକଙ୍କ ପାଇଁ ଖୁସିର ବିଷୟ। କାରଣ ଉଭୟ ପୂର୍ବରୁ ଅନେକ ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି। ଉଭୟଙ୍କ ଅଭିନୀତ ଏହା ଷଷ୍ଠ ଫିଲ୍ମ। ନିକଟରେ ଶାହରୁଖ ତାଙ୍କ X ଆକାଉଣ୍ଟରେ 'ଆସ୍କ ମି ଏନିଥିଙ୍ଗ୍' ସେସନ ଆୟୋଜନ କରିଥିଲେ। ଜଣେ ପ୍ରଶଂସକ 'କିଙ୍ଗ୍' ଉଲ୍ଲେଖ କରି ଲେଖିଥିଲେ, ଆପଣ ଏବଂ ଦୀପିକାଙ୍କୁ ପୁଣିଥରେ ଏକାଠି ଦେଖିବାକୁ ଆମେ ବହୁତ ଉତ୍ସାହିତ। ବଲିଉଡ ସୁପରଷ୍ଟାର ଏହାର ଜବାବ ଦେଇ କହିଥିଲେ, ମୁଁ ମଧ୍ୟ। ଶାହରୁଖଙ୍କ ଝିଅ ସୁହାନା ମଧ୍ୟ 'କିଙ୍ଗ୍'ରେ ଅଭିନୟ କରିବେ। ଫିଲ୍ମର କାହାଣୀ ବିଷୟରେ ଏପର୍ଯ୍ୟନ୍ତ ଅଧିକ ସୂଚନା ପ୍ରକାଶ ପାଇନାହିଁ। ପୂର୍ବରୁ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲରେ ଶାହରୁଖ 'କିଙ୍ଗ୍' ବିଷୟରେ କହିଥିଲେ। ଏହା ଏକ ଆକ୍ସନ ଡ୍ରାମା ହିନ୍ଦୀ ଫିଲ୍ମ। ଏହା ଆକର୍ଷଣୀୟ ହେବ। ୭ କିମ୍ବା ୮ ବର୍ଷ ପୂର୍ବରୁ ଏଭଳି ଫିଲ୍ମ କରିବି ବୋଲି ଆଶା ରଖିଥିବା ଶାହରୁଖ କହିଥିଲେ।

## ଧର୍ମ ପରିବର୍ତ୍ତନ ଯୋଜନା ଉଷା ଭାନ୍ସଙ୍କର ନାହିଁ

**ୱାଶିଂଟନ,୩୧।୧୦**

ସ୍ତ୍ରୀ ଉଷା ଭାନ୍ସ ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ନେଇ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଆଶାବ୍ୟକ୍ତ କରିବାର ଦିନକ ପରେ ମତ ବଦଳାଇଛନ୍ତି। ଉଷା ହିନ୍ଦୁ ଧର୍ମରେ ବିଶ୍ୱାସ କରନ୍ତି ଏବଂ ତାଙ୍କର ଧର୍ମ ପରିବର୍ତ୍ତନ କରିବା ଯୋଜନା ନାହିଁ ବୋଲି ଜେଡି ଭାନ୍ସ କହିଛନ୍ତି। ଉଷା ନିଜ ଧର୍ମ ଛାଡ଼ିବାକୁ ଯାଉଥିବା ନେଇ ସମାଲୋଚିତ ହେବା ପରେ ରିପବ୍ଲିକାନ୍ ନେତା ଏଭଳି ସଫେଇ ଦେଇଛନ୍ତି।

## ଅସ୍ତ୍ରବିରତି ବଜାୟ ରଖିବାକୁ ପାକ୍, ଆଫଗାନ ରାଜି

**ଆଙ୍କାରା,୩୧।୧୦**

ଇସ୍ତାନବୁଲ୍‌ରେ ଶାନ୍ତି ଆଲୋଚନା ପରେ ପାକିସ୍ତାନ ଓ ଆଫଗାନିସ୍ତାନ ଅସ୍ତ୍ରବିରତି ବଜାୟ ରଖିବାକୁ ରାଜି ହୋଇଥିବା ତୁର୍କୀ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ପୂର୍ବରୁ ୨ ଦେଶ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା। ଅସ୍ତ୍ରବିରତିକୁ କିଭଳି କାର୍ଯ୍ୟକାରୀ କରାଯିବ ତାହା ଚୂଡ଼ାନ୍ତ କରିବା ନିମନ୍ତେ ଆସନ୍ତା ୬ ତାରିଖରେ ଇସ୍ତାନବୁଲ୍‌ରେ ପାକିସ୍ତାନ ଓ ଆଫଗାନିସ୍ତାନ ଉଚ୍ଚସ୍ତରୀୟ ବୈଠକ କରିବାକୁ ଯୋଜନା କରିଛନ୍ତି। ଶାନ୍ତି ବଜାୟ ରଖିବାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ପକ୍ଷ ବ୍ୟବସ୍ଥାର ଅନୁଧ୍ୟାନ ଓ ଯାଞ୍ଚ କରିବେ ଏବଂ ଏହାର ଉଲ୍ଲଂଘନ ପାଇଁ ଦଣ୍ଡବିଧାନ କରାଯିବ। ଚଳିତ ମାସରେ ପାକ୍ ଓ ଆଫଗାନ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ବହୁସଂଖ୍ୟାରେ ସୈନ୍ୟ, ସାଧାରଣ ନାଗରିକ ଓ ଆତଙ୍କବାଦୀ ନିହତ ହୋଇଥିଲେ। ସୀମା ଉତ୍ତେଜନା ଲାଗି ରହିଥିବାବେଳେ ଏହାକୁ ହ୍ରାସ କରିବା ପାଇଁ ତୁର୍କୀ ଓ ଅନ୍ୟ ବନ୍ଧୁ ରାଷ୍ଟ୍ରଙ୍କ ସହଯୋଗରେ ନୂଆ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପୂର୍ବ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଚଳିତ ସପ୍ତାହରେ ନୂଆ ସୀମା ସଂଘର୍ଷ ଘଟିନାହିଁ। ଉଭୟ ଦେଶ ପ୍ରମୁଖ ସୀମାନ୍ତ ରାସ୍ତାକୁ ବନ୍ଦ ରଖିଥିବାରୁ ବହୁସଂଖ୍ୟାରେ ମାଲ୍‌ବୋଝେଇ ଟ୍ରକ୍ ଉଭୟ ପାର୍ଶ୍ୱରେ ଅଟକି ରହିଛି।

## ବ୍ରାଜିଲରେ ବାଦୁଡ଼ିଠାରୁ କୋଭିଡ୍ ଭଳି ଭୂତାଣୁ ଚିହ୍ନଟ

**ନୂଆଦିଲ୍ଲୀ,୩୧।୧୦**

ବ୍ରାଜିଲରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ିଠାରେ କୋଭିଡ୍-୧୯ ଭଳି ଭୂତାଣୁ ଚିହ୍ନଟ ହୋଇଛି। ଆମେରିକା, ଜାପାନ,ଅଷ୍ଟ୍ରେଲିଆ ଏବଂ ବେଲ୍‌ଜିୟମ୍‌ର ବୈଜ୍ଞାନିକମାନଙ୍କ ଏକ ଅନ୍ତର୍ଜାତୀୟ ଟିମ୍ ଏହି ନୂଆ ଭାଇରସ୍ ଚିହ୍ନଟ କରିଥିବାବେଳେ ଏହାକୁ ନେଇ ସମ୍ଭାବ୍ୟ ସଂକ୍ରମଣ ଓ ନୂଆ ରୋଗର ଆଶଙ୍କା ଦେଖାଦେଇଛି।

ବେଟାକରୋନା ଭୂତାଣୁ ଯଥା ସିଭିୟର୍ ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍



(ଏସ୍‌ଏଆର୍‌ଏସ୍-ସିଓଭି-୨) ଏବଂ ମିଡିଲ୍ ଇଷ୍ଟ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍ (ଏମ୍‌ଇଆର୍‌ଏସ୍-ସିଓଭି) ସମେତ ଅନେକ ଭୂତାଣୁର ପ୍ରାକୃତିକ ଭଣ୍ଡାର ହେଉଛନ୍ତି ବାଦୁଡ଼ି। ଟେରୋନୋଟସ୍ ପାର୍ନେଲି ନାମକ ଏକ କ୍ଷୁଦ୍ର ତଥା ମୁହଁରେ ମୁଛ ଥିବା ବାଦୁଡ଼ିଠାରୁ ବିଆର୍‌ଜେଡ୍ ବ୍ୟାଟ୍ କୋଭ୍ ନାମରେ ଭୂତାଣୁକୁ ଓସାକା ଏବଂ ସିଡ୍‌ନୀ ୟୁନିଭର୍ସିଟିର ଗବେଷକ ଟିମ୍ ଚିହ୍ନଟ କରିଛି। ଏହା ବେଟାକରୋନା ଭାଇରସ୍‌ଠାରୁ ବର୍ଗାନୁବଂଶିକ ଭାବେ ଭିନ୍ନ ବୋଲି ଗବେଷକମାନେ କହିଛନ୍ତି। ତେବେ ବିଆର୍‌ଜେଡ୍ ବ୍ୟାଟ୍ ସିଓଭି କୋଭିଡ୍ ନୁହେଁ, ବରଂ ଏହାର ଏମ୍‌ଇଆର୍‌ଏସ୍ ଭୂତାଣୁ ସହ ଅଧିକ ନିବିଡ଼ ସମ୍ପର୍କ ରହିଥିବା କୁହାଯାଇଛି।



# Chhattisgarh FOUNDATION DAY & Rajat Mahotsav



In the esteemed presence of

Hon'ble Prime Minister

## SHRI NARENDRA MODI JI

development projects worth

**Approx. ₹14,300 Crore**

01 November 2025

Rajyotsav Sthal
Nava Raipur, Atal Nagar, Chhattisgarh

spanning Road Infrastructure, Energy, Industry, Housing, Rural Development and the Health Sector — will be Inaugurated, Dedicated to the Nation and Foundation Stones laid, alongside the ceremonial Griha Pravesh.

## Inauguration

Shaheed Veer Narayan Singh Memorial & Tribal Freedom Fighters Museum
₹52 Crore





Chhattisgarh's New Vidhan Sabha Bhawan
₹324.93 Crore

### Griha Pravesh and Installment Release ₹1,200 Crore

- Griha Pravesh of 3.51 Lakh 'Pucca Awaas' constructed under PMAY-G and distribution of Khushiyon Ki Chaabi
- Release of financial assistance instalments to 3 Lakh beneficiaries

### Foundation Stone laying ₹7,459 Crore

- New smart industrial areas in Janjgir-Champa and Rajnandgaon
- Pharmaceutical Park in Nava raipur
- Working women's hostel in Koni and Uslapur villages (Bilaspur)
- Government Medical College building in Manendragarh, kabirdham, Janjgir-Champa and Geedam (Dantewada)
- Government Ayurveda College and Hospital building in Bilaspur
- Construction and Upgradation works of 3 National Highways (NH-130D) and Pathalgaon-Kunkuri-CG/JH Border Four Lane Greenfield National Highway
- 220 kV power substation in Kanker and 132 kV power substation in Balodabazar-Bhatapara
- Infrastructure Power Work under RDSS Scheme

### Inauguration ₹3,250 Crore

- 7 EHV substations, 400 kV in Mungeli, 220 kV in Rajim (Gariyaband) and Patan (Durg), 132 kV in Raipur, Bemetara, Bilaspur and Koriya
- 33 kV substation in Sukma and Bastar
- Chhattisgarh and Odisha Section(489 km) of the Nagpur–Jharsuguda Pipeline –(GAIL)
- New Petroleum Oil Depot (HPCL)
- Start-up Village Entrepreneurship Programme in 12 blocks across 9 districts
- Inter-regional ER–WR Interconnection Transmission Project (POWERGRID)

### Dedicating to Nation ₹1,979 Crore

- New 11 kV and LT lines, overloaded 11 kV feeders and transformers in various districts
- Conversion of bare conductors into AB cables
- Construction of 2-lane paved shoulder road on National Highway-130C from Madangmuda–Devbhog up to the Odisha border

DD NEWS Watch live on DD News

Scan the QR to join us

S-45741/39

छत्तीसगढ़ जनसंपर्क

Visit us : /ChhattisgarhCMO /DPRChhattisgarh www.dprcg.gov.in

## ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବୁଗୁଡ଼ା,(କାଳିଚରଣ ଦାଶ): ବାହାର ରାଜ୍ୟକୁ ଦାଦନ ଖଟି ଯାଇଥିବା ଜଣେ ଓଡିଆ ଶ୍ରମିକଙ୍କ ଚେନ୍ନାଇରେ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଗଞ୍ଜାମ ଜିଲା ବୁଗୁଡ଼ା ଏନ୍‌ଏସି ୧୩ ନମ୍ବର ୱାର୍ଡ କାଦପଡା ଗ୍ରାମର ଅନିଲ ଜେନା (୨୯)। ସେ ଦେଢ଼ ବର୍ଷ ଧରି ଚେନ୍ନାଇର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଅନିଲ ଗ୍ରାମକୁ ଆସି ଦୁଇ ମାସ ତଳେ ଚେନ୍ନାଇ ଫେରିଯାଇଥିଲେ। ଗତ ୨୮ ତାରିଖ ମଙ୍ଗଳବାର ରାତିରେ ଅନିଲ କମ୍ପାନୀରେ କାର୍ଯ୍ୟରତ ସମୟରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ଅନିଲଙ୍କୁ ନିକଟସ୍ଥ ମେଡିକାଲକୁ ନେବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ସୁନ୍ଦରାକାଣ୍ଡ ସାମୂହିକ ପାଠୋତ୍ସବ, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ୟୁନିଟ୍-୩, ସମୟ: ସକାଳ ୮ଟା ୩୦।
- ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ-୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) କାର୍ଯ୍ୟାଳୟ, ସାମନ୍ତରାପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାମାଜିକ ନ୍ୟାୟ ନେତୃତ୍ୱ ସମ୍ମେଳନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ରୌପ୍ୟଜୟନ୍ତୀ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଅନନ୍ତ ମହାବୀରଙ୍କ ୧୪ତମ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ବାଲିଅନ୍ତା ଅଣ୍ଡିଲୋ ଗ୍ରାମର ମହାବୀରଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ସୁଭଦ୍ରା ଶକ୍ତି ମେଳାର ଶୁଭ ଉଦ୍‌ଘାଟନ, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ -୩, ସମୟ: ଅପରାହ୍ନ ୫ଟା ୩୦।
- ସାରସ୍ୱତ ସଭା ଏବଂ 'ମହାପ୍ରଭୁ ଶ୍ରୀଜଗନ୍ନାଥ'ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ୧୩ତମ ଓଡ଼ିଶୀ ରାଗ ମହୋତ୍ସବ ଏବଂ ସମ୍ମାନ ସମାରୋହ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ

- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ପଦଯାତ୍ରା, ସ୍ଥାନ: ନିଶାମଣି କନଭେନଶନ ନିକଟ, ଲିଙ୍କ ରୋଡ୍, ସମୟ: ସକାଳ ୮ଟା।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଡ଼କ ସୁରକ୍ଷା ସଚେତନତା ଅବସରରେ ପଦଯାତ୍ରା, ସ୍ଥାନ: ରାଜ୍ୟ ପରିବହନ ପ୍ରାଧିକରଣ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କଟକ, ସମୟ: ସକାଳ ୮ଟା ୩୦।
- ଧ୍ରୁବତାରା ଶିଶୁ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ନଦୀୟା ବିହାରୀ ମହାନ୍ତିଙ୍କ ରଚିତ କବିତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ଓଡ଼ିଶା ପୋଲିସ ହାଇସ୍କୁଲ, ତୁଳସୀପୁର, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ମେଗା ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ସଭା ଓ ପୁରସ୍କାର ବିତରଣୀ, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଥମ କଟକ କଲଚରାଲ ଫେଷ୍ଟିଭାଲ-୨୦୨୫, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

### ପୁରୀ

- ନିଃଶୁଳ୍କ ରକ୍ତ ପରୀକ୍ଷା ଓ ମଧୁମେହ ପରୀକ୍ଷା ଶିବିର, ସ୍ଥାନ: ଦିବ୍ୟଧାମ, ଚକ୍ରତୀର୍ଥ ରୋଡ୍, ସମୟ: ସକାଳ ୮ଟା୩୦।
- ପୁରୀ ଜିଲା ସ୍କୁଲର ୧୭୨ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ଷ୍ଟେଶନ ରୋଡ୍, ସମୟ: ସକାଳ ୮ଟା।
- ଦିବ୍ୟ ଦର୍ଶନ ପକ୍ଷରୁ କବିତା ଆସର, ସ୍ଥାନ: କପିଳେଶ୍ୱରପୁର, ସମୟ: ଅପରାହ୍ନ: ୧ଟା।
- ଦୁର୍ନୀତି ନିବାରଣ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା।

### ଖୋର୍ଦ୍ଧା

- କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ଓ ଏ.ଟି.ଏମ୍.ପି. କେନ୍ଦ୍ର(ସିକ୍‌ସେମ୍ ପ୍ରାଇଭେଟ ଲିମିଟେଡ୍)ର ଭୂମିପୂଜା ଏବଂ ପ୍ରକଳ୍ପ ଶିଳାନ୍ୟାସ, ସ୍ଥାନ: ଇନ୍‌ଫୋଭ୍ୟାଲି, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।

### ବାଲେଶ୍ୱର

- ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହେଶପୁର ପଞ୍ଚାୟତ କାର୍ଯ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ବୋଇତ ବନ୍ଦାଣ ଉତ୍ସବ ଲାଗି ଖବରଦାତା ସମ୍ମିଳନୀ, ସ୍ଥାନ: ଆରୁହାବୃତ୍ତି ପଞ୍ଚାୟତ କାର୍ଯ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତ୍ରୟୋଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

### ଭଦ୍ରକ

- ଦୁର୍ନୀତି ନିବାରଣ ସଚେତନତା ନେଇ ସାଧାରଣ ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ

- ଜଗଧାତ୍ରୀ ପୂଜା,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ସକାଳ ୮ଟା।
- ନୂତନ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ,ସ୍ଥାନ: ତହସିଲ କାର୍ଯ୍ୟାଳୟ, ଚିତ୍ରଡ଼ା,ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା।

### ଢେଙ୍କାନାଳ

- ଅଭିନୟ ଫାଉଣ୍ଡେଶନର ଦ୍ୱିତୀୟ ବାର୍ଷିକ ଉଦ୍‌ଘାଟନ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

### ଅନୁଗୋଳ

- ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: କିଶୋରନଗର ବ୍ଲକ ବିଲେଇନାଳୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାସ ମଣ୍ଡପରେ ରାଧାକୃଷ୍ଣଙ୍କ ପୂଜା ଆରମ୍ଭ, ସ୍ଥାନ: ମହାଧରପୁର, ସମୟ: ସନ୍ଧ୍ୟା ୬ ଟା।

### ଜଗତସିଂହପୁର

- ଜଗନ୍ନାଥ ଚେତନା ସୁରକ୍ଷା ମଞ୍ଚ ପକ୍ଷରୁ ମାଧବ ମନ୍ଦିର ପୋଢୁଆଁ ଭାର ସମ୍ପର୍କରେ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର, ଉଦୟବଟ ଧାମ, ଭିତରଗଡ଼, ପାରାଦୀପ, ସମୟ: ଅପରାହ୍ନ ୪ଟା।

### କେନ୍ଦ୍ରାପଡ଼ା

- ଜିଲା ଚେସ ଆସୋସିଏଶନ ପକ୍ଷରୁ ଆନ୍ତରାଜ୍ୟ ମହିଳା ଚେସ ଚମ୍ପିୟାନସିପ, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଷ୍ୟାଳିଙ୍କ ପଞ୍ଚୁକ ବ୍ରତ ଉପଲକ୍ଷେ ଆଧାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରପଡ଼ା ସହର, ସମୟ: ସକାଳ ୮ଟା।

### ଯାଜପୁର

- ଜଗନ୍ନାଥ ସେବା ସଂଘ ପକ୍ଷରୁ ରାହାସ ପୂର୍ଣ୍ଣିମା ଉତ୍ସବ, ସ୍ଥାନ : ଧର୍ମଶାଳା ବ୍ଲକ ବଳରାମପୁରଗଡ ଜଗନ୍ନାଥ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

### ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦ଟା୩୦।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାରେ ଅଳାଁ ନବମୀ ଯାତ୍ରାର ଅଙ୍କୁରାରୋପଣ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତର ଭୀମରା ପାହାଡ଼, ସମୟ: ସକାଳ ୭ଟା।
- ୨ୟତମ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ୨ୟ ଦିବସ, ସ୍ଥାନ: କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯ଟା।

### ରାୟଗଡ଼ା

- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ରାୟଗଡା ଗଜପତି ଛକ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ସଭାକାର୍ଯ୍ୟ ଓ ଆଲୋଚନାଚକ୍ର, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସଦ୍‌ଭାବନା ଗୃହ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

### ନବରଙ୍ଗପୁର

- ଦୁର୍ନୀତି ମୁକ୍ତ ଓ ସ୍ୱଚ୍ଛ ସମାଜ ପ୍ରତିଷ୍ଠା ଉପଲକ୍ଷେ ଜିଲାସ୍ତରୀୟ ଶୋଭାଯାତ୍ରା, ସଚେତନ ସଭା , ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

### କୋରାପୁଟ

- ଅଷ୍ଟପ୍ରହର ନାମଯଜ୍ଞ ଉଦଯାପନୀ, ସ୍ଥାନ: ମାର୍କେଟ ପରିସର, ହାଲ ସୁନାବେଡା, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସପ୍ତାହ ନେଇ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଭାସି ମାଧ୍ୟମରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ନନ୍ଦପୁର ବ୍ଲକ ଓସ୍ୱାନ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା ୩୦।

### ମାଲକାନଗିରି

- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ନେଇ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ,ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ମାଥିଲି ,ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର

- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ଅପରାହ୍ନ ୩ଟାରୁ ରାତି ୭ଟା।
- ସମ୍ବଲପୁର ରେଳମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରେଲବାଇ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା

### ବଲାଙ୍ଗୀର

- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ, ସମୟ: ପୂର୍ବାହ୍ନ ୮ଟା ୩୦।
- ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦।

### ସୁନ୍ଦରଗଡ଼

- ୨୪ତମ ଓଡିଶା ଆନ୍ତଃଜିଲା କନିଷ୍ଠ ସିପକ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟନ ସମାରୋହ, ସ୍ଥାନ:ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଗ୍ରାମପଞ୍ଚାୟତ ,ତେନ୍ତୁଳି ଡିପା ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।

### କଳାହାଣ୍ଡି

- ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ପକ୍ଷ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ସମୟ: ସକାଳ ୯ଟା।
- କଳାହାଣ୍ଡି ଗଠନ ଦିବସ ଜିଲାସ୍ତରୀୟ ସମାରୋହ, ସ୍ଥାନ:ଭବାନୀପାଟଣାସ୍ଥିତ ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

### ବୌଦ୍ଧ

- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ସଚେତନତା ସଭା ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼

- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ସ୍ତରୀୟ ମକ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲିସ୍ଥିତ ଦିଗଶିରା ଗ୍ରାମରେ କୈଳାସୀ ଯାତ୍ରା, ସ୍ଥାନ: ଅଙ୍ଗନଦୀସ୍ଥିତ କୈଳାସୀ ଯାତ୍ରା ପଡ଼ିଆ, ସମୟ: ସକାଳ ୮ ରୁ ଆରମ୍ଭ ହୋଇ ରାତି ୧୨ଟା ପର୍ଯ୍ୟନ୍ତ।
- ସୋନପୁର ବ୍ଲକ ବଡ ଝିଙ୍କିରେ କଳାସୀ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ବଡଝିଙ୍କି ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ୩୦।

### ନୂଆପଡ଼ା

- ରାହାଁସ ଲୀଳା ପରିବେଷଣ ଓ ପୁରାଣ କଥା, ସ୍ଥାନ: ଖଡିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ ୭ଟା ଓ ରାତ୍ର ୮ଟା।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା।

### ଝାରସୁଗୁଡ଼ା

- ଦୁର୍ନୀତି ନିବାରଣ ସଚେତନତା ଶିବିର, ସ୍ଥାନ: ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବେଲପାହାଡ଼ ଫୁଟବଲ କପ୍ ଟୁର୍ନାମେଣ୍ଟ, ସ୍ଥାନ: ବେଲପାହାଡ଼ ରତନ ଟାଟା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ଚନ୍ଦ୍ରଙ୍କ ସହ ରାହୁଙ୍କ ସଂଯୋଗ ପ୍ରଭାବରେ ଭାଇ, ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ହୋଇପାରେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ମନରେ ଅସ୍ଥିରତା ଲାଗି ରହିବାରୁ ଅନ୍ୟମାନଙ୍କ କଥା ଆପଣଙ୍କୁ ଭଲ ଲାଗିବ ନାହିଁ। ସାହିତ୍ୟ, ସାମ୍ବାଦିକତା, ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ**: ଆଜି ରାଶ୍ୟାଧିପ ଶୁକ୍ରଙ୍କ ନୀଚତ୍ୱ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଶନିଙ୍କ ଦୃଷ୍ଟିଜନିତ ଉଦାସୀନତା ସୃଷ୍ଟିକରି ଭୋଗ ବିଳାସ ପ୍ରତି ବୈରାଗ୍ୟ ଭାବ ଉଦ୍ରେକ କରିପାରନ୍ତି। ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମିଥୁନ**: ତୃତୀୟାଧିପତିଙ୍କ ଦୁର୍ବଳତାଜନିତ ବିବାଦରେ ପଶିଲେ ଅପଦସ୍ଥ ହୋଇପାରନ୍ତି। ପଡ଼ୋଶୀଙ୍କ ଦ୍ୱାରା ଘରୋଇ ବ୍ୟାପାରରେ ହସ୍ତକ୍ଷେପ ମାଧ୍ୟମରେ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିବେ। ଘରେ ବନ୍ଧୁ ମିଳନରେ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ**: ଧନସ୍ଥାନରେ କେତୁ ଓ ଧନାଧିପ ବଳହୀନ ଯୋଗୁ ଅର୍ଥ ସଙ୍କଟ ଲାଗିରହିବ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ରହିବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟରେ ଲାଭ ଆଶାନୁରୂପ ପାଇପାରିବେ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ ଅବଶ୍ୟ ସବୁ କଥାରେ ନରମି ରହି ପାରିଲେହିଁ ସୁଫଳ ପାଇବେ।

**ସିଂହ**: ରବିଙ୍କ ଦୁର୍ବଳତା ସାଇନୋଇସାଟିସ୍ ଭଳି ରୋଗ ଜନିତ ମୁଣ୍ଡବ୍ୟଥା କିମ୍ବା କ୍ରନିକ୍ ରୋଗ ପୀଡ଼ାକୁ ନିମନ୍ତ୍ରଣ କରିପାରେ। କର୍ତ୍ତବ୍ୟର ଦୋହି ଦେଇ ଅନ୍ୟ ପାଇଁ କଷ୍ଟ ସ୍ୱୀକାର କରିପାରନ୍ତି। କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**କନ୍ୟା**: ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣ ଦୃଷ୍ଟି ହେତୁ ଭାଇ କିମ୍ବା ସହକର୍ମୀଙ୍କ ହେତୁକ ସମସ୍ୟାରେ ବ୍ୟସ୍ତତା ପ୍ରକାଶ କରିବେ। କିଛି ମତ ମନ୍ତବ୍ୟ ଦେବା ପୂର୍ବରୁ ଭାବିଚିନ୍ତି କହିବା ଭଲ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ତୁଳା**: ନୀଚସ୍ଥ ଶୁକ୍ର ଓ ରବିଙ୍କ ଯୋଗୁ କାମଗୁଡ଼ିକ ଅଧୁରା ରହିଯିବ। ସନ୍ତାନଙ୍କ ବେଖାତିର କାମ ଯୋଗୁ ମାନସିକ ସ୍ଥିରତା ହରାଇବେ। ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟା ଦେଖାଦେଇପାରେ। ବୃହସ୍ପତିଙ୍କ ଦୃଷ୍ଟିରୁ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବାର ଆଶା କରାଯାଇପାରେ।

**ବିଛା**: ସ୍ୱଗୃହୀ ମଙ୍ଗଳଜନିତ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କାମରେ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ହାତକୁ ଚାହିଁ ବସିପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ବୃଦ୍ଧିପାଇବ।

**ଧନୁ**: ପାପଗ୍ରହମାନେ ରାଶିକୁ ପ୍ରଭାବିତ କରୁଥିବାରୁ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ଅନ୍ତରଙ୍ଗଙ୍କ ଆନ୍ତରିକତାକୁ ହରାଇପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର**: ଗ୍ରହଙ୍କ ପ୍ରତିକୂଳ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାର୍ଯ୍ୟ ସମ୍ପନ୍ନ ହେବ। ଯୁକ୍ତିଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବେ। ଉଚ୍ଚ ବର୍ଗର ବ୍ୟକ୍ତିଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ସହକର୍ମୀଙ୍କ ଦୌରାତ୍ମ୍ୟ କ୍ରମଶଃ କମିବ ଏବଂ ମିତ୍ରମାନଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ।

**କୁମ୍ଭ**: ରାଶିରେ ରାହୁଙ୍କ ପ୍ରଭାବରେ ଭୁଲ୍ ନିଷ୍ପତ୍ତି ନେଇ ହରବଘଣାରେ ପଡ଼ିପାରନ୍ତି। ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ କେତୁଙ୍କ କୁପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବନାହିଁ। ପିଲାଙ୍କର କିଛି ସମସ୍ୟାକୁ ନେଇ ହଠାତ୍ ବିବ୍ରତ ହୋଇପାରନ୍ତି। ତଥାପି ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କମିଯିବାର ସୂଚନା ରହିଛି।

**ମୀନ**: କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଓ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ଅଭାବ ନଥିଲେ ମଧ୍ୟ ଶାନ୍ତି ପାଇବା କଷ୍ଟକର ହୋଇପାରେ।

ଆଜି ନଭେମ୍ବର ୧ ତାରିଖ, ବିଶୁଦ୍ଧ ଶାକାହାରୀ ଦିବସ, କାର୍ତ୍ତିକ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ, ଶନିବାର। ଶ୍ରୀଜୀଉଙ୍କ ରାଧା ଦାମୋଦର ବେଶ ସମାପ୍ତି, ଶରତ ରାସ ଅଧିବାସ, କପିଳାସ ମହିମାତପୋବନ ମେଳା, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୧ଗତେ ଘ.୦୮।୪୦ ମଧ୍ୟେ, ଘ.୧୧।୫୨ ମି. ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ମି. ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଉଳ ପତ୍ର, ବଉଳ ବାଆ,**
**କୋଳି ଗଣ୍ଡାକର ଘର;**
**ଷାଠିଏ ଟଙ୍କାର ବଳଦ ବାନ୍ଧି,**
**ନାଥେ ହେଲେ ହରବର।**

ଅଭାବରୁ ହୀନସ୍ଥା। ବହୁ ମୂଲ୍ୟ ବିନିମୟରେ ବଳଦ ଆଣି ତା'ର ଉପଯୁକ୍ତ ଭାବେ ପାଳନ କରି ନ ପାରି ହରଡ଼ଘଣାରେ ପଡ଼ିଯାଇଥିବା ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଭିଆଡ଼ୀ ସୂତା କାଟିଲେ ରାଣ୍ଡେ,**
**ଅଭିଆଣ କଥା ଦେଖ ଲୋ ଦାଣ୍ଡେ।**

ମଙ୍ଗଳସୂତ୍ର ସଧବା ସ୍ତ୍ରୀ କାଟିବା ବିଧି ଏବଂ ବିଧବା କାଟିବା ଶାସ୍ତ୍ରବିରୋଧୀ। ତେଣୁ ଯିଏ ଯେଉଁ କାମ କରିବା ନ୍ୟାୟସଙ୍ଗତ ନୁହେଁ, ସେହି କାମକୁ ସେ କରି ବସିବା ଭୁଲ୍ ଏବଂ ଅନ୍ୟାୟ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶା ରାଜନୀତିକୁ ନୂଆ ବାଟ ଦେଖାଇବ ନୂଆପଡ଼ା: ପ୍ରସାଦ

ଭୁବନେଶ୍ୱର,୩୧।୧୦
(ରବିନାରାୟଣ ଜେନା)

ଦେଶର ରାଜନୀତିକୁ ଆଗାମୀ ଦିନରେ ବିହାର ନିର୍ବାଚନ ଫଳାଫଳ ଯେଭଳି ପ୍ରଭାବିତ କରିବ, ଠିକ୍ ସେହିପରି ନୂଆପଡ଼ାର ଉପନିର୍ବାଚନ ଫଳାଫଳ ଓଡ଼ିଶା ରାଜନୀତିକୁ ଏକ ନୂଆ ବାଟ ଦେଖାଇବ ବୋଲି କଂଗ୍ରେସ କହିଛି। ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ନୂଆପଡ଼ାରେ ଭାଜପା ଓ ବିଜେଡି ମଧ୍ୟରେ ସଲାକୁତ୍ତି ଚାଲିଛି। କିନ୍ତୁ ଜନତା ସବୁ ଦେଖୁଛନ୍ତି ଏବଂ ନିଷ୍ପତ୍ତି ମଧ୍ୟ ନେଇ ସାରିଛନ୍ତି। ବିଜେଡି ପ୍ରାର୍ଥୀ ବରଗଡ଼ରୁ ଆଣିଥିବାବେଳେ ଭାଜପା ପ୍ରାର୍ଥୀ ନ ପାଇ ବିଜେଡିରୁ ଧରି ଆଣିଛି। ହେଲେ କଂଗ୍ରେସ ଜଣେ ସ୍ଥାନୀୟ ଆଦିବାସୀ ଶିକ୍ଷିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି। ନୂଆପଡ଼ାରେ ନୂଆ ନାରା ଉଠୁଛି 'ବାହାରି ଭଗାଓ, ଆପନା ଲାଓ'। ପ୍ରସାଦ କହିଛନ୍ତି, ଦୁର୍ଭିକ୍ଷ ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଏଠାକୁ ଆସିଥିଲେ। ପ୍ରଧାନମନ୍ତ୍ରୀ ଥିବାବେଳେ ରାଜୀବ ଗାନ୍ଧୀ ଓ ସୋନିଆ ଗାନ୍ଧୀ କୋମନା ବ୍ଲକ ଆସି ଆଦିବାସୀମାନଙ୍କ ପାଇଁ କାର୍ଯ୍ୟ କରିଛନ୍ତି। 'ମାଡ଼ା' ଯୋଜନା ଓ କେବିକେ ଯୋଜନା ମାଧ୍ୟମରେ କଂଗ୍ରେସ ଅମଳରେ ନୂଆପଡ଼ାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ରରେ ରେଳମନ୍ତ୍ରୀ ଥିବାବେଳେ ଖୋର୍ଦ୍ଧା ଓ ବଲାଙ୍ଗୀର ରେଳପଥ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସେ କାର୍ଯ୍ୟ ଶେଷ ହୋଇନାହିଁ। ଏବେ ନୂଆପଡ଼ାରୁ ସର୍ବାଧିକ ଶିକ୍ଷିତ, ବେକାରି ଯୁବତୀ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ୨୪ବର୍ଷର ବିଜେଡି ଏବଂ ୧୬ମାସର ଭାଜପା ସରକାରଙ୍କ ଏହା ହିଁ ନୂଆପଡ଼ାକୁ ଅବଦାନ ବୋଲି ପ୍ରସାଦ କହିଛନ୍ତି।

## ୩ରେ ନୂଆପଡ଼ା ଯିବେ ନବୀନ



ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ା ଉପନିର୍ବାଚନର ପ୍ରଚାର ଲାଗି ଆସନ୍ତା ୩ ତାରିଖରେ ଗସ୍ତ କରିବେ। ଏହି ଅବସରରେ ସେ ନୂଆପଡ଼ାର କୋମନା ବ୍ଲକ୍‌ଠାରେ ଆୟୋଜିତ ଏକ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ନିଜେ ନବୀନ ଏକ ଭିଡିଓ ବାର୍ତ୍ତା ଜରିଆରେ ଶୁକ୍ରବାର ସୂଚନା ଦେଇଛନ୍ତି। ଉକ୍ତ ଭିଡିଓରେ ନବୀନ କହିଛନ୍ତି, ସେ ୩ ତାରିଖରେ କୋମନା ବ୍ଲକ୍ ଯାଇ ସେଠାରେ ସାଧାରଣ ଲୋକଙ୍କୁ ଭେଟିବେ। ସ୍ଥାନୀୟ ଲୋକମାନଙ୍କ ସହ ୨ ପଦ କଥା ହେବେ ବୋଲି ସେ ସ୍ଥାନୀୟ ଭାଷାରେ କହିଛନ୍ତି। ଅନ୍ୟପଟେ ମିଳିଥିବା ସୂଚନା ମୁତାବକ, ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୭ ତାରିଖରେ ନବୀନ ଆଉ ଥରେ ନୂଆପଡ଼ା ଗସ୍ତକରି ନୂଆପଡ଼ା ବ୍ଲକ୍‌ରେ ହେବାକୁ ଥିବା ଅନ୍ୟ ଏକ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

## ନୂଆପଡ଼ାରେ ସାଙ୍ଗଠନିକ କାର୍ଯ୍ୟ ପାଇଁ ୧୭ ନେତାଙ୍କୁ ଦାୟିତ୍ୱ ଦେଲା ବିଜେଡି

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଲାଗି ବିଜେଡି ପକ୍ଷରୁ ୧୭ ଜଣ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବରିଷ୍ଠ ନେତା ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେଶ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ଶର୍ମିଷ୍ଠା ସେଠୀ, ମହୀଧର ରଣା, ରଘୁରାମ ପଡ଼ାଲ, ମାନସ ମାଡକାମୀ, ଝିନ୍ନ ହିକ୍‌କା, ସାନନ୍ଦ ମାରାଣ୍ଡି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଈଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂ ଏବଂ ଦୁଷ୍ମନ୍ତ ନାଏକଙ୍କୁ ତାଲିକାରେ ରଖାଯାଇଛି। ସୂଚନାଯୋଗ୍ୟ, ଏହି ନେତାମାନଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ନୂଆପଡ଼ାର ବିଭିନ୍ନ ବ୍ଲକ୍ ଏବଂ ଏନ୍‌ଏସି ଦାୟିତ୍ୱ ପ୍ରଦାନ କରାଯାଇଛି। ଆଉ କେତେଜଣ ନୂଆ ନେତାଙ୍କୁ ଏହି ତାଲିକାରେ ଯୋଡ଼ାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ୬ ମେଡିକାଲ କଲେଜରେ ...

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି, ଗୋଟିଏ ବର୍ଷ(୨୦୨୫-୨୬)ରେ ୬ଟି ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୬୨ଟି ସ୍ନାତକୋତ୍ତର (ପିଜି) ସିଟ୍ ପାଇଁ ଅନୁମୋଦନ ମିଳିଥିବାରୁ ହୃଦୟରୁ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ଅନୁମୋଦନ ପଶ୍ଚିମ ଓଡ଼ିଶାରେ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିପାଦିତ ହେବ। ନୂଆ ପିଜି ପାଠ୍ୟକ୍ରମଗୁଡ଼ିକ ପାଠ୍ୟକ୍ରମରେ ସାମିଲ ହେବା ଫଳରେ ଚିକିତ୍ସା ଶିକ୍ଷା ଓ ଗବେଷଣାର ଗୁଣବତ୍ତା ବୃଦ୍ଧି ପାଇବା ସହିତ ସେହି ଅଞ୍ଚଳର ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ ହୋଇପାରିବ।ଓଡ଼ିଶା ସରକାର ଜାତୀୟ ଭେଷଜ କମିଶନ(ଏନ୍‌ଏମ୍‌ସି)ଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ସମସ୍ତ ନିୟମ ଓ ମାନକକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ବଦ୍ଧପରିକର। ଏହି ପ୍ରତିଷ୍ଠାନଗୁଡ଼ିକୁ ଏକ ପ୍ରମୁଖ ଚିକିତ୍ସାରେ ଉତ୍କର୍ଷତା କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ, ଫକୀର ମୋହନ ମେଡିକାଲ କଲେଜ -ବାଲେଶ୍ୱର, ଭୀମଭୋଇ ମେଡିକାଲ କଲେଜ-ବଲାଙ୍ଗୀରରେ ପୂର୍ବରୁ କେବଳ ଏମ୍‌ବିବିଏସ୍ ପାଠ୍ୟକ୍ରମ ରହିଥିବାବେଳେ ଚଳିତବର୍ଷ ଏଠାରେ ପିଜି ପାଠ୍ୟକ୍ରମ ପାଇଁ ଅନୁମତି ମିଳିଛି। ଏହାସହିତ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସ୍ପିଟାଲ, କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ପିଜିଆଇଏମ୍‌ଇଆର୍‌ରେ ମଧ୍ୟ ନୂତନ ଭାବେ ପିଜି ପାଠ୍ୟକ୍ରମକୁ ଅନୁମତି ମିଳିଥିବା ଜଣାଯାଇଛି।

DSPL-338



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଭୂମିପୂଜା ଏବଂ ପ୍ରକଳ୍ପ ଶିଳାନ୍ୟାସ

## କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ଓ ଏ.ଟି.ଏମ୍.ପି. କେନ୍ଦ୍ର ନିର୍ମାଣ

(ସିକ୍‌ସେମ୍ ପ୍ରାଇଭେଟ ଲିମିଟେଡ)

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରମନ୍ତ୍ରୀ, ରେଳ, ସୂଚନା ଓ ପ୍ରସାରଣ,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଡଃ ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ଲୋକସଭା ସଦସ୍ୟା, ଭୁବନେଶ୍ୱର

**ଶ୍ରୀ ବିଭୂତି ବଳବନ୍ତରାୟ**
ବିଧାୟକ, ଜଟଣୀ

୧ ନଭେମ୍ବର ୨୦୨୫, ସକାଳ ୧୦.୩୦ | ଇନଫୋଭାଲି, ଖୋର୍ଦ୍ଧା

ଭାରତ ସେମିକଣ୍ଡକ୍ଟର ମିଶନ (ଆଇ.ଏସ୍.ଏମ୍.)
ଦ୍ୱାରା ଅନୁମୋଦିତ
ପ୍ରଥମ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ପ୍ରକଳ୍ପ

୨,୦୬୭ କୋଟି ଟଙ୍କାର ପୁଞ୍ଜିନିବେଶ

୧,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ
୪,୦୦୦ ପରୋକ୍ଷ ନିଯୁକ୍ତି

ବାର୍ଷିକ ୬୦,୦୦୦ ୱେଫର୍ସ ଉତ୍ପାଦନ କ୍ଷମତା
ଏବଂ ୯୬ ନିୟୁତ ୟୁନିଟ ପ୍ୟାକେଜିଂ କ୍ଷମତା

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

OIPR-16003/13/0135/2526

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ଶରତ ରାସ ଅଧିବାସ



# ରିଜ୍‌ଭିଙ୍କ ଧୈର୍ଯ୍ୟ ଶେଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସୟଦ ଅଲି ମୁର୍ତାଜା ରିଜ୍‌ଭି ଆଠ ବର୍ଷ ପୂର୍ବରୁ ଚାକିରି ଛାଡ଼ିବାର ନିଷ୍ପତ୍ତି ନେଇଛନ୍ତି, ଯାହା ତେଲଙ୍ଗାନା ସଚିବାଳୟକୁ ଚିନ୍ତାରେ ପକାଇଦେଇଛି । ରିଜଭି ଜଣେ ବରିଷ୍ଠ ତଥା ଯୋଗ୍ୟ ବାବୁ ଏବଂ ଦୁଇଟି ସମ୍ବେଦନଶୀଳ ବିଭାଗ ଯଥା ରାଜସ୍ୱ ଏବଂ ଜିଏଡି (ରାଜନୈତିକ)ର ନେତୃତ୍ୱ ନେଇଛନ୍ତି । ତେବେ ତାଙ୍କ ଭିଆର୍‌ଏସ୍ ଘୋଷଣା ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟର କଥା। ସରକାରଙ୍କ ତରଫରୁ ଏହାକୁ 'ବ୍ୟକ୍ତିଗତ ଉଦ୍ଦେଶ୍ୟ' ବୋଲି ଦର୍ଶାଗଲେ ମଧ୍ୟ ରିଜଭିଙ୍କ ଦୁଇ ବର୍ଷ ମଧ୍ୟରେ ଚାରି ଥର ବଦଳି ହେବା 'ଯଥେଷ୍ଟ ପଦକ୍ଷେପ' ବୋଲି କୁହାଯାଉଛି। ଏମିତି ହେଲେ ଜଣେ ସହନଶୀଳ ବାବୁଙ୍କର କେତେଦିନ ଧୈର୍ଯ୍ୟ ରହିବ ? ପର୍ଯ୍ୟବେକ୍ଷକଙ୍କ ମତରେ, ରାଜନୈତିକ ହସ୍ତକ୍ଷେପ ଏହି ଅସ୍ଥିରତାକୁ ତ୍ୱରାନ୍ୱିତ କରିଥାଇପାରେ। ବିଡ଼ମ୍ବନାର ବିଷୟ, ଯେଉଁ ରାଜନୈତିକ ବର୍ଗ ରିଜଭିଙ୍କ ସ୍ଥିତିକୁ ଅସ୍ଥିର କରିଥିଲେ, ତାହା ଏବେ ତାଙ୍କର ପ୍ରସ୍ଥାନକୁ ରୋକିବା ପାଇଁ ଚେଷ୍ଟା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଅବକାରୀ ମନ୍ତ୍ରୀ ରାଜ୍ୟ ମୁଖ୍ୟ ସଚିବଙ୍କୁ ତାଙ୍କ ଭିଆର୍‌ଏସ୍ ଆବେଦନକୁ ଗ୍ରହଣ ନ କରିବାକୁ ଅନୁରୋଧ କରୁଥିବା ଜଣାପଡ଼ିଛି। ବାବୁଙ୍କୁ ଦୋଷ ଦେବା ଓ ଭିଆର୍‌ଏସ୍ ଅବେଦନ ପରେ ପୁଣି ଫେରାଇ ଆଣିବାକୁ ଚାହିଁବା ଘଟଣା ନିଶ୍ଚିତ ଭାବେ ଏକ ନିଆରା ଉଦାହରଣ। ସମ୍ପୂର୍ଣ୍ଣ ଅଧ୍ୟାୟ ତେଲଙ୍ଗାନାରେ ବାବୁ ଏବଂ ରାଜନୀତି ମଧ୍ୟରେ ଥିବା ଅସ୍ୱାଭାବିକ କାର୍ଯ୍ୟକଳାପକୁ ପ୍ରକାଶ କରେ, ଯେଉଁଠାରେ ଯୋଗ୍ୟତା ଏବଂ ନିୟମିତତା ପ୍ରାୟତଃ ମନ୍ତ୍ରୀଙ୍କ ମନୋଭାବର ଶିକାର ହେଉଛି। ଯଦି ରିଜ୍‌ଭି ବିଦାୟ ନିଅନ୍ତି, ତେବେ ମନେରଖିବାକୁ ହେବ ଯେ ଭାରତର ବାବୁସାମ୍ରାଜ୍ୟ ନୀରବରେ ପ୍ରତିଭାଙ୍କୁ ହରାଉଛି।

### ୱାଚ୍‌ଡଗ୍‌ଙ୍କ ନୀରବତା

ଦୁର୍ନୀତି ରୋକିବା ପାଇଁ ଯେତେବେଳେ ଭାରତରେ ଲୋକପାଳ ସୃଷ୍ଟି ହେଲା, ସେତେବେଳେ ନୈତିକତା ଦୃଷ୍ଟିକୋଣରୁ ଏହାକୁ ଏକ ଖୋଲା ଖଣ୍ଡା ବୋଲି କୁହାଯାଇଥିଲା। ହେଲେ ଏକ ଦଶନ୍ଧି ପରେ ଦେଖାଯାଉଛି ଯେ, ଖଣ୍ଡାଟି ବିଏମ୍‌ଡବ୍ଲ୍ୟୁ ପାଇଁ ବ୍ୟବହାର ହୋଇଛି। ଦେଶର ସର୍ବୋଚ୍ଚ ଦୁର୍ନୀତି ବିରୋଧୀ ସଂସ୍ଥା ୬ ବର୍ଷ ମଧ୍ୟରେ ମୋଟ ସାତଟି ମାମଲା ରୁଜୁ କରିଥିଲେ ମଧ୍ୟ ବିଳାସପୂର୍ଣ୍ଣ କାର୍ ଉପରେ ଅଧିକ ଖର୍ଚ୍ଚ କରିଛି। ଏକଦା କମ୍ପଟ୍ରୋଲର ଅଡିଟର ଜେନେରାଲ (ସିଏଜି ) ସରକାରରେ ଭୟ ସୃଷ୍ଟି କରିଥିଲା। ୨ଜି ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦୁର୍ନୀତି ସାମ୍ନାକୁ ଆଣିଥିଲା। ସେତେବେଳେ ଅଡିଟ ରିପୋର୍ଟଗୁଡ଼ିକ କ୍ଷମତା କେନ୍ଦ୍ରକୁ ଦୋହଲାଇ ଦେଇଥିଲା। ଏବେ ସମ୍ପୂର୍ଣ୍ଣ ଶାନ୍ତ। ସିଏଜି ଏବେ ମଧ୍ୟ ଅଡିଟ କରୁଛି, ହେଲେ ତାହାର ଆଉ ସେହି ତୀକ୍ଷ୍ଣ ଧାର ନାହିଁ । ନୀରବତା ଏହି ସଂସ୍ଥାଗୁଡ଼ିକୁ ଗ୍ରାସକରିଛି। ହ୍ୱିସିଲବ୍ଲୋୟାରଙ୍କୁ ନିରୁତ୍ସାହିତ କରାଯାଉଛି, ଆଇନର ସ୍ୱଚ୍ଛତା ରହୁନାହିଁ ଏବଂ ଭିଜିଲାନ୍ସ ସଂସ୍ଥାଗୁଡ଼ିକ ଏପରି କାର୍ଯ୍ୟ କରୁଛନ୍ତି ଯେପରି ତଦାରଖ ସେମାନଙ୍କ ପାଇଁ ଏକ ଇଚ୍ଛାଧୀନ ବିଷୟ । ଲୋକପାଳ ଆଇନ, ଯାହାକୁ ପୂର୍ବରୁ ନାଗରିକ ସକ୍ରିୟତାର ବିଜୟ ଭାବରେ ପ୍ରଚାର କରାଯାଇଥିଲା, ଏବେ ଅମଲାତାନ୍ତ୍ରିକ କାର୍ଯ୍ୟ ଭଳି ମନେହେଉଛି। ତେବେ ୱାଚ୍‌ଡଗ୍‌ଗୁଡ଼ିକ ପଦକ୍ଷେପ ନେବା ପାଇଁ ଦକ୍ଷତା ହରାଇଲେଣି। ଯେଉଁସବୁ ସଂସ୍ଥା ପୂର୍ବରୁ କ୍ଷମତାର ଅପବ୍ୟବହାର ପାଇଁ କ୍ରୋଧିତ ହୋଇଥିଲେ, ସେମାନେ ଏବେ ସେମାନଙ୍କ ଏୟାରକଣ୍ଡିସନଡ, ଡ୍ରାଇଭର-ଚାଳିତ ବିଳାସପୂର୍ଣ୍ଣ କାରରେ ଯିବାରେ ସନ୍ତୁଷ୍ଟ ଥିବା ଭଳି ମନେହୁଏ। ଯଦି ଲୋକପାଳ ଏବଂ ସିଏଜି ଆମର ସଂସ୍ଥାଗତ ପ୍ରହରୀ , ତେବେ ସେମାନେ ବ୍ୟୟବହୁଳ ତଥା ଆରାମଦାୟକ ଯାତ୍ରା ବଦଳରେ ତାହାକୁ ସରଳ କରିବାକୁ ବିଚାର କରିପାରନ୍ତି। ଏହା ସେମାନଙ୍କୁ ପ୍ରକୃତରେ ଦୁର୍ନୀତି ହେଉଥିବା ସ୍ଥାନକୁ ଯିବାରେ ସାହାଯ୍ୟ କରିପାରେ।

### ଟୁଇଟ୍ ଓ ସ୍ଥାନାନ୍ତର

ନିୟମିତ ବ ବଦଳି କରାଯାଉଛି ବୋଲି ବାବୁମାନେ କହୁଥିବାବେଳେ କେହି ଏହା ପ୍ରତି ଧ୍ୟାନ ଦେଉ ନ ଥିବା ମନେ କରନ୍ତି। ଏଥର ଦୁଇଜଣ ବରିଷ୍ଠ କଷ୍ଟମ୍ସ ଅଧିକାରୀଙ୍କୁ ହଠାତ୍ ବଦଳି କରାଯିବା ବାବୁ କରିଡରରେ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏବଂ ସରକାରଙ୍କ ପାଇଁ ଲଜ୍ଜାର କାରଣ ପାଲଟିଛି। ଏସବୁ ଆରମ୍ଭ ହୋଇଥିଲା ଯେତେବେଳେ ରପ୍ତାନିକାରୀ ଏବଂ ଆମଦାନୀକାରୀଙ୍କ ମଧ୍ୟରେ ବିବାଦ ଏକ୍ସ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହୋଇଥିଲା, ଯାହା ଅର୍ଥ ମନ୍ତ୍ରଣାଳୟକୁ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ କରିଥିଲା। ମନ୍ତ୍ରଣାଳୟର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ତଥା ଜଣେ ଯୁଗ୍ମ ସଚିବ ସ୍ତରୀୟ ଅଧିକାରୀ ତଦନ୍ତ କରିଥିଲେ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ବୋର୍ଡ ସର୍ବଦା ନିଜ କ୍ଷେତ୍ରକୁ ସୁରକ୍ଷା ଦେଇ କିଛି କରୁ ନ ଥିଲା। ଏହା ଯୁକ୍ତି ବାଢ଼ିଥିଲା ଯେ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଭିଜିଲାନ୍ସ ଏପରି ମାମଲାଗୁଡ଼ିକୁ ପରିଚାଳନା କରିବା ଉଚିତ। ଏଣୁ ନିଲମ୍ବନ କିମ୍ବା ଔପଚାରିକ ତଦନ୍ତ ପରିବର୍ତ୍ତେ, ଦୁଇ ଅଧିକାରୀଙ୍କୁ ଅଫିସର୍ସ ଅନ୍ ସ୍ପେଶିଆଲ ଡ୍ୟୁଟି ଭାବରେ ଦିଲ୍ଲୀରେ ପୁନଃ ଅବସ୍ଥାପିତ କରାଯାଇଛି। ବୋର୍ଡ ହୁଏତ ତୁରନ୍ତ ଲଜ୍ଜାକୁ ଏଡାଇ ଦେଇଥାଇପାରେ, କିନ୍ତୁ ସେଠାରେ କାର୍ଯ୍ୟରତ ଲୋକ କହୁଛନ୍ତି ଯେ ମନ୍ତ୍ରଣାଳୟ ଏଥିରେ ଖୁସି ନୁହେଁ। ଏହି ଘଟଣା ସ୍ୱାଧୀନତା ଏବଂ ଉତ୍ତରଦାୟିତ୍ୱ ମଧ୍ୟରେ ଥିବା ଅସହଜ ସନ୍ତୁଳନକୁ ପ୍ରକାଶ କରୁଛି। ଶେଷରେ ସ୍ଥାନାନ୍ତର କରାଗଲା ସିଷ୍ଟମକୁ ସ୍ୱଚ୍ଛ ନ କରି କୋଳାହଳକୁ ନିୟନ୍ତ୍ରଣ କରାଯାଇଛି। କାରଣ ସରକାରୀ କ୍ଷେତ୍ରରେ ଏଭଳି ପଦକ୍ଷେପ କେବେ ବି ସମସ୍ୟାର ସମାଧାନ କରିପାରିବ ନାହିଁ, ବରଂ ଏହା କେବଳ ଚାଲିଥିବା ଧାରାକୁ ବନ୍ଦ କରିବା ପାଇଁ ଉଦ୍ଦିଷ୍ଟ।

Email: dilipcherian@gmail.com

# ଡିଜିଟାଲ ଡାଇମଣ୍ଡ



ଡ. ନରେନ୍ଦ୍ର ସେଠୀ

୧୯୦୪ ମସିହାରେ ଇଂରେଜ ବୈଜ୍ଞାନିକ ଜନ୍ ଫ୍ଲେମିଂ ଭାକ୍ୟୁମଟ୍ୟୁବ୍ ଉଦ୍ଭାବନ କରି ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କଲେ। ସେ ବିଜୁଳି ବଲ୍‌ବ ଉଦ୍ଭାବନ କରିଥିବା ଥୋମାସ୍ ଏଡିସନ୍‌ଙ୍କ ସହାୟକ ଥିଲେ। ଫ୍ଲେମିଂ ଏକ ଫମ୍ପା କାଚପାତ୍ର ଭିତରେ ଏନୋଡ ଓ କ୍ୟାଥୋଡ ରଖି ଏହି ଯାଦୁକରି ଉପକରଣ ତିଆରି କରିଥିଲେ। ଏହା ଦ୍ୱାରା ବିଜୁଳି କରେଣ୍ଟକୁ ନିୟନ୍ତ୍ରଣ କରାଯାଇ ପାରୁଥିଲା। ଏହାକୁ ବ୍ୟବହାର କରି ପ୍ରଥମ କରି ସ୍ୱିଇଚ, ଆଂପ୍ଲିଫାୟାର ଓ ରେକ୍ଟିଫାୟର ଇତ୍ୟାଦି ପ୍ରସ୍ତୁତ ହୋଇ ବିଭିନ୍ନ ଯାନ୍ତ୍ରିକ ସରଞ୍ଜାମ ତିଆରି ହୋଇପାରିଲା। ୧୮ ହଜାର ଭାକ୍ୟୁମଟ୍ୟୁବ୍ ବ୍ୟବହାର କରି ବିଶ୍ୱର ପ୍ରଥମ ଥର ଏକ କମ୍ପ୍ୟୁଟର ମଧ୍ୟ ତିଆରି ହୋଇଥିଲା, ଯାହାର ଆକାର ୧୫୦୦ ବର୍ଗ ମିଟର ଏବଂ ଓଜନ ଥିଲା ତିରିଶି ଟନ୍। ଏହି କମ୍ପ୍ୟୁଟର ଏତେ ବିଶାଳ ଥିଲା ଯେ ଏହା ଚାଲିଲାବେଳେ ୧୭୪ କିଲୋୱାଟ୍ ତାପମାତ୍ରା ସୃଷ୍ଟି କରୁଥିଲା। ୧୯୪୬ ରୁ ୧୯୫୫ ମସିହା ପର୍ଯ୍ୟନ୍ତ ଏହି କମ୍ପ୍ୟୁଟର ବ୍ୟବହାର କରାଯାଉଥିଲା ଓ ଏହାର ନିର୍ମାଣ ପାଇଁ ସେତେବେଳେ ୪ ଲକ୍ଷ ଡଲାର ଖର୍ଚ୍ଚ ହୋଇଥିଲା। ଏହି ଭାକ୍ୟୁମଟ୍ୟୁବ୍ ସେତେବେଳେ ଟେଲିଭିଜନ, ରେଡିଓ ଇତ୍ୟାଦି ଉପକରଣରେ ବ୍ୟବହାର ହେଲା। କିନ୍ତୁ ୧୯୪୭ରେ ବେଲ୍ ଲାବୋରେଟାରିରେ ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ହେବା ଫଳରେ ଭାକ୍ୟୁମଟ୍ୟୁବ୍‌ର ଆଧିପତ୍ୟକୁ ଟ୍ରାଞ୍ଜିଷ୍ଟର ମାଡ଼ିବସିଲା ଓ ସବୁ ଇଲେକ୍ଟ୍ରୋନିକ ଉପକରଣରେ ଟ୍ରାଞ୍ଜିଷ୍ଟର ଲାଗିଲା। ତେଣୁ ଟିଭି, ରେଡିଓ, କମ୍ପ୍ୟୁଟର ଇତ୍ୟାଦିର ଆକାର ହଠାତ୍ ଛୋଟ ହୋଇଗଲା। ଫମ୍ପା କାଚପାତ୍ର ଯୋଗୁ ଭାକ୍ୟୁମଟ୍ୟୁବ୍‌ଗୁଡ଼ିକ ଖରାପ ହୋଇଯିବାର ସମ୍ଭାବନା ଅଧିକ ଥିଲା। କିନ୍ତୁ ସେମିକଣ୍ଡକ୍ଟର ପଦାର୍ଥରେ ତିଆରି ହୋଇଥିବାରୁ ଟ୍ରାଞ୍ଜିଷ୍ଟରଗୁଡ଼ିକ ଅଧିକଦିନ ପର୍ଯ୍ୟନ୍ତ ଖରାପ ହେଉନଥିଲା। ତେବେ ବିଜ୍ଞାନ ଆହୁରି କିଛି ଅଧିକ କରିବା ପାଇଁ ତତ୍ପର ଥିଲା।

ଠିକ୍ ଏହି ସମୟରେ ୧୯୫୮ରେ ଆମେରିକାର ଜାକ କିଲବୀ ନାମକ ଜଣେ ଘରୋଇ ସଂସ୍ଥାର ବ୍ୟକ୍ତି ସବୁ ଇଲେକ୍ଟ୍ରୋନିକ ଉପକରଣକୁ ଯୋଡ଼ି ଏକ ଛୋଟ ଏକୀକୃତ ପରିପଥ ବା ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରିଥିଲେ। କିନ୍ତୁ ରୋବୋର୍ଟ ନଏସ ନାମକ ଆଉ ଜଣେ ବ୍ୟକ୍ତି ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରି ଆମେରିକୀୟ ପେଟେଣ୍ଟ ହାସଲ



କରିନେଲେ। ତେବେ ଆଧୁନିକ ବିଜ୍ଞାନ ଉଭୟଙ୍କୁ ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରିବାର ଶ୍ରେୟ ଦିଏ। ପରେ ରୋବୋର୍ଟ ନଏସ ଇଣ୍ଟେଲ ନାମକ ବହୁ ଚର୍ଚ୍ଚିତ କମ୍ପାନୀର ସହ ପ୍ରତିଷ୍ଠାତା ହେଲେ, ଯାହାର ନାଁ ଥିଲା ଇଣ୍ଟିଗ୍ରେଟେଡ୍ ଇଲେକ୍ଟ୍ରୋନିକ୍ସ। କ୍ଷୁଦ୍ର ଇଣ୍ଟିଗ୍ରେଟେଡ୍ ସର୍କିଟ ଉପକରଣରେ ଟ୍ରାଞ୍ଜିଷ୍ଟର, କାପାସିଟର, ରେଜିଷ୍ଟର ଏବଂ ଡାଇଅଡ୍ ଇତ୍ୟାଦିକୁ ସୂକ୍ଷ୍ମ ଭାବରେ ଯୋଡ଼ି ଏକାସଙ୍ଗେ ରଖିବା ଫଳରେ ଇଲେକ୍ଟ୍ରୋନିକ ଉପକରଣ ଦୁନିଆରେ ବିପ୍ଳବ ଆସିଲା। ପୂର୍ବରୁ ଟ୍ରାଞ୍ଜିଷ୍ଟର, କାପାସିଟର, ରେଜିଷ୍ଟର ଏବଂ ଡାଇଅଡ୍ ଇତ୍ୟାଦିକୁ ଅଲଗା ଅଲଗା ରଖାଯାଉଥିବାରୁ ଏହା ଦ୍ୱାରା ଇଲେକ୍ଟ୍ରୋନିକ ଉପକରଣର ଆକାର ଯଥେଷ୍ଟ ବଡ଼ ହେଉଥିଲା, ଯାହା ଇଣ୍ଟିଗ୍ରେଟେଡ୍ ସର୍କିଟ ଯୋଗୁ ବୈପ୍ଳବିକ ପରିବର୍ତ୍ତନ ଆଣିଲା। ପକେଟ୍ ରେଡିଓ, ଛୋଟ ଟିଭି ବଜାରରେ ଉପଲବ୍ଧ ହୋଇ ଯଥେଷ୍ଟ ଲୋକପ୍ରିୟ ହେବାକୁ ଲାଗିଲା। କାଳକ୍ରମେ ମାଇକ୍ରୋଚିପ୍ସଗୁଡ଼ିକ ଅଧିକରୁ ଅଧିକ ସୂକ୍ଷ୍ମ ଓ ଛୋଟ ହେବାରୁ ସବୁ ଉପକରଣ ଛୋଟ ଓ ସ୍ମାର୍ଟ ହୋଇଗଲେ। ମାଇକ୍ରୋଚିପ୍ସରେ ଥିବା ବିଭିନ୍ନ ଉପାଦାନକୁ କାର୍ଯ୍ୟ ଅନୁଯାୟୀ ପ୍ରୋଗ୍ରାମିଂ କରି ତିଆରି କରାଯାଇଥାଏ। ତେଣୁ ଏହାକୁ ଉପକରଣର ମସ୍ତିଷ୍କ ବୋଲି କୁହାଯାଇଥାଏ।

ଆମ ଜୀବନର ପ୍ରତ୍ୟକ ମୁହୂର୍ତ୍ତ ପରୋକ୍ଷ ଭାବରେ ମାଇକ୍ରୋଚିପ୍ସ ଦ୍ୱାରା ପରିଚାଳିତ। ମାଇକ୍ରୋଚିପ୍ସଗୁଡ଼ିକ ବାସ୍ତବରେ ପ୍ରତ୍ୟେକ ବୈଦ୍ୟୁତିକ ଉପକରଣ ଭିତରେ ବ୍ୟବହୃତ ହେଇଥାଏ। ଉଦାହରଣ ସ୍ୱରୂପ, ଏୟାର କଣ୍ଡିଶନରରେ ବ୍ୟବହୃତ ତାପମାତ୍ରା ନିୟନ୍ତ୍ରକଗୁଡ଼ିକ ମାଇକ୍ରୋଚିପ୍ସରେ ତିଆରି ହୋଇଥାଏ। ଆମ ଆଧୁନିକ ରୋଷେଇ ଘରେ ବୈଦ୍ୟୁତିକ ରାଇସ୍ କୁକର ଭାତକୁ ଠିକ ଭାବରେ ରାନ୍ଧିପାରେ, କାରଣ ମାଇକ୍ରୋଚିପ୍ସ ତାପମାତ୍ରାକୁ ଠିକ୍ ଭାବରେ ନିୟନ୍ତ୍ରଣ କରିଥାଏ। କମ୍ପ୍ୟୁଟରର ମୁଖ୍ୟ ଅଂଶ ସିପିୟୁଗୁଡ଼ିକ ମଧ୍ୟ ଅସଂଖ୍ୟ ମାଇକ୍ରୋଚିପ୍ସରେ ନିର୍ମିତ। ମୋବାଇଲ ଫୋନ୍, ସ୍ମାର୍ଟଫୋନ୍, ଡିଜିଟାଲ କ୍ୟାମେରା, ଟେଲିଭିଜନ, ୱାଶିଂ ମେଶିନ୍, ରେଫ୍ରିଜରେଟର ଏବଂ ଏଲ୍‌ଇଡି ବଲ୍‌ବ ମଧ୍ୟ ମାଇକ୍ରୋଚିପ୍ସ ବ୍ୟବହାର କରନ୍ତି। ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟତୀତ ମାଇକ୍ରୋଚିପ୍ସଗୁଡ଼ିକ ବ୍ୟାଙ୍କ ଏଟିଏମ୍, ଟ୍ରେନ, ଇଣ୍ଟରନେଟ୍, ଯୋଗାଯୋଗ ଏବଂ ସାମାଜିକ ଭିତ୍ତିଭୂମିର ଅନ୍ୟାନ୍ୟ ଅଂଶ ଯଥା ମେଡିକାଲ ନେଟ୍‌ୱର୍କରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏକ ଆକଳନ ଅନୁସାରେ ବୈଶ୍ୱିକ ମାଇକ୍ରୋଚିପ୍ସ ବଜାର ୨୦୩୦ ସୁଦ୍ଧା ୨ ଲକ୍ଷ କୋଟି ଡଲାରରୁ ଅଧିକ ହୋଇଯିବ। ଆଗାମୀ ଦିନରେ ଯେଉଁ ଦେଶ ଯେତେ ମାଇକ୍ରୋଚିପ୍ସ ଉତ୍ପାଦନ କରିବ, ସେ ସେତେ ଧନୀ ହୋଇଯିବ,ଠିକ୍ ଯେମିତି ବିଂଶ ଶତାବ୍ଦୀରେ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ରାତାରାତି ଧନୀ ପାଲଟି ଯାଇଥିଲେ।

ମାଇକ୍ରୋଚିପ୍ସକୁ ଅନେକେ ଏକବିଂଶ ଶତାବ୍ଦୀର ଡିଜିଟାଲ ଡାଇମଣ୍ଡ ବୋଲି ଆଖ୍ୟା ଦେଇଛନ୍ତି। ତେବେ ଭାରତ ଏହି ମାଇକ୍ରୋଚିପ୍ସ ଉତ୍ପାଦନରେ ଖୁବ୍ ବିଳମ୍ବରେ ହେଲେ ମଧ୍ୟ ଆଗକୁ ବଢ଼ିଛି ଓ ବିକ୍ରମ-୩୨ ଚିପ୍ସ ନିର୍ମାଣ କରି ଚିପ୍ସ ବଜାରରେ ପ୍ରବେଶ ପାଇଁ ଅଣ୍ଟା ଭିଡ଼ିଛି। ତାଇୱାନ ଏହି ପ୍ରକ୍ରିୟା ୧୯୭୪ରୁ ଆରମ୍ଭ କରିଥିବାରୁ ଏବେ ବିଶ୍ୱର ନବେଭାଗ ଅତ୍ୟାଧୁନିକ ମାଇକ୍ରୋଚିପ୍ସ ଏଠାରେ ନିର୍ମାଣ ହେଉଛି। ତାଇୱାନ ବର୍ଷକୁ ୧୧୫ ବିଲିୟନ ଡଲାରର ମାଇକ୍ରୋଚିପ୍ସ ବଜାର ପ୍ରସ୍ତୁତ କରିପାରିଛି। ମାଇକ୍ରୋଚିପ୍ସ ନିର୍ମାଣ କ୍ଷେତ୍ରରେ ବିଶ୍ୱରେ ତାଇୱାନ ୭୦% ସହ ଏକ ନମ୍ବର ସ୍ଥାନରେ ଥିବା ବେଳେ ଆମେରିକା ୧୨% ସହିତ ଦୁଇ ନମ୍ବର ସ୍ଥାନରେ ଓ ଚାଇନା ୬% ସହିତ ତୃତୀୟ ସ୍ଥାନରେ ରହିଛି।

ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ହେଲେ ଆଧୁନିକ ବିଜ୍ଞାନର ଏହି ଡିଜିଟାଲ ଡାଇମଣ୍ଡ ନିର୍ମାଣ କ୍ଷେତ୍ରରେ ଯୁଦ୍ଧକାଳୀନ ଭିତ୍ତିରେ ଅଗ୍ରସର ହେବାକୁ ପଡ଼ିବ। ଏକ ଶୁଭ ସମ୍ବାଦ ଯେ ପ୍ରଥମ ମାଇକ୍ରୋଚିପ୍ସ ବିକ୍ରମ-୩୨ ନିର୍ମାଣ କରିବାରେ ଭାରତ ସକ୍ଷମ ହୋଇଛି। ଖୁବ୍ ଶୀଘ୍ର ଭାରତରେ ଅନେକ କମ୍ପାନୀ ମାଇକ୍ରୋଚିପ୍ସ ନିର୍ମାଣ କରି ବିଶ୍ୱ ବଜାରରେ ଭାରତକୁ ଦଣ୍ଡାୟମାନ କରିବେ। ସୂଚନାଯୋଗ୍ୟ, ଭାରତ ୨୦୨୪ରେ ୧ ଲକ୍ଷ ୭୧ ହଜାର କୋଟି ଟଙ୍କାର ମାଇକ୍ରୋଚିପ୍ସ ବିଦେଶରୁ ଆମଦାନୀ କରିଥିଲା। ମାଇକ୍ରୋଚିପ୍ସ ନିର୍ମାଣ କ୍ଷେତ୍ରରେ ସବୁଠୁ ବଡ଼ ସମସ୍ୟା ହେଲା ଏଥିପାଇଁ ଆବଶ୍ୟକ ଅତି ନିର୍ମଳ ପରିବେଶ, ଅତି ଶୁଦ୍ଧଜଳ, ନିରବଚ୍ଛିନ୍ନ ଭାବରେ ଉପଲବ୍ଧ ବିଜୁଳି ଓ ନିୟନ୍ତ୍ରିତ ଆର୍ଦ୍ରତା। ସଫା ପରିବେଶ ତିଆରି କରିବା ଖୁବ୍ ବ୍ୟୟବହୁଳ ଓ କଷ୍ଟସାଧ। ଏହା ସହିତ ମାଇକ୍ରୋଚିପ୍ସ ନିର୍ମାଣ କାର୍ଯ୍ୟରେ ବହୁଳ ପରିମାଣରେ ଅତି ଶୁଦ୍ଧଜଳ ଆବଶ୍ୟକ ହୋଇଥାଏ, ଯାହା ଆମେ ପିଉଥିବା ଜଳଠାରୁ ହଜାରେ ଗୁଣା ଅଧିକ ଶୁଦ୍ଧ।

ମୋ: ୭୦୦୪୦୬୮୧୧୦

# ଶିକ୍ଷାରେ ଅଭିନୟ କଳା



ଲୋକନାଥ ପଣ୍ଡା

ଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନରେ ଶିଶୁଟି କେତେ ଗ୍ରହଣ କରିପାରିଥାଏ, ତାହା ନିର୍ଭର କରେ ଶିକ୍ଷକଙ୍କ ଶିକ୍ଷାଦାନ ଓ ତାଙ୍କର ମନୋଭାବ, ପ୍ରେରଣା, ପିତାମାତା, ବିଦ୍ୟାଳୟର ଭିତ୍ତିଭୂମି ଓ ପରିବେଶ ଏହିଭଳି ଅନେକ କିଛି ଉପରେ। କିଛିଦିନ ତଳେ ଭାଷାକୁ କିପରି ନାଟକ ମାଧ୍ୟମରେ ଶିକ୍ଷା ଦିଆଯାଇପାରିବ, ସେ ସମ୍ପର୍କରେ ଏକ କର୍ମଶାଳାରେ ଯୋଗଦେବାର ସୁଯୋଗ ପାଇଥିଲି। ତାଲିମଦାତା ଜଣକ ନାଟକ ମାଧ୍ୟମରେ ଶିଶୁର ଭାଷାର ବିକାଶ ହୋଇପାରିବ, ପଠନ ଦକ୍ଷତା ବୃଦ୍ଧି, ଶିଶୁଙ୍କୁ କିପରି ନାଟକ ଶିଖାଯାଇପାରିବ, ଭାଷା ସହିତ କିପରି ନାଟକ ଶିଖିବେ, ବିଷୟଟିକୁ ଭଲ ଭାବରେ ଗ୍ରହଣ କରିବେ ଏବଂ ତାହାକୁ କିପରି କାହାଣୀରେ ଫୁଟାଇବେ, ତାହା ଉପରେ ଗୁରୁତ୍ୱ ଦେଉଥିଲେ।

ସବୁଠାରୁ ବଡ଼କଥା ହେଲା, ତାଲିମଦାତା ନାଟକ ସହ ଶିକ୍ଷାକୁ ଯୋଡ଼ିବାକୁ ହେଲେ କେତେ କ'ଣ କରିବା ଦରକାର, ତାହା ମୁଁ ନାଟକର ତାଲିମ ସମୟରେ ଦେଖୁଥିଲି। ବିଷୟଟିକୁ ଭଲ ଭାବରେ ବୁଝିବା ଦରକାର ଏବଂ ସାରାଂଶ ଦରକାର, ଯାହାକି ଜଣେ ଅନୁଭବ କଲେ ହିଁ ଅଭିନୟ କରିପାରିବ। କାହାଣୀର ବିଭିନ୍ନ କାହାଣୀକୁ କିପରି ମଣିଷ/ପଶୁ/ପକ୍ଷୀ/ଉଦ୍ଭିଦର ଭାବନାକୁ ଜୀବନ୍ତ ଫୁଟାଯାଇପାରିବ, ସେଥିପାଇଁ ମଧ୍ୟ ସେ କସରତ କରୁଥିଲେ।

କାହାଣୀଗୁଡ଼ିକରେ ମୁଖ୍ୟତଃ ପଢ଼ିବା ଭଳି ସଚିତ୍ର ପୁସ୍ତକ ଥିଲା। କାହାଣୀଗୁଡ଼ିକ ଛୋଟ ଛୋଟ ଥିଲା, ପ୍ରାୟତଃ କାହାଣୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ନିମନ୍ତେ ଥିଲା। ସେହି କାହାଣୀରେ ଥିଲା ରାକ୍ଷସ କାହାଣୀ, ସୁନ୍ଦର ଫୁଲର କାହାଣୀ, ସାଙ୍ଗର କାହାଣୀ, ବର୍ଷାକୁ ନେଇ କବିତା, ଛେଳି ଓ କଟାସକୁ ନେଇ କାହାଣୀ, ବସ୍ତିର ଚୋର, ପୃଥିବୀ ଭିନ୍ନ, ହଜିବା ଏବଂ ପାଇବା, ବେଙ୍ଗ ଓ ମାଛିକୁ ନେଇ କାହାଣୀ, ଏହିଭଳି ଶିଶୁମାନଙ୍କୁ ଆକର୍ଷିତ କରିବା ଭଳି ବିଭିନ୍ନ କାହାଣୀ।

କାହାଣୀ ନାଟ୍ୟ ରୂପରେ ଉପସ୍ଥାପନା କରିବା ପୂର୍ବରୁ ସ୍ପଷ୍ଟ ଭାବରେ ଓ ଉଚ୍ଚ ପଠନ, ଦୂରତାକୁ ନେଇ ଧ୍ୱନିକୁ କିପରି ଉଚ୍ଚାରଣ କରିବା, ଭାବନାକୁ ନେଇ ସ୍ୱର କିପରି ହେବା ଦରକାର, କେଉଁ ସ୍ୱର କିପରି ହେବା ଦରକାର, ଭାବନା ସହ ସ୍ୱରର ପରିବର୍ତ୍ତନ, ଏଥିପାଇଁ ତାଲିମଦାତା ପାଟି ଖୋଲିବା ପାଇଁ ବିଭିନ୍ନ ପ୍ରକାର ଧ୍ୱନି ଉଚ୍ଚାରଣ ନିମନ୍ତେ ବିଭିନ୍ନ ପ୍ରକାର ଅଭ୍ୟାସ କରାଉଥିଲେ। ପ୍ରାଥମିକ ସ୍ତରରେ ନାଟକ କିପରି ଶିଶୁମାନଙ୍କର ଉଚ୍ଚାରଣଗତ ଶୁଦ୍ଧି ଆଣିଥାଏ, ଧ୍ୱନିରେ ପରିପକ୍ୱତା ଆଣିବା, ବିଷୟକୁ ବୋଧଗତ ହେବା, କୌଣସି ବିଷୟରେ ମଜ୍ଜିରହିବା ପାଇଁ ନାଟକ ମାଧ୍ୟମରେ ଶିକ୍ଷା ଅନେକ ସହାୟକ ହୋଇଥାଏ।

ସାଧାରଣତଃ ଶିଶୁମାନଙ୍କର ଶିକ୍ଷାଦାନରେ ଖୁସି ହେଲେ ସେମାନଙ୍କର ଶିକ୍ଷଣ ପ୍ରକ୍ରିୟା ସରଳ ହୋଇଥାଏ। ସବୁଠାରୁ ଅନ୍ୟ କଥା ହେଲା ଶିକ୍ଷାଦାନ ପଦ୍ଧତି ଏବଂ ପିଲାଟିକୁ ଶିକ୍ଷକ କିପରି ଓ କ'ଣ କ'ଣ ଶିକ୍ଷା ଦେଉଛନ୍ତି ! ଯଦି ପ୍ରାଥମିକ ସ୍ତରରେ ଠିକ୍ ଓ ଉପଯୁକ୍ତ ଶିକ୍ଷା ଦିଆ ନ ଯାଏ, ତେବେ ଶିଶୁଟି ହାଇସ୍କୁଲରେ କେବଳ ନିଜର ଶିକ୍ଷା ପାଇବା ପାଇଁ ପ୍ରୟାସ କଲେ ମଧ୍ୟ ସଫଳ ହୋଇପାରିବ ନାହିଁ, କାରଣ ଶିଶୁଟିର ଶିକ୍ଷାଲାଭ କରିବାର ଭିତ୍ତିଭୂମିଟି ଦୁର୍ବଳ ହୋଇଥିବ। ଯଦି ଶିଶୁଟି ଠିକ୍ ଭାବରେ ମାତ୍ରା, ଯୁକ୍ତାକ୍ଷର, ଧ୍ୱନିକୁ ନେଇ ଠିକ୍ ଉଚ୍ଚାରଣ କରିବା ଜାଣି ନ ଥାଏ କିମ୍ବା ଏହାକୁ ନେଇ ତାହାର ଅଭ୍ୟାସ ହୋଇ ନ ଥାଏ,ତେବେ ଭାଷାରେ ଦୁର୍ବଳ ହୋଇଥାଏ ଏବଂ ଶିଶୁଟି ଶିକ୍ଷା ଲାଭ କରିବା ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ।

ପିଲାଙ୍କ ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାକୁ ଦୃଷ୍ଟି ଦେବାବେଳେ ଭଲ ଲାଇବ୍ରେରିଟିର ଏବଂ ତାହାର ବ୍ୟବହାର ହେଉଥିବା ସହ ଶିଶୁଟି ଭିତରେ ଶିଶୁ ସୁଲଭକୁ ଜାଗ୍ରତ କରିବା ପାଇଁ ଅଭିନୟ ମଧ୍ୟ ଦରକାର। ଶିଶୁଟିକୁ ଯଦି ବିଷୟବସ୍ତୁକୁ ଅଭିନୟ ମାଧ୍ୟମରେ ଶିକ୍ଷା ଦିଆଯାଏ, ଅଭିନୟ ସହ ଭାଷାର ବିକାଶକୁ ଯଦି ଯୋଡ଼ିଦିଆଯାଏ, ତେବେ ଶିଶୁର ଭାଷାର ବିକାଶ ହେବା ସହ ଶିକ୍ଷକ ଓ ଶିଶୁଙ୍କୁ କେତେବେଳେ ବିଦ୍ୟାଳୟ ସମୟ ସରିଯିବ, ଘଣ୍ଟା ବାଜିବା ସମୟ ହୋଇଯିବ, ସେତିକି ଜାଣିପାରିବେ ନାହିଁ। ଏଥିସହ ସରକାରଙ୍କୁ ମଧ୍ୟ ପିଲାଙ୍କୁ ବିଦ୍ୟାଳୟ ଆଣିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରିବା ତଥା ଡ୍ରେସ୍, ସାଇକେଲ ଆଦି ପ୍ରାଥମିକତା ଦେବାକୁ ପଡ଼ିବ ନାହିଁ!



ଶିକ୍ଷାଦାନର ଗୋଟିଏ ମୂଳ ଅଙ୍ଗ ହେଲା ଶିକ୍ଷାଦାନରେ କଳାର ବେଶ୍ ଗୁରୁତ୍ୱ ରହିଛି। ଯେଉଁ ଶିକ୍ଷକ ଚିତ୍ରକଳା ହେଉ କିମ୍ବା ନାଟ୍ୟକଳାରେ ନିପୁଣ ଥାଏ, ତାଙ୍କୁ ଶିକ୍ଷାଦାନ ନିରଳସ ଲାଗେନାହିଁ। ଶିକ୍ଷକ ଜଣେ କଳାକାର ହେବା ଦରକାର। ଅବଶ୍ୟ ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ଶିକ୍ଷକଟିଏ କଳାକାର ହେବା ପାଇଁ ଏବଂ ସୃଜନଶୀଳ ହେବା ପାଇଁ ଅନେକ କିଛି ସୁଯୋଗ ରହିଛି। କିନ୍ତୁ ତାହା ମେକାନିଜମ୍ ନହୋଇ ସୃଜନଶୀଳତା ହେବା ଆବଶ୍ୟକ। ସମସ୍ତେ ଶିକ୍ଷାଦାନରେ କିଛିକିଛି ଚିତ୍ରକଳା, ନାଟ୍ୟରୂପ ଦେଇଥାଆନ୍ତି। କିନ୍ତୁ ତାହାକୁ ସଙ୍ଗଠିତ ଓ ବ୍ୟବସ୍ଥିତ ଭାବରେ କରାଗଲେ ଗତିବିଧିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଶିକ୍ଷା ପ୍ରତି ଶିଶୁର ଆଗ୍ରହ ସୃଷ୍ଟିହୋଇଥାଏ, ଧ୍ୱନି ଉଚ୍ଚାରଣ ହେଉ କିମ୍ବା ବିଷୟକୁ ଆଗ୍ରହର ସହ ବୁଝିବା ହେଉ ବା ଭାଷାଜ୍ଞାନ ବିକାଶ ହେଉ ଇତ୍ୟାଦି ଅନେକ କିଛି ହୋଇଥାଏ।

ଅନେକଙ୍କ ଧାରଣା ଥାଏ, କଳା ପ୍ରତି ଆକୃଷ୍ଟ ହେଲେ ଶିଶୁ ଶିକ୍ଷାଦୀକ୍ଷାରେ ତଥା ପାଠ ପ୍ରତି ଅବହେଳା କରେ। କିନ୍ତୁ ଯଦି କଳା ସହ ପାଠର ସମନ୍ୱୟ ଆଣାଯାଏ, ତେବେ ଶିଶୁଟିର ଶିକ୍ଷା ଗ୍ରହଣରେ ଅନେକ ଉନ୍ନତି ହୋଇଥାଏ। ଶିକ୍ଷକ ଯଦି କଳାକାର ହୁଅନ୍ତି ଏବଂ ଶିଶୁମାନଙ୍କୁ ଭଲପାଆନ୍ତି, ତେବେ ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିପାରିବ। ଏହିଭଳି ଅନେକ କିଛି ବିଦ୍ୟାଳୟ ଦେଖିଛି, ଶିକ୍ଷକମାନେ ନିଜର କଳା ଓ ସୃଜନଶୀଳତା ବ୍ୟବହାରକରି ପିଲାଙ୍କ ଶିକ୍ଷଣ ସ୍ତରରେ ଅନେକ ଉନ୍ନତି ଆଣିଥାଆନ୍ତି। ଭାଷାର ବିକାଶରେ ନାଟକ,ଅଭିନୟ, ସଙ୍ଗୀତ ଆଦି କେତେ ଗୁରୁତ୍ୱପୂର୍ଣ୍ଣ, ତାହାର ଗୁରୁତ୍ୱକୁ ଅନୁଭବ କରିବାର ଅଛି।

ରାଣୀଗୁଡ଼ା, ରାୟଗଡ଼ା
ମୋ: ୯୪୩୮୦୮୧୪୩୦

## ଏଇ ଭାରତରେ

ତୃଣମୂଳ ସ୍ତରରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା କିଭଳି ସମ୍ଭବ ତାହା ମଣିପୁରର ଛାକେସାଙ୍କ ଜନଜାତି ପ୍ରମାଣ କରିଦେଇଛନ୍ତି। ଏହି ନାଗା ଯୋଦ୍ଧା ଜନଜାତିର ଲୋକେ ଶିକାର ଛାଡ଼ିଦେଇ ଏବେ ପରିବେଶ ଓ ପ୍ରାଣୀଙ୍କ ଯତ୍ନ ନେଉଛନ୍ତି। ସେମାନେ ଇଣ୍ଡୋ-ବର୍ମା ବାୟୋଡାଇଭର୍ସିଟି ହଟସ୍ପଟରେ ଥିବା ଜେସାମି ଗାଁରେ ରହୁଛନ୍ତି। ଏହି ଜନଜାତିର ଲୋକେ ଶିକାର ପାଇଁ ଜଣାଶୁଣା। ଏପରି କି ଶିକାର କୌଶଳର ପ୍ରତୀକ ଭାବେ ସେମାନେ ଘର ପ୍ରବେଶ ପଥରେ ପ୍ରାଣୀଙ୍କ ଖପୁରି ରଖିଥାନ୍ତି। ଗାଁର ମୁଖ୍ୟ ପର୍ବ ହେଉଛି ଟ୍ରେକୁ ନେଗେ । ଏହି ପର୍ବରେ ଲୋକମାନେ ମୁଣ୍ଡରେ ମିସେସ୍ ହ୍ୟୁମ ଫିଜାଣ୍ଟ ପକ୍ଷୀର ଲାଞ୍ଜପର ପିନ୍ଧିଥାନ୍ତି। ଉଲ୍ଲେଖନୀୟ, ଏହି ପକ୍ଷୀର ନାମକରଣ ବ୍ରିଟେନ ପରିବେଶବିତ୍ ଆଲାନ ଅକ୍ଟୋଭିଆନ ହ୍ୟୁମ୍ସଙ୍କ ସ୍ତ୍ରୀ ମ୍ୟାରି ଆନ୍ ଗ୍ରୀଣ୍ଡଲ ହ୍ୟୁମ୍ସଙ୍କ ନାମାନୁସାରେ କରାଯାଇଛି। ହ୍ୟୁମ ଫିଜାଣ୍ଟ ପକ୍ଷୀ ବିଲୁପ୍ତ ହୋଇଯିବା ଖବର ଜାଣିବା ପରେ ଜେସାମି ଗ୍ରାମ ପରିଷଦର ଅଧ୍ୟକ୍ଷ ନିଜୋତେ ମେକ୍ରିଶୁ ୨୦୧୮ରେ ସବୁ ପ୍ରାଣୀଙ୍କ ଶିକାର ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଏପରି କି ଟ୍ରେକୁ ନେଗି ପର୍ବରେ ମଧ୍ୟ ଶିକାର ବନ୍ଦ କରାଯାଇଛି। ଏବେ ଗ୍ରାମବାସୀ ଶିକାର ଛାଡ଼ି ପର୍ଯ୍ୟଟକ, ବନ୍ୟପ୍ରାଣୀ ଫଟୋଗ୍ରାଫର ଓ ବୈଜ୍ଞାନିକଙ୍କୁ ଜଙ୍ଗଲରେ ଗାଇଡ୍ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୭୬

- ଜାହାଜ ଦ୍ୱାରା ରପ୍ତାନି କାରବାର ବୃଦ୍ଧି କରିବା ବିଷୟ ଅନୁଧ୍ୟାନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଷ୍ଟାଣ୍ଡିଂ କମିଟି ଗଠନ।
- କଲମ୍ବୋଠାରେ ଅନୁଷ୍ଠିତ ହୋଇଥିବା ୫ମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀର ସୁପାରିସ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ୟୁଗୋସ୍ଲୋଭିଆ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ।
- ପାକିସ୍ତାନର ଉତ୍ତର ପଶ୍ଚିମ ସୀମାନ୍ତ ଅନ୍ତର୍ଗତ ଏକ ସୁଦୂର ପାର୍ବତ୍ୟାଞ୍ଚଳରେ ଗଣ ବିଦ୍ରୋହ ଘଟି ୨୫୦ରୁ ୩୦୦ ଲୋକଙ୍କ ପ୍ରାଣହାନି।

## ଚିରନ୍ତନୀ

ମୁକୁରେ ନିଜ ବଦନ ଶୋଭା ଦେଖଇଁ
ମୁଗ୍ଧ ଆଖି ନୟନ ପରେ ରଖଇଁ
କଲୁଷହୀନ ସଜ ଅଧର
ମୁକୁରେ ନେଇ ଚାପଇଁ ମୋର
ଗଣ୍ଡ ମୋର ମୁକୁରେ ନେଇ ଯୋଖଇଁ ।
-(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 1 | 3 | | | | | 5 |
| | | | | 5 | | | | 8 |
| | | | | 8 | | | | 4 |
| | 2 | | | | | | | 6 |
| | | | 8 | | 9 | 2 | | |
| | 3 | 7 | | | 1 | | | |
| 4 | | | | | | | 5 | |
| | | 5 | | 1 | 2 | | | |
| | | | 4 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 6 | 8 | 2 | 7 | 9 | 1 | 4 |
| 8 | 7 | 1 | 9 | 4 | 5 | 3 | 2 | 6 |
| 2 | 9 | 4 | 1 | 3 | 6 | 5 | 8 | 7 |
| 6 | 1 | 9 | 7 | 8 | 3 | 2 | 4 | 5 |
| 4 | 8 | 3 | 6 | 5 | 2 | 1 | 7 | 9 |
| 5 | 2 | 7 | 4 | 1 | 9 | 6 | 3 | 8 |
| 7 | 4 | 2 | 5 | 6 | 1 | 8 | 9 | 3 |
| 1 | 6 | 8 | 3 | 9 | 4 | 7 | 5 | 2 |
| 9 | 3 | 5 | 2 | 7 | 8 | 4 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ବସ୍ ସେବାର ସୁଫଳ

ମହାଶୟ,

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍ ସେବା ବ୍ୟବସ୍ଥା କରାଯାଇଛି। ଏହା କ୍ଷମତାସୀନ ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ଏହି ଯୋଜନାରେ କେବଳ ଓଏସ୍‌ଆରଟିସି(ସରକାରୀ) ବସ୍‌ଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ମାଗଣା ସେବା ଉପଲବ୍ଧ ହେବ ବୋଲି ତଥ୍ୟଗତ ସୂଚନାରୁ ଜାଣିବାକୁ ମିଳୁଛି। ଘରୋଇ ବସ୍ ଏବଂ ଏହାର ମାଲିକ ସଂଘ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନ ଥିବାରୁ ଏହି ଗାଡ଼ିରେ ଚଢ଼ି ଛାତ୍ରୀଛାତ୍ର ମାଗଣା ବସ୍ ସେବା ଦାବି ରଖିବା ନିରର୍ଥକ ହୋଇପାରେ। ତେଲ ଖର୍ଚ୍ଚ ଉଠୁ ନାହିଁ ବୋଲି ଦର୍ଶାଇ ଘରୋଇ ବସ୍ ମାଲିକ ଓ କର୍ମଚାରୀମାନେ କୁମ୍ଭୀର କାନ୍ଦଣାରେ ମାତିଥିବାରୁ ଛାତ୍ରୀଛାତ୍ର ମାଗଣାରେ ବସ୍‌ଭର୍ତ୍ତି ହୋଇଗଲେ ସେମାନଙ୍କ ଭେଳା ମଧ୍ୟ ବୁଡ଼ିଯାଇପାରେ। ଏ ପ୍ରେକ୍ଷାପଟରେ ସରକାର ଓ ପରିବହନ ବିଭାଗ ପ୍ରାଇଭେଟ ବସ୍‌ରେ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇ ଦେବା ନିମନ୍ତେ ବିକଳ୍ପ ବାଟ ବାହାର କରିବା ଦରକାର।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଅଙ୍କ ବିଗାଡ଼ିପାରନ୍ତି କୋମନା ମତଦାତା

ନୂଆପଡ଼ା,୩୧।୧୦(ପୀତାମ୍ବର ସାହୁ)

ନୂଆପଡ଼ା ନିର୍ବାଚନମଣ୍ଡଳୀରେ କୋମନା ବ୍ଲକ ଏକ ପ୍ରମୁଖ ଅଂଶ। ପୂର୍ବରୁ ହୋଇଥିବା ଅଧିକାଂଶ ନିର୍ବାଚନରେ ଏଠାରୁ ବିଜେଡି ଅଧିକ ଭୋଟ ପାଇ ବିଜୟୀ ହୋଇଥିବା ଦେଖାଯାଇଛି। ବିଗତ ନିର୍ବାଚନଗୁଡିକରେ ରାଜେନ୍ଦ୍ର ଢୋଲକିଆ ବିଜେଡି ଟିକେଟ୍‌ରେ ୩ଥର ଏବଂ ସ୍ୱାଧୀନ ଭାବେ ଥରେ ବିଜୟୀ ହୋଇଥିବାବେଳେ କୋମନା ବ୍ଲକ ତାଙ୍କର ଭୋଟ ବ୍ୟାଙ୍କ ଥିଲା। ଶଙ୍ଖ ଚିହ୍ନ, ନବୀନ ପଟ୍ଟନାୟକଙ୍କ ଚେହେରା ଓ ରାଜେନ୍ଦ୍ରଙ୍କ ଲୋକପ୍ରିୟତା ଯୋଗୁ କୋମନାବାସୀ ବିଜେଡିକୁ ଅଧିକ ଭୋଟ ଦେଉଥିଲେ। ଏଣୁ କୋମନା ବ୍ଲକକୁ ନୂଆପଡ଼ା ନିର୍ବାଚନମଣ୍ଡଳୀର ଗଡ଼ କୁହାଯାଏ। ୨୦୨୪ ସାଧାରଣ ନିର୍ବାଚନରେ ରାଜେନ୍ଦ୍ର ୧୦,୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ କେବଳ କୋମନା ବ୍ଲକରୁ ସେ ପ୍ରାୟ ୩ହଜାର ୪୭ ଭୋଟ ଅଧିକ ପାଇଥିଲେ। ଏହି ବ୍ଲକରେ ବିଜେଡି ଓ ରାଜେନ୍ଦ୍ରଙ୍କ ବେଶ୍ ପ୍ରଭାବ ରହିଥିଲା। ମାତ୍ର ଏବେ ସ୍ଥିତି ବଦଳିଯାଇଛି। ରାଜେନ୍ଦ୍ରଙ୍କ ପୁଅ ଜୟ ଢୋଲକିଆ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ତେଣୁ ଏଠାକାର ମତଦାତା ଏବେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ଜୟ ଭାଜପାରେ ଯୋଗଦେବା ପରେ ତାଙ୍କର କେତେଜଣ ସମର୍ଥକ ମଧ୍ୟ ଭାଜପାରେ ମିଶିଛନ୍ତି। ତେବେ ନବୀନଙ୍କ ବିଜେଡି ଓ ରାଜେନ୍ଦ୍ରଙ୍କୁ ଭଲ ପାଉଥିବା ଭୋଟର ଏବେ କାହାକୁ ସମର୍ଥନ କରିବେ ତାହା ସ୍ଥିର କରିପାରୁ ନ ଥିବା ନେଇ ବ୍ଲକ ଅନ୍ତର୍ଗତ ଜଡ଼ାମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତି ଆମକୁ କହିଛନ୍ତି। ଗତ ନିର୍ବାଚନରେ ଏହି ବ୍ଲକରୁ ବିଜେଡିର ରାଜେନ୍ଦ୍ର ସର୍ବାଧିକ ୨୭,୬୩୭ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପାର ଅଭିନନ୍ଦନ ପଣ୍ଡା ୧୮,୧୯୬ ଭୋଟ ପାଇଥିଲେ। କଂଗ୍ରେସର ବିଦ୍ରୋହୀ ହୋଇ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୨୪,୫୯୦ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସେତେବେଳର ପିସିସି ସଭାପତି ଶରତ ପଟ୍ଟନାୟକ ମାତ୍ର ୭,୭୪୦ ଭୋଟ ପାଇଥିଲେ।

ଏବେ କିନ୍ତୁ ଏହି ବ୍ଲକ୍‌ରେ ଚିତ୍ର ବଦଳିଛି। ଗତ ନିର୍ବାଚନରେ ଯିଏ ଯେଉଁ ଦଳକୁ ସମର୍ଥନ କରୁଥିଲେ ସେମାନଙ୍କ ମଧ୍ୟରୁ କେତେଜଣ ଦଳ ପରିବର୍ତ୍ତନ କରିଛନ୍ତି। ୩୨ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ ଥିବା ଏହି ବ୍ଲକର ଅଧିକାଂଶ ସରପଞ୍ଚ ଓ ସମିତିସଭ୍ୟ ସେତେବେଳେ ବିଜେଡିକୁ ସମର୍ଥନ କରୁଥିଲେ। ମାତ୍ର ଏବେ ଅଧାରୁ ଅଧିକ ଭାଜପାକୁ ସମର୍ଥନ କରୁଛନ୍ତି। ସମସ୍ତ ୩ ଜିଲା ପରିଷଦ ସଭ୍ୟ ବିଜେଡିର। ଜୋନ୍ ନଂ.୧ର ସଭ୍ୟ ମୁରଲୀଧର ଭୋଇ ଓ ଜୋନ୍ ୩ର ସଭ୍ୟା ତଥା ଜିଲା ପରିଷଦ ଉପାଧ୍ୟକ୍ଷା ଦୀପାଞ୍ଜଳି ଦୀପ ଆଗରୁ ବିଜେଡିକୁ ସମର୍ଥନ ଦେଉଥିବା ବେଳେ ଏବେ ବି ବିଜେଡି ପାଇଁ କାମ କରୁଛନ୍ତି। ସେହିପରି ଜୋନ ନଂ.୨ର ସଭ୍ୟ ଅବନୀ ରଞ୍ଜନ ଯୋଷୀ ଏବେ ଜିଲା ବିଜେଡିର ସଭାପତି ରହିଛନ୍ତି। ସେ ଗତ ନିର୍ବାଚନରେ ବିଜେଡି ସହ ଥିବାବେଳେ ଏବେ ମଧ୍ୟ ବିଜେଡି ପାଇଁ କାମ କରୁଛନ୍ତି। ସେହିପରି ବିଜେଡି ଟିକେଟ ଆଶାୟୀ ଥିବା ମନୋଜ ମିଶ୍ର ଗତ ନିର୍ବାଚନରେ ବିଜେଡିରେ ଥିଲେ। ଏବେ ମଧ୍ୟ ସେ ବିଜେଡିରେ ଅଛନ୍ତି। ବ୍ଲକ ଅଧ୍ୟକ୍ଷା ଅନସୂୟା କୁମ୍ଭାର ଓ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପୂର୍ବରୁ ବିଜେଡିରେ ଥିବାବେଳେ ଏବେ ଭାଜପାରେ ଯୋଗଦେଇ ପ୍ରଚାର କରୁଛନ୍ତି। ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ କରିଥିବା ବରିଷ୍ଠ ନେତା କ୍ଷମା ସିଂ ନିଆଲ ଓ ସିଆଲଟି ପଞ୍ଚାୟତର ସରପଞ୍ଚ କାଳିଆ ପ୍ରଧାନ ପୂର୍ବରୁ ବିଜେଡିରେ ଥିବାବେଳେ ଏବେ ଭାଜପାରେ ଅଛନ୍ତି। ସେହିପରି ଆଦିବାସୀ ନେତା ସୋମନାଥ ଖମାରୀ, ଗଣ୍ଡ ସମାଜର ଜିଲା ସଭାପତି ଦିବ୍ୟ ସିଂ ମାଝୀ ଓ ବ୍ଲକର ପୂର୍ବତନ ସରପଞ୍ଚ ଭକ୍ତ ଶବର ଗତ ନିର୍ବାଚନରେ ଘାସିରାମଙ୍କୁ ସମର୍ଥନ କରିଥିଲେ। ଏବେ ଏମାନେ ସମସ୍ତେ ପଦ୍ମ ପୋଖରୀକୁ ଲମ୍ଫ ଦେଇ ଜୟଙ୍କୁ ସମର୍ଥନ କରୁଛନ୍ତି। ଏହା ସହିତ ମୂଳରୁ ଭାଜପାରେ ଥିବା ଦଳର ନେତା ଓ କର୍ମୀଙ୍କ ମଧ୍ୟରୁ କେତେଜଣ ଜୟଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେବେ ଏହି ଉପନିର୍ବାଚନକୁ ଜିତିବା ପାଇଁ ଭାଜପା, ବିଜେଡି ଓ କଂଗ୍ରେସ କସରତ କରୁଛନ୍ତି। ତିନି ପ୍ରମୁଖ ଦଳର କେତେଜଣ ନେତା ଅନ୍ୟ ଦଳ ସହିତ ଭିତିରିଆ ସମ୍ପର୍କରେ ଥିବା ଚର୍ଚ୍ଚା ହେଉଛି। ତେଣୁ ସେମାନଙ୍କ ଗତିବିଧି ଉପରେ ତାଙ୍କ ଦଳର ବରିଷ୍ଠ ନେତାମାନେ ତୀକ୍ଷ୍ଣ ନଜର ରଖିଥିବା ଦଳ ଭିତରେ ଚର୍ଚ୍ଚା ହେଉଛି। ଉପର ସ୍ତରରେ ନେତା ନିଜ ସ୍ୱାର୍ଥ ପାଇଁ ଦଳ ଅଦଳବଦଳ କରୁଥିବା ବେଳେ କୋମନା ମତଦାତା ଯେକୌଣସିଦଳର ଅଙ୍କ ବିଗାଡି ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଆଜିଠାରୁ ଖୋଲିବ 'ସୁଭଦ୍ରା' ପୋର୍ଟାଲ

- ୨୧ ବର୍ଷ ହୋଇଥିଲେ କରିପାରିବେ ଆବେଦନ
- ନୂଆପଡ଼ା ବ୍ୟତୀତ ରାଜ୍ୟର ସମସ୍ତ ଜିଲାରେ ଖୋଲିବ ପୋର୍ଟାଲ

ଭୁବନେଶ୍ୱର,୩୧।୧୦(ସୁଚିସ୍ମିତା ସାହୁ)

'ସୁଭଦ୍ରା' ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଲାଗି ନଭେମ୍ବର ୧ ଶନିବାରଠାରୁ ପୋର୍ଟାଲ ଖୋଲିବ। ଏହି ପୋର୍ଟାଲ ମାଧ୍ୟମରେ ୨୦ ବର୍ଷ ପୂରି ୨୧ ଚାଲୁଥିବା ଯୁବତୀମାନେ ସୁଭଦ୍ରା ସହାୟତା ପାଇଁ ଆବେଦନ କରିପାରିବେ। ଏଥିସହ ଯେଉଁମାନେ ପୂର୍ବରୁ ଆବେଦନ କରିପାରି ନାହାନ୍ତି, ସେମାନେ ମଧ୍ୟ ସୁଯୋଗ ପାଇବେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ନୂଆପଡ଼ା ଜିଲାକୁ ଛାଡି ଅନ୍ୟ ସମସ୍ତ ଅଞ୍ଚଳର ମହିଳା ଆବେଦନ କରିପାରିବେ। ନୂଆ ହିତାଧିକାରୀ ଆସନ୍ତା ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା କିସ୍ତି ପାଇବେ। ସେହିଦିନ ଚତୁର୍ଥ କିସ୍ତି ମିଳିବା ସହିତ ନୂଆ ଆବେଦନକାରୀଙ୍କୁ ମଧ୍ୟ କିସ୍ତି ବଣ୍ଟନ କରାଯିବ। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରଠାରେ ସୁଭଦ୍ରା ଏକତା ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ପୂର୍ବରୁ ମାର୍ଚ୍ଚ ୩୧ରେ ପ୍ରଥମ ପର୍ଯ୍ୟାୟ ସୁଭଦ୍ରା ଆବେଦନକୁ ବନ୍ଦ କରାଯାଇଥିଲା। ସେବେଠାରୁ ପୋର୍ଟାଲ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ମାର୍ଚ୍ଚ ୩୧ ପରେ ଯେଉଁମାନଙ୍କୁ ୨୧ ବର୍ଷ ହୋଇଯାଇଥିଲା ସେମାନେ ଆଉ ଆବେଦନ କରିପାରି ନ ଥିଲେ। ସେହିପରି ଯେଉଁମାନେ କୌଣସି କାରଣ ଯୋଗୁ ଆବେଦନ କରିପାରି ନାହାନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ। ସେଥିପାଇଁ ସୁଭଦ୍ରା ପୋର୍ଟାଲକୁ ପୁଣିଥରେ ଖୋଲାଯାଉଛି। ଏତଦ୍‌ବ୍ୟତୀତ ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରାଯାଇପାରିବ। ଏଥିପାଇଁ ଆଧାର ନମ୍ବର ଓ ଆଧାର ସହ ଲିଙ୍କ୍ ଥିବା ମୋବାଇଲ ନମ୍ବର ପ୍ରଦାନ କରି ଜଣେ ହିତାଧିକାରୀ ଆବେଦନ କରିପାରିବେ। ସୁଭଦ୍ରା ନିୟମାବଳୀ ଅନୁଯାୟୀ ଯୋଗ୍ୟ ବିବେଚିତ ସମସ୍ତ ଆବେଦନକାରୀଙ୍କୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଦୁଇଟି କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ବିଜେଡି ନେତାଙ୍କ ଭଡ଼ାଘରେ ନିର୍ବାଚନ ଅଧିକାରୀଙ୍କ ଚଢ଼ାଉ

ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା,୩୧।୧୦(ବୀରେନ୍ଦ୍ର କୁମାର ଖାଙ୍କର)

ନୂଆପଡ଼ା ଉପନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଜୋର ଧରୁଥିବାବେଳେ କିଛି ଘଟଣା ରାଜନୈତିକ ସ୍ଥିତିକୁ ଉଷ୍ମ କରିଦେଉଛି। ଶୁକ୍ରବାର ପୂର୍ବାହ୍ନରେ ଜଣେ ନିର୍ବାଚନ ଅଧିକାରୀ (ଏସ୍‌ଏସ୍‌ଟି) ନିଜକୁ ମାଜିଷ୍ଟ୍ରେଟ୍ କହି ଖରିଆର ରୋଡ୍‌ଠାରେ ବିଜେଡି ନେତା ପ୍ରୀତିରଞ୍ଜନ ଘଡେଇଙ୍କ ଭଡା ଘରେ ଅତର୍କିତ ଚଢାଉ କରିଥିଲେ। ବନ୍ଧୁକଧାରୀ ପୋଲିସଙ୍କ ଉପସ୍ଥିତିରେ ଅଧିକାରୀ ଜଣକ ଉକ୍ତ ଘରକୁ ପଶି ଯାଞ୍ଚ କରିଥିଲେ। ସେଇ ଘରେ ଥିବା ଜଣେ ଯୁବକ ଆକାଶ ପଣ୍ଡା ଅଧିକାରୀଙ୍କୁ ଘରକୁ କାହିଁକି ପଶୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର କିଛି ସମୟ ପରେ ସେଠାରେ କିଛି ବିଜେଡି ନେତା ପହଞ୍ଚିଥିଲେ। ସେଇ ବିଜେଡି ନେତା ଓ ସମର୍ଥକମାନେ ସମ୍ପୃକ୍ତ ଅଧିକାରୀଙ୍କୁ ଘେରି ଯାଇ କାହା ନିର୍ଦ୍ଦେଶରେ ଏବଂ କେଉଁ ସର୍ଚ୍ଚ ଅର୍ଡର ବଳରେ ସେମାନେ ପୋଲିସ ଧରି ଘରକୁ ପଶିଲେ ବୋଲି ପ୍ରଶ୍ନ କରିଥିଲେ। ଅଧିକାରୀ ଜଣକ କୁଆଡେ କହିଥିଲେ ଯେ, ସେଇ ଘରେ କଳା ଟଙ୍କା ରହିଥିବା ତାଙ୍କ ପାଖକୁ ଫୋନ୍ ଆସିଥିଲା। ଏଭଳି ଫୋନ୍ କଲ ପାଇବା ପରେ ସେ ଯାଞ୍ଚ କରିବାକୁ ଆସିଛନ୍ତି। ଅଧିକାରୀ ଜଣକ ଏଭଳି କହିବା ପରେ ବିଜେଡି ନେତାମାନେ ରାଗିଯାଇ ସର୍ଚ୍ଚ ଅର୍ଡର ଦେଖାଇବାକୁ କହିଥିଲେ। ସର୍ଚ୍ଚ ଅର୍ଡର ନ ଦେଖାଇ ଯାଞ୍ଚ କରିଥିବାରୁ ସେଠାରେ ବିଜେଡି ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସର୍ଚ୍ଚ ଅର୍ଡର ନ ଦେବା ଯାଏ କିମ୍ବା କ୍ଷମା ନ ମାଗିବା ଯାଏ ସେମାନେ ତାଙ୍କୁ ସେଠାରୁ ଛାଡିବେ ନାହିଁ କହି ତାଙ୍କ କାର୍ ସମ୍ମୁଖରେ ଘେରିଯାଇଥିଲେ। ସେଠାରେ ବିଜେଡି ନେତାମାନେ ଭାଜପା ସରକାର ଓ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଭାଜପା ସରକାର ପ୍ରଶାସନିକ କଳ ଓ ନିର୍ବାଚନ ଅଧିକାରୀଙ୍କୁ ଅସ୍ତ୍ର କରି ବିରୋଧୀଙ୍କ ଉପରେ ଚାପ ପକାଉଛି ବୋଲି କହିଥିଲେ। ସେଠାରେ ବିଜେଡି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବିଜେଡି ନେତା ରାଜେଶ ନିଗମ, ରାଜୁ ଚୌହାନ, ଅନନ୍ତ ନାରାୟଣ ଜେନା ପ୍ରମୁଖ ଅଧିକାରୀଙ୍କୁ ଘେରିଯାଇ ପ୍ରଶ୍ନ କରିଥିଲେ। ଭୋଗରାଇ ବିଧାୟକ ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ଭାଜପା ପ୍ରଶାସନକୁ ଧରି ଏଭଳି ଚାପ ପକାଉଛି ବୋଲି ଅଭିଯୋଗ କରିଥିଲେ। ପୂର୍ବାହ୍ନରେ ବିଜେଡି ଜିଲାପାଳ ଅଫିସ ଘେରାଉ କରି ଜିଲାପାଳ ଏବଂ ଏସପିଙ୍କ ବଦଳି ଦାବି କରିବା ପରେ ପ୍ରଶାସନ ଏଠାକୁ ଆସି ଏଭଳି କାଣ୍ଡ କରିଛି ବୋଲି କହିଥିଲେ। ପୋଲିସ ବିଜେଡି ବିକ୍ଷୋଭକାରୀଙ୍କୁ ହଟାଇବା ପରେ ସେଇ ସ୍ଥାନରୁ ଅଧିକାରୀଙ୍କ କାର ବାହାରିଥିଲା।


ବିଜେଡି ନେତାମାନେ ଖରିଆର ରୋଡ୍‌ସ୍ଥିତ ପ୍ରୀତିରଞ୍ଜନ ଘଡେଇଙ୍କ ଭଡାଘରେ ଚଢ଼ାଉ କରିଥିବା ଅଧିକାରୀଙ୍କୁ ଘେରାଉ କରିଛନ୍ତି।

## ପ୍ରତିଶୋଧାତ୍ମକ ହୋଇ ପ୍ରଶାସନକୁ ବ୍ୟବହାର କରୁଛି ଭାଜପା: ବିଜେଡି

ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)

ନୂଆପଡ଼ାରେ ପ୍ରୀତି ରଞ୍ଜନ ଘଡ଼େଇ ରହୁଥିବା ଭଡ଼ା ଘର ଉପରେ ଚଢ଼ାଉକୁ ବିଜେଡି ନିନ୍ଦା କରିଛି। ଉପନିର୍ବାଚନରେ ପରାଜୟ ଆସନ୍ନ ଜାଣି ଭାଜପା ପ୍ରତିଶୋଧାତ୍ମକ ହୋଇ ପ୍ରଶାସନକୁ ବ୍ୟବହାର କରି ବିଜେଡିର ମନୋବଳକୁ ଦୁର୍ବଳ କରିବାକୁ ଅପଚେଷ୍ଟା କରୁଛି ବୋଲି ଦଳର ମୁଖପାତ୍ର ଲେନିନ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। କୌଣସି ସର୍ଚ୍ଚ ୱାରେଣ୍ଟ ନ ଥାଇ ଯେପରି ଚଢ଼ାଉ କରାଗଲା, ତାହା ଭାଜପାର ହତାଶ ଭାବକୁ ପ୍ରଦର୍ଶିତ କରୁଛି। ଚଢ଼ାଉବେଳେ ବହୁ ସଂଖ୍ୟାରେ ପୋଲିସ ଡ୍ରେସରେ ଥିବା ଲୋକ ଥିଲେ। ଏମାନେ ସତରେ ପୋଲିସ ନା ଛତିଶଗଡ଼ରୁ ଆସିଥିବା ଭାଜପା କର୍ମୀ ଯେଉଁମାନେ ଖାକି ବେଶରେ ଆସିଥିଲେ, ସେନେଇ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ଲେନିନ କହିଛନ୍ତି।

# ନୂଆପଡ଼ା: ଏବେ ବି ନାହିଁ ନେଟ୍‌ୱର୍କ

ନୂଆପଡ଼ା,୩୧।୧୦(ମକାରୁ ବେମାଲ)

ଦେଶ ଏବେ ବିକାଶ ପଥରେ ଅଗ୍ରସର ହେଉଛି। ଭାରତ ଆତ୍ମନିର୍ଭର ହେବା ନେଇ କେନ୍ଦ୍ର ସରକାର କହୁଛନ୍ତି। ହେଲେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଏକାଧିକ ଗାଁରେ ମୋବାଇଲ ଫୋନ୍ ନେଟ୍‌ୱର୍କ ମୂଳରୁ ନାହିଁ। ଯଦି ନେଟୱର୍କ ନ ଥିବ ତେବେ ଜଣେ ମୋବାଇଲ ଫୋନ୍ ବ୍ୟବହାର କରିପାରିବ ନାହିଁ। ଏଥିରୁ ସେଠାକାର ଲୋକଙ୍କ ସମସ୍ୟା କେତେ ଜଟିଳ ହୋଇଥିବ ତାହା ସହଜେ ଅନୁମେୟ। ନୂଆପଡ଼ା ସଦର ବ୍ଲକ ଅନ୍ତର୍ଗତ କାଦୋମେରୀ ଗ୍ରାମ ପଞ୍ଚାୟତର କୋଦାଡାପ ଗାଁରେ ମୋବାଇଲ ନେଟ୍‌ୱର୍କ ଉପଲବ୍ଧ ନ ଥିବାବେଳେ ଆମେ ସେଠାରେ ଉପନିର୍ବାଚନ ସ୍ଥିତି ସମ୍ପର୍କରେ ବୁଝିବାକୁ ଯାଇଥିଲୁ। ନିର୍ବାଚନ କଥା ପଚାରିବାବେଳେ ସେହି ଗାଁର ବହୁ ଯୁବତୀ ଓ ଯୁବକ ଆମକୁ ଘେରିଯାଇ କହିଥିଲେ, ଆଜ୍ଞା ନେତାମାନେ ଯେମିତି ଆସି ନିଜ ସ୍ୱାର୍ଥପୂରଣ ପାଇଁ ବାକଚାତୁରି କଥା କହିଦେଇ ଯାଉଛନ୍ତି, ବର୍ତ୍ତମାନ ସମୟରେ ଗଣମାଧ୍ୟମ ଯଦି ନିଜ ଦାୟିତ୍ୱ ଭୁଲିଯାଏ, ତେବେ ଦେଶର ଅବସ୍ଥା ରସାତଳଗାମୀ ହେବାକୁ ଆଉ ବେଶିଦିନ ଲାଗିବ ନାହିଁ। ଏହି କ୍ରମରେ ନୂଆପଡ଼ା ବ୍ଲକ ଅନ୍ତର୍ଗତ କେନ୍ଦୁବାହାରା ପଞ୍ଚାୟତର ସିରଗିଡ଼ି, ଭଇଷାଦରା ଓ କେରମେଲି ପଞ୍ଚାୟତର କାଙ୍ଗେରମେଞ୍ଜି, ଗୋଲାବନ୍ଧ, ମାରାଗୁଡା ଆଦି ଗାଁକୁ ଯାଇ ନେଟ୍‌ୱର୍କ ବିଷୟରେ ବୁଝିଥିଲୁ। କେରମେଲିର ଲିଙ୍ଗରାଜ ମାଝୀ କହୁନ୍ତି, ଏଠାରେ ସୁବିଧା କହିଲେ କିଛି ନାହିଁ। ସବୁଠୁ ଦୁଃଖର ବିଷୟ ଏଠାରେ ମୋବାଇଲ ନେଟ୍‌ୱର୍କ ନାହିଁ। ଆମପିଲା ପାଠ ପଢ଼ିପାରୁନି। ସରକାର ବିଭିନ୍ନ ଜରୁରିକାଳୀନ ସେବା ପାଇଁ ଟୋଲଫ୍ରି ନମ୍ବର ଜାରି କରୁଛନ୍ତି। ଥରେ ଚିନ୍ତା କରନ୍ତୁ, ଏହି ଗାଁରେ ଦୁର୍ଭାଗ୍ୟବଶତଃ ଯଦି କାହା ଘରେ ନିଆଁ ଲାଗିଯାଏ, ଯଦି କାହାର କିଛି ହଠାତ୍ ଦେହ ଅସୁସ୍ଥ ହୋଇପଡ଼େ, ମୋବାଇଲ ନେଟୱର୍କ ବିନା ଆମ ଗାଁ ଲୋକ କ'ଣ କରିପାରିବେ। କେନ୍ଦୁବାହାରା ଓ କେରମେଲି ପଞ୍ଚାୟତର ହିତାଧିକାରୀମାନେ ରାଶନ ସାମଗ୍ରୀ ଆଣିବା ପାଇଁ ଯାଇ ହଟହଟା ହେଉଛନ୍ତି। ପଞ୍ଚାୟତ କର୍ମଚାରୀମାନେ ପାହାଡ଼ିଆ କିମ୍ବା ଡିପ ସ୍ଥାନକୁ ଯାଇ ନେଟୱର୍କ ସର୍ଚ୍ଚ କରୁଛନ୍ତି, ଯେଉଁଠାରେ ନେଟ୍‌ୱର୍କ ଆସେ ସେଠାରେ ରହି ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ନେଇଥାନ୍ତି। ପାହାଡ଼ ଉପରେ ହିତାଧିକାରୀମାନେ ଫିଙ୍ଗର ପ୍ରିଣ୍ଟ ଦେଇ ପଞ୍ଚାୟତକୁ ଯାଇ ଚାଉଳ ନେଇଥାନ୍ତି।




**Union Bank of India** — ଆଞ୍ଚଳିକ କାର୍ଯ୍ୟାଳୟ: କଟକ

କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତ କରାଇ ଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ବ୍ୟାଙ୍କ ଦ୍ୱାରା ସେମାନଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍‌ମାନ ପଠାଯାଇଥିଲେ ମଧ୍ୟ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଛି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ତା.୦୩.୧୧.୨୦୨୫ରିଖ ଦିନ କିମ୍ବା ପୂର୍ବରୁ ସେମାନଙ୍କର ବକେୟା ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୪.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତାବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର.ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଋଣ ନଂ. | ଋଣ ତାରିଖ |
|---|---|---|
| | **ଆଠଗଡ ଶାଖା** | |
| ୧. | ଶ୍ରୀମତୀ ଜ୍ୟୋତିର୍ମୟୀ ଦଳାଇ, ସା: ବାଣୀକଣ୍ଠ ନଗର, ପୋ: ଆଠଗଡ, ଜିଲ୍ଲା: କଟକ / ୭୬୩୮୦୬୫୪୦୦୦୦୨୩୬ | ୧୫.୦୫.୨୦୨୪ |

ସ୍ଥାନ : କଟକ, ତାରିଖ : ୩୧.୧୦.୨୦୨୫ — ସ୍ୱା/- ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



No.B-656

**OFFICE OF THE SUPERINTENDING ENGINEER**
JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA
E-Mail I.D. - eerbjspr@gmail.com

('e' PROCUREMENT NOTICE)
Bid Identification No. S.E., JSPR(R&B)-11 of 2025-26
TENDER CALL NOTICE

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Building works as mentioned below.
2. No. of Work : **02 Nos.**
3. Nature of work : **Civil**
4. Class of Contractor : **"B & C"**
5. Tender Paper Cost : **Rs.6,000.00/- (Online)**
6. Available of bid documents in the website : **From 04/11/2025 to 5 P.M. of 10/11/2025**
7. Date of Opening of Bid : **11.00 A.M. of 11/11/2025**

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- (Er Sarbendu Sutar)
Superintending Engineer,
Jagatsinghpur (R&B) Division

OIPR-34093/11/0030/2526



**Union Bank of India** — ସାଲେପୁର ଶାଖା
୧୯୫୩/୨୨୨୧, ଚନ୍ଦ୍ରଦେଇପୁର, ପୋ: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୨
ଇମେଲ୍: ubin0830101@unionbankofindia.bank

**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଅକ୍ଷୟ କୁମାର ମଲ୍ଲିକ, ପିତା: ୰ ଉତ୍ତମ ମଲ୍ଲିକ, ସା: କୋଲଣପୁର, ପୋ: ସାଲେପୁର, କଟକ, ପିନ୍-୭୫୪୨୦୨, ୨) ଶ୍ରୀ ନରୋତ୍ତମ ସ୍ୱାଇଁ, ପିତା: ଭାଗ୍ୟଧର ସ୍ୱାଇଁ, ସା: ଜିଗନିପୁର, ପୋ: ଜିଗନିପୁର, ଥାନା: ସାଲେପୁର, କଟକ, ପିନ୍-୭୫୪୨୦୨ | ଶ୍ରୀ ଅକ୍ଷୟ କୁମାର ମଲ୍ଲିକ, ପିତା: ୰ ଉତ୍ତମ ମଲ୍ଲିକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦୭୨, ଖାତା ନଂ.: ୫୧, ମୌଜା: କୋଲଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୧୦୦ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ୧୨.୦୪.୨୦୨୧ / ୧୬.୧୦.୨୦୨୧ / ୧୭.୧୦.୨୦୨୫ |

ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତାମାନଙ୍କ ସମ୍ପତ୍ତି ବିକ୍ରୟ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାର ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ସାଲେପୁର, ତାରିଖ: ୩୧.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**यूनियन बैंक ऑफ इंडिया Union Bank of India** — भारत सरकार का उपक्रम / A Government of India Undertaking

ଢେଙ୍କାନାଳ ମୁଖ୍ୟ ଶାଖା
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧,
ଇ-ମେଲ୍ : ubin0554057@unionbankofindia.bank

**ଡିମାଣ୍ଡ ନୋଟିସ୍**

ଆମର ଢେଙ୍କାନାଳ ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖାର** ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ଓଡ଼ିଶା-୭୫୯୦୨୫ | ୟୁନିୟନ୍ ହୋମ୍ | ୨୯.୧୦.୨୦୨୩ / ୧୮.୧୦.୨୦୨୫ / ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ | ଶ୍ରୀ ବାବୁଲି ବେହେରା, ପିତା: ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ବି.ଦ୍ର.: ସରଫେଶୀ ଆକ୍ଟ ଅନୁଯାୟୀ ଏ ସମ୍ବନ୍ଧୀୟ ପୂର୍ବରୁ ପଠାଯାଇଥିବା ନୋଟିସ୍‌ଗୁଡ଼ିକୁ ପ୍ରତ୍ୟାହାର କରାଯାଉଛି ।

ସ୍ଥାନ : ଢେଙ୍କାନାଳ
ତାରିଖ : ୩୧.୧୦.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची**

ई–प्रोक्योरमेंट सूचना
टेन्डर रेफरेंन्स नं0–प0नि0वि0 / राँची–39 / 2025–26
दिनांक :– 31.10.2025

| | | |
|---|---|---|
| 1. | कार्य का नाम | IRQP Workin Mandar Chowk (on NH-75) to Burmu Road (कुल लम्बाई–14.80 कि0मी0) कार्य वर्ष 2025–26 |
| 2. | प्राक्कलि राशि (रू0 लाख में) | रू0 1142.22 लाख (रूपये ग्यारह करोड़ ब्यालीस लाख एवं बाईस हजार) मात्र। |
| 3. | अग्रधन की राशि (रू0 लाख में) | रू0 11.43 लाख (रूपये ग्यारह लाख तेतालीस हजार) मात्र। |
| 4. | कार्य पूर्ण करने की अवधि | 07 (सात) माह |
| 5. | वेबसाईड पर निविदा प्रकाशन की तिथि | 03.11.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि / समय | 24.11.2025 12.00 बजे दोपहर तक |
| 7. | निविदा खोलने तिथि / समय | 25.11.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे *Tender Online Upload* में देखा जा सकता है, एवं किसी भी प्रकार का बदलाव *http://jharkhandtenders.gov.in* पर देखा जा सकता है।
- नियम एवं शर्तें के लिए वेबसाईट *http://jharkhandtenders.gov.in* पर देखें।

कार्यपालक अभियंता
पथ निर्माण विभाग, पथ प्रमंडल, राँची।

PR.NO.364965 Road Construction Dept Road Division Ranchi(25-26):D



**कार्यपालक अभियंता का कार्यालय**
**लघु सिंचाई प्रमंडल, गोड्डा**

ई0-निविदा आमंत्रण सूचना

e-Tender Reference No.-WRD/MID/GODDA/ F2-09/2025-26 — Date-30.10.2025

1. विज्ञापनदाता का नाम : कार्यपालक अभियंता, लघु सिंचाई प्रमंडल, गोड्डा।
2. वेबसाइट में ई0–निविदा प्रकाशन की तिथि : 13.11.2025
3. ई0–निविदा प्राप्ति की तिथि एवं समय : 25.11.2025 अपराहन 03:00 बजे तक
4. ई0–निविदा खोलने की तिथि एवं स्थान : 26.11.2025 अपराहन 04:30 बजे मुख्य अभियंता का कार्यालय लघु सिंचाई, दुमका।

| ग्रुप सं0 | कार्य का मद | योजना का नाम | प्रखण्ड | प्राक्कलित राशि (लाख में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | कार्य की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | राज्य सम्पोषित योजना | बेदीय नदी पर श्रृंखलाबद्ध चेक डैम निर्माण। | पथरगामा | 142.086 | 2,85,000.00 | 10,000.00 | 11 माह |
| 2 | राज्य सम्पोषित योजना | कौवा नदी में गड़ी पडवारा के पास चेक डैम निर्माण। | ठाकुरगंगटी | 111.026 | 2,23,000.00 | 10,000.00 | 11 माह |
| 3 | राज्य सम्पोषित योजना | कर्णपुरा जोरिया में चेक डैम निर्माण। | गोड्डा | 75.703 | 1,52,000.00 | 10,000.00 | 11 माह |
| 4 | राज्य सम्पोषित योजना | गुणघासा नदी में श्रृंखलाबद्ध चेक डैम निर्माण। | पोड़ैयाहाट | 182.926 | 3,66,000.00 | 10,000.00 | 11 माह |

नोटः–
1. केवल ई–निविदा ही स्वीकार किया जायेगा।
2. प्राक्कलित राशि घट–बढ़ सकती है।
3. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
5. Work performance :- पूर्व से आवंटित कार्य 90 प्रतिशत से अधिक पूर्ण नहीं रहने तथा समानुपातिक प्रगति नहीं पाये जाने पर अन्य कार्यो में डाली गई निविदा विचारणीय नहीं होगा।
6. विस्तृत जानकारी के लिए वेबसाईट http://jharkhandtenders.gov.in पर लॉग आन करें।

कार्यपालक अभियंता,
लघु सिंचाई प्रमंडल, गोड्डा
Mob.- 9939708923

PR 364929 Minor Irrigation (25-26)_D

## ସଂକ୍ଷେପରେ

### ଅଳଙ୍କାର ଦୋକାନରୁ ଚୋରି ଉଦ୍ୟମ, ୨ ଗିରଫ

**ବାଲୁଗାଁ,୩୧।୧୦(ସଂଗ୍ରାମ ପାଇକରାୟ):** ବାଲୁଗାଁ ଚିଲିକା ରୋଡ୍ ସ୍ଥିତ ଏକ ସୁନାଅଳଙ୍କାର ଦୋକାନ ତାଲା ଭାଙ୍ଗି ଚୋରି ଉଦ୍ୟମ ବେଳେ ପୋଲିସ ହାତରେ ୨ ଲୁଟେରା ଧରାପଡିଛନ୍ତି । ସେମାନେ ହେଲେ ସ୍ଥାନୀୟ ବିଦ୍ୟାଧରପୁର ସାହିରେ ରହୁଥିବା କାଳିଆ ଦାସ ଏବଂ ବଙ୍ଗୀୟ ତାଳପଟି ସାହିର ରାହୁଲ ବିଶ୍ୱାସ। ଏନେଇ ଦୋକାନ ମାଲିକଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୩୫୮/୨୫) ରୁଜୁ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଚିଲିକା ରୋଡ୍‌ରେ ରାମଚନ୍ଦ୍ର ସାହୁଙ୍କ ଶମ୍ଭୁ ଜୁଏଲେରୀ ନାମକ ଅଳଙ୍କାର ଦୋକାନ ରହିଛି। ଗୁରୁବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଉପୋରକ୍ତ ଦୁଇ ଅଭିଯୁକ୍ତ ଉକ୍ତ ଅଳଙ୍କାର ଦୋକାନ ଗ୍ରୀଲ୍ ତାଲା ଭାଙ୍ଗି ଲୁଟ୍ ଉଦ୍ୟମ କରୁଥିଲେ । ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ବାଲୁଗାଁ ଥାନା ପାଟ୍ରୋଲିଂ ଗାଡି ଦେଖି ଲୁଟେରାଦ୍ୱୟ ଦୌଡ଼ିଥିଲେ। ପୋଲିସ ସେମାନଙ୍କ ପିଛା କରି କାବୁ କରିଥିଲା।

### ବିପଣନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଓ ତ୍ୱରାନ୍ୱିତ କର୍ମଶାଳା

**ଖୋର୍ଦ୍ଧା,୩୧।୧୦(ପ୍ରଭାତ ପାଣିଗ୍ରାହୀ):** ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ଓଡ଼ିଶା ଆନୁକୂଲ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ (ଏମ୍ଏସ୍ଏମ୍ଇ) ଓଡ଼ିଶା ସରକାର ଅଧୀନ ନିର୍ଯ୍ୟାତ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ (ଡିଇପିଏମ୍) ଦ୍ୱାରା କ୍ଷେତ୍ରରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା (ରାମ୍ପ) କାର୍ଯ୍ୟକ୍ରମ ଅଧୀନରେ ବିଜ୍‌ନେସ ଡିଭେଲପମେଣ୍ଟ ସର୍ଭିସ ପ୍ରୋଭାଇଡର୍ସ (ବିଡିଏସ୍‌ପି) ଇଣ୍ଟରଭେନ୍‌ଶନ ଅନୁସାରେ ଏକ ଯୋଜନା ସମ୍ବନ୍ଧୀୟ ପ୍ରଶାସନିକ ଅଧିକାରୀଙ୍କ କ୍ଷମତା ବିକାଶ କାର୍ଯ୍ୟଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନିର୍ଯ୍ୟାତ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ଓଡ଼ିଶା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉଦ୍ୟମିତା ବିକାଶ ସଂସ୍ଥାନ ଓଡ଼ିଶା ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପି.ପ୍ରଭାକର ରାଓ, ଜିଲା ଶିଳ୍ପ କେନ୍ଦ୍ର ଖୋର୍ଦ୍ଧାର ସାଧାରଣ ପ୍ରବନ୍ଧକ ସୁଶ୍ରୀ ସମୁଚିତା ମଲ୍ଲିକ, ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ଓଡ଼ିଶା ସହାୟକ ନିର୍ଦ୍ଦେଶକ ଶିଶିର ରଞ୍ଜନ ମିଶ୍ର ଏବଂ ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ଓଡ଼ିଶା ଯୁଗ୍ମ ନିର୍ଦ୍ଦେଶକ ପ୍ରଭାକର ଦାସ ଉପସ୍ଥିତ ଥିଲେ। ଏହି କାର୍ଯ୍ୟଶାଳାର ଉଦ୍ଦେଶ୍ୟ ଥିଲା ଜିଲାସ୍ତରରେ ଓଡ଼ିଶା ଏମ୍ଏସ୍ଏମ୍ଇ ବିକାଶ ନୀତି ଓ ଓଡ଼ିଶା ଆମଦାନୀ ତଥା ସଂଗ୍ରହଣ ପ୍ରିଫରେନ୍ସ ପଦ୍ଧତି ବିଷୟରେ ସରକାରୀ ଅଧିକାରୀ ଓ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଏବଂ କାର୍ଯ୍ୟକାରୀ ଭାବେ ପ୍ରୟୋଗ ନିଶ୍ଚିତ କରିବା। ବିଭିନ୍ନ ବିଭାଗର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ରାଧାପାଦ ଦର୍ଶନକଲେ ଶ୍ରଦ୍ଧାଳୁ

## ଓଡ଼ିଆଣୀ ବେଶରେ ଦର୍ଶନଦେଲେ ଶ୍ରୀରାଧା

**ଜଟଣୀ,୩୧।୧୦(ରବୀନ୍ଦ୍ରନାଥ ମହାକୁଡ଼)**




ଗଡ଼ରଥିପୁର ଗ୍ରାମସ୍ଥିତ ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିରରେ ରାଧାପାଦ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

ଅଁଳାନବମୀ ଅବସରରେ ଶୁକ୍ରବାର ଜଟଣୀ ବ୍ଲକ ଅଧୀନ ଗଡ଼ରଥିପୁର ଗ୍ରାମସ୍ଥିତ ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ଦେଖିବା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ରାଧାପାଦ ଦର୍ଶନ କରି ଶ୍ରଦ୍ଧାଳୁ ନିଜକୁ ଧନ୍ୟ ମନେକରିଥିଲେ। ହରିବୋଲ, ହୁଳହୁଳି, ଭଜନ କୀର୍ତ୍ତନରେ ପ୍ରକମ୍ପିତ ହୋଇଉଠିଥିଲା ମନ୍ଦିର ପରିବେଶ। ଅଁଳାନବମୀରେ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶରେ ପାଦ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି।

ଶୁକ୍ରବାର ପ୍ରତ୍ୟୁଷରୁ ପ୍ରଥମେ ଦ୍ୱାରାଫିଟା ନୀତି, ମଙ୍ଗଳ ଆଳତି, ଅବକାଶ ନୀତି, ଭୋଗ ଆଳତି ସହିତ ସମସ୍ତ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯିବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ବଲ୍ଲଭ ଭୋଗ, ଶଙ୍ଖୁଡି ଭୋଗ ଲାଗି କରାଯାଇଥିଲା। ସେହିପରି ସନ୍ଧ୍ୟାରେ ସନ୍ଧ୍ୟା ଆଳତି, ବାଳଭୋଗ ଲାଗି ହେବା ପରେ ରାତିରେ ପହଡ଼ ପଡିଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି, ଜଟଣୀ ପୋଲିସ ଏବଂ ଗ୍ରାମ୍ୟ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ଭଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ କଳାକାରମାନେ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଏହିକାର୍ଯ୍ୟକ୍ରମରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅଁଳାନବମୀ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ଏବଂ ଆଧ୍ୟାତ୍ମିକ ପରିବେଶରେ ପାଳନ କରିବା ପାଇଁ ଗ୍ରାମ୍ୟ କମିଟି, ମନ୍ଦିର ପରିଚାଳନା କମିଟି, ପୋଲିସ ସହିତ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

# ବଦଳିଲେ ୨୬ ଏସ୍‌ଆଇ, ଏଏସ୍‌ଆଇ

**ଖୋର୍ଦ୍ଧା,୩୧।୧୦(ପ୍ରଭାତପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଏସ୍‌ଆଇ ଏବଂ ଏଏସ୍‌ଆଇ ସ୍ତରରେ ବଡ଼ଧରଣର ବଦଳି କରାଯାଇଛି। ଏନେଇ ଜିଲା ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ବିଭିନ୍ନ ଥାନାରେ କାର୍ଯ୍ୟରତ ୨୬ଜଣ ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କ ବଦଳି କରିଛନ୍ତି ଏସ୍‌ପି ବିବେକାନନ୍ଦ ଶର୍ମା। ନାଚୁଣୀ ଥାନାର ଏସ୍‌ଆଇ ଉଷାରାଣୀ ଦାସଙ୍କୁ ବେଗୁନିଆ ଥାନା, ବେଗୁନିଆ ଥାନା ଉମାକାନ୍ତ ବେହେରାଙ୍କୁ ଟାଙ୍ଗୀ ଥାନା, ଆଦର୍ଶ ଥାନାର ସ୍ୱାଗତିକା ଦାସଙ୍କୁ ଶିଳ୍ପାଞ୍ଚଳ ଥାନା, ଟାଙ୍ଗୀ ଥାନା ଏସ୍‌ଆଇ ସୁଜାତା ପଲେଇଙ୍କୁ ସଦର ଥାନା, ଟାଙ୍ଗୀ ଥାନା ଏସ୍‌ଆଇ ପ୍ରଫୁଲ୍ଲ କୁମାର ସାହୁଙ୍କୁ ବାଙ୍କୋଇ ଫାଣ୍ଡି, ବେଗୁନିଆ ଥାନା ଏସ୍‌ଆଇ ପ୍ରଦୀପ୍ତ ରାଉତରାୟଙ୍କୁ ଟାଙ୍ଗୀ ଥାନା, ଟାଙ୍ଗୀ ଥାନା ଏସ୍‌ଆଇ ଲିଙ୍ଗରାଜ ସେଠଙ୍କୁ ବାଘମାରୀ ଥାନା, ସଦରଥାନା ଏସ୍‌ଆଇ ଜୟନ୍ତ କୁମାର ଭଞ୍ଜଙ୍କୁ ଆଦର୍ଶ ଥାନା, ବାଙ୍କୋଇ ଫାଣ୍ଡି ଏସ୍‌ଆଇ ଗୌତମ ବେହେରାଙ୍କୁ ନାଚୁଣୀ ଥାନା, ସଦର ଥାନା ଏସ୍‌ଆଇ ଦେବସ୍ମିତା ବେହେରାଙ୍କୁ ଟାଙ୍ଗୀ ଥାନା, ବାଘମାରୀ ଥାନା ଏସ୍‌ଆଇ ଚନ୍ଦନ କୁମାର ଦାସଙ୍କୁ ସଦର ଥାନାକୁ ବଦଳି କରାଯାଇଛି। ସେହିପରି ଏଏସ୍‌ଆଇଙ୍କ ମଧ୍ୟରେ ଧଳାପଥର ଫାଣ୍ଡିରେ କାର୍ଯ୍ୟରତ ଥିବା ଏଏସ୍‌ଆଇ ସୁଶାନ୍ତ କୁମାର ମଲ୍ଲିକଙ୍କୁ ଆଦର୍ଶ ଥାନା, ଗଡମାଣତ୍ରି ବିଟ୍ ହାଉସରେ ଥିବା ସରୋଜ କୁମାର ସେନାପତିଙ୍କୁ ବାଲୁଗାଁ ଥାନା, ବାଣପୁର ଥାନାର ସଞ୍ଜୟ କୁମାର ପାତ୍ରଙ୍କୁ ବେଗୁନିଆ ଥାନା, ବୋଲଗଡ଼ର ପ୍ରସନ୍ନ କୁମାର ଦଳେଇ ଓ ଜଙ୍କିଆର ପ୍ରମୋଦ କୁମାର ଦଳେଇ ଏବଂ ବିଦ୍ୟାଧର ମଲ୍ଲିକଙ୍କୁ ବାଣପୁର ଥାନା, ନାଚୁଣୀ ଥାନାର ପ୍ରଦୀପ କୁମାର ପ୍ରଧାନଙ୍କୁ ସଦର ଥାନା, ଆଦର୍ଶ ଥାନାର ଫୁଲମତି ହେମ୍ବ୍ରମଙ୍କୁ ଜଙ୍କିଆ ଥାନା, ସଦର ଥାନାର ମନୋଜ ବେହେରା ଏବଂ ବେଗୁନିଆ ଥାନାର ଜଗନ୍ନାଥ ପୁଜାରୀଙ୍କୁ ଟାଙ୍ଗୀ ଥାନା, ଆଦର୍ଶ ଥାନାର ଗଙ୍ଗାଧର ହେମ୍ବ୍ରମଙ୍କୁ ନାଚୁଣୀ ଥାନା, ବାଣପୁରର ବସୁମତୀ ସାହୁଙ୍କୁ ଆଦର୍ଶ ଥାନା, ବାଲୁଗାଁ ଥାନା ବାବୁଲା ମଲ୍ଲିକଙ୍କୁ ବୋଲଗଡ଼ ଥାନା, ନାଚୁଣୀ ଥାନା ଆରାଧ ପ୍ରସାଦ ନାୟକଙ୍କୁ ଗଡମାଣତ୍ରି ବିଟ୍ ହାଉସ ଏବଂ ବାଣପୁର ଥାନାରେ କାର୍ଯ୍ୟରତ ଅନୀଲ କୁମାର ନାୟକଙ୍କୁ ଧଳାପଥର ଫାଣ୍ଡିକୁ ବଦଳି କରାଯାଇଛି। ତୁରନ୍ତ ନୂତନ ସ୍ଥାନରେ ଯୋଗଦେବା ଲାଗି ନିର୍ଦ୍ଦେଶ ରହିଛି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣା



ବାଘମାରୀ ବିଦ୍ୟୁତ୍ ଶାଖା କର୍ମଚାରୀମାନେ ଥାନା ଆଗରେ ଧାରଣାରେ ବସିଛନ୍ତି।

**ବାଘମାରୀ,୩୧।୧୦(ମିହିର ରଞ୍ଜନ ମହାପାତ୍ର)**

## କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣା

ବାଘମାରୀ ବିଦ୍ୟୁତ୍ ଶାଖାର କନିଷ୍ଠ ଯନ୍ତ୍ରୀ ମୋହନ ସୁନ୍ଦର ସିଂଙ୍କୁ ଗତ ୨୯ତାରିଖରେ ପୋଡ଼ାଡିହ ବାଜରଠାରେ ୪ଜଣ ଯୁବକ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ବାଘମାରୀ ଥାନାରେ ଏକ ମାମଲା(ନଂ.୨୨୫/୨୫) ରୁଜୁହୋଇଛି। ତେବେ ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ଶୁକ୍ରବାର ବାଘମାରୀ ବିଦ୍ୟୁତ୍ ଶାଖାର ସମସ୍ତ କର୍ମଚାରୀ ଥାନା ଆଗରେ ଧାରଣା ଦେଇଥିଲେ। ଅଭିଯୋଗ ମୁତାବକ, ବାଘମାରୀ ବିଦ୍ୟୁତ୍ ଶାଖାର କନିଷ୍ଠ ଯନ୍ତ୍ରୀ ସିଂ ଗତ ୨୯ତାରିଖରେ ସରକାରୀ କାମରେ ଯାଉଥିଲେ। ପୋଡ଼ାଡିହ ବାଜରଠାରେ ପ୍ରତାପ ଦାସ, ପପି ଦାସ, ଅଜୟ ଦାସ ଏବଂ ହାପି ଦାସ କନିଷ୍ଠ ଯନ୍ତ୍ରୀ ସିଂଙ୍କ ଗାଡ଼ିକୁ ଅଟକାଇଥିଲେ। ଏହା ପରେ କୌଣସି କାରଣକୁ ନେଇ ଉପରୋକ୍ତ ୪ଯୁବକ କନିଷ୍ଠ ଯନ୍ତ୍ରୀ ସିଂ ଏବଂ ତାଙ୍କର ସହଯୋଗୀ ଅଶୋକ ପ୍ରଧାନଙ୍କୁ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ କନିଷ୍ଠ ଯନ୍ତ୍ରୀ ସିଂ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ବାଘମାରୀ ବିଦ୍ୟୁତ୍ ଶାଖାର ସମସ୍ତ କର୍ମଚାରୀ ଥାନା ଆଗରେ ଧାରଣା ଦେଇଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ ସତରଞ୍ଜ ପ୍ରତିଯୋଗିତା

**ଖୋର୍ଦ୍ଧା,୩୧।୧୦(ପ୍ରଭାତ ପାଣିଗ୍ରାହୀ)**

୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ ସତରଞ୍ଜ ପ୍ରତିଯୋଗିତା ୨୦୨୫-୨୬ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମାଧ୍ୟମିକ ଶିକ୍ଷା ଓଡ଼ିଶାର ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଏହାକୁ ଉଦ୍‌ଘାଟନ କରି କହିଥିଲେ ଯେ, ଏହି ପ୍ରତିଯୋଗିତାରେ ୨୫୩ ଜଣ କ୍ରୀଡ଼ାବିତ୍ ଯୋଗଦେଇଛନ୍ତି। ଏଥିସହିତ ପ୍ରତି ଜିଲାରୁ ମ୍ୟାନେଜର ଓ କୋଚ୍, ରାଜ୍ୟ ଅଫିସିଆଲ ଏବଂ ଖୋର୍ଦ୍ଧା ଜିଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ଯୋଗ୍ୟ ବିବେଚିତ ୫ଜଣ ଲେଖାଏ ବାଳକ ଓ ବାଳିକା ତ୍ରିପୁରା, ଅଗରତାଲାଠାରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜିଲା ଶିକ୍ଷା ଅଧିକାରୀ ତଥା ସଭାପତି ସୋନାମିକା ରାୟ ପିଲାଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପାଠପଢ଼ା ସହ ସୃଜନଶୀଳତା ଜରୁରୀ ବୋଲି କହିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଜ୍ଞାପାରମିତା ଜେନା କହିଥିଲେ ଯେ, ଏନ୍‌ଇପି-୨୦୨୦ରେ କ୍ରୀଡ଼ାକୁ ପ୍ରାଧାନ୍ୟ ଦିଆଯାଉଛି। ପିଲାମାନଙ୍କ ଉନ୍ନତ ଜୀବନଶୈଳୀ, କ୍ରୀଡ଼ାର ବିକାଶ, ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ବିଶେଷ ଗୁରୁତ୍ୱ ରହିଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା ଓ ବିଜୟ ବେହେରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଦିଲୀପ କୁମାର ମୁଦି, ନୟାଗଡ଼ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅନିଲ ଦାସ, ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ, ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ରଥ, ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ପ୍ରମୁଖ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଖୋର୍ଦ୍ଧାର ସାମରିକକଳା ପାଇକ ନୃତ୍ୟ ଆକର୍ଷଣୀୟ ଥିଲା। ଶେଷରେ ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରେବତୀ ପଣ୍ଡା ଏବଂ ନିରଞ୍ଜନ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସହଯୋଗ କରିଥିଲେ।

# ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୩୧।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗିଆପଡ଼ା ସ୍ଥିତ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ପରିସରରେ ଜୟୀ ରାଜଗୁରୁ ସ୍ମୃତି ସଂସଦ ଆନୁକୂଲ୍ୟରେ ଶୁକ୍ରବାର ଶହୀଦ ଜୟୀ ରାଜଗୁରୁଙ୍କ ୨୮୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ରାଜ୍ୟ ସଭାପତି ଶିକ୍ଷାବିତ୍ ଡ.ଧୀରେନ୍ଦ୍ର ନନ୍ଦ ସଭାପତିତ୍ୱ ଭାଷଣରେ ଜୟୀ ରାଜଗୁରୁଙ୍କ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି, ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ଓଡ଼ିଆ ଜାତିର ଅସ୍ମିତା, ଗର୍ବ ଓ ଗୌରବ, ସ୍ୱାଭିମାନର ପ୍ରତୀକ ହେଉଛି ପାଇକ ବିଦ୍ରୋହ। ୧୮୦୪ରେ ଜୟୀ ରାଜଗୁରୁ ବ୍ରିଟିଶ ସରକାର ବିରୋଧରେ ଦେଇଥିବା ସଶସ୍ତ୍ର ସଂଗ୍ରାମ ୧୮୧୭ ମହାନ ପାଇକ ବିପ୍ଳବକୁ ଉଜ୍ଜୀବିତ କରିଥିଲା। ଭାରତୀୟ ମୁକ୍ତି ସଂଗ୍ରାମରେ ପାଇକବୀରଙ୍କ ବୀରତ୍ୱର ଗାଥାକୁ ସମସ୍ତ ଓଡ଼ିଆ ମନେପକାଇବା ଉଚିତ୍ ବୋଲି କହିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ୍ ଡ. ବୃନ୍ଦାବନ ପଣ୍ଡା କହିଥିଲେ ଯେ, ବ୍ରିଟିଶ ହାତରୁ ଖୋର୍ଦ୍ଧା ମାଟି ମାଆ ତଥା ରାଜାଙ୍କୁ ରକ୍ଷା କରିବାକୁ ଯାଇ ଯେଉଁ ସଂଗ୍ରାମର ବହ୍ନି ପ୍ରଜ୍ୱଳିତ କରିଥିଲେ, ଓଡ଼ିଶା ଇତିହାସରେ ଲିପିବଦ୍ଧ ହୋଇ ରହିଛି। ଆଜିର ଯୁବପିଢ଼ି ସେହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଇତିହାସକୁ ଜାଣିବା ଆବଶ୍ୟକ। ମୁଖ୍ୟ ବକ୍ତା ସାମାଜିକ କର୍ମୀ ପ୍ରଭାତ କୁମାର ପାଣିଗ୍ରାହୀ କହିଥିଲେ, ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଇତିହାସରେ ତାଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ତାଙ୍କ ମୃତ୍ୟୁକୁ ନେଇ ଆଜି ମଧ୍ୟ ଗବେଷକଙ୍କ ଅଲଗା ମତ ରହିଛି। ତାଙ୍କ ମୃତ୍ୟୁସ୍ଥଳ ବାଲେଶ୍ୱର ବାଘୀତୋଟା ନା ମେଦିନାପୁର ତାହାକୁ ନେଇ ଏଯାବତ୍ ରହସ୍ୟ ଉନ୍ମୋଚନ ହୋଇପାରିନାହିଁ। ଜୟୀଙ୍କ ସମ୍ପର୍କିତ ବହୁ ଅନାଲୋଚିତ ପ୍ରସଙ୍ଗ ଆଜି ମଧ୍ୟ ଦୃଷ୍ଟି ଆଢୁଆଳରେ ରହିଯାଇଛି। ବରିଷ୍ଠ ଆଇନଜୀବୀ ତଥା କବି ବିକ୍ରମ ଚମ୍ପତି କବିତା ମାଧ୍ୟମରେ ଜୟୀ ରାଜଗୁରୁଙ୍କ ଦେଶପ୍ରୀତି, ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ କହିଥିଲେ। ଶେଷରେ ଅନୁଷ୍ଠାନର ଉପାଧ୍ୟକ୍ଷା ପ୍ରାଧ୍ୟାପିକା ବାସନ୍ତୀ ଦାଶ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟ ସୁନ୍ଦର ରଣା, ଡି.ନାଗେଶ୍ୱର ପାତ୍ର, ଲକ୍ଷ୍ମୀଧର ସେନାପତି, ଲକ୍ଷ୍ମୀପ୍ରିୟା ପ୍ରତିହାରୀ, ସୁସ୍ମିତା ଛାଟୋଇ, ମୋହିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବାଳିକା ଉଚ୍ଚବିଦ୍ୟାଳୟରେ ଜିଲାସ୍ତରୀୟ ରୋଲ୍-ପ୍ଲେ ପ୍ରତିଯୋଗିତା

**ଖୋର୍ଦ୍ଧା,୩୧।୧୦(ପ୍ରଭାତ ପାଣିଗ୍ରାହୀ)**



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀ।

ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଜିଲାସ୍ତରୀୟ ରୋଲ୍-ପ୍ଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ସରୋଜ କୁମାର ସିଂ ଉଦ୍‌ଘାଟନ କରି ଉତ୍ତମ ଜୀବନ ଶୈଳୀ ପାଇଁ କ'ଣ ସବୁ ଆବଶ୍ୟକ ସେ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ(ଏଡିଇଓ) ଡ. ପ୍ରଜ୍ଞା ପାରମିତା ଜେନା ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜ ଭିତରେ ସୁସମ୍ପର୍କ ବଜାୟ ରଖିବା ସହିତ ଉତ୍ତମ ଜୀବନଶୈଳୀ ପାଇଁ ୧୦ଟି ଦିଗ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲ ବାଣପୁରକୁ ପ୍ରଥମ ସ୍ଥାନ, ବିଜେବି ହାଇସ୍କୁଲ- ଖୋର୍ଦ୍ଧାକୁ ଦ୍ୱିତୀୟ ଏବଂ ଏନ୍‌ଡିଆର୍‌ସି ଜଟଣୀକୁ ତୃତୀୟ ସ୍ଥାନ ଭାବେ ବିବେଚନା କରାଯାଇ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଭୂତି ଭୂଷଣ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ଭାବେ ଜେଏନ୍‌ଭି ଖୋର୍ଦ୍ଧାର ପିଜିଟି ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଭୋଳ, ଡିଆଇଇଟି ଖୋର୍ଦ୍ଧାର ଅଧ୍ୟାପିକା ସୌମ୍ୟ ଦାଶ ଓ ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

# ସାଇବର ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

**କୃଷ୍ଣପ୍ରସାଦ,୩୧।୧୦ (କୈଳାସ ଚନ୍ଦ୍ର ପଟ୍ଟନାୟକ)**



କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଏବଂ ଛାତ୍ରୀଛାତ୍ରମାନେ।

କୃଷ୍ଣପ୍ରସାଦ ବ୍ଲକର ନୂଆପଡ଼ାସ୍ଥିତ ରୁକ୍ମଣୀ ଦେବୀ ଚିଲିକା ଉଚ୍ଚ ମାଧ୍ୟମିକ ଏବଂ ରୁକ୍ମଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟରେ ମିଳିତଭାବେ କୃଷ୍ଣପ୍ରସାଦ ପୋଲିସ ପକ୍ଷରୁ 'ସାଇବର ସୁରକ୍ଷା' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଭାବଗ୍ରାହୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ରୁକ୍ମଣୀ ଦେବୀ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅନ୍ତର୍ଯାମୀ ମିଶ୍ର, ଏଏସ୍‌ଆଇ ବ୍ରଜ ମୋହନ ଜେନା, ଡିଗ୍ରୀ କଲେଜ ଅଧ୍ୟକ୍ଷ ଧର୍ମାନନ୍ଦ ପଲାଇ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ବରିଷ୍ଠ ଅଧ୍ୟାପକ ପ୍ରଦୀପ୍ତ କୁମାର ବେହେରା, ଅଧ୍ୟାପିକା ଶକୁନ୍ତଳା ସାହୁ, ଅଧ୍ୟାପିକା ସୁମିତ୍ରା ପ୍ରଧାନ, ଅଧ୍ୟାପିକା ବାସନ୍ତୀ ସେଠୀ ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷିତ ରହିବାର ବିଭିନ୍ନ ଉପାୟ, ସୋସିଆଲ ମିଡିଆ ବ୍ୟବହାରରେ ସତର୍କତା, ଅନଲାଇନ ଶପିଂ, ଅନଲାଇନ ଆର୍ଥିକ କାରବାର, ଅଜ୍ଞାତ ବ୍ୟକ୍ତିଙ୍କ ଦ୍ୱାରା ପ୍ରାପ୍ତ ଲିଙ୍କ୍ ପ୍ରତି ସତର୍କତା, କେୱାଇସି, ପ୍ୟାନ୍, ଆଧାର ଅପଡେଟ୍‌ରେ ଠକେଇ, ଲୋନ୍ ଆପ୍ ଠକେଇ, ଚାକିରି ଠକେଇ ଓ ମାଟ୍ରିମୋନିଆଲ କିମ୍ବା ଉପହାର ଠକେଇ ପ୍ରତି ସମସ୍ତେ ସଚେତନ ହେବା ସହ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାସୁଦେବ ହାଇସ୍କୁଲ, ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ, କମଳେଶ୍ୱର ବିଦ୍ୟାପୀଠ, ନାରାୟଣ ବିଦ୍ୟାପୀଠ, ବ୍ରହ୍ମପୁର ହାଇସ୍କୁଲ ସମେତ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ଭଲ ପାଠପଢ଼ି ଭବିଷ୍ୟତ ଗଢ଼: ପୃଥ୍ୱୀରାଜ

## ବାଲୁଗାଁ ଉଚ୍ଚ ବିଦ୍ୟାଳୟର ୭୭ତମ ପ୍ରତିଷ୍ଠା ଦିବସ

**ବାଲୁଗାଁ,୩୧।୧୦(ସଂଗ୍ରାମ ପାଇକରାୟ)**



ବାଲୁଗାଁ ଉଚ୍ଚ ବିଦ୍ୟାଳୟର ୭୭ତମ ପ୍ରତିଷ୍ଠା ଦିବସ ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ୭୭ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥିଭାବେ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ୱାରିକାନାଥ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଘ୍ନେଶ୍ୱର ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ମୁରଲୀଧର ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ପ୍ରଥମେ ଜାତିର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ ଉଦ୍‌ବୋଧନ ଦେଇ କହିଥିଲେ, ଦୀର୍ଘ ବର୍ଷଧରି ଏହି ବିଦ୍ୟାଳୟ ଅନେକ ଛାତ୍ରୀଛାତ୍ରଙ୍କୁ ଜ୍ଞାନ ଓ ସଂସ୍କାର ପ୍ରଦାନ କରି ସେମାନଙ୍କ ଜୀବନକୁ ଆଲୋକିତ କରିଛି। ଏଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସାଧୁବାଦ ଜଣାଇବା ସହ ଶୃଙ୍ଖଳିତ ଭାବେ ଭଲ ପାଠ ପଢ଼ି ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ବିଦ୍ୟାଳୟ ଆହୁରି ସୁନାମ ଅର୍ଜନ କରିବା ସହ ଛାତ୍ରୀଛାତ୍ରମାନେ ଅଞ୍ଚଳ ପାଇଁ ଗୌରବ ଆଣିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସୌଦାମିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଣାକାରଙ୍କ ଆର୍ଥିକ ସମୃଦ୍ଧି ପାଇଁ ବଜାର ସଂଯୋଗ, ସହଯୋଗ ଆବଶ୍ୟକ

## ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୩୧।୧୦(ସୁଚିସ୍ମିତା ସାହୁ)

ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ପକ୍ଷରୁ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ। ଏହାର ସଂରକ୍ଷଣ ସହ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ପାଇଁ ବଜାର ସଂଯୋଗ ଓ ସହଯୋଗର ଆବଶ୍ୟକତା ରହିଛି। ଏହି ଅବସରରେ ସେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଉପସ୍ଥିତ ଅଧିକାରୀଗଣଙ୍କୁ ଶପଥ ପାଠ କରାଇଥିଲେ। ବୟନ ମନ୍ତ୍ରଣାଳୟର ଉନ୍ନୟନ ଆୟୁକ୍ତ (ହସ୍ତତନ୍ତ) ବୀଣା କୁମାରୀ ମୀନା ଏବଂ ଉନ୍ନୟନ ଆୟୁକ୍ତ (ହସ୍ତଶିଳ୍ପ) ଅମୃତା ରାଜ ଯୋଗଦେଇ ଶିଳ୍ପୀମାନଙ୍କ ଜୀବନ-ଜୀବିକାକୁ ଅଧିକ ସମୃଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ କହିଥିଲେ। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ପରମ୍ପରା ଓ ନବସୃଜନର ମିଶ୍ରଣ ସହ ବଜାର ଚାହିଦା ବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସମଗ୍ର ଦେଶ ପାଇଁ ଉଦାହରଣ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ବୁଣାକାର ଓ କାରିଗରଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ବିଚାର ବିମର୍ଶ ହେବା ସହ ନୂତନ ଯୋଜନା ପ୍ରଣୟନ ସହିତ ନୀତି ନିର୍ଦ୍ଧାରକ, ବୁଣାକାର, କାରିଗର, ବୁଦ୍ଧିଜୀବୀମାନେ ଭାରତର ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ପ୍ରସ୍ତୁତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।



ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀର ଉଦ୍‌ଘାଟନ ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଅନ୍ୟ ଅଧିକାରୀମାନେ।

# ରାଷ୍ଟ୍ରୀୟ ଏକତା ଦିବସ

ବାଲିପାଟଣା,୩୧।୧୦(ଅଭିମନ୍ୟୁ ନାୟକ)

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶୁକ୍ରବାର ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀଙ୍କ ନେତୃତ୍ୱରେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଥାନା କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ବାଲିପାଟଣା ଛକସ୍ଥିତ ଗୋପବନ୍ଧୁ ପୀଠରୁ ବାହାରି ଅଠାନ୍ତର ଛକ ପର୍ଯ୍ୟନ୍ତ ଯାଇ ପୋଲିସ ଓ ଦେଶର ଏକତା ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ବାଗଲପୁରସ୍ଥିତ ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଡ.ପ୍ରଭାତ କୁମାର ରଥ ଦେଶର ଏକତା ଓ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସାଇବର ସଚେତନତା ପାଇଁ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ସାଇ ପ୍ରସାଦ ମହାନ୍ତି ପ୍ରଥମ, ଶ୍ରୀବୁଦ୍ଧନାଥ ବିଦ୍ୟାଳୟର ଛାତ୍ରୀ ଅନିମା ପ୍ରତିହାରୀ ଦ୍ୱିତୀୟ ଓ ଜନ ବିଦ୍ୟାମନ୍ଦିର ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାରଣା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଓଡ଼ିଆ ବକ୍ତୃତାରେ ବୁଦ୍ଧନାଥ ହାଇସ୍କୁଲର ମୃତ୍ୟୁଞ୍ଜୟ ଭୋଳ ପ୍ରଥମ, କୁଶଭଦ୍ରା ହାଇସ୍କୁଲର ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ପ୍ରାଚୀ ହାଇସ୍କୁଲର ସୌଭାଗ୍ୟ ମିଶ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରଧାନ ଶିକ୍ଷକ ତପନ କୁମାର ରାଉତ, ଏବିଇଓ ବିଜୟ କୁମାର ବେହେରା, ଯଶୋଦା ସାହୁ, ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସାମ୍ବାଦିକ ଅରୁଣ କୁମାର ଶତପଥୀ, ପୋଲିସ ଅଧିକାରୀ ଦିନେଶ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ମହାନ୍ତି, ମମିତା ଦଳାଇ ଏବଂ ଝୁନି ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସପ୍ତମ ଓଏସ୍‌ଏପି ବାଟାଲିୟନରେ ଶୁକ୍ରବାର ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଶପଥପାଠ କରାଉଛନ୍ତି।

# ରାଷ୍ଟ୍ରୀୟ ଏକତା ଦିବସରେ ପୋଲିସର ଗଣଦୌଡ଼




ବାରଙ୍ଗ/ତ୍ରିଶୁଳିଆ,୩୧।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ବାରଙ୍ଗ ଥାନା ପକ୍ଷରୁ ଏକ ଗଣଦୌଡ଼ ଆୟୋଜିତ ହୋଇଯାଇଛି। ଶୁକ୍ରବାର ସକାଳୁ ତ୍ରିଶୁଳିଆ ଟ୍ରାଫିକ ଛକରୁ ଏକ ଗଣଦୌଡ଼ ଆରମ୍ଭ ହୋଇ ବାରଙ୍ଗ ଥାନା ପର୍ଯ୍ୟନ୍ତ ଯାଇଥିଲା। ପୋଲିସ କର୍ମଚାରୀ ଓ ସ୍ଥାନୀୟ ଯୁବବର୍ଗଙ୍କୁ ନେଇ ଏହି ଗଣଦୌଡ଼ ଆୟୋଜନ ହୋଇଥିଲା। ଏସିପି ଅମିତାଭ ମହାପାତ୍ର ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶାଳଙ୍କ ସମେତ ଥାନାର ସମସ୍ତ ଅଧିକାରୀ ସହଯୋଗ କରିଥିଲେ। ଏହି ଗଣଦୌଡ଼ରେ ବିଜେତା ହୋଇଥିବା ପ୍ରତିଯୋଗୀଙ୍କୁ ପୋଲିସ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶ ପାଇଁ ଉତ୍ସର୍ଗୀକୃତ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସେହିଭଳି ଭାବେ ନନ୍ଦନକାନନ ଆଦର୍ଶ ଥାନା ପକ୍ଷରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଦୟାନିଧି ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗଣଦୌଡ଼ରେ ଥାନା ଅଧିକାରୀ ସୁଚିତ୍ର ବେହେରା, ପ୍ରତାପ ଚନ୍ଦ୍ର ସାହୁ, ମମତା ବସ୍ତିଆଙ୍କ ସମେତ ସ୍ଥାନୀୟ ଯୁବକ ଓ ମହିଳାମାନେ ସାମିଲ ହୋଇଥିଲେ।

# ଭିତ୍ତିଭୂମି ଇକୋସିଷ୍ଟମରେ କମ୍ କାର୍ବନ ସାମଗ୍ରୀ ବ୍ୟବହାରକୁ ଗୁରୁତ୍ୱ

## ଆଇଆଇଟି ଭୁବନେଶ୍ୱର ପକ୍ଷରୁ କର୍ମଶାଳା

ଭୁବନେଶ୍ୱର, ୩୧।୧୦ (ବନ୍ଦନା ସେଠୀ)

ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ଏବଂ ବିକାଶ ବିକଳ୍ପ ପକ୍ଷରୁ 'ଓଡ଼ିଶାର ପରିବେଶକୁ ପରିବର୍ତ୍ତନ କରିବା ପାଇଁ କମ୍ କାର୍ବନ ସୃଷ୍ଟିକାରୀ ନିର୍ମାଣ ସାମଗ୍ରୀକୁ ମୁଖ୍ୟଧାରାରେ ପରିଣତ କରିବା' ଶୀର୍ଷକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସବୁଜ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ହାସଲ କରିବା ପାଇଁ ସାମୂହିକ ଦୃଢ଼ ବିଶ୍ୱାସ ଓ ସଚେତନ ଯୋଜନା ଆବଶ୍ୟକ। ନିୟାମକ ସଂସ୍କାର, କ୍ଷମତା ନିର୍ମାଣ ଏବଂ ଉଦ୍ୟୋଗୀ ପ୍ରୋତ୍ସାହନ ମାଧ୍ୟମରେ ନିରନ୍ତର ସହରାଞ୍ଚଳକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଦୃଢ଼ ପ୍ରତିବଦ୍ଧ। ନିର୍ମାଣ ଓ ଭଙ୍ଗା (ସି ଆଣ୍ଡ୍ ଡି) ବର୍ଜ୍ୟବସ୍ତୁ ଏବଂ ଚୂନା ପଥର କାଲସାଇଣ୍ଡ୍ କ୍ଲେ ସିମେଣ୍ଟ (ଏଲ୍‌ସିଥ୍ରି) ଭଳି ଅଭିନବ ସାମଗ୍ରୀକୁ ପ୍ରୋତ୍ସାହିତ କରିବା ଓଡ଼ିଶାର ନିର୍ମାଣ କ୍ଷେତ୍ର ପାଇଁ ପରିବର୍ତ୍ତନକାରୀ ହୋଇପାରେ ବୋଲି ସେ କହିଥିଲେ। ଏହି କର୍ମଶାଳା ରାଜ୍ୟର ଭିତ୍ତିଭୂମି ଇକୋସିଷ୍ଟମରେ କମ୍ କାର୍ବନ ସାମଗ୍ରୀକୁ ମୁଖ୍ୟଧାରାରେ ସାମିଲକରିବା ପାଇଁ ରଣନୀତି ଉପରେ ବିଚାରବିମର୍ଶ କରିବା ପାଇଁ ଶିଳ୍ପ, ଶିକ୍ଷାବିତ୍ ଏବଂ ସରକାରୀ ଅଂଶୀଦାରଙ୍କ ଏକ ବିବିଧ ଗୋଷ୍ଠୀକୁ ଏକତ୍ରିତ କରିଥିଲା। ସମ୍ମାନିତ ଅତିଥି ଭାବେ ଆଇଆଇଟି ମାଡ୍ରାସର ପ୍ରଫେସର ମନୁ ସନ୍ଥାନମ ଯୋଗଦେଇ ନିର୍ମାଣ ଶିଳ୍ପ ପାଇଁ କମ୍ କାର୍ବନ ସୃଷ୍ଟିକାରୀ ସାମଗ୍ରୀକୁ ମୁଖ୍ୟଧାରାର ସମାଧାନ ଭାବରେ ଗ୍ରହଣ କରିବା ଏବଂ ଢାଞ୍ଚାଗତ ଓ ଅଣ-ଢାଞ୍ଚାଗତ ପ୍ରୟୋଗ ପାଇଁ କଞ୍ଚାମାଲ ବ୍ୟବହାରକୁ ଉନ୍ନତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ଭାରତର ନେଟ୍-ଶୂନ୍ୟ ଲକ୍ଷ୍ୟ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ଜାତୀୟ ଆକାଂକ୍ଷା ସହିତ ସହରାଞ୍ଚଳ ବିକାଶକୁ ସମନ୍ୱିତ କରିବା ପାଇଁ ଓଡ଼ିଶାର ଦୃଷ୍ଟିକୋଣକୁ ପୁନଃ ସ୍ଥାପିତ କରିଥିଲା ବୋଲି ସୂଚନା ଦିଆଯାଇଛି।

# ଗୃହ ନିର୍ମାଣ ପ୍ଲାନ୍ ଅନୁମୋଦନ ସମସ୍ୟାର ସମାଧାନ ପାଇଁ ବିଏମ୍‌ସିର ପଦକ୍ଷେପ

## ପ୍ରତି ମାସ ପ୍ରଥମ ଶନିବାରରେ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୩୧।୧୦ (ବନ୍ଦନା ସେଠୀ)

ଗୃହ ନିର୍ମାଣ, ଲେ-ଆଉଟ୍ ପ୍ଲାନ ଅନୁମୋଦନ ସମ୍ପର୍କିତ ସମସ୍ତ ସମସ୍ୟାର ସମାଧାନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଣିକି ପ୍ରତି ମାସର ପ୍ରଥମ ଶନିବାର ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବ। ପ୍ଲାନିଂ ପାଇଁ ଆବେଦନ କରିଥିବା ବ୍ୟକ୍ତି ବା ଅନୁଷ୍ଠାନର କୌଣସି ସମସ୍ୟା ଥିଲେ କିମ୍ବା କୌଣସି କାରଣରୁ ପ୍ଲାନ ଅନୁମୋଦନ କରାଯାଇ ନ ଥିଲେ ସେମାନେ ବିଏମ୍‌ସି ମୁଖ୍ୟାଳୟ ପ୍ଲାନିଂ ଉପବିଭାଗରେ ଅଭିଯୋଗ କରିପାରିବେ। ପ୍ରତି ମାସର ପ୍ରଥମ ଶନିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିରରେ ଆବଶ୍ୟକ କାଗଜାତ ସହ ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଅବଗତ କରାଇପାରିବେ। ନିୟମାବଳୀକୁ ଆଧାର କରି ମାସିକିଆ ଅଭିଯୋଗ ଶୁଣାଣି ଶିବିରରେ କମିଶନରଙ୍କ ସହ ବିଏମ୍‌ସିର ବରିଷ୍ଠ ଅଧିକାରୀ, ପ୍ଲାନିଂ ଉପବିଭାଗର ଅଧିକାରୀ ଉପସ୍ଥିତ ରହି ସମସ୍ୟାର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବେ। ଗୃହ ନିର୍ମାଣ ପ୍ଲାନିଂ ଅନୁମୋଦନ ନିମନ୍ତେ ଆବେଦନ କରିଥିବା ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଏହାର ସୁବିଧା ନେଇପାରିବେ ବୋଲି ବିଏମସି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ନେଲେ

## ସୂଚନା ଓ ଲୋକସମ୍ପର୍କ ବିଭାଗ


ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।

ଭୁବନେଶ୍ୱର, ୩୧।୧୦(ସୁଚିସ୍ମିତା ସାହୁ)

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶୁକ୍ରବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟ ଦେଶର ଏକତା ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହୋଇଥିଲା। ତାଙ୍କ ସମର୍ପିତ ଜୀବନ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ନାଗରିକ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜ କ୍ଷେତ୍ରରେ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଶପଥ ପାଠ ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ ସେକ କଲାମ ଉଦ୍ଦିନ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ, ଅଶ୍ୱିନୀ କୁମାର ଭୋଇଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଶପଥ ପାଠରେ ଅଂଶଗ୍ରହଣ କରିଥିଲେ।

## ସମବାୟ ବିଭାଗ

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶୁକ୍ରବାର ସମବାୟ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଯୋଗଦେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରୀୟ ଏକତାକୁ ଅକ୍ଷୁର୍ନ ରଖିବାକୁ ବିଭାଗୀୟ ସଚିବ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଶୁକ୍ରବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ନିର୍ଦ୍ଦେଶିକା ପାରୁଲ ପଟାୱରି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ସେ କହିଲେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟ ଦେଶର ଏକତା ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହୋଇଥିଲା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ନାଗରିକ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜ ନିଜ କ୍ଷେତ୍ରରେ ଉଦ୍ୟମ ଜାରି ରଖିବାର ଆବଶ୍ୟକତା ରହିଛି। ସେହିପରି ପ୍ରତ୍ୟେକ ନାଗରିକ ଜୀବନର ସମସ୍ତ କ୍ଷେତ୍ରରେ ସର୍ବଦା ସାଧୁତା ଓ ସଚ୍ଚୋଟତାର ସର୍ବୋଚ୍ଚ ମାନକକୁ ଅନୁସରଣ କରିବା ସହିତ ଦୁର୍ନୀତି ବିରୋଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ ବୋଲି ସେ କହିଛନ୍ତି। ଶପଥ ପାଠ ଉତ୍ସବରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ, ଅର୍ଥ ପରାମର୍ଶଦାତା ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଭାସ୍କର ରଇତୋ, ଦୀପକ ରାଉତରାୟ, ସୋନିଆ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ



ଲୋକସେବା ଭବନରେ ଶୁକ୍ରବାର ରାଷ୍ଟ୍ରୀୟ ଏକତା ଦିବସ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସମେତ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ରାଷ୍ଟ୍ରୀୟ ଏକତାର ଶପଥ ଗ୍ରହଣ କରିଥିଲେ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବା ନିମନ୍ତେ ସମ୍ପୂର୍ଣ୍ଣ ଭାବେ ପ୍ରୟାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଅଧିକାରୀ ଓ କର୍ମଚାରୀମାନେ ସତ୍ୟନିଷ୍ଠ ସଙ୍କଳ୍ପ ନେଇଥିଲେ।

# ଭକ୍ତଙ୍କ ମନରେ ଭକ୍ତିଭାବ ଭରିଦେଲେ ରୁକୁ ସୁନା

## ମା' ଦକ୍ଷିଣକାଳୀ ମହୋତ୍ସବ ଉଦ୍‌ଯାପିତ

### କାର୍ଯ୍ୟରତ ଖବରଦାତା ସମ୍ବର୍ଦ୍ଧିତ

ଭୁବନେଶ୍ୱର,୩୧।୧୦(ସୌମ୍ୟରଞ୍ଜନ ରାଉତ)

ରସୁଲଗଡ଼ ଜିଜିପି କଲୋନୀସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠରେ ୧୦ଦିନ ଧରି ଚାଲିଥିବା ୯ତମ କାଳୀପୂଜା ଶାନ୍ତିଶୃଙ୍ଖଳାର ସହ ଶୁକ୍ରବାର ଶେଷ ହୋଇଛି। ଶେଷ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଆୟୋଜିତ ଷ୍ଟାର୍ ନାଇଟ୍‌ରେ ବହୁ ପ୍ରତିଷ୍ଠିତ ଗାୟକମାନେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନରେ ଭକ୍ତିଭାବ ଭରିଦେଇଥିଲେ। କଣ୍ଠଶିଳ୍ପୀ ରୁକୁ ସୁନା ଓ ତାଙ୍କ ଗ୍ରୁପ୍ ସଙ୍ଗୀତ ପରିବେଷଣ ସହ ନୃତ୍ୟ କରିଥିଲେ। ରୁକୁ ସୁନା ନିଜର ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଦର୍ଶକମାନଙ୍କୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ। ଏହି ଅବସରରେ ଖବରଦାତା ଶିଳା ପଟ୍ଟନାୟକ, ରୋନିତା ମିଶ୍ର, ସ୍ମୃତିରଞ୍ଜନ ଦାସ, ମନୋଜ କୁମାର ଦଳାଇ, ରୁଦ୍ରପ୍ରସାଦ ପଣ୍ଡା, ବିଶ୍ୱଜିତ୍, ସ୍ନିଗ୍ଧାଚରଣ ଓ ଲକ୍ଷ୍ମୀ ନାରାୟଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମା' ଦକ୍ଷିଣକାଳୀ ପୂଜା କମିଟି ସଭାପତି ପ୍ରତାପ ରାଉତରାୟ ଓ ସମ୍ପାଦକ ଅସ୍ମିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପୂଜାରେ ୩ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଖବରଦାତାମାନେ।

# ଲୋକଙ୍କ ପାଖକୁ ଯାଇ ସଚେତନ କଲେ ଏନ୍‌ଡିଆରଏଫ୍ ଯବାନ

ବାରଙ୍ଗ,୩୧।୧୦(ଲିଙ୍ଗରାଜ ରାଉତ)

ଭିଜିଲାନ୍ସ ସଚେତନତା ସପ୍ତାହ ଓ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ମୁଣ୍ଡଳୀସ୍ଥିତ ଏନ୍‌ଡିଆରଏଫ୍ ପରିସରରେ ତୃତୀୟବାହିନୀ ଯବାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଡିଆରଏଫ୍ କ୍ୟାମ୍ପସରେ ସଚ୍ଚୋଟତା ପାଇଁ ଯବାନମାନେ ଶପଥ ନେଇଥିଲେ। ପରେ ନନ୍ଦନକାନନ, ବାରଙ୍ଗ ରେଲ୍‌ୱେଷ୍ଟେଶନ, ପେଟ୍ରୋଲ ପମ୍ପ, ରାମଦାସପୁର ଏସ୍‌ବିଆଇ ଶାଖାକୁ ଯବାନମାନେ ଯାଇ ସଚେତନତା ପୁସ୍ତିକା ବଣ୍ଟନ କରିଥିଲେ। ଯବାନଙ୍କୁ ନେଇ ବିତର୍କ ପ୍ରତିଯୋଗିତା ଓ ଯବାନଙ୍କ ପିଲାଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାପରେ ଆୟୋଜିତ ଗଣଦୌଡ଼ରେ ଯବାନମାନେ ସାମିଲ ହୋଇଥିଲେ। ଏହି ସମସ୍ତ କାର୍ଯ୍ୟ ଏନ୍‌ଡିଆରଏଫ୍ ସିଓ ନଗେନ୍ଦ୍ର ଶର୍ମାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା।

# ଦେଶର ଏକତା, ଅଖଣ୍ଡତା, ସୁରକ୍ଷା ବଜାୟ ରଖିବାକୁ ଶପଥ




ରାଜ୍ୟପାଳ ଡ. ହରିବାବୁ କମ୍ପମପାଟି ରାଜଭବନର ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଉଛନ୍ତି।

## ରାଜଭବନରେ ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର, ୩୧।୧୦(ସୁଚିସ୍ମିତା ସାହୁ)

ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ସହିତ ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦେଶବାସୀଙ୍କ ମଧ୍ୟରେ ଏହି ଭାବନାକୁ ପ୍ରସାରିତ କରିବା ନିମନ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ପମପାଟି ଶୁକ୍ରବାର ରାଜଭବନର ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଛନ୍ତି। ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ଲୌହ ମାନବ ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ ଅବସରରେ ରାଜଭବନର ଅଭିଷେକ ହଲ୍‌ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟପାଳ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ମଧ୍ୟ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୧୦।୨୦୨୫

| | |
|---|---|
| | ୬,୯୭,୫୮୭ ଟଙ୍କା |
| ସୁନା | ୪.୨୦୦ ଗ୍ରାମ୍ |
| ରୁପା | ୨୪.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ଏକତା ଦିବସର ଶପଥ ପାଠ କରାଇଲେ ଜିଲାପାଳ

ପୁରୀ, ୩୧।୧୦(ଅଜିତ୍ କୁମାର ମହାନ୍ତି)

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଶୁକ୍ରବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଯାଇଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଲୌହ ମାନବଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ ସହ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବା ନିମନ୍ତେ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ଅନୁସ୍ରବ ଗନ୍ତାୟତ, ସହଦେବ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା କଂଗ୍ରେସ ପକ୍ଷରୁ ବଳିଦାନ ଦିବସ ପାଳିତ

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)

ଭିଆଇପି ରୋଡ୍‌ସ୍ଥିତ ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ୪୧ତମ ବଳିଦାନ ଦିବସ ପାଳନ କରାଯାଇଛି। ସେହିପରି ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମଦିବସ ପାଳିତ ହୋଇଥିଲା। ସ୍ୱର୍ଗତ ଗାନ୍ଧୀଙ୍କ ଦୃଢ଼ ନେତୃତ୍ୱ ଯୋଗୁ ଭାରତକୁ ସାମରିକ ତଥା ଅର୍ଥନୈତିକ ଏବଂ ସାମାଜିକ ଉତ୍ତରଦାୟିତ୍ୱ ରାଷ୍ଟ୍ର ଭାବେ ମାନ୍ୟତା ମିଳିଥିଲା। ଆମେରିକା ଚାପକୁ ସେ ଭ୍ରୂକ୍ଷେପ ନ କରି ଭାରତରେ ଆଣବିକ ପରୀକ୍ଷଣ କରିଥିଲେ। ସେହିପରି ପାକିସ୍ତାନର ଅତ୍ୟାଚାର ବିରୋଧରେ ସ୍ୱତନ୍ତ୍ର ବାଂଲାଦେଶ ଗଠନକରି ସେଠାକାର ଅଧିବାସୀଙ୍କୁ ନ୍ୟାୟ ଦେଇଥିଲେ। ଦୃଢ଼ ନେତୃତ୍ୱ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାଙ୍କୁ ମା' ଦୁର୍ଗା ରୂପେ ସଂସଦରେ ଅଭିଭାଷଣରେ ଅଭିହିତ କରିଥିଲେ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଉତ୍ତମ ଆଚାର୍ଯ୍ୟ, ବିଶ୍ୱନାଥ ଦାଶ, ସରସ୍ୱତୀ ପାତ୍ର, କାଳୀପ୍ରସାଦ ନାୟକ, ବିଦ୍ୟୁତଲତା ଆଚାର୍ଯ୍ୟ, ବିଭୁଦତ୍ତ ମିଶ୍ର, ସୀତାକାନ୍ତ ମହାନ୍ତି, ରାଜା ମହାନ୍ତି, ଅବିନାଶ ମିଶ୍ର, ଅମରେନ୍ଦ୍ର ପାଇକରାୟ, ରଜତ କୁମାର ସାହୁ, ସ୍ୱାଧୀନ ପଣ୍ଡା, ସୁକାନ୍ତ ପ୍ରଧାନ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୌମ୍ୟକାନ୍ତ ପ୍ରଧାନ, ଉମାକାନ୍ତ ବେହେରା ଏବଂ ଦୁର୍ଗାପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ପୁରୀ/ଅସ୍ତରଙ୍ଗ, ୩୧।୧୦(ଅଜିତ୍ କୁମାର ମହାନ୍ତି/ପ୍ରଦୀପ୍ତ କୁମାର ଦୀକ୍ଷିତ)

### ଆଜିଠୁ ମେ' ୩୧ ଯାଏ ମାଛଧରା କଟକଣା



ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ନଭେମ୍ବର ୧ରୁ ଆସନ୍ତା ମେ' ୩୧ ପର୍ଯ୍ୟନ୍ତ ପୁରୀ ସମୁଦ୍ର ଉପକୂଳରେ ମାଛଧରା କଟକଣା ଲାଗୁହେବ। ନଭେମ୍ବରରୁ ଅଲିଭ ରିଡ୍‌ଲେ ବଙ୍ଗୋପସାଗରକୁ ଆସି ସମାଗମ ହେବା ସହ କୂଳରେ ଅଣ୍ଡା ଦେଇଥାନ୍ତି। ଅନେକ ସମୟରେ ଟ୍ରଲର ଓ ଯନ୍ତ୍ରଚାଳିତ ଡଙ୍ଗା ମାଡ଼ରେ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ଘଟିଥାଏ। ତେଣୁ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସମୟରେ ପୁରୀର ଦେବୀ ଓ କେଳୁଣୀ ନଦୀ ମୁହାଣରୁ ୨୦ କିଲୋମିଟର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏହି ଅଞ୍ଚଳରେ କୌଣସି ଡଙ୍ଗା, ଟ୍ରଲର ଚଳାଚଳକୁ ଅନୁମତି ଦିଆଯିବନାହିଁ।

ଅନେକ ସମୟରେ ଟ୍ରଲର ଚାଳକ ନିୟମ ଉଲ୍ଲଂଘନ କରି ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାରୁ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ଘଟୁଛି। ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ଠିକ୍ ଭାବେ ପାଟ୍ରୋଲିଂ କରୁ ନ ଥିବା ଅଭିଯୋଗ ହୋଇଥାଏ। ଏନେଇ ଜିଲା ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି, ପ୍ରତିବର୍ଷ ଭଳି ଚଳିତ ବର୍ଷ ନଭେମ୍ବର ୧ରୁ ମେ ୩୧ ଯାଏ କଇଁଛଙ୍କ ସୁରକ୍ଷା ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। କେଳୁଣୀ ମୁହାଣରୁ ଦେବୀ ମୁହାଣ ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରାଯାଇଛି। ୨୦ କି.ମି. ପର୍ଯ୍ୟନ୍ତ ମାଛ ମାରିବା ଉପରେ କଟକଣା ଜାରି ହୋଇଛି। ଏନେଇ ବୈଠକ ଆୟୋଜନ ସହ ମତ୍ସ୍ୟଜୀବୀଙ୍କୁ ସଚେତନତା କରାଯାଉଛି। ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ, ମେରାଇନ ପୋଲିସ ଦ୍ୱାରା ମିଳିତ ଭାବେ ପାଟ୍ରୋଲିଂ ହେବ। ଯେଉଁମାନେ ନିୟମ ଉଲ୍ଲଂଘନ କରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ଅଞ୍ଚଳରେ କଟକଣା ରହିଛି, ସେହି ଅଞ୍ଚଳର ପ୍ରଭାବିତ ହେଉଥିବା ମତ୍ସ୍ୟଜୀବୀ ପରିବାରଙ୍କୁ ମତ୍ସ୍ୟ ବିଭାଗ ପକ୍ଷରୁ ୧୫ ହଜାର ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ରାଉଳ କହିଛନ୍ତି। ପରିବେଶବିତ୍ ସରୋଜ କୁମାର ଜେନା କହିଛନ୍ତି, ଆମ ଉପକୂଳକୁ ଅଲିଭ ରିଡ୍‌ଲେ ଆସୁଥିବାରୁ ଏହା ଆମ ପାଇଁ ଗର୍ବର କଥା। କିନ୍ତୁ କଇଁଛଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବିଭାଗ ଅବହେଳା କରୁଛି। ସମ୍ପୃକ୍ତ ଅଞ୍ଚଳ ପ୍ଲାଷ୍ଟିକ୍‌ମୟ ହୋଇପଡିଲାଣି। ନିଷିଦ୍ଧାଞ୍ଚଳରେ ବେଆଇନ ଟ୍ରଲର ପ୍ରବେଶ ଯୋଗୁ ଅନେକ କଇଁଛଙ୍କ ଜୀବନ ଯାଉଛି, ହେଲେ ବେଆଇନ ଟ୍ରଲର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଆଇନ କଡ଼ାକଡ଼ି ଲାଗୁହେବା ଆବଶ୍ୟକ। ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଯାଉନାହାନ୍ତି। ସରକାର ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ। ସେହିପରି ପୁରୀ ଜିଲା ପାରମ୍ପରିକ ମତ୍ସ୍ୟଜୀବୀ ମହାସଂଘ ସଭାପତି ବାବୁଲା ପ୍ରସାଦ କହିଛନ୍ତି, ସରକାରଙ୍କ ନିୟମକୁ ଆମେ ମାନୁଛୁ। କଇଁଛ ସୁରକ୍ଷା ଆଳରେ ମତ୍ସ୍ୟଜୀବୀଙ୍କୁ ଅଣଦେଖା କରାଯାଉଛି। ବର୍ଷକରେ ୯ ମାସ ମାଛଧରା ବନ୍ଦ ରହୁଛି। ତେଣୁ ସରକାର ମତ୍ସ୍ୟଜୀବୀ ପରିବାରଙ୍କୁ ୧୫ ହଜାର ଟଙ୍କା ଦେଉଛନ୍ତି। ଏହା ଯଥେଷ୍ଟ ହେଉନାହିଁ। ତେଣୁ ୩୦ ହଜାର ଟଙ୍କା ସହାୟତା ରାଶି ଦିଆଯାଉ ବୋଲି ସେ ଦାବି କରିଛନ୍ତି। ମେରାଇନ ଥାନାରେ ଆବଶ୍ୟକ ଭିତ୍ତିଭୂମି ଅଭାବ। ସ୍ପିଡ୍‌ବୋଟ୍ ନାହିଁ। କର୍ମଚାରୀଙ୍କୁ ଆବଶ୍ୟକ ତାଲିମ ଦିଆଯାଉନାହିଁ। ଫଳରେ ସମୁଦ୍ର ଭିତରେ ବେଆଇନ ଟ୍ରଲରକୁ ଧରାଯାଇପାରୁନାହିଁ। ପାଟ୍ରୋଲିଂ ପାଇଁ ଆଧୁନିକ ଭିତ୍ତିଭୂମି ବ୍ୟବସ୍ଥା ହେବା ଦରକାର ବୋଲି ପ୍ରସାଦ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, କଇଁଛ ସୁରକ୍ଷା ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଯେଉଁଠି ଅଧିକ ଜାଲ ରହିଛି, ସେସବୁକୁ କଢ଼ାଯାଉଛି। ଏନେଇ ଡିଏଫ୍‌ଓଙ୍କ ସହ ମଧ୍ୟ ଆଲୋଚନା କରାଯାଉଛି।

## ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳିତ



ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)

ପ୍ରଥମ ସ୍ୱାଧୀନତା ସଂଗ୍ରାମର ପୁରୋଧା ତଥା ପୁରୀ ମାଟିର ବୀର ପୁଅ ଜୟୀ ରାଜଗୁରୁଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପୁରୀ ଷ୍ଟେଶନ ଛକଠାରେ ପାଳିତ ହୋଇଯାଇଛି। ଶହୀଦ ଜୟୀ ରାଜଗୁରୁ ଫାଉଣ୍ଡେଶନ, ପୁରୀ ଷ୍ଟେଶନ ବଜାର ସଂଘ ଏବଂ ବ୍ରାହ୍ମଣ ମହାସଭା ପକ୍ଷରୁ ଷ୍ଟେଶନ ଛକସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରାହ୍ମଣ ମହାସଭାର ସଭାପତି ବିଜୟ ମିଶ୍ର, ପୂର୍ବତନ କାଉନସିଲର ଏନ୍. ବଳରାମ ରେଡ୍ଡୀ, ବିରଞ୍ଚି ନାରାୟଣ ମିଶ୍ର, ପର୍ଶୁରାମ ଜଗଦ୍ଦେବ, ଭାସ୍କର ରେଡ୍ଡୀ, ମତ୍ସ୍ୟଜୀବୀଙ୍କ ପ୍ରତିନିଧି ସୁରି ବାବୁଲା ପ୍ରସାଦ, ମାନସ କୁମାର ଲେଙ୍କା, ସାମାଜିକକର୍ମୀ ରମେଶ ବେହେରା, ପୂର୍ବତନ କାଉନସିଲର ରାଜାରାମ, ଉମାବଲ୍ଲଭ ମହାପାତ୍ର ପ୍ରମୁଖ ଯୋଗଦେଇ ତାଙ୍କର ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ରାଜଗୁରୁଙ୍କ ପରି ଦେଶ ପାଇଁ ଉତ୍ସର୍ଗୀକୃତ ହେବାକୁ ଆଜିର ଯୁବ ସମାଜକୁ ଅତିଥିମାନେ ଆହ୍ୱାନ କରିଥିଲେ।

## ଅନ୍ତଃରାଷ୍ଟ୍ରୀୟ ଆର୍ଯ୍ୟ ମହାସମ୍ମିଳନୀରେ ମାନସଙ୍କ ବାଲୁକାକଳା




ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)

ଦିଲ୍ଲୀରେ ଅନୁଷ୍ଠିତ ୧୫୦ତମ ଅନ୍ତଃରାଷ୍ଟ୍ରୀୟ ଆର୍ଯ୍ୟ ମହାସମ୍ମିଳନୀ-୨୦୨୫ରେ ଆର୍ନ୍ତଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ଆର୍ଯ୍ୟ ସମାଜ ପ୍ରତିଷ୍ଠାତା ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ନିର୍ମାଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମାନସ ମହାସମ୍ମିଳନୀରେ ୩ଟି ଚିତ୍ର ସହ ଏକ ଆକର୍ଷଣୀୟ ବାଲୁକାକଳା ନିର୍ମାଣ କରିଛନ୍ତି। ୧୮୭୫ରେ ମୁମ୍ବାଇର କକରୱାଡ଼ିରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଥମ ଆର୍ଯ୍ୟ ସମାଜର ପ୍ରବେଶ ଦ୍ୱାର, ୧୫୦ତମ ବାର୍ଷିକ ଉତ୍ସବ ଲୋଗୋ ଏବଂ ମହର୍ଷି ଦୟାନନ୍ଦ ସରସ୍ୱତୀଜୀଙ୍କ ପ୍ରତିକୃତି ନିର୍ମାଣ କରାଯାଇଛି। ୫ ଫୁଟ ଓସାର ଓ ୭ ଫୁଟ ଲମ୍ବ ବିଶିଷ୍ଟ ଏହି ବାଲୁକାକଳା ପ୍ରସ୍ତୁତ ପାଇଁ ମାନସଙ୍କୁ ୨ଦିନ ଲାଗିଥିଲା। ଏଥିରେ ୧୫୦୦୦ ସ୍କୋୟାର ଫୁଟ୍ ବାଲି ଉପଯୋଗ କରାଯାଇଛି। ଏହି ବାଲୁକା କଳା ନିର୍ମାଣ କରିବା ପାଇଁ ମାନସଙ୍କୁ ଚିତ୍ତରଞ୍ଜନ ମହାନ୍ତି ସହଯୋଗ କରିଛନ୍ତି।

## ଜୟୀ ରାଜଗୁରୁ ଶୌର୍ଯ୍ୟ, ଅଦମ୍ୟ ବୀରତ୍ୱର ପ୍ରତୀକ

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)

ଶହୀଦ ଜୟୀ ରାଜଗୁରୁ ଶୌର୍ଯ୍ୟ ଓ ଅଦମ୍ୟ ବୀରତ୍ୱର ପ୍ରତୀକ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଶୁକ୍ରବାର ପୁରୀ ଜିଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜଗୁରୁଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁର ଗ୍ରାମରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଓ ବୀରହରେକୃଷ୍ଣପୁର ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ବେହେରା ଜୟୀ ରାଜଗୁରୁଙ୍କ ସ୍ମୃତି ଚାରଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଦର ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ, ଏବିଡିଓ ମନୋଜ କୁମାର ବେହେରା, ବୀରହରେକୃଷ୍ଣପୁର ଗ୍ରାମ କମିଟି ସଭାପତି ଭାସ୍କର ନାରାୟଣ ରଥ, ସମ୍ପାଦକ ପ୍ରକୃତି ମିଶ୍ର, ଉପସଭାପତି ପ୍ରକାଶ ଚନ୍ଦ୍ର ରଥ, ସଦସ୍ୟ ଅଜୟ କୁମାର ତ୍ରିପାଠୀ, ହରିଶଙ୍କର ମିଶ୍ର, ଦେବୀପ୍ରସାଦ ମହାପାତ୍ର, ରାଜେଶ କୁମାର ରଥ, ରବି ନାରାୟଣ ମିଶ୍ର, ଆଶୁତୋଷ ମିଶ୍ର, ହିମାଂଶୁ ମିଶ୍ର, ସତ୍ୟଜିତ ତ୍ରିପାଠୀ, ବିଷ୍ଣୁପ୍ରସାଦ ମିଶ୍ର, ଶକ୍ତିପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ପୂର୍ବରୁ ପୁରୀ ରେଲୱେ ଷ୍ଟେଶନସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।

## 'ସ୍ୱଳ୍ପ ସଞ୍ଚୟର ବଡ଼ ଅବଦାନ ରହିଥାଏ'

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)

ସ୍ୱଳ୍ପ ସଞ୍ଚୟ ବଡ଼ ଅବଦାନ ରଖିଥାଏ। ପୂର୍ବକାଳର ମୁଠିଚାଉଳ ବା ସରାଘଡ଼ିର ସଞ୍ଚୟ ଏହାର ବଡ଼ ଉଦାହରଣ ବୋଲି ଅତିଥିମାନେ କହିଛନ୍ତି। ଗୁରୁବାର ପୁରୀ ଜିଲା ସ୍ୱଳ୍ପ ସଞ୍ଚୟ କାର୍ଯ୍ୟାଳୟ ପକ୍ଷରୁ ଜିଲା ସଂସ୍କୃତି ଭବନରେ ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ଛୋଟ ଛୋଟ ସଞ୍ଚୟ ଜୀବନରେ ଅନେକ ମହତ୍ତ୍ୱ ରଖିଥାଏ ବୋଲି କହିବା ସହ ସଞ୍ଚୟ କରିବାକୁ ଆହ୍ୱାନ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଡିଏସ୍‌ପି ସଂଘମିତ୍ରା ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସଞ୍ଚୟରେ ମିତବ୍ୟୟିତା ଅବଲମ୍ବନ ସହ ସାଇବର ଠକଙ୍କଠାରୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଭୂତି ଭୂଷଣ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସତ୍ୟବାଦୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆଦ୍ୟାଶା ସାହୁ, ପୋଲିସ ନୋଡାଲ ହାଇସ୍କୁଲର ସୁଶ୍ରୀ ଲକ୍ଷ୍ମୀପ୍ରିୟା ପୃଷ୍ଟି ଏବଂ ସତ୍ୟବାଦୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜ୍ୟୋତି ରଞ୍ଜନ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା।

## ନିମାପଡ଼ା ପୋଲିସ ପକ୍ଷରୁ ଏକତା ଦୌଡ଼




ନିମାପଡ଼ା ପୋଲିସ ପକ୍ଷରୁ ମାରାଥନ ଦୌଡ଼ ସହର ପରିକ୍ରମା କରୁଛି।

ନିମାପଡ଼ା,୩୧।୧୦(ବିଚିତ୍ରାନନ୍ଦ ସାହୁ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଶୁକ୍ରବାର ନିମାପଡ଼ା ପୋଲିସ ପକ୍ଷରୁ ଏକ ମାରାଥନ ଏକତା ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଦୌଡ଼ ସ୍ଥାନୀୟ ମା' ପୂର୍ଣ୍ଣେଶ୍ୱରୀ ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ସର୍ଦ୍ଦାର ବଲ୍ଲବଭାଇ ପଟେଲ ଭାରତର ଏକତା ଓ ଅଖଣ୍ଡତାର ପ୍ରତୀକ ଥିଲେ। ସେହି ମହାନ୍ ପୁରୁଷଙ୍କ ତ୍ୟାଗ ଆଜି ବି ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ। ଏହି ମାରାଥନ ଦୌଡ଼ ମାଧ୍ୟମରେ ଯୁବପିଢ଼ି ଓ ସାଧାରଣଜନତାଙ୍କ ମଧ୍ୟରେ ସଚେତନତା, ଏକତା ଓ ଶାରୀରିକ ସ୍ୱାସ୍ଥ୍ୟ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ନିମାପଡ଼ାର ବହୁ କ୍ରୀଡ଼ା ଅନୁଷ୍ଠାନର କର୍ମକର୍ତ୍ତା, ଶତାଧିକ କ୍ରୀଡ଼ାବିତ୍, ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ସମରେନ୍ଦ୍ର ପାଇକରାୟ, ଏସ୍‌ଆଇ ଦିଲୀପ କୁମାର ପଣ୍ଡାଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ଜାତୀୟ ଏକତା ରକ୍ଷା, ଏକ ଭାରତ ଆତ୍ମ ନିର୍ଭର ଭାରତ, ଏକ ଭାରତ ଶ୍ରେଷ୍ଠ ଭାରତ ଭାବନାକୁ ଆହୁରି ମଜଭୁତ କରିବାକୁ ଦୃଢ଼ ସଂକଳ୍ପ ନେଇଥିଲେ।

## ବେଆଇନ ମଦ କାରବାର: ୧୦ ମାସରେ ୭୦୯ ଗିରଫ

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)

### ଅପରେଶନ ଚକ୍ର

ପୁରୀ ଜିଲାରେ ବେଆଇନ ମଦ କାରବାର ନେଇ ଗତ ୧୦ ମାସ ଧରି ଚଢ଼ାଉ କରାଯାଇ ୭୦୯ ମାମଲା ରୁଜୁ ସହ ୭୦୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୁରୀ ସଦର ସବ୍‌ଡିଭିଜନ୍‌ରେ ୨୬୦, ନିମାପଡ଼ାରେ ୧୯୮, ପିପିଲିରେ ୧୪୫ ଏବଂ ସିଟି ସବ୍‌ଡିଭିଜନ୍‌ରେ ୧୦୬ ଜଣ ଗିରଫ ହୋଇଛନ୍ତି। ସେହିପରି ଅସ୍ତରଙ୍ଗ ଥାନା ଅଞ୍ଚଳରେ ୨୯, ଅସ୍ତରଙ୍ଗ ମେରାଇନ ଥାନା ଅଞ୍ଚଳରେ ୭, ଅରଖକୁଦା ମେରାଇନ ଥାନା ଅଞ୍ଚଳରେ ୧୧, ବଳଙ୍ଗା ଥାନା ଅଞ୍ଚଳରେ ୩୫, ବାସେଳିସାହି ଥାନା ଅଞ୍ଚଳରେ ୧୭, ବ୍ରହ୍ମଗିରି ଥାନା ଅଞ୍ଚଳରେ ୪୦, ଚନ୍ଦନପୁର ଥାନା ଅଞ୍ଚଳରେ ୨୯, ଚନ୍ଦ୍ରଭାଗା ମେରାଇନ ଥାନା ଅଞ୍ଚଳରେ ୫, ଚାରିଛକ ଥାନା ଅଞ୍ଚଳରେ ୧୭, ଡେଲାଙ୍ଗ ଥାନା ଅଞ୍ଚଳରେ ୩୯, ଗୋପ ଥାନା ଅଞ୍ଚଳରେ ୩୧, ଗଡ଼ିଶାଗୋଡା ଥାନା ଅଞ୍ଚଳରେ ୨୩, କାକଟପୁର ଥାନା ଅଞ୍ଚଳରେ ୨୬, କଣାସ ଥାନା ଅଞ୍ଚଳରେ ୧୮, କୋଣାର୍କ ଥାନା ଅଞ୍ଚଳରେ ୩୭, କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ୬୫, କୁମ୍ଭାରପଡ଼ା ଥାନା ଅଞ୍ଚଳରେ ୨୯, ନିମାପଡ଼ା ଥାନା ଅଞ୍ଚଳରେ ୨୪, ପେଣ୍ଠକଟା ମେରାଇନ ଥାନା ଅଞ୍ଚଳରେ ୩୨, ପିପିଲି ଥାନା ଅଞ୍ଚଳରେ ୧୯, ରାମଚଣ୍ଡୀ ଥାନା ଅଞ୍ଚଳରେ ୨୪, ସଦର ଥାନା ଅଞ୍ଚଳରେ ୬୦, ସତ୍ୟବାଦୀ ଥାନା ଅଞ୍ଚଳରେ ୩୪, ସମୁଦ୍ରକୂଳ ଥାନା ଅଞ୍ଚଳରେ ୨୪, ତାଳବଣିଆ ମେରାଇନ ଥାନା ଅଞ୍ଚଳରେ ୮ ଏବଂ ଟାଉନ ଥାନା ଅଞ୍ଚଳରେ ୧୧ ଜଣଙ୍କୁ ଗିରଫ କରାଯାଇଛି। ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ବେଆଇନ ମଦ ବିକ୍ରି ବିରୋଧରେ ପୋଲିସ ଶୂନ୍ୟ ସହିଷ୍ଣୁତା ନୀତି ଅନୁସରଣ କରୁଛି। ଅଭିଯାନରେ ଜନସାଧାରଣଙ୍କ ସହଯୋଗ ଆମର ଶକ୍ତି। ୧୧୨ ହେଲ୍ପଲାଇନ୍ ମାଧ୍ୟମରେ ଯେପରି ଗୁପ୍ତ ସୂଚନା ମିଳୁଛି, ସେଥିରୁ ପୋଲିସ ଦ୍ରୁତ କାର୍ଯ୍ୟାନୁଷ୍ଠାନ କରୁଛି। 'ଅପରେଶନ୍ ଚକ୍ର' ଅଭିଯାନ ଜାରି ରହିବ। ଜନସାଧାରଣଙ୍କ ସୁରକ୍ଷା, ଶାନ୍ତି ଓ ସୁସ୍ଥ ପରିବେଶ ନିମନ୍ତେ ପୋଲିସ ସଦା ସତର୍କ ଓ ପ୍ରତିବଦ୍ଧ ରହିବ। ବେଆଇନ କାର୍ଯ୍ୟ ସମ୍ପର୍କରେ ଯେକୌଣସି ସୂଚନା ୧୧୨ ହେଲ୍ପଲାଇନକୁ ଦେବା ପାଇଁ ଏସ୍‌ପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ଜାତୀୟ କୁସ୍ତିରେ ଭାଗନେବାକୁ ୬ ଛାତ୍ରଙ୍କ ହରିୟାଣା ଗସ୍ତ

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପକ୍ଷରୁ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଚୟନିତ ଛାତ୍ରମାନଙ୍କ ମଧ୍ୟରୁ ପୁରୀସ୍ଥିତ ସୁରଜମଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬ଜଣ ଛାତ୍ର ସ୍କୁଲ ଗେମ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ୬୯ତମ ଜାତୀୟ କୁସ୍ତି (୧୯ ବର୍ଷରୁ କମ୍) ପ୍ରତିଯୋଗିତାରେ ଭାଗ ନେବା ପାଇଁ ହରିୟାଣାର ପାନିପତ୍ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ସାହୁ, କ୍ରୀଡ଼ା ବିଭାଗ ଉପସଭାପତି ଡ. ଦୀପ୍ତିପ୍ରସାଦ ମହାନ୍ତି, କ୍ରୀଡ଼ା ଶିକ୍ଷକ ହରିହର କର, ବାରବାଟୀ ଜାଗା ସଭାପତି ଗୋପାଳ ଚନ୍ଦ୍ର ମହାସୁଆର, ସମ୍ପାଦକ ମଦନ ମୋହନ ଖୁଣ୍ଟିଆ, ପୂର୍ବତନ କୁସ୍ତିବିତ୍ ମଦନ ମୋହନ ମହାସୁଆର, ଏନ୍‌ଆଇଏସ୍ କୋଚ୍ କୃଷ୍ଣଚନ୍ଦ୍ର ଦାଶ, ରାମକୃଷ୍ଣ ପ୍ରତିହାରୀ ଏବଂ ଶ୍ୟାମସୁନ୍ଦର ମହାପାତ୍ର ଉକ୍ତ ଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସମସ୍ତଙ୍କ ଆଶୀର୍ବାଦ ଓ ଶୁଭ କାମନା ସହ ଏହି ଛାତ୍ରମାନେ ରାଜ୍ୟର ଗୌରବ ବଢ଼ାଇ ଜାତୀୟସ୍ତରରେ ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରିବେ ବୋଲି ଆଶାବ୍ୟକ୍ତ କରାଯାଇଛି।




ଜାତୀୟ କୁସ୍ତି ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଥିବା ସୁରଜମଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ସର୍ଦ୍ଦାର ପଟେଲଙ୍କ ଅବଦାନକୁ ଦେଶ ସର୍ବଦା ମନେରଖିବ

### ରାଷ୍ଟ୍ରୀୟ ଏକତା ଦିବସରେ ଏକତା ଦୌଡ଼

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)



ଏକତା ଦିବସରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ଏକତା ଦୌଡ଼ ।

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶପ୍ରେମ, ବୀରତ୍ୱ, ସାହସ ଓ ବୁଦ୍ଧିମତ୍ତା ତାଙ୍କୁ ଚିର ଅମର କରି ରଖିଥିବ ବୋଲି ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ବା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡା. ପାତ୍ର ଯୋଗଦେଇ କହିଥିଲେ, ସ୍ୱାଧୀନତା ଆନ୍ଦୋଳନରେ ଲୌହମାନବଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବିଭିନ୍ନ ରାଜରାଜୁଡ଼ା ଶାସନକୁ ଅଖଣ୍ଡ ଭାରତରେ ଯୋଡ଼ିବା ଉଦ୍ୟମ ତାଙ୍କୁ ମହାନ କରିଥିଲା। ୫୬୫ଟି ଏହିଭଳି ରାଜାଶାସିତ ଅଞ୍ଚଳକୁ ସେ ଭାରତ ବର୍ଷରେ ମିଶାଇଥିଲେ। ତାଙ୍କ ଅବଦାନକୁ କୃତଜ୍ଞ ଦେଶ ସର୍ବଦା ମନେ ରଖିଥିବ ବୋଲି ପାତ୍ର କହିଥିଲେ। ପରେ ଡା. ପାତ୍ର ପତାକା ଦେଖାଇ ଏକତା ଦୌଡ଼ର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କ୍ରୀଡ଼ାବିତ୍ ଓ କୋଚ୍‌ମାନେ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୌରପାଳିକାରେ ଦୁର୍ନୀତି ନିବାରଣ ଶପଥପାଠ

ଚୌଦ୍ୱାର,(ଆଶୁତୋଷ ଦାସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଶପଥପାଠ କାର୍ଯ୍ୟକ୍ରମ ଚୌଦ୍ୱାର ପୌରପାଳିକାରେ ଅନୁଷ୍ଠିତ ହୋଇଯାଇଛି। ପୌର ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତା ଓ ସ୍ୱଚ୍ଛତାର ସହ ଦାୟିତ୍ୱ ସମ୍ପାଦନ, ସଚ୍ଚୋଟତା ଓ ଆଇନର ଶାସନ ପାଳନ, ଉତ୍କୋଚ ନ ନେବା କିମ୍ବା ନ ଦେବା ଏବଂ ଜନସାଧାରଣଙ୍କ ହିତସାଧନ ପାଇଁ କାର୍ଯ୍ୟ କରିବାକୁ ଶପଥପାଠ କରାଇଥିଲେ। ପୂର୍ଣ୍ଣଚନ୍ଦ୍ର ପାଣି ଶପଥପାଠ ପଢି ଶୁଣାଇଥିବା ବେଳେ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ସଂକ୍ଷେପରେ

## ୧୦୦ ଲିଟର ଦେଶୀ ମଦ, ସ୍କୁଟି ଜବତ: ୩ ଗିରଫ

ମଙ୍ଗୁଳି-ଜଗତପୁର,୩୧।୧୦(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ଦେଶୀ ମଦ ବ୍ୟବସାୟ କରିବା ଅଭିଯୋଗରେ ୩ଜଣ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ କପାଳେଶ୍ୱର ନୂଆସାହିର ବିଜୟ କୁମାର ରାଉତରାୟ ଓରଫ ବିଜୁ ଓ ବୁଦ୍ଧିଆ ପ୍ରଧାନ ଏବଂ ଜଗତପୁର ଥାନା ଅଧୀନ ଲକ୍ଷ୍ମଣପୁରର ଶଙ୍କର ସ୍ୱାଇଁ। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୦୦ ଲିଟର ଦେଶୀ ମଦ ସହ ସ୍କୁଟି ଜବତ କରିଛି। ସୂଚନା ମୁତାବକ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧାନରେ ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଚୌଦ୍ୱାର ଓ ଜଗତପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରଯାଇଥିଲା। ଯାଞ୍ଚ ପରେ ୨ଟି ସ୍ଥାନରୁ ବେଆଇନ ମଦ ଜବତ ହୋଇଥିଲା। ଅବକାରୀ ବିଭାଗ ନିଜ ଆଡୁ ୩ଟି ପୃଥକ ମାମଲା (ନଂ.୧୫୪,୧୫୫,୪୫/୨୫ରୁଜୁ କରିଛି। ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନୀଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ଜାତୀୟ ଏକତା ଦିବସ ପାଳିତ

କଣ୍ଟାପଡ଼ା,୩୧।୧୦(ସୁରନାରାୟଣ ସାହୁ)

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଏବଂ ଅନୁସନ୍ଧାନ ସଂସ୍ଥାନରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଜାତୀୟ ଏକତା ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠାନର ମୁଖ୍ୟ ଫାଟକଠାରୁ କଣ୍ଟାପଡା ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ଦୌଡରେ ଅନୁଷ୍ଠାନର ଛାତ୍ରୀଛାତ୍ର, କର୍ମଚାରୀ, ଦିବ୍ୟାଙ୍ଗ ଏବଂ ତାଙ୍କ ପରିବାରବର୍ଗ ମୋଟ ୭୦୦ଜଣ ସାମିଲ ହୋଇ ଏକତା, ଶକ୍ତି ଏବଂ ଅନ୍ତର୍ଭୁକ୍ତୀକରଣର ବାର୍ତ୍ତା ପ୍ରଦାନ କରିଥିଲେ। ସ୍ଥାନୀୟ ପୋଲିସମାନେ ମଧ ଏହି ଦୌଡରେ ସାମିଲ ହୋଇ ସମସ୍ତଙ୍କୁ ଉତ୍ସାହିତ କରିବା ସହ ସାମାଜିକ ସହଯୋଗିତାର ବାର୍ତ୍ତା ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## କନ୍ଦରପୁର ଥାନା ପକ୍ଷରୁ ଗଣଦୌଡ଼

କଟକ ସଦର,୩୧।୧୦(ସୁଶାନ୍ତ କୁମାର ଜେନା)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ କନ୍ଦରପୁର ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଗଣଦୌଡ କରାଯାଇଥିଲା। ଗଣଦୌଡ଼ରେ ବିଶିଷ୍ଟ ବ୍ୟକ୍ତିମାନେ ଅଂଶ ଗ୍ରହଣ କରିଥିଲେ। ଫକୀରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ-କନ୍ଦରପୁର ଥାନା ପର୍ଯ୍ୟନ୍ତ ଗଣଦୌଡ ହୋଇଥିଲା। ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ, ଏସ୍ଆଇ ବିଚିତ୍ରାନନ୍ଦ ପ୍ରଧାନ, ମଧୁସ୍ମିତା ପେଗଡ, ସୁଧୀର କୁମାର ବଳିୟାର ସିଂହ, ଏଏସ୍ଆଇ ଅଜିତ କୁମାର ମହାନ୍ତି, ସୁନୀଲ କୁଜୁରୁ, ଦିଲୀପ କୁମାର ସ୍ୱାଇଁ, ସରପଞ୍ଚ ମିଳି ସେଠୀ, ସୁବାଶିନି ରାଉତ, ରାକେଶ ବେହେରା, ତ୍ରିଲୋଚନ ପାତ୍ର, କନ୍ଦରପୁର ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସଂଯୋଜକ ସୁରେଶ ଜେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଳି ଯୋଗଦେଇଥିଲେ।

## ବ୍ୟବସାୟୀଙ୍କ ବିୟୋଗରେ ଶୋକ

ଚୌଦ୍ୱାର,୩୧।୧୦(ଆଶୁତୋଷ ଦାସ)

ଚୌଦ୍ୱାର ଗାନ୍ଧୀଛକ ନିକଟସ୍ଥ ଚୌଦ୍ୱାର ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ବର୍ଷ ହେବ ଦହିବରା ବ୍ୟବସାୟ କରୁଥିବା ସ୍ଥାନୀୟ ଡିହସାହି ଗ୍ରାମର ରବୀନ୍ଦ୍ର କୁମାର ସାହୁ (୫୬)ଙ୍କ ଏକ ସଡକ ଦୁର୍ଘଟଣାରେ ଗୁରୁବାର ଅକାଳ ବିୟୋଗ ଘଟିଛି। ରବୀନ୍ଦ୍ର ଜଣେ ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଚୌଦ୍ୱାରର ବ୍ୟବସାୟୀ ଓ ଅଞ୍ଚଳବାସୀ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ଶୁକ୍ରବାର ସ୍ଥାନୀୟ କଳିଙ୍ଗବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ବଜାର କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ଚେୟାର, ମାଇକ୍ ଭାଙ୍ଗିଲେ: ଅଧାରୁ ବୈଠକ ବନ୍ଦ

କଟକ,୩୧।୧୦(କାର୍ତ୍ତିକ ସାହୁ)



ସିଏମ୍ସି କାଉନସିଲ ବୈଠକରେ ଶୁକ୍ରବାର କର୍ପୋରେଟରମାନେ ହଟ୍ଟଗୋଳ କରୁଛନ୍ତି।

କଟକ ମହାନଗର ନିଗମ (ସିଏମ୍ସି)ର କାଉନ୍ସିଲ ବୈଠକରେ ଶୁକ୍ରବାର ପ୍ରବଳ ହଟ୍ଟଗୋଳ ହୋଇଥିଲା। ବିଭିନ୍ନ ପ୍ରସଙ୍ଗକୁ ନେଇ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ କ୍ରମେ ତାହା ଉଗ୍ରରୂପ ଧାରଣ କରିଥିଲା। ପରିସ୍ଥିତି ଅଣାୟତ୍ତ ହେବା ସହ ବୈଠକରେ ଉପସ୍ଥିତ କେତେଜଣ କର୍ପୋରେଟର ଉତ୍ତେଜିତ ହୋଇ ଚେୟାର ଓ ମାଇକ ଭାଙ୍ଗି ଦେଇଥିଲେ। ସିଏମ୍ସିର ଅଧିକାରୀମାନେ ନିଜକୁ ଅସୁରକ୍ଷିତ ମନେ କରି ବୈଠକ ଛାଡ଼ି ପଳାଇଥିଲେ। ଫଳରେ ଅଧାରୁ ବୈଠକ ବାତିଲ ହୋଇଥିଲା।

ସୂଚନାନୁସାରେ, ସିଏମ୍ସି ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ବୈଠକ ଆରମ୍ଭ ହୋଇଥିଲା। ଏକାଧିକ କର୍ପୋରେଟର ଆରମ୍ଭରୁ ୱାର୍ଡରେ ଯନ୍ତ୍ରୀ ବଦଳି, ୱାର୍ଡରେ କାମ ହେଉ ନ ଥିବା ଅଭିଯୋଗ ଆଣିଥିଲେ। ସହରରେ ଅନେକ ଠିକାଦାର କାର୍ଯ୍ୟାଦେଶ ପାଇବା ପରେ ମଧ କାମ ଆରମ୍ଭ କରୁନାହାନ୍ତି। ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି କେତେଜଣ କର୍ପୋରେଟର ହୋହଲ୍ଲା କରିଥିଲେ। ୫୧ ନମ୍ବର ୱାର୍ଡ କର୍ପୋରେଟର ତଥା ପ୍ରତିଷ୍ଠାନ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ରାକେଶ ସ୍ୱାଇଁ ୱାର୍ଡରେ ଜିମ୍ ଯନ୍ତ୍ରାଂଶ ଲଗାଇବା କ୍ଷେତ୍ରରେ ଯନ୍ତ୍ରୀମାନେ ମନମାନୀ କରୁଥିବା ପ୍ରଶ୍ନ ଉଠାଇଥିଲେ। ଯନ୍ତ୍ରୀମାନେ ୩୦ ହଜାର ଟଙ୍କାରେ ଜିମ୍ ଯନ୍ତ୍ରାଂଶ ବିକୁଥିବା ସେ ଅଭିଯୋଗ ଉଠାଇଥିଲେ। ଏଭଳି ଆଲୋଚନା କରୁଥିବା ବେଳେ ଯନ୍ତ୍ରୀଙ୍କ କାର୍ଯ୍ୟକୁ ନେଇ ସ୍ୱାଇଁ ହଠାତ୍ ରାଗିଯାଇଥିଲେ। ସେ ଟେବୁଲ ଉପରେ ଥିବା ମାଇକ୍ ଓ ଚେୟାର ଆଦି ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ୩୦ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ରବି ନାରାୟଣ ସାହୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। ଏସବୁ ଶୁଣିବା କ୍ଷଣି ଭାଜପା କର୍ପୋରେଟର ଗଗନ ଓଝା ମଧ ତାଙ୍କ ପାଖକୁ ଯାଇ ମାଇକ୍ ଭଙ୍ଗାରୁଜା କରିଥିଲେ। ଏଭଳି ଘଟଣା ଘଟିବା ପରେ କାଉନ୍ସିଲ ବୈଠକରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ମେୟର ଓ ଅନ୍ୟ କର୍ପୋରେଟରମାନେ ସେମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। ମାତ୍ର ସେମାନେ କିଛି ଶୁଣି ନ ଥିଲେ। ବରଂ ପରିସ୍ଥିତି ଅଧିକ ଅଶାନ୍ତ ହୋଇପଡ଼ିଥିଲା। ବେଶ୍ କିଛି ସମୟ ଧରି ଏପରି ଚାଲିବାରୁ ସିଏମ୍ସି ଅଧିକାରୀମାନେ ବୈଠକରୁ ଉଠି ପଳାଇଥିଲେ। ଫଳରେ ବୈଠକ ବନ୍ଦ ହୋଇଥିଲା। ବାଲିଯାତ୍ରା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବା ବେଳେ ବୈଠକ ବନ୍ଦ ହେବାରୁ ସେଗୁଡ଼ିକ ଆଲୋଚନା ହୋଇପାରି ନ ଥିଲା। ଡେପୁଟି ମେୟର ଦମୟନ୍ତୀ ମାଝି, କମିଶନର କିରଣଦୀପ କୌର ସହୋତାଙ୍କ ସମେତ କର୍ପୋରେଟର ଓ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

### ସିଏମ୍ସି କାଉନ୍ସିଲ ବୈଠକରେ ହଟ୍ଟଗୋଳ



## ମଣ୍ଡଳସ୍ତରୀୟ ଖାନ୍ ଏକାଡେମୀ ପ୍ରଶିକ୍ଷଣ ଶିବିର

ଚୌଦ୍ୱାର,୩୧।୧୦(ଆଶୁତୋଷ ଦାସ)

ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଟାଙ୍ଗୀ-ଚୌଦ୍ୱାର ମଣ୍ଡଳସ୍ତରୀୟ ଖାନ୍ ଏକାଡେମୀ ପ୍ରଶିକ୍ଷଣ ଶିବିର କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ବ୍ଲକ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ ଓ ସୁଷମା ଦେଇ ଅତିଥି ଭାବେ ଯୋଗଦେଇ ଗଣିତ ଓ ବିଜ୍ଞାନ ପାଠର ବିଶେଷତା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ ଅନ୍ତର୍ଗତ ୩୭ଟି ବିଦ୍ୟାଳୟର ଗଣିତ ଓ ବିଜ୍ଞାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଖାନ୍ ଏକାଡେମୀର ସଂଯୋଜକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ସୌଭାଗ୍ୟ ରଞ୍ଜନ ପାତ୍ର, ସାଗରିକା ରାଉତ, ସୁବ୍ରତ କୁମାର ଖଟୁଆ, ଯାଜନିକା ପାତ୍ର, ଜୟଶଙ୍କର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ସ୍ୱାଗତୀକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୌଚାଳନା ପ୍ରତିଯୋଗୀଙ୍କୁ ୫୦ ହଜାର ସହାୟତା ପ୍ରଦାନ




ମୋକିମ ଫାଉଣ୍ଡେଶନ ପକ୍ଷରୁ ବିଧାୟିକା ଖେଳାଳିଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

କଟକ,୩୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ମୋକିମ ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ପାଲଟଣା ନୌଚାଳନା ପ୍ରତିଯୋଗୀ ରାଜା ଅହମ୍ମଦ ଖାନଙ୍କୁ ୫୦ହଜାର ଟଙ୍କା ସହଯୋଗ ରାଶି ପ୍ରଦାନ କରାଯିବ ସହ ସମ୍ବର୍ଦ୍ଧିତ କରାଯାଇଛି। ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଫାଉଣ୍ଡେଶନ ପ୍ରତିଷ୍ଠାତା ତଥା କଂଗ୍ରେସ ବରିଷ୍ଠ ନେତା ଇଂ ମହମ୍ମଦ ମୋକିମ ଯୋଗଦେଇ ନୌଚାଳନା ପ୍ରତିଯୋଗୀ ରାଜା ଅହମ୍ମଦ ଖାନ୍ (୧୭) ଏସିଆନ ୟୁଥ ଅଲିମ୍ପିକ-୨୦୨୬ ପାଇଁ ତାଙ୍କର ସଫଳତା କାମନା କରିଛନ୍ତି। ମୋକିମ ଫାଉଣ୍ଡେଶନ ଟ୍ରଷ୍ଟି ଡା. ନୟୀମା ତାଜେନ, ସରୱାର ହସିବ, ଶକିଲ ଖାନ୍, ପ୍ରିୟଙ୍କା ପାଢ଼ୀ, ସତ୍ୟରଞ୍ଜନ କର ଓ ରୌପ୍ୟ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୫୬୨ ଦେଶୀୟ ରାଜ୍ୟକୁ ଭାରତରେ ମିଶାଇଥିଲେ ପଟେଲ




ଓଡ଼ିଶା ପୋଲିସ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ଅଭିବାଦନ ଗ୍ରହଣ କରୁଛନ୍ତି।

କଟକ,୩୧।୧୦(କାର୍ତ୍ତିକ ସାହୁ)

### ଓଡ଼ିଶା ପୋଲିସ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ

ଓଡ଼ିଶା ପୋଲିସ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ସମାରୋହ କଟକସ୍ଥିତ ଷଷ୍ଠ ଓଏସ୍ଏପି ବାଟାଲିୟନ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ର ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ରାଷ୍ଟ୍ରର ଏକତା, ଅଖଣ୍ଡତା, ସୁରକ୍ଷା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ପୋଲିସ ଅଧିକାରୀ, କର୍ମଚାରୀ ଏବଂ ପରେଡ୍‌ରେ ସାମିଲ ଯବାନଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ମିଶ୍ର ଶପଥ ପାଠ କରାଇଥିଲେ। ଏଥିସହ ସ୍ୱାଧୀନତା ପରେ ୫୬୨ଟି ଦେଶୀୟ ରାଜ୍ୟକୁ ଭାରତରେ ମିଶାଇବା ପାଇଁ ପଟେଲଙ୍କ ଅକ୍ଳାନ୍ତ ପରିଶ୍ରମ ଅତୁଳନୀୟ ଥିଲା। ଫଳରେ ବିଶ୍ୱ ଦରବାରରେ ଭାରତ ଆଜି ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ପରିଚୟ ଲାଭ କରିଛି ବୋଲି ମିଶ୍ର ମତବ୍ୟକ୍ତ କରିଥିଲେ। ଓଏସ୍ଏପି ଷଷ୍ଠ ବାଟାଲିୟନ (କଟକ), ଷଷ୍ଠ ଆଇଆର୍ ବାଟାଲିୟନ (ଖୋର୍ଦ୍ଧା), ତୃତୀୟ ଆଇଆର୍ ବାଟାଲିୟନ, ପୋଲିସ କଲର ପାର୍ଟି (କଟକ), ବ୍ରାସବ୍ୟାଣ୍ଡ ପାର୍ଟି (କଟକ) ସମ୍ମିଳିତ ପରେଡରେ ଅଂଶଗ୍ରହଣ କରିଥିଲେ। ୟାକୁବ ଖାନ ତୃତୀୟ ଆଇଆର ବାଟାଲିୟନ ପରେଡର ନେତୃତ୍ୱ ନେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଏସ୍.କେ. ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେଶନ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍ଏପି) ରାଜେଶ କୁମାରଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥି, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ

କଟକ,୩୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସର ପୂର୍ବତନ ବରିଷ୍ଠ ଉପସଭାପତି ଶିଶିର ରଥଙ୍କ ପୌରୋହିତରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥି ପାଳନ କରାଯାଇଛି। ଏହା ସହ ଲୌହ ମାନବ ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଇନ୍ଦିରା ଓ ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ସମ୍ପର୍କରେ କର୍ମୀମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ପୂର୍ବତନ ମୁଖପାତ୍ର ମାନସ ପରିଡ଼ା, ସଦର କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଚ୍ଛାୟତ, ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତଙ୍କ ସମେତ ଜୟନାରାୟଣ ତ୍ରିପାଠୀ, ରଜନୀକାନ୍ତ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ପ୍ରବନ୍ଧ ପ୍ରତିଯୋଗିତା



ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।

କଟକ ସଦର,୩୧।୧୦(ସୁଶାନ୍ତ କୁମାର ଜେନା)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ କମିଶନରେଟ ପୋଲିସ କନ୍ଦରପୁର ଥାନା ପକ୍ଷରୁ ଶୁକ୍ରବାର ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କିଶୋର ବର୍ଗରେ ଆବହାନୀ ଜେନା, ରିତିପ୍ରଜ୍ଞା ବେହେରା, ମଳୟ କୁମାର ସାହୁ, କନିଷ୍ଠ ବର୍ଗରେ ଇଶିତା ପଟ୍ଟନାୟକ, ଅନ୍ୱେଷା ଜେନା, ସମୀକ୍ଷା ତରାଇଙ୍କୁ କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ ଓ ଅଜିତ କୁମାର ମହାନ୍ତି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଚାର୍ଯ୍ୟ ପ୍ରଭାକର ବେହେରା, ଗୁରୁଜୀ ପ୍ରଣୟ ଜେନାଙ୍କ ସମେତ ସମସ୍ତ ଗୁରୁମା ଓ ଗୁରୁଜୀ ଉପସ୍ଥିତ ଥିଲେ।

## ମେଳଣରେ ସାମିଲ ୨୮ ପ୍ରତିମା

କଟକ,୩୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ବିଦ୍ୟାଧରପୁର କାଳୀ ମେଳଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମେଳଣରେ ବଡକାଳୀ, ସାନକାଳୀ, ଦକ୍ଷିଣକାଳୀଙ୍କ ସମେତ ୨୮ଟି ମେଢ଼ ସାମିଲ ହୋଇଥିଲେ। ପ୍ରାୟ ୧୦ ଦିନର ପୂଜାର୍ଚ୍ଚନା ପରେ ପୂଜା ମଣ୍ଡପରୁ ବାହାରି ସାହି ପରିକ୍ରମା କରି ବିଦ୍ୟାଧରପୁର ମେଳଣ ପଡିଆରେ ସନ୍ଧ୍ୟାରେ ପ୍ରତିମା ଏକାଠି ହୋଇଥିଲେ। ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନି ଓ ପାରମ୍ପରିକ ବାଦ୍ୟରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ଅଞ୍ଚଳ। ମେଳଣ ପଡିଆରେ ଲୋକଙ୍କ ବେଶ ସମାଗମ ଦେଖିବାକୁ ମିଳିଥିଲା। ଶନିବାର ୩ ପ୍ରମୁଖ ଠାକୁରାଣି ବା ବଡକାଳୀ, ସାନକାଳୀ ଓ ଦକ୍ଷିଣକାଳୀଙ୍କୁ କାନ୍ଧରେ ବୁହାଇ ନେଇ ତାଳଦଣ୍ଡା କେନାଲରେ ମେଲାଣି ଦିଆଯିବ। ବିସର୍ଜନ ପରେ ମା'ଙ୍କ ମେଢ଼ ଫେରିବା ପରେ ଅନ୍ୟ ୨୮ଟି ମୂର୍ତ୍ତି ବା ହରପାର୍ବତୀ, କାଳୀୟ ଦଳନ, କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତି ବିସର୍ଜନ କରାଯିବ। ପ୍ରଶାସନ ପକ୍ଷରୁ ୨୮ଟି ମେଢ଼ ବିସର୍ଜନ କରାଯିବା ନେଇ କୃତ୍ରିମ ପୋଖରୀର ବ୍ୟବସ୍ଥା କରାଯାଇଛି। ଏହାସହ ଶୃଙ୍ଖଳିତ ଭସାଣି ଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।



ବିଦ୍ୟାଧରପୁର କାଳୀପୂଜାର ଭସାଣି ଶୋଭାଯାତ୍ରା।

# ମୁତୟନ ହେଲେ ୧୬ ପ୍ଲାଟୁନ ଫୋର୍ସ

ଖୁଣ୍ଟୁଣୀ, ୩୧।୧୦(ସଚ୍ଚିଦାନନ୍ଦ ପଣ୍ଡା)




ଧବଳେଶ୍ୱରଙ୍କ ପଞ୍ଚକ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବରିଷ୍ଠ ପ୍ରଶାସନିକ ଅଧିକାରୀ।

ଓଡ଼ିଶା ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ପଞ୍ଚକ ଓ ବଡ଼ଓଷା ପାଇଁ ଶୁକ୍ରବାର ଜିଲା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଧବଳେଶ୍ୱର ପୋଲିସ ବିଟ୍ ହାଉସ ପଡ଼ିଆରେ କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର ଓ ଯାଜପୁର ଜିଲାର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ପୋଲିସଙ୍କୁ ନେଇ ଏକ ମକଡ୍ରିଲ୍ କରାଯାଇଛି। କଟକ ଗ୍ରାମାଞ୍ଚଳ ଏସ୍ପି ଡ. ଭିନୀତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମକଡ୍ରିଲ୍‌ରେ ଡିଆଇଜି (ସିଆର୍) ଡ. ସତ୍ୟଜିତ ନାୟକ, ଅତିରିକ୍ତ ଏସ୍ପି ଶୁଭ ନାରାୟଣ ମୁଦୁଲି ଓ ପ୍ରଦୀପ କୁମାର ସାହୁ, ଡିଏସ୍ପି ସସ୍ମିତା ବାରିକ, ଅର୍ଚ୍ଚନା ମଲ୍ଲିକ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡ଼ିଝାଟିଆ ଆଇଆଇସି ତପନ କୁମାର ପତି, ଅଜୟ ନାୟକ, ସୁଜିତ ପ୍ରଧାନ ଓ ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଶ୍ୟାମସୁନ୍ଦର ସୋରେନ ପ୍ରମୁଖ ବହୁ ଅଫିସର ଯୋଗଦେଇ ପୋଲିସ ବ୍ୟବସ୍ଥା ଉପରେ ମତ ରଖିଥିଲେ। ଟ୍ରାଫିକ ବ୍ୟବସ୍ଥା ତଦାରଖ ପାଇଁ ଡିଏସ୍ପି ନିରଞ୍ଜନ ଶବର ଓ ଅଜୟ କୁମାର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ଏସ୍ପି ଅଗ୍ରୱାଲ ପୋଲିସ ବ୍ୟବସ୍ଥା ଉପରେ ସୂଚନା ଦେଇ ଧବଳେଶ୍ୱରଙ୍କ ପଞ୍ଚକ ଓ ବଡଓଷା ଯାତ୍ରାକୁ ଶୃଙ୍ଖଳିତ କରିବା ଏବଂ ଭକ୍ତଙ୍କ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ପୀଠ ଓ ପୀଠ ବାହାରେ ୧୬ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏମାନଙ୍କୁ ପରିଚାଳନା ପାଇଁ ୨ଜଣ ଅତିରିକ୍ତ ଏସ୍ପି, ୮ଜଣ ଡିଏସ୍ପି, ୨୦ଜଣ ଇନ୍ସପେକ୍ଟର, ୧୦୮ଜଣ ଏସ୍ଆଇ ଓ ଏଏସ୍ଆଇ ଏବଂ ହାବିଲଦାର, କନଷ୍ଟେବଲ, ମହିଳା ପୋଲିସ, ଟ୍ରାଫିକ ହାବିଲଦାର ଓ କନଷ୍ଟେବଲ, ଏପିଆର୍ ହାବିଲଦାର, ସାଦାପୋଷାକଧାରୀ ମହିଳା ପୋଲିସ ମିଶି ୧୮୨ଜଣ ଓ ହୋମଗାର୍ଡ ୩୪୩ଜଣ ମୁତୟନ ହେବେ। ଶୁକ୍ରବାର ସନ୍ଧ୍ୟା ୬ଟାଠାରୁ ୫ ତାରିଖ ପୂର୍ଣ୍ଣମୀ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ୮ ଘଣ୍ଟା ଅନ୍ତରରେ ସମସ୍ତ ପୋଲିସ ଅଫିସର ଓ ଅନ୍ୟ ପୋଲିସ କର୍ମଚାରୀ ଯେପରି କର୍ତ୍ତବ୍ୟରେ ଅବହେଳା ନ କରନ୍ତି, ତାର ତଦାରଖ କରିବାକୁ ଏସ୍ପି ଅଗ୍ରୱାଲ ଅତିରିକ୍ତ ଏସ୍ପିଙ୍କୁ ଦାୟିତ୍ୱ ଦେଇଥିବା ସୂଚନା ଦେଇଥିଲେ। ମଧୁସୂଦନ ସେତୁଠାରୁ ଧବଳେଶ୍ୱର ଓ ସୁନିଆଁମୁହଁଠାରୁ ଧବଳେଶ୍ୱର ଆସୁଥିବା ଶ୍ରଦ୍ଧାଳୁ ଏବଂ ଯାନବାହନଗୁଡିକ ଟ୍ରାଫିକ ନିୟମ ପାଳନ କରି ପାଇକେରାପୁର ପଡ଼ିଆରେ ରହିବେ। ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ମହାନଦୀର କଡେକଡେ ଚତୁଃପାର୍ଶ୍ୱରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ଦିନରାତି ସଜାଗ ରହିବାକୁ ଏସ୍ପି ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିର ଗର୍ଭ ଗୃହ ମଧକୁ କୌଣସି ଶ୍ରଦ୍ଧାଳୁଙ୍କୁ ପ୍ରବେଶ ନିଷେଧ କରାଯାଇଛି। ଉପରୁ ରହି ବାବାଙ୍କୁ ଦର୍ଶନ କରିବାକୁ ସେଠାରେ ପୋଲିସ ମୁତୟନ ରହିବେ। ଝୁଲାପୋଲ ଦେଇ ଯେପରି କୌଣସି ଜଣେ ବି ଯାତାୟାତ ନ କରିବେ ସେଥିପାଇଁ ପୋଲିସ ସେଠାରେ ସଜାଗ ରହିବେ।

### ଧବଳେଶ୍ୱରଙ୍କ ପଞ୍ଚକ ଯାତ୍ରା ପାଇଁ ପୋଲିସ ପ୍ରଶାସନର ପ୍ରସ୍ତୁତି

- ଟ୍ରାଫିକ ନିୟନ୍ତ୍ରଣ, ଭକ୍ତଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା
- ଡଙ୍ଗା ନିଷେଧ, ମହାନଦୀରେ ସଜାଗ ରହିବେ ଓଡ୍ରାଫ ଓ ଅଗ୍ନିଶମ ବିଭାଗ
- ମଞ୍ଚେଶ୍ୱର ପାଇକେରାପୁର ଦେଇ କୌଣସି ଭାରିଯାନ ଯାଇପାରିବନି

## ସଂକ୍ଷେପରେ

### ପାଗଳ ବିଲୁଆ କାମୁଡ଼ାରେ ୧୩ ଗୁରୁତର

ପୁରୁଣା ଭୁବନେଶ୍ୱର,୩୧।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ଏକ ପାଗଳ ବିଲୁଆ କାମୁଡ଼ାରେ ୧୩ଜଣ ଗୁରୁତର ହୋଇ ସ୍ଥାନୀୟ ମେଡିକାଲରେ ଚକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର କୁକୁଡ଼ା ଚାଷୀମାନେ ସେମାନଙ୍କ ଫାର୍ମର ମଲା କୁକୁଡ଼ାକୁ ମାଟିତଳେ ନ ପୋତି ବିଭିନ୍ନ ନାଳ, ଜଙ୍ଗଲ ପାର୍ଶ୍ୱରେ ପକାଇ ଦେଉଥିବାରୁ ତାକୁ ବିଲୁଆ, କୁକୁର ଖାଇ ପାଗଳ ହୋଇ ଲୋକଙ୍କୁ କାମୁଡ଼ିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଏକ ପାଗଳ ବିଲୁଆ କାମୁଡ଼ିବାରେ ମେଳକ ଗ୍ରାମର ନାଣ୍ଟୁ ଜେନା, ସୁରେନ୍ଦ୍ର ନାୟକ, କପିଳ ଚନ୍ଦ୍ର ନାୟକ, ଅକ୍ଷୟ ନାୟକ, ଲକ୍ଷ୍ମୀଧର ପରିଡ଼ା ଏବଂ ତାଙ୍କ ବୋହୂ, ବିନାୟକପୁରର ମୁନି ବେହେରା, ବସୁ ବେହେରା, ରମେଶ ବେହେରା ଆହତ ହୋଇଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଏମ୍‌ସି ହାତକୁ ଆସିବ ୩୧୬କି.ମି. ଡ୍ରେନ

### ବିଏମସିର ୩୫ତମ ସାଧାରଣ ବୈଠକ

- ସହର ସଫେଇ ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ଡକାଯିବ
- ଆଇଗିଣିଆ କୁବେରପୁରୀଠାରେ ଟ୍ରକ ରହଣି ପାଇଁ ହେବ ପାର୍କିଂ ବ୍ୟବସ୍ଥା




ଭୁବନେଶ୍ୱର, ୩୧।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱର ସହରର ସଫେଇ ପାଇଁ ନୂତନ ଭାବେ ଟେଣ୍ଡର ଡକାଯିବ। ସହରର ସମସ୍ତ ୱାର୍ଡରେ ରାସ୍ତା ଓ ଡ୍ରେନ୍ ସଫେଇ, ବୁଶ୍ କଟିଂ ଆଦି ପାଇଁ ୬ଟି ପ୍ୟାକେଜ୍‌ରେ ଏହି ନୂତନ ଟେଣ୍ଡର କରାଯିବ। ପୁରୁଣା ସଂସ୍ଥାଗୁଡ଼ିକୁ ଦିଆଯାଇଥିବା ଟେଣ୍ଡରର ସମୟସୀମା ସରି ଆସିଥିବାରୁ ଖୁବ୍‌ଶୀଘ୍ର ନୂତନ ଟେଣ୍ଡର ହେବା ସହ ଏଥିପାଇଁ ଏସ୍‌ଓପି ପ୍ରସ୍ତୁତ ହୋଇଛି। କର୍ପୋରେଟରଙ୍କ ଅନୁମୋଦନ ପରେ ଏହାକୁ ମୋହର ମରାଯିବା ପରେ ଟେଣ୍ଡର ଡକାଯିବ ବୋଲି ସ୍ଥିର ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ୩୫ତମ ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଏମସି ମୁଖ୍ୟାଳୟଠାରେ ଆୟୋଜିତ ଏହି ବୈଠକରେ ସହରର ସ୍ୱଚ୍ଛତା ବିଷୟରେ ଆଲୋଚନା ହୋଇଥିଲା। ସେହିପରି ପୂର୍ବରୁ ବିଏମ୍‌ସିରେ ଭେଇକିଲ୍ ଟେଣ୍ଡର୍‌ରେ ହୋଇଥିବା ଦୁର୍ନୀତି ପ୍ରସଙ୍ଗ ପୁନର୍ବାର ଉଠିଥିଲା। ୨୦୧୬ରୁ ୨୪ ମଧ୍ୟରେ ବିଏମ୍‌ସିରେ ଲଗାଯାଇଥିବା ଗାଡ଼ିର ଭଡ଼ା ବାବଦରେ ୫କୋଟି ଟଙ୍କାର ବିଲ୍ ପାସ୍ କରିବାକୁ ବୈଠକରେ ଉପସ୍ଥାପନ କରାଯାଇଥିଲା। ତେବେ ଏହାକୁ କର୍ପୋରେଟର ନୃପେଶ ନାୟକ ଏବଂ ଅନ୍ୟମାନେ ଅଭିଯୋଗ କରିବାରୁ ତାହାକୁ ପାସ୍ ନ କରି ସ୍ଥଗିତ ରଖାଯାଇଥିଲା। ବୈଠକରେ ବିଏମସି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଉନ୍ନତି ଓ ସହରୀ ବିକାଶ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଏହାବାଦ୍ ଆହୁରି ଅର୍ଥ ରାଜ୍ୟ ସରକାର ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମେୟର ସୁଲୋଚନା ଦାସ ଓ କମିଶନର ଚଞ୍ଚଳ ରାଣା ସୂଚନା ଦେଇଥିଲେ। ସେହିପରି ଆର୍ ଆଣ୍ଡ ବି ଅଧିନରେ ଥିବା ୩୧୬ କି.ମି. ଡ୍ରେନ ଏବେ ବିଏମସି ଅଧିନକୁ ଆସିବ। ଏପରିକି ବିଡିଏ/ପଞ୍ଚାୟତରେ ଥିବା ଅନେକ ରାସ୍ତା ବିଏମସି ଅଧିନକୁ ଆସିବ।

ଅପରପକ୍ଷେ ବିଭିନ୍ନ ଉପବିଭାଗ ଓ କର୍ପୋରେଟରଙ୍କ ପକ୍ଷରୁ ମୋଟ ୧୮ଟି ପ୍ରସ୍ତାବ ଆଗତ ହୋଇଥିଲା। ଆଇଗିଣିଆ ଆଲୁଗଦି ବା କୁବେରପୁରୀଠାରେ ଟ୍ରକ ରହିବା ପାଇଁ ପାର୍କିଂ ବ୍ୟବସ୍ଥା କରାଯିବ। ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ୩ଟି ଜୋନରେ ୩ଟି ଏଜେନ୍ସିଙ୍କୁ ନିୟୋଜିତ କରାଯିବ। ସେହିପରି ନଭେମ୍ବର ୬ରେ ମୁକ୍ତା ଓ ଜାଗା ମିଶନ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ କର୍ପୋରେସନର ସ୍ୱତନ୍ତ୍ର ବୈଠକ ଡକାଯିବ ବୋଲି ନିଷ୍ପତ୍ତି ହୋଇଛି।

### ବିଏମ୍‌ସି ମୁଖ୍ୟାଳୟ ଆଗରେ ବସ୍ତିବାସିନ୍ଦାଙ୍କ ଧାରଣା

ବିଏମ୍‌ସି ଗୃହରେ ବୈଠକ ଚାଲିଥିବାବେଳେ ପିଲାଛୁଆ ଧରି ବିଏମ୍‌ସି ମୁଖ୍ୟାଳୟ ବାହାରେ ୱାର୍ଡ ନଂ.୪୩ ଅନ୍ତର୍ଗତ ପାନବରଜ ବସ୍ତି ବାସିନ୍ଦା। ଭୁବନେଶ୍ୱରରେ ସ୍ୱପ୍ନର ଘର ଖଣ୍ଡିଏ ପାଇବା ପାଇଁ ସୁଧରେ ଟଙ୍କା ଆଣି ବିଏମ୍‌ସିରେ ଦେଢଲକ୍ଷ ଟଙ୍କା ଲେଖାଏ ଜମା କରିଥିଲେ। ମାତ୍ର ଇତିମଧ୍ୟରେ ୯ମାସ ବିତିଯାଇଥିଲେ ହେଁ ସେମାନଙ୍କୁ ଏଯାଏ ଘର ମିଳିନି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ସେହିପରି ୪ ନଂ. ହାଟର ଡ୍ରେନକଡକୁ ଜବରଦଖଲ କରି ଆମିଷ ବ୍ୟବସାୟୀମାନେ ଦୀର୍ଘଦିନ ଧରି ବ୍ୟବସାୟ କରୁଥିଲେ। ବିଏମ୍‌ସି ପକ୍ଷରୁ ଗୁରୁବାର ସେମାନଙ୍କୁ ଉଚ୍ଛେଦ କରିବା ସହ ଡ୍ରେନ୍ କଡରୁ ଜବରଦଖଲ ହଟାଯାଇଥିବାରୁ ଏହାକୁ ଭିତ୍ତିକରି ବ୍ୟବସାୟୀମାନେ ମଧ୍ୟ ବିଏମ୍‌ସି ଆଗରେ ଫେରାଦ ହୋଇଥିଲେ। ତେବେ ଖୁବ୍‌ଶୀଘ୍ର ହାଟ ମଧ୍ୟରେ ବ୍ୟବସାୟୀମାନଙ୍କ ବସିବା ପାଇଁ ବ୍ୟବସ୍ଥା କରାଯାଉଥିବା ମେୟର କହିଛନ୍ତି। ସେହିପରି ବସ୍ତିବାସିନ୍ଦାଙ୍କ ଦାବି ନେଇ ମଧ୍ୟ ବ୍ୟବସ୍ଥା କରାଯାଉଥିବା ସୂଚନା ଦିଆଯାଇଛି।

### ଓଡ଼ିଆଣୀ ବେଶରେ ଦର୍ଶନ ଦେଲେ ଶ୍ରୀରାଧା

ବାଲିଅନ୍ତା,୩୧।୧୦ (ନୀଳମାଧବ ସାହୁ)



କାର୍ତ୍ତିକ ଶୁକ୍ଳପକ୍ଷ ଅଁଳା ନବମୀ ଅବସରରେ ଶୁକ୍ରବାର ରାଜଧାନୀ ଉପକଣ୍ଠ ବାଲିଅନ୍ତା ସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଁଳା ନବମୀରେ ଶ୍ରଦ୍ଧାଳୁମାନେ ଶ୍ରୀରାଧାଙ୍କୁ ଓଡ଼ିଆଣୀ ବେଶରେ ଦର୍ଶନ କରିଛନ୍ତି। ମନ୍ଦିର ଆରାଧ୍ୟ ଦେବତା ଶ୍ରୀକୃଷ୍ଣଙ୍କ ବିଗ୍ରହର ବାମ ପାର୍ଶ୍ୱରେ ବିରାଜିତ ଶ୍ରୀରାଧାଙ୍କ ପାଦପଦ୍ମକୁ ବର୍ଷକୁ ଥରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଭୋର ୪ଟା ଠାରୁ ଦ୍ୱାର ଫିଟା ଯାଇ ସମସ୍ତ ନୀତି ସମ୍ପନ୍ନ କରାଯାଇଥିଲା। ପ୍ରଭୁ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ବିଗ୍ରହଙ୍କୁ ମହାସ୍ନାନ କରାଯାଇଥିଲା। ମଙ୍ଗଳ ଆଳତି ପରେ ଶ୍ରୀରାଧାଙ୍କୁ ଓଡ଼ିଆଣୀ ବେଶରେ ସଜ୍ଜିତ କରାଯିବା ସହ ଶ୍ରୀକୃଷ୍ଣଙ୍କୁ ଗୋପାଳ ବେଶ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଭୋର ୫ଟା ଠାରୁ ଦର୍ଶନ ଆରମ୍ଭ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ଶ୍ରୀରାଧାଙ୍କ ପାଦ ଯୁଗଳଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ କରିବାରେ ସହଯୋଗ କରିଥିଲେ। ପୂଜକ ଶ୍ରୀଧର ଦାଶ ଅଁଳା ନବମୀର ସମସ୍ତ ନୀତିକାନ୍ତି ତୁଲାଇଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶ୍ରୀରାଧାଙ୍କ ପାଦ ଦର୍ଶନର ସୁଯୋଗ ପାଇଥିଲେ।



ଝାଡ଼ଖଣ୍ଡ ଲୋକ ସେବା ଆୟୋଗ (ଜେପିଏସ୍‌ସି) ସଦସ୍ୟ ଡ. ଜମାଲ ଅହମ୍ମଦ ଶୁକ୍ରବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ରାଞ୍ଚି କାଙ୍କେ ରୋଡ୍‌ସ୍ଥିତ ମୁଖ୍ୟମନ୍ତ୍ରୀ ଆବାସିକ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ସଂଘର୍ଷ ଏବଂ ଜୀବନ ଉପରେ ଲିଖିତ ପୁସ୍ତକ 'ବାବା-ଏ-ଝାଡଖଣ୍ଡ' ପ୍ରଦାନ କରୁଛନ୍ତି।

## ନାବାଳକଙ୍କୁ ଅପହରଣକରି ସଂଘବଦ୍ଧ ଆକ୍ରମଣ

### ୭ ଅଭିଯୁକ୍ତ ଗିରଫ, ଜଣେ ନାବାଳକଙ୍କୁ ବାଳସୁଧାର ଗୃହ ପଠାଗଲା

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୩୧।୧୦(ସତ୍ୟଜିତ୍ ରାଉତ/ସୁବାସ ଚନ୍ଦ୍ର ପ୍ରଧାନ)

ଜଣେ ନାବାଳକଙ୍କୁ ଅପହରଣ କରି ସଂଘବଦ୍ଧ ଆକ୍ରମଣ ଘଟଣାରେ ଧଉଳି ଥାନା ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଶିଶୁପାଳ ଗ୍ରାମର ସତ୍ୟଜିତ ମଲ୍ଲିକ (୨୦), ଧଉଳି କାଣ୍ଡିସାହିର ବିଶ୍ୱନାଥ କାଣ୍ଡି (୧୯), ରାଜା ମଲ୍ଲିକ (୧୯), ସରଦେଇପୁର ଗ୍ରାମର ଶୁଭ୍ରଜିତ ପ୍ରଧାନ (୧୯), ଜସମନ ଭୋଇ (୧୯), ପୁବା ଶାସନ ଗ୍ରାମର ସ୍ୱରୂପ ପ୍ରକାଶ (୧୯) ଓ ବାଲିପାଟଣା ଝିଇଣ୍ଟି ଶାସନ ଗ୍ରାମର ଶିବୁନା ବେହେରା (୧୯)। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ଜଣେ ନାବାଳକ ମଧ୍ୟ ଧରାପଡିଛନ୍ତି। ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯିବା ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ନମିତା ମଲ୍ଲିକ ପରିବାର ସହ ଧଉଳି ଥାନା ଅନ୍ତର୍ଗତ କୃଷ୍ଣପୁରରେ ରୁହନ୍ତି। ଅକ୍ଟୋବର ୫ରେ ତାଙ୍କ ୧୪ ବର୍ଷର ପୁଅ ପ୍ରଦୀପ ଧଉଳି ପାହାଡ଼ ବୁଲିବାକୁ ଯାଉଥିଲେ। ବସ୍‌ଷ୍ଟାଣ୍ଡ ନିକଟରେ ଅନ୍ୟ ଜଣେ ନାବାଳକ ତାଙ୍କୁ କୌଣସି ଏକ କାରଣକୁ ନେଇ ଗାଳିଗୁଲଜ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାର ପରଦିନ ଅର୍ଥାତ୍ ସୋମବାର ଅଭିଯୁକ୍ତ ବିଶ୍ୱନାଥଙ୍କ ସହ ଅନ୍ୟ ୬ଜଣ ଅଭିଯୁକ୍ତ ପ୍ରଦୀପଙ୍କୁ ଧଉଳି ପାହାଡ ଅଞ୍ଚଳର ଏକ ପାନ ଦୋକାନ ନିକଟରୁ ଅପହରଣ କରି ପାମସରା କେନାଲବନ୍ଧ ନିକଟକୁ ନେଇଯାଇଥିଲେ। ସେମାନେ ସେଠାରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ଘଟଣାର ଭିଡିଓ କରି ଭାଇରାଲ କରିଥିଲେ। ଏନେଇ ପାଲିସ ନିକଟରେ ଅଭିଯୋଗ କଲେ ତାଙ୍କୁ ହତ୍ୟା କରିବେ ବୋଲି ସେମାନେ ଧମକ ଦେଇ ଛାଡିଦେଇଥିଲେ। ଘଟଣା ଦିନଠାରୁ ପ୍ରଦୀପ ଚୁପ୍ ରହିବା ସହ କାହାକୁ କିଛି ଜଣାଇ ନ ଥିଲେ। ଗୁରୁବାର ତାଙ୍କ ମା' ନମିତା ସରଦେଇପୁର ବଜାରକୁ ଯାଇଥିବା ବେଳେ ସେଠାରେ ତାଙ୍କ ସମ୍ପର୍କୀୟଙ୍କଠାରୁ ଘଟଣାର ଭିଡିଓ ଦେଖିବାକୁ ପାଇ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୪୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ




ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୩୧।୧୦ (ସୌମ୍ୟରଞ୍ଜନ ରାଉତ)

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳନ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ବିଧାନସଭା ଗେଟ୍ ନଂ.୧ ପାର୍ଶ୍ୱ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମାଲ୍ୟାର୍ପଣ ପୂର୍ବକ ଶହୀଦଙ୍କ ସ୍ମୃତିଚାରଣ କରିଛନ୍ତି। ସେହିପରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ଏଜି ଛକସ୍ଥିତ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁର୍‌ବୀର ସିଂ, ଉପ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶନୀ, ଭୁବନେଶ୍ୱର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ, ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ଜଟାଧାରୀ ମିଶ୍ର, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବିଭିନ୍ନ ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ପରିଷଦ ପକ୍ଷରୁ ମଧ୍ୟ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

No.A-814

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA
Notice Invitation of Tenders
e-Procurement Notice No.-04/2025-26 on dated 28.10.2025
E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : **18.11.2025 at 11.00 A.M.**
Date of lottery : **25.11.2025 at 11.30 A.M.**
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
OIPR-32097/11/0028/2526 Nimapara Irrigation Division, Nimapara

## ଦେଶ ପାଇଁ ହୋମି ଭାବାଙ୍କ ଯୋଗଦାନ ଅତୁଳନୀୟ



ଭୁବନେଶ୍ୱର,୩୧। ୧୦ (ସୌମ୍ୟରଞ୍ଜନ ରାଉତ)

### ହୋମି ଜାହାଙ୍ଗୀର ଭାବାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନସ୍ଥିତ ହୋମି ଭାବା ଛାତ୍ରାବାସରେ ମହାନ ପଥ ପ୍ରଦର୍ଶକ ହୋମି ଜାହାଙ୍ଗୀର ଭାବାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ପୁରାତନ ଛାତ୍ର ୧୯୬୪-୬୮ ବ୍ୟାଚ ଛାତ୍ର ସଂଘର କାର୍ଯ୍ୟକାରୀ ସଦସ୍ୟ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ପୌରାହିତରେ ସ୍ଥାପନ କରାଯାଇଥିବା ପ୍ରତିମୂର୍ତ୍ତିକୁ ମୁଖ୍ୟ ଅତିଥି ତଥା ପ୍ରତିଷ୍ଠାନ ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଫେସର ଗୋସ୍ୱାମୀ କହିଲେ, ହୋମି ଭାବାଙ୍କ ଦେଶର ସୁରକ୍ଷା ନିମନ୍ତେ ଯୋଗଦାନ ଅତୁଳନୀୟ। ଭାବାଙ୍କ ଅପ୍ରତ୍ୟାଶିତ ଭାବରେ ଦୁର୍ଘଟଣାରେ ସ୍ୱର୍ଗବାସ ଅନୁସନ୍ଧାନ ସାପେକ୍ଷ। ଏହି ଅବସରରେ ସେ ପୁରାତନ ଛାତ୍ର ସଂଗଠନର ସଭପତି ଡ. ହାଡିବନ୍ଧୁ ପଟ୍ଟନାୟକ ଏବଂ ସମ୍ପାଦକ ରମେଶ ଚନ୍ଦ୍ର ପାତାଳ ସିଂହଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ଅବସରରେ ସଭାପତି ଡ. ପଟ୍ଟନାୟକ ହୋମି ଭାବାଙ୍କ ମାତୃଭୂମି ପ୍ରତି ଅବଦାନ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ଡ. ପାଢ଼ୀ ହୋମି ଭାବାଙ୍କ ଜୀବନୀ ଉପରେ ସାଧାରଣ ସମୀକ୍ଷା କରିବା ସହିତ ବିଶ୍ୱ ଶାନ୍ତି ପ୍ରତଷ୍ଠାରେ ଭାରତର ସହଯୋଗର ଆବଶ୍ୟକତା ଉପରେ କହିଥିଲେ। ଉତ୍ସବରେ ଏନ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ଲକ୍ଷ୍ମୀଧର ବେହେରା, ଡ. କଳିଙ୍ଗ କେତକୀ, ସମସ୍ତ ଛାତ୍ରାବାସର ତତ୍ତ୍ୱାବଧାରକ, ଅଧ୍ୟାପିକା ରଶ୍ମୀ ରେଖା ସେଠୀ, ପ୍ରଫେସର ରିତଞ୍ଜଳି ଦାଶ, ପାଠାଗାର ଅଧିକାରୀ ଡ. ପୁଷ୍ପ ଲତା ନେଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ପାତାଳ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ନିର୍ଦ୍ଦେଶକ ଉମାକାନ୍ତଙ୍କ ପରଲୋକ



ସ୍ୱର୍ଗତ ଉମାକାନ୍ତ ମହାପାତ୍ର।

ଭୁବନେଶ୍ୱର,୩୧।୧୦(ସୌମ୍ୟରଞ୍ଜନ ରାଉତ)

ଶିକ୍ଷାବିତ୍ ତଥା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ନିର୍ଦ୍ଦେଶକ ଉମାକାନ୍ତ ମହାପାତ୍ରଙ୍କର ୯୪ ବର୍ଷ ବୟସରେ ଗୁରୁବାର ଭୁବନେଶ୍ୱର ଅଶୋକନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କ ସାନଭାଇ ବରିଷ୍ଠ ପ୍ରଶାସକ ତଥା ଜ୍ଞାନପୀଠ ବିଜେତା ସୀତାକାନ୍ତ ମହାପାତ୍ର, ସାନପୁଅ ଆସାମର ଅତିରିକ୍ତ ପ୍ରମୁଖ ମୁଖ୍ୟ ବନ ସରଂକ୍ଷକ ସୁମନ ମହାପାତ୍ର ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ରଞ୍ଜନ ମହାପାତ୍ର ମୁଖାଗ୍ନି ଦେଇଥିଲେ।

ସ୍ୱର୍ଗତ ମହାପାତ୍ର କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗରଦପୁର ବ୍ଲକ୍ ଅଧୀନ କୋଶିଦା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସେ ଓଡ଼ିଶା ସରକାରଙ୍କ ବହୁ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ରେଭେନ୍‌ଶା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଥିଲେ। ତାଙ୍କ ବିୟୋଗରେ ଜନ୍ମସ୍ଥାନ ପାଟକୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ବୈଜୟନ୍ତ ପଣ୍ଡା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ବସନ୍ତପୁର ସାଇ ଟ୍ରଷ୍ଟିର ରୁଦ୍ର ମହାନ୍ତି ଶୋକ ପ୍ରକାଶ କରିବା ସହ ଶୋକସନ୍ତପ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

Government of Odisha No.Z-:
Information and Public Relations Department
Lok Sampark Bhawan, Bhubaneswar
No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

REQUEST FOR PROPOSAL SHORT TENDER NOTICE

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
OIPR-15001/11/1249/2526 DIRECTOR

## ଆପୋଲୋର ସ୍ତନ କର୍କଟ ସଚେତନତା ଅଭିଯାନ 'ଚେକଓଲେଟ୍'

### ପ୍ରତି ମାସରେ ସ୍ତନ ପରୀକ୍ଷା ଜରୁରୀ

ଭୁବନେଶ୍ୱର,୩୧।୧୦(ଅନୁରାଧା ମହାରଣା)



ମହିଳାଙ୍କ ଠାରେ ସ୍ତନ କର୍କଟ ସମସ୍ୟାଦିନକୁ ଗମ୍ଭୀର ହେଉଥିବାବେଳେ ମହିଳାମାନେ ପ୍ରତି ମାସରେ ମାସିକ ରଜସ୍ରାବର ୭ଦିନ ପୂର୍ବରୁ ଓ ୭ଦିନ ପରେ ସ୍ତନ ପରୀକ୍ଷା କରାଇନେବା ଜରୁରୀ। ଏହାଦ୍ୱାରା ବଡ଼ ବିପଦ ଟଳିଯିବ ବୋଲି ଆପୋଲୋ ହସପିଟାଲ ପକ୍ଷରୁ ସ୍ତନ କର୍କଟ ସଚେତନତା ମାସ ପାଳନ ଅବସରରେ ବାର୍ତ୍ତା ଦିଆଯାଇଛି। ଏହି ଅବସରରେ ବୁଧବାର ହସପିଟାଲ କନଫରେନ୍ସ ହଲରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଚେତନତା ଅଭିଯାନ 'ଚେକଓଲେଟ୍'ର ଶୁଭାରମ୍ଭ କରାଯାଇଛି। ଅଭିନେତ୍ରୀ ପିଙ୍କି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅଭିଯାନର ଶୁଭାରମ୍ଭ କରିବା ସହ ନିୟମିତ ସ୍ତନ ପରୀକ୍ଷା ପାଇଁ ସଙ୍କୋଚ ନକରିବାକୁ ପରାମର୍ଶ ଦେଇଥିଲେ। ହସପିଟାଲର ସିଓଓ ଡା. ଆଲୋକ ଶ୍ରୀବାସ୍ତବ ସ୍ୱାଗତ ଅଭିଭାଷଣରେ କହିଥିଲେ, ମହିଳାମାନେ ସୁସ୍ଥ ରହିଲେ, ଦେଶ ଅଗ୍ରଗତି କରିବ। ପ୍ରତ୍ୟେକ ମହିଳାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପରିବାର, ସମାଜ ଏବଂ ଅର୍ଥନୀତି ଅଭିବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ। ଆପୋଲୋ କ୍ୟାନସର ସେଣ୍ଟରର ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ପ୍ରଶାନ୍ତ ଚନ୍ଦ୍ର ଦାଶ ହସପିଟାଲରେ ସ୍ତନ କର୍କଟର ସଫଳ ଚିକିତ୍ସାର ଉଦାହରଣ ଦେଇ ନିୟମିତ ସ୍ତନ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଡିଏଶନ୍ ଅଙ୍କୋଲୋଜିଷ୍ଟ ଡା. ସମରେନ୍ଦ୍ର ଦାଶ କହିଥିଲେ, 'ଚେକଓଲେଟ୍' ଅଭିଯାନ ଚକୋଲେଟରୁ ଅନୁପ୍ରାଣିତ । ପ୍ରତି ମାସରେ ମାତ୍ର କିଛି ମିନିଟର ପରୀକ୍ଷା ଜୀବନରେ ମିଠାପଣ ବଜାୟ ରଖିଥାଏ ବୋଲି ସେ ବାର୍ତ୍ତା ଦେଇଥିଲେ। ଡା. ସନ୍ଦୀପ ମଜୁମଦାର ସଚେତନା ହେଉଛି ରୋଗ ନିବାରଣର ପ୍ରଥମ ଡୋଜ୍। ଚେକ୍‌ଓଲେଟ୍ ଅଧିନରେ ଉନ୍ମୋଚନ ହୋଇଥିବା କ୍ୟୁଆର୍ କୋଡ୍ ସ୍କାନ କରି ମହିଳାମାନେ ସ୍ତନ କର୍କଟର କାର, ନିରାକରଣ ଓ ଲକ୍ଷଣ ସମ୍ପର୍କରେ ସବିଶେଷ ତଥ୍ୟ ପାଇପାରିବେ ବୋଲି ସେ କହିଥିଲେ। ମେଡିକାଲ ଅଙ୍କୋଲୋଜିଷ୍ଟ ଗଣେଶ ଚନ୍ଦ୍ର ସୁବୁଦ୍ଧି କହିଥିଲେ, କ୍ୟାନସର କେୟାରର ଅର୍ଥ କେବଳ ଚିକିତ୍ସା ନୁହେଁ ବରଂ ବିଳମ୍ବ ହେବା ଆଗରୁ ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା। ଡା. ରେଖା ସାମୁଏଲ କହିଥିଲେ, ବାସ୍ତବ ମହିଳା ସଶକ୍ତିକରଣ ସ୍ୱଯତ୍ନ ଭଳି ପଦକ୍ଷେପରୁ ଆରମ୍ଭ ହୋଇଥାଏ।

No.CAD-2125
obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No.9220 Date. 28.10.2025
File : SMT-2082
NOTICE INVITING TENDER

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Selection of an Agency for preparation of DPR for **a) 4-lane carriage way from Jalaharpur Chhak to Chari Chhak.** **b) 4-lane carriage way from Chari Chhak to Astaranga.** | 25/Tender/OBCC/2025-26 | From 03.11.2025 | On or before 5.00 PM of 24.11.2025 | ₹ 11,800/- (Including GST) | 05 (Five) Calendar Months | Empanelled Agencies with OBCC for "Preparation of DPR for Roads Projects" |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.
OIPR-34161/11/0035/2526 Sd./- Chief Engineer (Civil)

## ବିଦାୟ ନେଲେ ମା' ଶ୍ୟାମାକାଳୀ






ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ଠାରେ ଦୀପାବଳିଠାରୁ ୧୧ ଦିନ ଧରି ଚାଲିଥିବା ପ୍ରସିଦ୍ଧ ମା'ଶ୍ୟାମାକାଳୀ ପୂଜାର ସାମୂହିକ ଭସାଣି ଉତ୍ସବ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି ।

# ସୁରଭି କାର୍ଯ୍ୟକ୍ରମରେ ଚୟନ ପ୍ରକ୍ରିୟାକୁ ନେଇ ଏବିଇଓ ହଟହଟା

## ଚୟନ ପ୍ରକ୍ରିୟା ଠିକ୍ ଥିବା ସ୍ପଷ୍ଟ କଲେ ବିଇଓ

ନିଶ୍ଚିନ୍ତକୋଇଲି,୩୧।୧୦
(ଅଶୋକ କୁମାର ମହାପାତ୍ର)

ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଲୁକ୍କାୟିତ ପ୍ରତିଭାର ଉନ୍ମୋଚନ ପାଇଁ ସରକାର ସୁରଭି କାର୍ଯ୍ୟକ୍ରମ ଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିବା ସମୟରେ ବିଚାରକ ନିଷ୍ପତ୍ତିକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବା ବ୍ୟବସ୍ଥା ଥିବା ବେଳେ ବିଚାରକଙ୍କ ବିଚାର ଉପରେ ପ୍ରଶ୍ନବାଚୀ ଉଠୁଥିବାରୁ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ନଇଗୁଆଁ-ଦାଉଦପୁର ଉଚ୍ଚ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଏଠାରେ ପୁରସ୍କାରକୁ କେନ୍ଦ୍ରକରି ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ନିଶ୍ଚିନ୍ତକୋଇଲି ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ସେକ୍ ଜାକିର ହୋସେନ ଓ ପ୍ରଭାତ କୁମାର ବେହେରାଙ୍କୁ ତାଲା ପକାଇ ୬ଘଣ୍ଟା ଧରି ଅଟକ ରଖିଥିଲେ। ଖବରପାଇ ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଏବିଇଓଙ୍କୁ ଉଦ୍ଧାର କରିଛି। ଏହି ଘଟଣାକୁ କେନ୍ଦ୍ରକରି ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଛି।

ନିଶ୍ଚିନ୍ତକୋଇଲି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫, ୨୫ତାରିଖରେ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନଇଗୁଆଁ-ଦାଉଦପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀମାନଙ୍କୁ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଭାଜପା ନେତା ଅରିନ୍ଦମ ରାୟ ଓ ବ୍ଲକ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀମାନେ ଜିଲାସ୍ତରକୁ ମନୋନୀତ ହୋଇଥିବା ଘୋଷଣା କରାଯାଇଥିଲା। ଜିଲାସ୍ତରୀୟ ପ୍ରତିଯୋଗିତାର ଗୋଟିଏ ଦିନ ପୂର୍ବରୁ ବ୍ଲକ ଶିକ୍ଷା ବିଭାଗର ଅତିରିକ୍ତ ଶିକ୍ଷାଧିକାରୀ ସେକ୍ ଜାକିର ହୋସେନ ଓ ପ୍ରଭାତ ବେହେରା ନଇଗୁଆଁ-ଦାଉଦପୁର ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଏହି ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କ ନାମ କଟାଯାଇ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ମନୋନୀତ କରାଯାଇଥିବାର ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟର ଛାତ୍ରୀଙ୍କ ନାମ କଟିଯାଇଥିବା କାରଣରୁ ଛାତ୍ରୀମାନେ ଜିଲାସ୍ତରକୁ ଯାଇପାରିବେ ନାହିଁ। ତାଙ୍କ ବଦଳରେ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ଯିବେ ବୋଲି ଏହି ଏବିଇଓ ଦ୍ୱୟ ପ୍ରକାଶ କରିବା କାରଣରୁ ଛାତ୍ରୀଛାତ୍ର ଓ ଶିକ୍ଷକ ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ଉତ୍ତ୍ୟକ୍ତ ଛାତ୍ରାଭିଭାବକମାନେ ଏହି ୨ ଏବିଇଓଙ୍କୁ ବିଦ୍ୟାଳୟ ପରିସରରେ ତାଲା ପକାଇ ଅଟକ ରଖିଥିଲେ। ଖବରପାଇ ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଅଭିଭାବକଙ୍କୁ ବୁଝାଶୁଝା କରି ୨ ଅଧିକାରୀଙ୍କୁ ଉଦ୍ଧାର କରିଛନ୍ତି। ଏ ସମ୍ପର୍କରେ ଛାତ୍ରାଭିଭାବକ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ଲିଖିତ ଆକାରରେ ଜଣାଇବା ସହ ଜାଲିଆତିର ତଦନ୍ତ କରାଯିବା ନିମନ୍ତେ ଦାବି କରିଛନ୍ତି। ଅପରପକ୍ଷେ ଏ ସମ୍ପର୍କରେ ଅଭିଭାବକଙ୍କ ତରଫରୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର କୁହନ୍ତି, ନୃତ୍ୟରେ ଚୟନ ପ୍ରକ୍ରିୟା ବିଭାଗୀୟ ନିର୍ଦ୍ଦେଶନାମାକୁ ଆଧାର କରି କରାଯାଇଛି। ଏଥିରେ କୌଣସି ତ୍ରୁଟି କରାଯାଇନାହିଁ।

# ବିଶ୍ୱସ୍ତରରେ ପହଞ୍ଚିଲେ ଦକ୍ଷ ଗାଡ଼ିଚାଳକ ରାକେଶ

## ଓଡ଼ିଶା ସରକାରଙ୍କ ଯାନ ତାଲିମ କେନ୍ଦ୍ରରୁ ପ୍ରଶିକ୍ଷିତ

## କେନ୍ଦୁଝରରୁ ଜାପାନ ଯାତ୍ରା

କଟକ,୩୧।୧୦(କାର୍ତ୍ତିକ ସାହୁ)

ଓଡ଼ିଶା ସରକାରଙ୍କ ଯାନ ଚାଳନା ତାଲିମ କେନ୍ଦ୍ରରୁ ସଫଳ ସୁବାହକ ପ୍ରଶିକ୍ଷିତ ଭାବେ ବିଶ୍ୱସ୍ତରରେ ନିଜର ସୁନାମ ହାସଲ କରିବାରେ ଜଣେ ଦକ୍ଷ ଯୁବ ଗାଡ଼ିଚାଳକ ସକ୍ଷମ ହୋଇଛନ୍ତି କେନ୍ଦୁଝର ଜିଲା ପାଣ୍ଡପଡ଼ା ଥାନା ଅନ୍ତର୍ଗତ ଜଙ୍ଘିରା ଗ୍ରାମର ରାକେଶ କୁମାର ଦାସ। ସେ ଏବେ ଜାପାନର ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇ ଜାପାନ ଅଭିମୁଖେ ଯାଇଛନ୍ତି। ଓଡ଼ିଶା ସରକାରଙ୍କ ଛତିଆସ୍ଥିତ ଯାନ ଚାଳନା ତାଲିମ ଓ ଗବେଷଣା ପ୍ରତିଷ୍ଠାନରୁ ସୁବାହକ ଭାବେ ରାକେଶ ପ୍ରଶିକ୍ଷିତ ହୋଇଥିଲେ।



କେନ୍ଦୁଝର ଜିଲା ପାଣ୍ଡପଡ଼ା ଥାନା ଅନ୍ତର୍ଗତ ଜଙ୍ଘିରା ଗ୍ରାମର ରାକେଶ କୁମାର ଦାସ।

ସୂଚନାନୁସାରେ, ପ୍ରଶିକ୍ଷାର୍ଥୀଙ୍କ ତାଲିମ ସହ ରହିବା ଖାଇବାର ସମସ୍ତ ଖର୍ଚ୍ଚ ତାଲିମ କେନ୍ଦ୍ରରେ ସରକାର ବହନ କରନ୍ତି। ସଫଳତାର ସହ ଯାନ ଚାଳନା ଶିଖିବା ପରେ ଜାପାନର ମାରୁଇ କମ୍ପାନୀରେ ସେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ଜାପାନ ଯିବା ପାଇଁ ସେଠାକାର ଭାଷା ଏବଂ ଚାଲିଚଳଣି ବାବଦରେ ପ୍ରଶିକ୍ଷଣ ଦେବା ପାଇଁ ଓଡ଼ିଶା ସରକାର ଭାରତର ଏକ ପ୍ରତିଷ୍ଠିତ କମ୍ପାନୀ ନାଭିସ ଏଚ୍ଆର୍ ସହ ଚୁକ୍ତି କରିଥିଲେ। ସେଠାରେ ତାଙ୍କୁ ପ୍ରସ୍ତୁତ କରାଯାଇଥିଲା। ନିଯୁକ୍ତି ନେଇ ରାକେଶ ଖୁସିଥିବା ବେଳେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗାଡ଼ିଚାଳନା ପ୍ରଶିକ୍ଷଣର ସୁଯୋଗ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିବା ସେ କହିଛନ୍ତି। ଏହି କାହାଣୀ ଜଣେ ସାଧାରଣ ମଣିଷର, ଯିଏ ସରକାରୀ ସମର୍ଥନରେ ନିଜ ଦକ୍ଷତା ବଳରେ ରାଜ୍ୟ ନାଁକୁ ଆଗକୁ ବଢ଼ାଇଛନ୍ତି ଏବଂ ବିଶ୍ୱସ୍ତରରେ ଉଦାହରଣ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରି ଅନେକ ଯୁବତୀ, ଯୁବକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଦକ୍ଷତା ବିକାଶ ବିଭାଗ ନିରନ୍ତର ଭାବେ ପ୍ରୟାସ କରୁଛି। ରାକେଶଙ୍କ ନିଯୁକ୍ତି ନେଇ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବହିଷ୍କୃତ ଅଣ ଶିକ୍ଷକ, କର୍ମଚାରୀଙ୍କୁ ଭେଟିଲେ ଅତିରିକ୍ତ ଜିଲାପାଳ



ଆନ୍ଦୋଳନକାରୀଙ୍କ ସହ ଅତିରିକ୍ତ ଜିଲାପାଳ ଆଲୋଚନା କରୁଛନ୍ତି।

## ପ୍ରସନ୍ନମଣି ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟ ଆନ୍ଦୋଳନ ୧୦ ଦିନ ସ୍ଥଗିତ

ଟିଗିରିଆ,୩୧।୧୦ (ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ସ୍ଥିତ ପ୍ରସନ୍ନମଣି ଶାରୀରିକ ଯୋଗ ଓ ପ୍ରଶିକ୍ଷଣ ମହାବିଦ୍ୟାଳୟର ବହିଷ୍କୃତ ଅଣ ଶିକ୍ଷକ ଓ କର୍ମଚାରୀଙ୍କ ସହ ଶୁକ୍ରବାର ଅତିରିକ୍ତ ଜିଲାପାଳ ଆଲୋଚନା କରିଛନ୍ତି। ଏହାପରେ ଆନ୍ଦୋଳନ ୦ ଦିନ ପାଇଁ ସ୍ଥଗିତ ହୋଇଛି। ୭ ଦଫା ଦାବି ନେଇ ଏହି ମହାବିଦ୍ୟାଳୟର ୧୭ ଜଣ ବହିଷ୍କୃତ ଅଣଶିକ୍ଷକ ଓ କର୍ମଚାରୀ ତାଲା ବନ୍ଦ ଆନ୍ଦୋଳନ ୫ ଦିନ ହେବ ଜାରି ରଖିଛନ୍ତି। ଗୁରୁବାର ଘଟଣାକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମହାବିଦ୍ୟାଳୟକୁ ୮ ଦିନ ପାଇଁ ଛୁଟି ଘୋଷଣା କରିଦେଇଥିଲେ। ଏନେଇ ଧାରଣାରେ ବସିଥିବା ଶିକ୍ଷକ ଓ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶୁକ୍ରବାର ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହନ୍ତ, ସହକାରୀ ଉପଜିଲାପାଳ ମାନସ କୁମାର ବେହେରା, ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡା ପ୍ରମୁଖ ଅପରାହ୍ନରେ ମହାବିଦ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିବା ଶିକ୍ଷକ,କର୍ମଚାରୀ ଓ ମହାବିଦ୍ୟାଳୟ ର ଅଧ୍ୟକ୍ଷଙ୍କ ସହ ସମସ୍ୟା ର ସମାଧାନ ଦିଗରେ ଆଲୋଚନା କରିଛନ୍ତି। ପ୍ରଥମେ ଅତିରିକ୍ତ ଜିଲାପାଳ ମହନ୍ତ ମହାବିଦ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ପରେ ଆନ୍ଦୋଳନରେ ବସିଥିବା କର୍ମଚାରୀଙ୍କ ପ୍ରତିନିଧି ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହ ମହନ୍ତ ଆଲୋଚନା କରି ପ୍ରଶାସନକୁ ୧୦ ଦିନ ଘଟଣାର ସମାଧାନ ପାଇଁ ମହଲତ ମାଗିଥିଲେ। ଏଥିସହ ଶନିବାର ଅଧ୍ୟକ୍ଷ ପ୍ରଧାନଙ୍କୁ ସମସ୍ତ କାଗଜପତ୍ର ନେଇ ତାଙ୍କ ତାଙ୍କ କାର୍ଯ୍ୟାଳୟରେ ଭେଟିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଦୋଳନରତ ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ରବିବାର ମହାବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟଙ୍କ ସହ ବୈଠକ କରି ଘଟଣାର ସମାଧାନ ଦିଗରେ ପ୍ରୟାସ ପାଇଁ ଚେଷ୍ଟା କରିବାକୁ କହିଥିଲେ। ତହସିଲଦାର ପରିଡାଙ୍କ ଉପସ୍ଥିତିରେ ଏହି ବୈଠକ ଆୟୋଜନ କରିବାକୁ ଆନ୍ଦୋଳନକାରୀମାନେ ନିବେଦନ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ମହନ୍ତ ସମ୍ମତି ପ୍ରକାଶ କରିଛନ୍ତି। ଏହାପରେ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ଧାରଣାକାରୀମାନେ ରାଜି ହୋଇଛନ୍ତି।

# ଭାରତକୁ ଏକତା ସୂତ୍ରରେ ବାନ୍ଧିଥିଲେ ଲୌହମାନବ

ମଙ୍ଗୁଳି- ଜଗତପୁର/ବାଙ୍କୀ,୩୧।୧୦
(ମାନସ ସାମଲ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁଟ୍ ପକ୍ଷରୁ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଟାଙ୍ଗୀ ପୋଲିସର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତ୍ରିଦେବ ବେହେରା, ଜାଭିୟର ସ୍କୁଲ ଅଧ୍ୟକ୍ଷ ତାପସ କୁମାର ମଲ୍ଲିକ, ଭାଜପା ସଙ୍ଗଠକ ଆକାଶ ପାତ୍ର, ସାମାଜିକ କର୍ମୀ ଅମୂଲ୍ୟ କୁମାର ବେଉରା ଓ ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଯୁବକ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଟାଙ୍ଗୀ-ଭଜିମୁଣ୍ଡା ରାସ୍ତାର ଡ୍ରିମ୍ସ ବିଶ୍ୱବିଦ୍ୟାଳୟଠାରୁ ଟେଟ୍ରାହେଡ୍ରନ ଗ୍ରୁପର ଟିକରା କ୍ୟାମ୍ପସ ପର୍ଯ୍ୟନ୍ତ ଏକତା ଦୌଡ ଆୟୋଜିତ ହୋଇଥିଲା। ଟେଟ୍ରାହେଡ୍ରନ ଉଚ୍ଚ ମାଧ୍ୟମିକ ଓ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦୌଡ଼ରେ ସାମିଲହୋଇ ଜାତୀୟ ସଂହତି ଓ ଏକତାର ବାର୍ତ୍ତା ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ଡ. ବିକାଶ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏସ୍ଆଇ ହେମନ୍ତ କୁମାର ସାମଲଙ୍କ ସହ ଟାଙ୍ଗୀ ଥାନା ଓ ଡ୍ରିମ୍ସ ଫାଣ୍ଡିର ବହୁ ପୋଲିସ ସହାୟତା କରିଥିଲେ। ଟେଟ୍ରା ଗ୍ରୁପ ଅଧ୍ୟାପକ ଶୁଭ୍ରକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।




ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁଟ୍ ପକ୍ଷରୁ ଆୟୋଜିତ ଗଣଦୌଡ଼।

ସେହିପରି ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ପୋଲିସ ପ୍ରଶାସନ ତରଫରୁ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବାଙ୍କୀ ଥାନା ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଯୋଗଦେଇ ଭାରତକୁ ଏକତା ସୂତ୍ରରେ ବାନ୍ଧିବାରେ ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ଏହାଛଡ଼ା ବାଙ୍କୀ ଏନଏସି ଅନ୍ତର୍ଗତ ଚକାପଦାସ୍ଥ ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ଯୁବବନ୍ଧୁ ଭବନ ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି।

# ଆଧୁନିକ ଭାରତ ନିର୍ମାଣରେ ଇନ୍ଦିରା ଗାନ୍ଧୀଙ୍କ ଅବଦାନ ଅତୁଳନୀୟ

ମାହାଙ୍ଗା, ୩୧।୧୦ ( ଅଜୟ କୁମାର ମହାନ୍ତି)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ୪୧ତମ ସ୍ମୃତିଉତ୍ସବ ଇନ୍ଦିରା ଗାନ୍ଧୀ ସ୍ମୃତି ସଂସଦ ଓ ମାହାଙ୍ଗା ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ କୁହୁଣ୍ଡା ପଞ୍ଚାୟତର କୁମୁଡ଼ାହାଟଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାପରେ କୁଣ୍ଡି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରିଶେଷରେ କୁଣ୍ଡି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମସ୍ଥିତ ଅବଦୁଲ କଲାମ କ୍ଲବ ପ୍ରାଙ୍ଗଣରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରାଯାଇଥିଲା । ଓଡ଼ିଶା ମହିଳା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦିକା ପ୍ରୀତିଛନ୍ଦା କୈବଲ୍ୟ ନାୟକ ଯୋଗଦେଇ ଆଧୁନିକ ଭାରତ ନିର୍ମାଣରେ ଇନ୍ଦିରାଗାନ୍ଧୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲେଖ ସ୍ୱାଇଁ, ମହେଶ୍ୱର ରାଉତ, ବିବେକାନନ୍ଦ ମହାପାତ୍ର, ଲତୀଫୁର ରହେମାନ, ଚୈତନ୍ୟ ଚରଣ ପାଣି ପ୍ରମୁଖ ଯୋଗଦେଇଥିଲେ।

No.A-814

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA

Notice Invitation of Tenders
e-Procurement Notice No.-04/2025-26 on dated 28.10.2025
E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : **18.11.2025 at 11.00 A.M.**
Date of lottery : **25.11.2025 at 11.30 A.M.**
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
OIPR-32097/11/0028/2526 Nimapara Irrigation Division, Nimapara

Government of Odisha
No.Z-:
Information and Public Relations Department
Lok Sampark Bhawan, Bhubaneswar
No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

REQUEST FOR PROPOSAL SHORT TENDER NOTICE

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
DIRECTOR
OIPR-15001/11/1249/2526

# ପ୍ରସ୍ତାବିତ ମ୍ୟୁନିସିପାଲିଟିରେ ମିଶିବାକୁ ଥିବା ଗ୍ରାମକୁ ଗୁରୁତ୍ୱ

## ବାଙ୍କୀ ଏନ୍ଏସିର ୨୪ତମ ସାଧାରଣ ପରିଷଦ ବୈଠକ

- ମହୋତ୍ସବ ପରେ ରାତ୍ରିକାଳୀନ ସଫେଇ ବନ୍ଦ ଥିବାରୁ ଅସନ୍ତୋଷ
- ଷ୍ଟ୍ରିଟ ଲାଇଟ୍ ଦାୟିତ୍ୱ ନେଇଥିବା ସଂସ୍ଥା ନିମ୍ନମାନର ଲାଇଟ ଦେଇଥିବା ଅଭିଯୋଗ

ବାଙ୍କୀ,୩୧।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର )

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ୨୪ତମ ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କରି ପରିଷଦ ସଭାଗୃହ ବାହାରେ ଦୁର୍ଗାପୁର ମୌଜାରେ ଥିବା ପରିଷଦର ନବନିର୍ମିତ ପ୍ରଶାସନିକ ଭବନର ସମ୍ମିଳନୀ କକ୍ଷରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ନଗରପାଳ ମାଣିକ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ଜାତୀୟ ଏକତା ଦିବସ ଭାବରେ ପାଳନ କରାଯାଇଥିବାରୁ ଜାତୀୟ ଏକତା, ଅଖଣ୍ଡତା, ସଂହତି ପାଇଁ ପାରିଷଦମାନେ ଶପଥପାଠ କରିଥିଲେ। ବୈଠକରେ ପୂର୍ବ ବିବରଣୀ ପାଠ କରାଯିବା ପରେ ଚଳିତ ବୈଠକର ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ବାଙ୍କୀ ଏନ୍ଏସିକୁ ମ୍ୟୁନିସିପାଲିଟି କରିବା ପାଇଁ ସରକାର ବିଚାରକୁ ନେଇ ଆଲୋଚନା ହୋଇଥିଲା। କେଉଁ ଗ୍ରାମାଞ୍ଚଳ ମ୍ୟୁନିସିପାଲିଟି ସହ ମିଶିବେ ସେମାନଙ୍କ ସମ୍ମତିପତ୍ର ସହ ପ୍ରସ୍ତାବ ଦେବା ପାଇଁ ନିର୍ଦ୍ଦେଶ ଥିବାରୁ ଏଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବାଙ୍କୀ ମହୋତ୍ସବ ପରେ ରାତ୍ରିକାଳୀନ ସଫେଇ ବନ୍ଦ ଥିବାରୁ କାଉନ୍ସିଲରମାନେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ବଜାର ଅଞ୍ଚଳରୁ ରାତ୍ରିକାଳୀନ ସଫେଇ ଆରମ୍ଭ କରିବାକୁ ନଗରପାଳ ପରିମଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଦୋକାନଘର ଭଡ଼ା ସମ୍ପର୍କରେ ଆଲୋଚନା କରାଯିବା ସହ ପରିଷଦ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ ଦାୟିତ୍ୱ ନେଇଥିବା ସଂସ୍ଥା ନିମ୍ନମାନର ଲାଇଟ ଦେଇଥିବା ନେଇ କାଉନ୍ସିଲରମାନେ ଅଭିଯୋଗ କରିଥିଲେ। ଏଥିସହ ପରିଷଦର ୮ନମ୍ବର ୱାର୍ଡରେ ଥିବା ଅର୍ଦ୍ଧନିର୍ମିତ କଲ୍ୟାଣମଣ୍ଡପ କାର୍ଯ୍ୟକୁ ସମ୍ପୂର୍ଣ୍ଣ ପାଇଁ ଡିପିଆର୍ ସଂଶୋଧନ କରି ଆଇଏଲ୍ ଡବ୍ଲୁଙ୍କ ବୈଷୟିକ ଅନୁମତି ଆଣି ତୁରନ୍ତ ଟେଣ୍ଡର କରି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ୱାର୍ଡ ନଂ.୧୦ରେ ଅକ୍ଷୟ ପଟ୍ଟନାୟକ ମାର୍ଗରେ ପ୍ରସ୍ତାବିତ ସ୍ମାର୍ଟ ପାର୍କର ବୈଷୟିକ ମଞ୍ଜୁରୀ ମିଳିସାରିଥିବାରୁ ତୁରନ୍ତ ଟେଣ୍ଡର କରାଯାଇ ଏହି କାର୍ଯ୍ୟକୁ ଆରମ୍ଭ କରି ଏପ୍ରିଲ ସୁଦ୍ଧା ଶେଷ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ନଗରପାଳ ମତବ୍ୟକ୍ତ କରିଥିଲେ। ଉକ୍ତ ବୈଠକରେ ଏମ୍ପିଙ୍କ ପ୍ରତିନିଧି ସରୋଜ ସାମନ୍ତରାୟ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, କାଉନ୍ସିଲର ବିକଳ ଗୋଛି, ସନାତନ ବେହେରା, ଚନ୍ଦନଗଣ୍ଡିଆ, ପଠାଣି ବେହେରା, ସଞ୍ଜୟ ପୃଷ୍ଟି, ରାଜେନ୍ଦ୍ର ମହାପାତ୍ର, ସବିତା ନନ୍ଦ, ପ୍ରତୀମା ରାଉତ, ଅଶାନ୍ତି ରାଉତଙ୍କ ସମେତ ଏନ୍ଏସିର ସମସ୍ତ ପାରିଷଦ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

No.CAD-2125

obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No.9220 Date. 28.10.2025
File : SMT-2082

NOTICE INVITING TENDER

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Selection of an Agency for preparation of DPR for **a) 4-lane carriage way from Jalaharpur Chhak to Chari Chhak. b) 4-lane carriage way from Chari Chhak to Astaranga.** | 25/Tender/ OBCC /2025-26 | From 03.11.2025 | On or before 5.00 PM of 24.11.2025 | ₹ 11,800/- (Including GST) | 05 (Five) Calendar Months | Empanelled Agencies with OBCC for "Preparation of DPR for Roads Projects" |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.

OIPR-34161/11/0035/2526 Sd./- Chief Engineer (Civil)

# ଦେଶର ଅଖଣ୍ଡତା ପାଇଁ ଏକତା ଜରୁରୀ



ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗଣଦୌଡ଼ ଏବଂ ଶପଥ ପାଠ କାର୍ଯ୍ୟକ୍ରମରେ ସାମିଲ ପୋଲିସ ଅଧିକାରୀ, ଛାତ୍ରୀଛାତ୍ର ଏବଂ ସ୍ୱେଚ୍ଛାସେବୀମାନେ।

**ଖୋର୍ଦ୍ଧା,୩୧।୧୦(ପ୍ରଭାତ ପାଣିଗ୍ରାହୀ)**

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଖୋର୍ଦ୍ଧା ଏବଂ ଜିଲା ପୋଲିସ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଫିଟ୍ ଫର ଇଣ୍ଡିଆ ବିଶାଳ ଗଣଦୌଡ଼ ଏବଂ ଶପଥ ପାଠ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ପୋଲିସ ମୁଖ୍ୟାଳୟରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଏସ୍‌ପି ବିବେକାନନ୍ଦ ଶର୍ମା ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ମହାବିଦ୍ୟାଳୟ ବିଦ୍ୟାର୍ଥୀ, ସ୍ୱେଚ୍ଛାସେବୀ, କ୍ରୀଡାପ୍ରେମୀ, ଖେଳାଳି, ପୋଲିସ ଓ ପ୍ରଶାସନିକ ଅଧିକାରୀ, କର୍ମଚାରୀ ପ୍ରମୁଖ ଏହି ଗଣଦୌଡରେ ସାମିଲ ହୋଇଥିଲେ। ଏହି ଗଣଦୌଡ ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ, ନୂଆ ବସଷ୍ଟାଣ୍ଡ ଟ୍ରାଫିକ ଛକଠାରୁ ସେହି ଦିଗରେ ଫେରି ଶିଆଳିଆ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚିଥିଲା।

ଏହି ଅବସରରେ ବିଧାୟକ ଜଗଦ୍ଦେବ କହିଥିଲେ ଯେ, ଦେଶର ଅଖଣ୍ଡତା ପାଇଁ ଏକତା ଜରୁରୀ। ଦେଶର ବିଭିନ୍ନ ସମସ୍ୟାର ସମାଧାନର ବାଟ ଏଥିରେ ନିହିତ ରହିଛି। ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀକୁ ଦେଶ ଜାତୀୟ ଏକତା ଦିବସ ଭାବେ ପାଳନ କରୁଛି।

ଦେଶର ଏକତାକୁ ସୁଦୃଢ଼ କରି ଏକ ଶକ୍ତିଶାଳି ଏବଂ ସମୃଦ୍ଧ ରାଷ୍ଟ୍ର ଗଠନ ଦିଗରେ ପଟେଲଙ୍କ ଅବଦାନ ଅତୁଳନୀୟ। ଆଜିର ଯୁବପିଢି ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଭାରତର ବିନ୍ଧାଣୀ ହେବାକୁ ଆହ୍ୱାନ କରିଥିଲେ। ସେହି ଆହୁରି କହିଥିଲେ ଯେ, ଖୋର୍ଦ୍ଧା ହେଉଛି ବୀରତ୍ୱର ମାଟି। ସ୍ୱାଧୀନତା ସଂଗ୍ରାମରେ ପାଇକ ବୀରଙ୍କ ତ୍ୟାଗ, ବଳିଦାନ ଅବର୍ଣ୍ଣନୀୟ। ଏସ୍‌ପି ଶର୍ମା କହିଥିଲେ ଯେ, ଦେଶର ଅଖଣ୍ଡତା, ଏକତା ଓ ସୁରକ୍ଷା ପାଇଁ ଏକତା ଜରୁରୀ। ସମୃଦ୍ଧ ଭାରତ ଗଠନ ପାଇଁ ଯୁବପିଢି ଏହାକୁ ପାଥେୟ କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଦେଶର ଭବିଷ୍ୟତ ଭାରତ ପରିକଳ୍ପନା ପାଇଁ ଯୁବପିଢି ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଥିଲେ ଯେ, ସମସ୍ତ ଭାରତୀୟଙ୍କୁ ଏକତାର ସୁତ୍ରରେ ବାନ୍ଧି ରଖିବାର ପଟେଲ ଯେଉଁ ସ୍ୱପ୍ନ ଦେଖିଥିଲେ, ଏହାକୁ ଆଜିର ଯୁବପିଢିଙ୍କ ଉପରେ ନ୍ୟସ୍ତ ରହିଛି। ଏକତା ବଜାଏ ରହିଲେ ଭାରତ ସମଗ୍ର ବିଶ୍ୱରେ ମହାଶକ୍ତିରେ ପରିଣତ ହୋଇପାରିବ। ଜିଲା କ୍ରୀଡ଼ାଧିକାରୀ ଗୀତାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ଏକତା ଦିବସ ଓ ଗଣଦୌଡ଼ର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ଅତିରିକ୍ତ ଏସ୍‌ପି(ଡିଆଇବି) ଅନାଦି ଚରଣ ସେଠୀ, ଅବକାରୀ ଏସ୍‌ପି ସୁମତି ତ୍ରିପାଠୀ, ଉପ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରାଙ୍କ ସମେତ ଅନ୍ୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଆୟୁଷ୍ମାନ୍ ଆରୋଗ୍ୟ ଶିବିର: ବିସ୍କୁଟ ଦେବାକୁ ନେଇ ରୋଗୀଙ୍କ ଅସନ୍ତୋଷ

**ବାଣପୁର,୩୧।୧୦(ଦିଲୀପ କୁମାର ସ୍ୱାଇଁ)**

ସରକାରୀ ଡାକ୍ତରଖାନାରେ ମାସକୁ ଥରେ ଆୟୁଷ୍ମାନ୍ ଆରୋଗ୍ୟ ଶିବିର ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ରୋଗୀଙ୍କୁ ପ୍ରୋତ୍ସାହନମୂଳକ ଆପ୍ୟାୟିତ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ବ୍ୟୟବରାଦ କରାଯାଇଛି। ତେବେ ଏହି ଶିବିରରେ ବିଶେଷଜ୍ଞ ଡାକ୍ତରମାନେ ଯୋଗଦେବାକୁ ନିର୍ଦ୍ଦେଶ ଥିବା ବେଳେ ବାଣପୁର ଏବଂ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏପରିକି ରୋଗୀଙ୍କୁ କେବଳ ୫ଟଙ୍କିଆ ବିସ୍କୁଟ ପ୍ୟାକେଟ୍ ମିଳିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଗତ ୩୦ ତାରିଖ (ଗୁରୁବାର)ରେ ଆୟୁଷ୍ମାନ୍ ଆରୋଗ୍ୟ ଶିବିର ଚାଲିଥିବା ବେଳେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫୩ଜଣ ଏବଂ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୩ଜଣ ରୋଗୀଙ୍କ ଚିକିତ୍ସା କରାଯାଇଛି। ତେବେ ସରକାରଙ୍କ ନିୟମ ଅନୁସାରେ ସକାଳ ୮ଟାରୁ ରୋଗୀ ସେବା କାର୍ଯ୍ୟ ଆରମ୍ଭ ନିୟମ ରହିଥିବା ବେଳେ ପୂର୍ବାହ୍ନ ୧୧ଟାରେ ଗମ୍ଭାରୀମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଆରମ୍ଭ ହୋଇଥିଲା। ତେବେ ଉକ୍ତ ଶିବିର ବିଶେଷଜ୍ଞ ଡାକ୍ତରଙ୍କ ବିନା ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ରୋଗୀଙ୍କୁ ଶୁଖିଲା ଖାଦ୍ୟ ବାବଦରେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟୟବରାଦ ଥିଲେ ମଧ୍ୟ ୫ଟଙ୍କିଆ ଏକ ବିସ୍କୁଟ ପ୍ୟାକେଟ ଦିଆଯାଇଥିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉପରିସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସଞ୍ଜୟ କୁମାର ମହାନ୍ତି କହିଛନ୍ତି ଯେ, ଜଣେ ରୋଗୀ ପ୍ରତି ୪୦ ଟଙ୍କାରୁ ୫୦ ଟଙ୍କା ମଧ୍ୟରେ ଟିଫିନ ଦେବା ବ୍ୟବସ୍ଥା ରହିଛି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆୟୁଷ୍ମାନ୍ ଆରୋଗ୍ୟ ସେବାକୁ କେତେ ଟଙ୍କା ଆସୁଛି, ଠିକ୍‌ରେ କହିପାରିବି ନାହିଁ। ସେହିପରି ହସ୍ପିଟାଲ ବ୍ଲକ୍ ଆକାଉଣ୍ଟ ମ୍ୟାନେଜର ତତ୍ତ୍ୱଦର୍ଶୀ ଖାଡ଼ଙ୍ଗା କହିଛନ୍ତି ଯେ, ଗୋଟିଏ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ରୁ ୪ହଜାର ଟଙ୍କା ଆସୁଛି। ତେଣୁ ୫ଟଙ୍କାର ଏକ ବିସ୍କୁଟ ପ୍ୟାକେଟ ଦିଆଯାଉଛି ବୋଲି ସେ କହିଛନ୍ତି।

# ଶପଥ ନେଲେ ଅଧିକାରୀ, କର୍ମଚାରୀ

**ଖୋର୍ଦ୍ଧା,୩୧।୧୦(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଧାନ ସଭାରେ ଯୋଗଦେଇଥିବା ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ, ଜିଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, ବିଡିଓ ଏବଂ ତହସିଲଦାରମାନଙ୍କୁ ରାଷ୍ଟ୍ରର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବାକୁ ଏକତା ଶପଥ ପାଠ କରାଇଥିଲେ। ଏହି ଅବସରରେ ପ୍ରଧାନ କହିଥିଲେ ଯେ, ଏକତା ମନ୍ତ୍ରରେ ସମସ୍ତେ ବାନ୍ଧି ହୋଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେଲେ ଦେଶର ଏକତା ଆହୁରି ମଜଭୁତ ହେବା ସହ ଦେଶର ଗୌରବ ସାରା ବିଶ୍ୱବିଦିତ ହେବ। ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଡେପୁଟି କଲେକ୍ଟର ନିବେଦିତା ପରିଡ଼ା, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ମାନସ ବ୍ରହ୍ମ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲା କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

## କବି ଅନ୍ତରର ଭାଷା ହେଉଛି କବିତା




**ବୋଲଗଡ଼,୩୧।୧୦(ଦେବବ୍ରତ ହୋତା)**

କବି ଅନ୍ତରର ଭାଷା ହେଉଛି କବିତା। ଶୁକ୍ରବାର ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକ କବିତା ପାଠୋତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଡ.ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ଏହା କହିଛନ୍ତି। କେପିଏନ୍ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନଙ୍ଗ ନରେନ୍ଦ୍ର ଶିକ୍ଷାନୁଷ୍ଠାନ ସମୂହର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ୍ କାଳୀଚରଣ ଜୟସିଂହଙ୍କ ୮୩ତମ ଜୟନ୍ତୀ ଅବସରରେ ଆୟୋଜିତ ହୋଇଥିଲା। ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଅତିଥିଭାବେ ଡ.ପ୍ରେମାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା ଡ.ରଜନୀ ରଞ୍ଜନ ଦାସ, ସମ୍ମାନିତ ଅତିଥିଭାବେ ଡ.ସୁରେଶ ଛୋଟରାୟ, ସହଦେବ ଜୟସିଂହ, କୁମୁଦିନି ଜୟସିଂହ ପ୍ରମୁଖ ଯୋଗଦେଇଥିଲେ। ସାହିତ୍ୟ ସଂସଦ ସମ୍ପାଦକ ଅଧ୍ୟାପକ ରଙ୍କନିଧି ବଳିୟାରସିଂହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ପ୍ରଫୁଲ୍ଲ ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୮ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ସଂସଦର ବାର୍ଷିକ ସାହିତ୍ୟ ପତ୍ରିକା 'ଅନଙ୍ଗାୟନ', କବି ବସନ୍ତ ସାହୁଙ୍କ କବିତା ପୁସ୍ତକ 'କୃଷ୍ଣ ରସାୟନ', କବିକେତନ ଗୌରଚରଣ ସାମନ୍ତସିଂହାରଙ୍କ କବିତା ପୁସ୍ତକ 'ଗଜେନ୍ଦ୍ର ମୋକ୍ଷ' ଓ 'ବନ୍ଦେ ବିଶ୍ୱଗୁରୁ ଭାରତ ମାତରଂ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଶିକ୍ଷାବିତ୍ ସୁମନ୍ତ ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ କବିତାପାଠ ଉତ୍ସବରେ ଲୁଣ୍ଡୁ ତ୍ରିପାଠୀ ଓ ବୈକୁଣ୍ଠ ମହାରଣାଙ୍କ ସଂଯୋଜନାରେ ଶତାଧିକ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର କୋଷାଧ୍ୟକ୍ଷ ଶିକ୍ଷକ ପଦ୍ମନାଭ ଖଟେଇ ଧନ୍ୟବାଦ ଦେଇଥିଲେ।

## ଅଗ୍ନିଶମ କର୍ମଚାରୀଙ୍କୁ ଆକ୍ରମଣ ଘଟଣା | ମୁଖ୍ୟ ଅଭିଯୁକ୍ତ ନାବାଳକ ଧରାପଡ଼ିଲେ

**ବୋଲଗଡ଼,୩୧।୧୦ (ଦେବବ୍ରତ ହୋତା)**

ଗତ ସେପ୍ଟେମ୍ବରରେ ବିଦ୍ୟୁତ୍ ଆଘାତରେ ଖଇଁରିଆ ଗ୍ରାମର ଆଲୋକ କୁମାର ପରିଡ଼ା ନଡ଼ିଆ ଗଛ ଶୀର୍ଷରେ ଝୁଲି ରହିଥିବା ବେଳେ ତାଙ୍କ ମୃତଦେହ ଉଦ୍ଧାର ନିମନ୍ତେ ଆସିଥିବା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବୋଲଗଡ଼ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ରବୀନ୍ଦ୍ର ଲେଙ୍କା (୪୦), ଚନ୍ଦ୍ରକାନ୍ତ ସାମନ୍ତରାୟ(୨୫) ଓ ପ୍ରଭାକର ସାମନ୍ତରାୟ(୧୯)। ଏନେଇ ଥାନାରେ ଏକ ମାମଲା (ନଂ.୨୧୨/୨୫)ରୁଜୁ ହୋଇଥିଲା। ତେବେ ଏଥିରେ ସମ୍ପୃକ୍ତି ଥିବା ମୁଖ୍ୟ ଅଭିଯୁକ୍ତ ରାଜସୁନାଖଲା ଅଞ୍ଚଳର ଜଣେ ନାବାଳକ ଫେରାର ଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଖୋର୍ଦ୍ଧା ଅଞ୍ଚଳରୁ ଧରିବା ପରେ ଶୁକ୍ରବାର ବ୍ରହ୍ମପୁରସ୍ଥିତ ବାଳ ସୁଧାର ଗୃହକୁ ପଠାଇଦେଇଛି।

# ଏକତା ପାଇଁ ଗଣଦୌଡ଼, ଶପଥ ପାଠ

**ଟାଙ୍ଗୀ,୩୧।୧୦(ରଘୁନାଥ ସାହୁ)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଟାଙ୍ଗୀ ପୋଲିସ ପକ୍ଷରୁ ଗଣଦୌଡ଼ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଛକଠାରୁ ଥାନା ପର୍ଯ୍ୟନ୍ତ ଗଣଦୌଡ଼ରେ ବିଭିନ୍ନ ବିଦ୍ୟାଳୟର ଏନ୍‌ସିସି,ସ୍କାଉଟ୍ସ ଗାଇଡ୍ସର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏହି ଅବସରରେ ବଳରାମ ଦେବ ବିଦ୍ୟାପୀଠ ଠାରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ତଥା ଅଖଣ୍ଡ ଭାରତ ଓ ଏକତା ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଟାଙ୍ଗୀ ଥାନା ପରିସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଅତିଥିଭାବେ ବଳରାମ ଦେବ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମଣୀ ମଙ୍ଗରାଜ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ବିନୋଦ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ। ଗଣଦୌଡ଼ ପ୍ରତିଯୋଗିତା ବାଳକ ବିଭାଗରେ ବିକାଶ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିଶ୍ୱଜିତ ମହାନ୍ତି ଦ୍ୱିତୀୟ, ରାଜେଶ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବିଭାଗରେ ପ୍ରଜ୍ଞାପରମିତା ଦଳାଇ ପ୍ରଥମ ସ୍ଥାନ, କିଞ୍ଜଲ ନାୟକ ଦ୍ୱିତୀୟ, ଦୀପାଳି ବାହୁବଳେନ୍ଦ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରବନ୍ଧ ପ୍ରତିଯୋଗିତାରେ ଶୁଭଶ୍ରୀ ବେହେରା ପ୍ରଥମ ସ୍ଥାନ, ବିନୟ ଭୂଷଣ ସାହୁ ଦ୍ୱିତୀୟ, ପ୍ରିୟାନୀ ବନଜା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରବନ୍ଧ ପ୍ରତିଯୋଗିତାର ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର, ପୋଲିସ ଅଧିକାରୀମାନେ ଶପଥ ପାଠ କରିଥିଲେ। କୁହୁଡ଼ି ଫାଣ୍ଡି ଅଧିକାରୀ ଅନିରୁଦ୍ଧ ସାମନ୍ତରାୟଙ୍କ ସମେତ ଟାଙ୍ଗୀ ଥାନାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବାଲୁଗାଁ ଥାନା ପୋଲିସ ପକ୍ଷରୁ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୋଲିସ ଅଧିକାରୀ ଏବଂ ଛାତ୍ରୀଛାତ୍ରମାନେ।

**ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ନିରାକାରପୁର ପୋଲିସ ପକ୍ଷରୁ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନେତୃତ୍ୱରେ ସ୍ଥାନୀୟ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ଯୁବଗୋଷ୍ଠୀଙ୍କୁ ନେଇ ଥାନା ପରିସରଠାରୁ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା। ଅନୁରୂପଭାବେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥଙ୍କ ସମେତ ଥାନାର ଏଏସ୍‌ଆଇ ଗୁପ୍ତ ପ୍ରସାଦ ମହାନ୍ତି, ଏଏସ୍‌ଆଇ ଶରତ ଚନ୍ଦ୍ର ବେହେରା, ହାବିଲଦାର ରତ୍ନାକର ବେହେରା, ଥାନାର ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ଶିଶୁମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।



ନିରାକାରପୁର ଥାନା ପକ୍ଷରୁ ଅନୁଷ୍ଠିତ ଶପଥ ପାଠ କାର୍ଯ୍ୟକ୍ରମ।

ସବ୍‌ଇନ୍‌ସ୍ପେକ୍ଟର ଦୀପାଳିଶା ନାୟକ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଲୁଗାଁ,(ସଂଗ୍ରାମ ପାଇକରାୟ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ରାଷ୍ଟ୍ରୀୟ ଏକତା ଦିବସ ସହ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଜାତୀୟ ସେବା ଯୋଜନା, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡକ୍ରସ ଓ ରେଞ୍ଜର ସ୍ୱେଚ୍ଛାସେବୀଙ୍କୁ ସର୍ଦ୍ଦାର ପଟେଲଙ୍କ ଜୀବନ ଦର୍ଶନ, ଜାତୀୟତାବୋଧ, ଦେଶର ଏକତା ପାଇଁ ଥିବା ତ୍ୟାଗପୂତ ଜୀବନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ସର୍ଦ୍ଦାର ପଟେଲ କିପରି ନିଜ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ମାଧ୍ୟମରେ ଭାରତର ସମସ୍ତ ଗଡ଼ଜାତ ଅଞ୍ଚଳର ମିଶ୍ରଣ କରାଇ ରାଷ୍ଟ୍ରୀୟ ଏକତା ସୃଷ୍ଟି କରିଥିଲେ, ସେ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ରିନା ରାଉତ, ଏନ୍‌ସିସି ଅଧିକାରୀ ଅଧ୍ୟାପକ ଚନ୍ଦନ ନାୟକଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କ ଏକତା ପାଇଁ ଦୌଡ଼ ଅନୁଷ୍ଠିତ ହୋଇଥିଲା। ପରେ ଚିଲିକା କୂଳରେ ଛାତ୍ରୀଛାତ୍ରମାନେ ଏକ ମାନବ ଶୃଙ୍ଖଳ ସୃଷ୍ଟି କରି ରାଷ୍ଟ୍ରୀୟ ଏକତା ଦିବସରେ ସର୍ଦ୍ଦାର ପଟେଲଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ।

**କୃଷ୍ଣପ୍ରସାଦ,(କୈଳାସ ଚନ୍ଦ୍ର ପଟ୍ଟନାୟକ):** ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଶୁକ୍ରବାର କୃଷ୍ଣପ୍ରସାଦ ପୋଲିସ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ପୋଲିସ କର୍ମଚାରୀ, ଯୁବକ, ଛାତ୍ରୀଛାତ୍ର ଏବଂ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। କୃଷ୍ଣପ୍ରସାଦ ଗାନ୍ଧୀ ଛକଠାରୁ ଗଣଦୌଡ଼ କାର୍ଯ୍ୟକ୍ରମ ଆରମ୍ଭ ହୋଇ ବ୍ୟାଙ୍କ, ମେଡିକାଲ ଛକ ପରିକ୍ରମା କରିଥିଲା। କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଗଣଦୌଡ କାର୍ଯ୍ୟକ୍ରମରେ ସବଇନ୍‌ସ୍ପେକ୍ଟର ସୁଜିତ କୁମାର ସାହୁ, ସବଇନ୍‌ସ୍ପେକ୍ଟର ଚନ୍ଦ୍ରଶେଖର ନାୟକ, ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅମିୟ କୁମାର ସାମଲ, ଏଏସ୍‌ଆଇ ବ୍ରଜ ମୋହନ ଜେନା, ଏଏସ୍‌ଆଇ ମନୋରଞ୍ଜନ ଦାଶଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

**ବେଗୁନିଆ,(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ସଦର ମହକୁମା ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପକ୍ଷରୁ ଶୁକ୍ରବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ନେଇ ଏକତା ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା। ଦେଶାତ୍ମବୋଧକ ଗୀତ, ସ୍ଲୋଗାନ ଦେଇ ବଜାର ଏବଂ ସାହି ପରିକ୍ରମା କରିଥିଲେ। ଆୟୋଜକ ଅନୁଷ୍ଠାନର ଅଧ୍ୟକ୍ଷ ରାଜେଶ କୁମାର ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଣ୍ଡିତ ବିଷ୍ଣୁ ପ୍ରସାଦ କର ମଙ୍ଗଳା ଚରଣ ପାଠ କରିବା ପରେ ସର୍ଦ୍ଦାର ପଟେଲଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସର୍ଦ୍ଦାର ପଟେଲଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଏଥିରେ ତହସିଲଦାର ତାପସ କୁମାର ବିଶି ମୁଖ୍ୟ ଅତିଥି, ସଂସ୍କୃତି ବିଶେଷଜ୍ଞ ଡା. ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କବୟିତ୍ରୀ ମାନସୀ ଦାସ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ଭାଗୀରଥି ନାୟକ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅଜୟ କୁମାର ସାହୁ, ସାମାଜିକ କର୍ମୀ ଅଶ୍ୱିନୀ ପଟ୍ଟନାୟକ, କୈଳାସ ନାଥ ପଟ୍ଟନାୟକ, ପ୍ରଶାନ୍ତ ବାରିକ, ଶରତ ଚମ୍ପତି, ଗାୟକ ହରିହର ମହାପାତ୍ରଙ୍କ ସମେତ ସମସ୍ତ ଗୁରୁମା' ଏବଂ ଗୁରୁଜୀ ଉପସ୍ଥିତ ଥିଲେ।

**ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର):** ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ବାଘମାରୀ ଥାନା ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯିବା ସହ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସ୍ଥାନୀୟ ହଟକେଶ୍ୱର ମହିଳା ମହାବିଦ୍ୟାଳୟ ସମ୍ମୁଖରୁ ବାହାରି ବଜାର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ମହିଳା ଉପନୀରିକ୍ଷକ ପୁଷ୍ପଲତା ଲେଙ୍କା ପରିଚାଳନା କରିଥିଲେ।

No.A-814

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**NIMAPARA IRRIGATION DIVISION, NIMAPARA**

Notice Invitation of Tenders

e-Procurement Notice No.-04/2025-26 on dated 28.10.2025

E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : **18.11.2025 at 11.00 A.M.**
Date of lottery : **25.11.2025 at 11.30 A.M.**
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
OIPR-32097/11/0028/2526 Nimapara Irrigation Division, Nimapara

**Government of Odisha** No.Z-:
**Information and Public Relations Department**
**Lok Sampark Bhawan, Bhubaneswar**

No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

**REQUEST FOR PROPOSAL SHORT TENDER NOTICE**

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
DIRECTOR
OIPR-15001/11/1249/2526

obcc No.CAD-2125

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

No.9220 Date. 28.10.2025
File : SMT-2082

**NOTICE INVITING TENDER**

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Selection of an Agency for preparation of DPR for **a) 4-lane carriage way from Jalaharpur Chhak to Chari Chhak. b) 4-lane carriage way from Chari Chhak to Astaranga.** | 25/Tender/ OBCC /2025-26 | From 03.11.2025 | On or before 5.00 PM of 24.11.2025 | ₹ 11,800/- (Including GST) | 05 (Five) Calendar Months | Empanelled Agencies with OBCC for "Preparation of DPR for Roads Projects" |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.

OIPR-34161/11/0035/2526 Sd./- Chief Engineer (Civil)

## ସଂକ୍ଷେପରେ

### ଛାତ୍ରୀଙ୍କୁ ନିଶାଦେଇ ଅଶ୍ଳୀଳ ଭିଡିଓ ଉତ୍ତୋଳନ କରି ବ୍ଲାକ ମେଲ୍

ପିପିଲି,୩୧।୧୦(ଦୁର୍ଗା ମାଧବ ମିଶ୍ର)

ପିପିଲି ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ପିପିଲି ଅଞ୍ଚଳର ଜନୈକ ଯୁବତୀ ଖୋର୍ଦ୍ଧା ନିକଟବର୍ତ୍ତୀ ଏକ ଘରୋଇ ନର୍ସିଂ କଲେଜରେ ପଢୁଛନ୍ତି। ପିପିଲି ପୋଉଲାଇନର ଜନୈକ ଛାତ୍ର ସହିତ ଉକ୍ତ ଛାତ୍ରୀଙ୍କର ଫେସବୁକରୁ ବନ୍ଧୁତ୍ୱ ସ୍ଥାପନ ହୋଇଥିଲା। ବନ୍ଧୁତ୍ୱ ସ୍ଥାପନ ପରେ ଯୁବକ ଜଣକ ଖାଦ୍ୟ ଓ ପାନୀୟରେ ନିଶା ଦେଇ ଛାତ୍ରୀଙ୍କର ଅଶ୍ଳୀଳ ଫଟୋ ଉଠାଇ ପରବର୍ତ୍ତୀ ସମୟରେ ବ୍ଲାକମେଲ କରି ଚାଲିଥିଲେ। ଛାତ୍ରୀଙ୍କଠାରୁ ବିଭିନ୍ନ ସମୟରେ ସୁନା ଓ ଟଙ୍କା ନେଇ ତାଙ୍କୁ ବ୍ଲାକମେଲ କରୁଥିଲେ। ଏଥିସହିତ ଯୁବକ ଜଣକ ଉକ୍ତ ଛାତ୍ରୀଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ, ଏଥିରେ ଛାତ୍ରୀ ଜଣକ ରାଜି ନ ହେବାରୁ ଯୁବକ ଜଣକ ଏକ ଫେକ୍ ଇନଷ୍ଟାଗ୍ରାମ ଖୋଲି ଛାତ୍ରୀଙ୍କର ଅଶ୍ଳୀଳ ଫଟୋକୁ ଭାଇରାଲ କରିଥିଲେ। ଛାତ୍ରୀ ଜଣକ ସମସ୍ତ ଘଟଣା ଘରେ ଜଣାଇବା ପରେ ତାଙ୍କ ମା' ଏ ସମ୍ପର୍କରେ ପିପିଲି ଥାନାରେ ଅଭିଯୋଗ କରିଥିଲେ। ପିପିଲି ପୋଲିସ ଅଭିଯୋଗକୁ ଭିତ୍ତିକରି ୬୬୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଏହା ମଧ୍ୟରେ ୪ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି।

### ବ୍ରିଜ୍‌ରୁ ଖସି ପଡ଼ି ଛାତ୍ରୀ ଆହତ

କଣାସ,୩୧।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଓ ବ୍ରହ୍ମଗିରି ବ୍ଲକକୁ କରମଳାଠାରେ ଲୁଣାନଦୀ ଉପରେ ସଂଯୋଗ କରୁଥିବା ସେତୁଟି ଦୀର୍ଘଦିନ ହେଲା ଭାଙ୍ଗିଯାଇଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ପ୍ରତିଦିନ ଅଭିରାମ ପରମହଂସଙ୍କ ଶତାଧିକ ଭକ୍ତ ଏହି ସେତୁଦେଇ ଶାନ୍ତିଧାମ ଆଶ୍ରମକୁ ଆସନ୍ତି ଏବଂ ଅଭିରାମ ନୋଡାଲ୍ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ ଦୈନନ୍ଦିନ ଏହି ସେତୁ ଉପରଦେଇ ବିଦ୍ୟାଳୟକୁ ଆସିଥାନ୍ତି। ଶୁକ୍ରବାର ନବମ ଶ୍ରେଣୀରେ ପଢୁଥିବା ଶୁଭଶ୍ରୀ ନାୟକ ଏହି ସେତୁ ଦେଇ ଯାଉଥିବା ବେଳେ ଏକ ଗାଡ଼ି ଅପରପାର୍ଶ୍ୱରୁ ଆସୁଥିଲା। ଏହି ଦେଖି ସେ ସାଇଡ୍ ହେବା ବେଳେ ସେ ନଦୀକୁ ଖସି ପଡ଼ିଥିଲେ। ନଦୀ ଭିତରେ ଅଳ୍ପ ପରିମାଣର ଜଳ ସହିତ ଦଳ ଥିବାରୁ ସାମାନ୍ୟ ଆହତ ହୋଇଥିଲେ। ଛାତ୍ରୀ ଜଣକ ଖସିପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସେତୁ ତୁରନ୍ତ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ସତ୍ୟବାଦୀ ବିଧାୟକ, ବ୍ରହ୍ମଗିରି ବିଧାୟକ ଏବଂ ମନ୍ତ୍ରୀଙ୍କ ନିକଟରେ ଦାବି କରିଆସୁଥିଲେ ମଧ୍ୟ ସେତୁ ନିର୍ମାଣ କାର୍ଯ୍ୟ ହୋଇପାରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

### ରାଧାପାଦ ଦର୍ଶନ ଅବସରରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୩୧।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଏକତା ଦିବସ ପାଳନ ଓ ଶପଥ ଗ୍ରହଣ ତଥା ଅଁଳା ନବମୀ ରାଧାପାଦ ଦର୍ଶନ ଅବସରରେ ଶିଶୁ ସୁରକ୍ଷା ସମ୍ପର୍କିତ ସୂଚନା, ଶିକ୍ଷା, ସମ୍ପ୍ରସାରଣ ଶିବିର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରଶାସନ ସହାୟତାରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ମହାବୀର ରୁଦ୍ର ନାରାୟଣ ସାହୁ, ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଆଇନ ପରିବୀକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ, ସାମାଜିକ କର୍ମୀ ବିଜୟ କୁମାର ପରିଡ଼ା, ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପଣ୍ଡା, ଭବାନୀ ଶଙ୍କର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରକୁ ପରିଦର୍ଶନରେ ଯାଇ ଏକତା ଦିବସ ଶପଥ ଗ୍ରହଣରେ ଅଂଶଗ୍ରହଣ କରିଥିଲେ। ଏହାପରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଶିକ୍ଷା ସମ୍ପ୍ରସାରଣ ଶିବିର ଉଦ୍‌ଘାଟନ କରିବା ସହିତ ଆଶ୍ରମ ଅନ୍ତେବାସୀଙ୍କ ସହିତ ରାଧାପାଦ ଦର୍ଶନ କରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ଚାଇଲ୍ଡ ହେଲ୍ପଲାଇନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ କର୍ମକର୍ତ୍ତାମାନେ ଶିଶୁ ଅଧିକାର, ଶିଶୁ ସୁରକ୍ଷା, ଚାଇଲ୍ଡ ହେଲ୍ପଲାଇନ ନିଃଶୁଳ୍କ ଫୋନ ନମ୍ବର ୧୦୯୮ ସମ୍ବନ୍ଧୀୟ ସୂଚନା ପତ୍ର ଲିଫ୍‌ଲେଟ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର ଶିଶୁ ଭବନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ରାଧାପାଦ ଦର୍ଶନ କଲେ ଶ୍ରଦ୍ଧାଳୁ

ଅସ୍ତରଙ୍ଗ/ ଯୋଗେଶ୍ୱରପୁର,୩୧।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ/ ରଶ୍ମି ରଞ୍ଜନ ସାହୁ)



କାର୍ତ୍ତିକ ଶୁକ୍ଳପକ୍ଷ ନବମୀ ତିଥିକୁ ଅଁଳା ନବମୀ ଭାବେ ପାଳନ କରାଯାଏ। ଏହା ଅକ୍ଷୟ ନବମୀ ନାଁରେ ମଧ୍ୟ ଜଣାଯାଏ। ଏହି ଦିନ ଶ୍ରଦ୍ଧାଳୁ ଶ୍ରୀରାଧାପାଦ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କରିଥାନ୍ତି। ହିନ୍ଦୁ ଧର୍ମରେ ଅଁଳା ନବମୀର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ଅଁଳା ଗଛକୁ ପୂଜା କରାଯାଏ। ଅଁଳା ଶ୍ରୀହରି ବିଷ୍ଣୁଙ୍କ ପ୍ରିୟ ଫଳ। ଏହି ବୃକ୍ଷରେ ସମସ୍ତ ଦେବଦେବୀ ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ଅଁଳା ଗଛର ପୂଜାର୍ଚ୍ଚନା କରି ଅଖଣ୍ଡ ଆରୋଗ୍ୟ ଓ ପରିବାର ସୁଖ ସମୃଦ୍ଧି କାମନା କରାଯାଇଥାଏ। ପବିତ୍ର ରାଧା ପାଦ ଦର୍ଶନ ଅବସରରେ ଓଡ଼ିଆଣୀ ବେଶରେ ରାଧାରାଣୀ। ନଟବର ବେଶରେ ଶ୍ରୀକୃଷ୍ଣ। ଏଭଳି ସୁନ୍ଦର ବେଶ ଦେଖିବାକୁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ବରାଙ୍ଗ ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଧାର୍ଯ୍ୟ ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୪ରୁ ଦ୍ୱାରଫିଟା ନୀତି ପାଳନ ହୋଇଥିଲା। ପରେ ମଙ୍ଗଳଆଳତି, ମଇଲମ, ଅବକାଶ ନୀତି ସହ ବିଭିନ୍ନ ନୀତିକାନ୍ତି ପରେ ସକାଳୁ ଭକ୍ତ ଧାଡ଼ିରେ ଯାଇ ରାଧାଙ୍କ ପାଦ ଦର୍ଶନ କରିଥିଲେ। ପବିତ୍ର ଅଁଳା ନବମୀ ପାଇଁ ଅସ୍ତରଙ୍ଗ ବ୍ଲକର ନଗର (ଦକ୍ଷିଣ ପନ୍ତାଳ), ଅସ୍ତରଙ୍ଗ, ଓଲିହାଁ ସମେତ ବିଭିନ୍ନ ଗ୍ରାମରେ ଥିବା ଅଁଳା ବୃକ୍ଷକୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଛନ୍ତି। ବ୍ରତଧାରୀ ବୃକ୍ଷରେ ଶଙ୍ଖା, ଚୁଡ଼ି ବାନ୍ଧି ନିଜର ମଙ୍ଗଳ ମନାସିଛନ୍ତି। ଅଁଳା ବୃକ୍ଷମୂଳରେ ପୂଜାର୍ଚ୍ଚନା ସହ ରାଧାପାଦ ଦର୍ଶନ କଲେ ଅନେକ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପଟେ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବିଭିନ୍ନ ଗ୍ରାମରେ ଥିବା ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା ସହ ଅଁଳା ବୃକ୍ଷମୂଳରେ ପ୍ରସ୍ତୁତ ପ୍ରସାଦକୁ ଭୋଜନ କରିଥିଲେ ଶ୍ରଦ୍ଧାଳୁ।

ସେହିପରି ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀଗୁରୁ ଧର୍ମ କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ଜଗଜ୍ଜନନୀ ମା' ରାଧାରାଣୀଙ୍କ ପାଦ ଦର୍ଶନ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ, କାର୍ତ୍ତିକ ଅବକାଶ ପଠନ ଓ ମଙ୍ଗଳ ଆଳତି ପରେ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଶ୍ରୀବିଗ୍ରହ ଓ ପାଦୁକା କୀର୍ତ୍ତନ କରାଯାଇ ସମାଧି ମନ୍ଦିରରୁ ରାଧାପାଦ ପଦ୍ମ ମନ୍ଦିରକୁ ଅଣାଯାଇଥିଲା। ସେଠାରେ ମା' ରାଧାରାଣୀଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ପରେ ଶତାଧିକ ଭକ୍ତ ଏକତ୍ରିତ ହୋଇ ପାଦପଦ୍ମ ମନ୍ଦିରରେ ଭଜନ କୀର୍ତ୍ତନ କରି ମା'ଙ୍କ କୃପା ଭିକ୍ଷା କରିଥିଲେ। କିମ୍ବଦନ୍ତୀ କହେ, ମା'ରାଧାରାଣୀ ଉତ୍ତରାୟା ଦେବୀ ହୋଇଥିବାରୁ ବର୍ଷକ ଯାଏ ମା'ଙ୍କ ବସ୍ତ୍ର ପରିଧାନ ଉତ୍ତରାଞ୍ଚଳ ରୀତି ଅନୁଯାୟୀ ପାଦ ଲୁଚି ରହିଥାଏ। ହେଲେ ପବିତ୍ର ଅଁଳା ନବମୀରେ ମା'ଙ୍କ ଜନ୍ମଦିନ ହୋଇଥିବାରୁ ଏହି ଦିନ ଭକ୍ତମାନେ ଆନନ୍ଦରେ ପାଦ ଦର୍ଶନ କରିଥାନ୍ତି। ବୃନ୍ଦାବନ ଧାମ ପରି ସମସ୍ତ ପୂଜା ଏହି ପୀଠରେ ଦେଖିବାକୁ ମିଳୁଛି। ଏହି କ୍ରମରେ ଗୁରୁବାର ଆଶ୍ରମ ପରିସରରେ ଗୋଷ୍ଠ ଚନ୍ଦ୍ରମା ପୂଜା ଉତ୍ସବ ଯଥା ବିଧିରେ ପାଳନ କରାଯାଇଛି ବୋଲି ସେବକ ପ୍ରୀତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଆସନ୍ତାକାଲିଠାରୁ ୫ଦିନ ବ୍ୟାପୀ ଶରତ ରାସ ଉତ୍ସବ ଅନୁଷ୍ଠିତ ହେବ।



ଅଁଳା ନବମୀ ଅବସରରେ ଶୁକ୍ରବାର ପୁରୀ ସିଦ୍ଧବକୁଳ ମଠ ପରିସରରେ ମହିଳାମାନେ ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ: ତଦନ୍ତ ଦାବି

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ତାଳବଣିଆ ଥାନା ଅଞ୍ଚଳରେ ଶୁକ୍ରବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ସିଦ୍ଧମହାବୀର ଅଞ୍ଚଳର ଜିତେନ୍ଦ୍ର ମହାପାତ୍ର। ସୂଚନା ଅନୁଯାୟୀ, ଜିତେନ୍ଦ୍ର ଡ୍ରେନରେ ପଡ଼ିଥିବା ଶୁକ୍ରବାର ଦେଖିବାକୁ ମିଳିଥିଲା। ତାଙ୍କୁ ସେଠାରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ଗୃହକୁ ପଠାଇଛି। ଅପରାହ୍ନ ପ୍ରାୟ ୩ଟାରେ ଜିତେନ୍ଦ୍ର ସିଦ୍ଧମହାବୀର ଦାଦାବାଡ଼ ଅଞ୍ଚଳର ଏକ ଡ୍ରେନରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ପରିବାର ପକ୍ଷରୁ ତାଳବଣିଆ ଥାନାରେ ଅଭିଯୋଗ କରାଯାଇଛି। ଜିତେନ୍ଦ୍ରଙ୍କ ମୃତ୍ୟୁ କିପରି ହେଲା ସେ ନେଇ ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ପକ୍ଷରୁ ଏତଲା ଦିଆଯାଇଥିବା ଥାନାଧିକାରୀ କହିଛନ୍ତି। ତେବେ ଜିତେନ୍ଦ୍ର ରାସ୍ତାରେ ପଡ଼ିଥିଲେ ଓ ସେଠାରୁ ତାଙ୍କୁ ଉଦ୍ଧାର କରାଯାଇଥିଲା ପୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## 'ଗୋମୂତ୍ରରେ କ୍ୟାନ୍ସର ଆରୋଗ୍ୟ ହୁଏ'

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଅବସରରେ ଗୁରୁବାର ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ଟ୍ରଷ୍ଟି ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗୋପୂଜନ ସହିତ ଗୋମାତାଙ୍କୁ ଲଡୁ ପ୍ରସାଦ ଓ ଚାରା ବଣ୍ଟନ କରାଯାଇଥିଲା। ଏହି ଅବସରରେ ନେବଳ ଦାସ ମଠର ମହନ୍ତ ଡ. ରାମ ଚରଣ ଦାସ ଜୀ ମହାରାଜ ଉପସ୍ଥିତ ରହି କହିଥିଲେ ଯେ, ଘରେ ଘରେ ଗୋଶାଳା ହେବା ଜରୁରୀ। ଗୋମୂତ୍ରରେ କ୍ୟାନ୍ସର ଆରୋଗ୍ୟ ହୁଏ। ପୂର୍ବକାଳରେ ଘରେ ୫ଟି ଶାଳା ଯଥା- ପାଠଶାଳା, ପାକଶାଳା, ଯଜ୍ଞଶାଳା, ଭୋଜନଶାଳା ଓ ଗୋଶାଳା ରହୁଥିଲା। ବର୍ତ୍ତମାନ ପୁନଃ ଘରେ ଗୋଶାଳା ରହିବା ଆବଶ୍ୟକ। ପଞ୍ଚଗବ୍ୟ ଓ ପଞ୍ଚାମୃତ ଦେବକାର୍ଯ୍ୟରୁ ଆରମ୍ଭ କରି ମନୁଷ୍ୟର ସମସ୍ତ ହିତସାଧନ କାର୍ଯ୍ୟରେ ଲାଗିଥାଏ। ୫ ମିନିଟ ଗୋମାତାଙ୍କ ନିକଟରେ ଶୟନ କଲେ ଉଚ୍ଚ ରକ୍ତଚାପ କମ୍ ହୋଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମହୀ ପ୍ରକାଶ ମଠର ମହନ୍ତ ଶୁଭାନନ୍ଦ ପୁରୀ, ଜିଲା ଭାଜପା ସଭାପତି ଡ. ଦେବେନ୍ଦ୍ର ନାଥ ତରାଇ, ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟା ରଞ୍ଜିତା ପାଢ଼ୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଗୋ ପୂଜନ, ଭଜନ ଓ କୀର୍ତ୍ତନରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଖବରଦାତା ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ।

## ଅଁଳାବୃକ୍ଷକୁ ପୂଜାକଲେ ବ୍ରତଧାରୀ, ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି

ପୁରୀ, ୩୧।୧୦(ଅଜିତ୍ କୁମାର ମହାନ୍ତି)

ପବିତ୍ର କାର୍ତ୍ତିକ ଶୁକ୍ଳ ପକ୍ଷ ନବମୀକୁ ଅଁଳା ନବମୀ କୁହାଯାଏ। ସନାତନ ହିନ୍ଦୁ ଧର୍ମରେ ଏହି ଦିନ ଅଳାଁବୃକ୍ଷକୁ ପୂଜା କରିବାର ପରମ୍ପରା ରହିଛି। ଉକ୍ତ ଦିନ ଅଳାଁବୃକ୍ଷକୁ ପୂଜା କଲେ ପୁନ୍ୟ ମିଳିବା ସହ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ପରମ୍ପରା ଓ ବିଶ୍ୱାସକୁ ନେଇ କାର୍ତ୍ତିକ ବ୍ରତଧାରୀ ଏବଂ ଶ୍ରଦ୍ଧାଳୁମାନେ ଶୁକ୍ରବାର ଅଁଳା ନବମୀରେ ପୁରୀ ସହରର ବିଭିନ୍ନ ସ୍ଥାନରେ ଥିବା ଅଳାଁବୃକ୍ଷକୁ ପୂଜା କରିଥିବା ଦେଖିବାକୁ ମିଳିଛି। ସେହିପରି ଅଳାଁ ନବମୀରେ ରାଧାପାଦ ଦର୍ଶନ କରିବାର ପରମ୍ପରା ରହିଛି। ଏହି ଗୋଟିଏ ଦିନ ରାଧାରାଣୀ ଓଡ଼ିଆଣୀ ବେଶରେ ସଜ୍ଜିତ ହୋଇଥାନ୍ତି। ଶ୍ରୀରାଧାଙ୍କ ପାଦ ଦର୍ଶନ ପାଇଁ ସାକ୍ଷୀଗୋପାଳସ୍ଥିତ ସାକ୍ଷୀଗୋପୀନାଥ ମନ୍ଦିର ସହ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଭକ୍ତମାନେ ସାକ୍ଷୀଗୋପାଳ ଯାଇ ସାକ୍ଷୀଗୋପୀନାଥ ମନ୍ଦିରରେ ମା'ଙ୍କ ପାଦ ଦର୍ଶନ କରି ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେହିପରି ଯେଉଁ ଭକ୍ତମାନେ ସାକ୍ଷୀଗୋପାଳ ଯାଇପାରି ନ ଥିଲେ, ସେମାନେ ପୁରୀ ଆସି ଶ୍ରୀମନ୍ଦିର ପରିସରସ୍ଥ ସାକ୍ଷୀଗୋପୀନାଥ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅଁଳାନବମୀରେ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଆଗକୁ ପଞ୍ଚକ ଥିବାରୁ ଭକ୍ତଙ୍କ ପ୍ରବଳ ସମାଗମ ହେବ। ତେଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି।

## ପାଗଳ ବିଲୁଆ କାମୁଡ଼ାରେ ୧୩ ଗୁରୁତର

ପିପିଲି,୩୧।୧୦(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକର ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ଏକ ପାଗଳ ବିଲୁଆ କାମୁଡ଼ାରେ ୧୩ଜଣ ଗୁରୁତର ହୋଇ ସ୍ଥାନୀୟ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର କୁକୁଡ଼ା ଚାଷୀମାନେ ସେମାନଙ୍କ ଫାର୍ମର ମଲା କୁକୁଡ଼ାକୁ ମାଟିତଳେ ନ ପୋତି ବିଭିନ୍ନ ନାଳ, ଜଙ୍ଗଲ ପାର୍ଶ୍ୱରେ ପକାଇ ଦେଉଥିବାରୁ ତାକୁ ବିଲୁଆ, କୁକୁର ଖାଇ ପାଗଳ ହୋଇ ଲୋକଙ୍କୁ କାମୁଡ଼ିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଏକ ପାଗଳ ବିଲୁଆ କାମୁଡ଼ିବାରେ ମେଳକ ଗ୍ରାମର ନାଣ୍ଟୁ ଜେନା, ସୁରେନ୍ଦ୍ର ନାୟକ, କପିଳ ଚନ୍ଦ୍ର ନାୟକ, ଅକ୍ଷୟ ନାୟକ, ଲକ୍ଷ୍ମୀଧର ପରିଡ଼ା ଏବଂ ତାଙ୍କ ବୋହୂ, ବିନାୟକପୁରର ମୁନି ବେହେରା, ବସୁ ବେହେରା, ରମେଶ ବେହେରାଙ୍କୁ ବିଲୁଆ କାମୁଡ଼ିଥିବା ଜଣାପଡ଼ିଛି। ଉକ୍ତ ଗ୍ରାମର ଲୋକମାନେ ପାଗଳ ବିଲୁଆକୁ ଖୋଜୁଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଇ ନ ଥିଲେ।

## କୋଣାର୍କରେ ଏକତା ଦୌଡ଼

କୋଣାର୍କ,୩୧।୧୦ (ଜ୍ୟୋତିରାଜ ମହାନ୍ତି)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶୁକ୍ରବାର କୋଣାର୍କ ପୋଲିସ ପକ୍ଷରୁ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ କୋଣାର୍କ ବସ୍‌ଷ୍ଟାଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ଛାତ୍ରୀଛାତ୍ରମାନେ ବାହାରି ବଜାର ପରିକ୍ରମା କରି ସୂର୍ଯ୍ୟମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ଏଥିରେ କୋଣାର୍କ ପୋଲିସ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଯୁବପିଢ଼ି ଓ ସାଧାରଣ ଜନତାଙ୍କ ମଧ୍ୟରେ ଏକତା ଓ ଶାରୀରିକ ସ୍ୱାସ୍ଥ୍ୟ ସଚେତନତା ବଢ଼ିବା ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ। ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୩ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋଣାର୍କ ଥାନା ଏସ୍‌ଆଇ କେଦାର ଚନ୍ଦ୍ର ଡୋରା, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ପ୍ରଧାନଶିକ୍ଷକ ନୀହାର ପ୍ରସାଦ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।




କୋଣାର୍କ ପୋଲିସ ପକ୍ଷରୁ ଆୟୋଜିତ ଏକତା ଦୌଡରେ ସାମିଲ ଥିବା ଛାତ୍ରୀଛାତ୍ର ଏବଂ ଅଧିକାରୀମାନେ ।

## ରାଷ୍ଟ୍ରୀୟ ଏକତା ଦିବସ ପାଳନ

କଣାସ,୩୧।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ସିରେଇ ପଞ୍ଚାୟତର ସିରେଇଠାରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ପରିସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅମ୍ଳାନ ସ୍ମୃତି ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ସଭାପତି ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ମଧୁସୂଦନ ବିଚାର ମଞ୍ଚର ସଭ୍ୟ ଭାବେ ଷ୍ଟାଚ୍ୟୁ ଅଫ ୟୁନିଟିର ଏକ ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଗୁଜରାଟରୁ ଅଣାଯାଇଥିବାରୁ ତାହା ସଭାରେ ଉପସ୍ଥାପନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସ୍ମୃତିଚାରଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀନିବାସ ସୁନ୍ଦରାୟ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।

## ଭଙ୍ଗା ବାତ୍ୟା ଆଶ୍ରୟସ୍ଥଳୀରେ ଗଢ଼ାହେଉଛି ପିଲାଙ୍କ ଭବିଷ୍ୟତ

ଗୋପ,୩୧।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେଉଥିବାବେଳେ ବାସ୍ତବରେ କିନ୍ତୁ ତୃଣମୂଳ ସ୍ତରରେ ଚିତ୍ର ଭିନ୍ନ। ଗୋପ ବ୍ଲକ୍ ବଡଲାଙ୍ଗ ପଞ୍ଚାୟତ ଅନ୍ତର୍ଗତ କୋରୁଆଳସ୍ଥିତ ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଭଙ୍ଗା ବାତ୍ୟା ଆଶ୍ରୟସ୍ଥଳୀରେ ପାଠ ପଢୁଥିବା ଦେଖିବାକୁ ମିଳିଛି। ଏଠାରେ ୧୭୭ ଜଣ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଥିବାବେଳେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। କାରଣ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ଉପୁଜିଛି। ୧୯୭୪ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବାବେଳେ ଆବଶ୍ୟକ ସରକାରୀ ଅନୁଦାନରୁ ବଞ୍ଚିତ ରହିଛି। ୧୯୯୯ ମହାବାତ୍ୟା ସମୟରେ ଏହି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିବାବେଳେ ମରାମତି ଅଭାବରୁ ଭାଙ୍ଗିରୁଜି ଯାଇଥିଲା। ଶ୍ରେଣୀଗୃହ ଅଭାବରୁ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପୂର୍ବରୁ ଏହି ବାତ୍ୟା ଆଶ୍ରୟସ୍ଥଳୀରେ ପାଠ ପଢୁଥିଲେ। ଏବେ ଏହି ଭଙ୍ଗା ଆଶ୍ରୟସ୍ଥଳୀରେ ବିଦ୍ୟାଳୟର କେତେକ ଶ୍ରେଣୀଗୃହ ଓ ଅଫିସ୍ ଚାଲୁଛି। ଏହି ବାତ୍ୟା ଆଶ୍ରୟସ୍ଥଳୀକୁ ଭାଙ୍ଗି ନୂତନ କୋଠା ନିର୍ମାଣ ଲାଗି ବାରମ୍ବାର ପୁରାତନ ସ୍କୁଲ ଛାତ୍ର ସଂସଦ ସଭାପତି ତଥା ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ସ୍ଥାନୀୟ ବିଧାୟକ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ତେ ନୀରବଦ୍ରଷ୍ଟା ସାଜିଥିବା ସେ ଅଭିଯୋଗ କରିଛନ୍ତି। ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



ବିପଦସଙ୍କୁଳ ବାତ୍ୟା ଆଶ୍ରୟସ୍ଥଳୀରେ ଛାତ୍ରୀଛାତ୍ର ।

No.A-814

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA

Notice Invitation of Tenders

e-Procurement Notice No.-04/2025-26 on dated 28.10.2025

E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : **18.11.2025 at 11.00 A.M.**
Date of lottery : **25.11.2025 at 11.30 A.M.**
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
OIPR-32097/11/0028/2526 Nimapara Irrigation Division, Nimapara

Government of Odisha No.Z-:
Information and Public Relations Department
Lok Sampark Bhawan, Bhubaneswar

No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

REQUEST FOR PROPOSAL SHORT TENDER NOTICE

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
OIPR-15001/11/1249/2526 DIRECTOR

obcc No.CAD-2125

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No.9220 Date. 28.10.2025
File : SMT-2082

NOTICE INVITING TENDER

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Selection of an Agency for preparation of DPR for **a) 4-lane carriage way from Jalaharpur Chhak to Chari Chhak. b) 4-lane carriage way from Chari Chhak to Astaranga.** | 25/Tender/ OBCC /2025-26 | From 03.11.2025 | On or before 5.00 PM of 24.11.2025 | ₹ 11,800/- (Including GST) | 05 (Five) Calendar Months | Empanelled Agencies with OBCC for "Preparation of DPR for Roads Projects" |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.

OIPR-34161/11/0035/2526 Sd./- Chief Engineer (Civil)

# ମହିଳାମାନେ ଆତ୍ମନିର୍ଭରଶୀଳ, ସଶକ୍ତ ହେଲେ ହିଁ ସମୃଦ୍ଧ ରାଜ୍ୟ ଗଢ଼ିହେବ

## ସୁଭଦ୍ରା ଏକତା ପଦଯାତ୍ରା

ଭୁବନେଶ୍ୱର, ୩୧।୧୦(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର 'ସୁଭଦ୍ରା ଏକତା ପଦଯାତ୍ରା' ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନଠାରୁ ଆରମ୍ଭ ହୋଇ ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସ୍ୱାବଲମ୍ବୀ କରି ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନେ ଆତ୍ମନିର୍ଭରଶୀଳ ଓ ସଶକ୍ତ ହୋଇପାରିଲେ ଏକ ସମୃଦ୍ଧ ରାଜ୍ୟର ଭିତ୍ତି ପଡ଼ିବ। ରାଜ୍ୟ ସରକାରଙ୍କ ପ୍ରୟାସରେ 'ସୁଭଦ୍ରା ଯୋଜନା'ରେ ଅଦ୍ୟାବଧି ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମହିଳାମାନେ ବିକଶିତ ଭାରତ ଏବଂ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ହାସଲର ଏକ ମହତ୍ତ୍ୱପୂର୍ଣ୍ଣ ଏବଂ ପ୍ରମୁଖ ମାଧ୍ୟମ, ଯାହା ଏହି ସୁଭଦ୍ରା


ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀ ଓ ସୁଭଦ୍ରା ହିତାଧିକାରୀ।

ଏକତା ପଦଯାତ୍ରାରେ ପରିଲକ୍ଷିତ ହେଉଛି। ବିଭିନ୍ନ ସ୍ଥାନରୁ ମହିଳାମାନେ ଏକତ୍ରିତ ହୋଇ ପାରସ୍ପରିକ ଭାବବିନିମୟ ଓ ଅନୁଭୂତିର ଆଦାନପ୍ରଦାନ ଦ୍ୱାରା ଭିନ୍ନ ଏକ ସମ୍ପର୍କ ସ୍ଥାପନ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

ପଦଯାତ୍ରାରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀମାନେ ଜାଣିବା ସହ ସେମାନଙ୍କ ପାଇଁ ରହିଥିବା ସୁବିଧାର ଲାଭ ନେବାକୁ କହିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ କଲ୍ୟାଣ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ, ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ ସୁଭଦ୍ରା ଯୋଜନାର ହିତାଧିକାରୀ ପଦଯାତ୍ରାରେ ସାମିଲ ହୋଇଥିଲେ।

# ବାଲିଯାତ୍ରା ସମୀକ୍ଷା କଲେ ଉନ୍ନୟନ କମିଶନର




ବୋଇତ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ ଅବସରରେ ଉନ୍ନୟନ କମିଶନର ଅନୁ ଗର୍ଗ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମ୍‌ସି କମିଶନର କିରନଦୀପ କୌର ସହୋତା ଏବଂ ଅନ୍ୟମାନେ।

## କଳିଙ୍ଗ ତରଙ୍ଗିଣୀ ବୋଇତ ଶୁଭାରମ୍ଭ

କଟକ,୩୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ନିମନ୍ତେ କଟକ ଜିଲା ପ୍ରଶାସନ ପକ୍ଷରୁ ମହାନଦୀ ଗଡ଼ଗଡିଆ ଘାଟରେ ନିର୍ମିତ ବୋଇତ କଳିଙ୍ଗ ତରଙ୍ଗିଣୀର ଶୁକ୍ରବାର ଶୁଭାରମ୍ଭ କରାଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ବୋଇତ ପୂଜାର୍ଚ୍ଚନା କରାଯିବା ପରେ ମୁଖ୍ୟ ଅତିଥି ଭାବେ ଉନ୍ନୟନ କମିଶନର ଅନୁ ଗର୍ଗ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମ୍‌ସି କମିଶନର କିରନଦୀପ କୌର ସହୋତା, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହାସହ ଆଠଗଡ ଉପଜିଲାପାଳ ପହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କ ସମେତ ଜିଲାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଉନ୍ନୟନ କମିଶନର ଅନୁ ଗର୍ଗ ବାଲିଯାତ୍ରା କାର୍ଯ୍ୟର ସମୀକ୍ଷା କରିବା ସହ ପଡିଆ ବୁଲି ଦେଖିଥିଲେ। ଏହି ଅବସରରେ ସେ କହିଛନ୍ତି, ଚଳିତବର୍ଷ ବାଲିଯାତ୍ରା ଅବସରରେ ଜିଲା ପ୍ରଶାସନ ପକ୍ଷରୁ ନିର୍ମିତ କଳିଙ୍ଗ ତରଙ୍ଗିଣୀ ଉତ୍କଳର ଗୌରବମୟ ନୌବାଣିଜ୍ୟ ପରମ୍ପରା ଓ ସାମୁଦ୍ରିକ ଐତିହ୍ୟକୁ ପୁଣି ଉଜ୍ଜୀବିତ କରିବ। ବାଲିଯାତ୍ରା ପରେ ଏହି ବୋଇତରେ ପର୍ଯ୍ୟଟକମାନେ ମହାନଦୀର ନୀଳ ଜଳରାଶିରେ ବୁଲିବାର ଅନୁଭବ ନେଇପାରିବେ। ବାଲିଯାତ୍ରା କେବଳ ଏକ ମେଳା ନୁହେଁ ବରଂ ଏହା ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସମ୍ପର୍କର ସେତୁ। ସଂସ୍କୃତି ଓ ଆଧୁନିକତାର ସମ୍ମିଳନ। ଓଡ଼ିଶା ଓ ବିଶ୍ୱର ଆତ୍ମିକ ସମ୍ପର୍କର ପ୍ରତୀକ ବୋଲି ସେ କହିଥିଲେ। ଶୁଭାରମ୍ଭ ସମୟରେ ବୋଇତକୁ ଯିବା ସମୟରେ ଅଳ୍ପକେ ବିପଦରୁ ଅଧିକାରୀମାନେ ବର୍ତ୍ତି ଯାଇଛନ୍ତି। ଦୁଇଦିନ ବର୍ଷା ଯୋଗୁ ପଡିଆରେ ବର୍ଷା ପାଣି ଜମିଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା ଏବଂ ଶୁକ୍ରବାର ପାଗରେ ପରିବର୍ତ୍ତନ ଆସିବାରୁ ପଡିଆରୁ ସିଏମ୍‌ସି ପକ୍ଷରୁ ପାଣି କଢ଼ାଯାଉଛି ଏବଂ ଯେଉଁଠି ଖାଲୁଆ ଓ କାଦୁଅ ରହିଛି ସେଠାରେ ମୋରମ ପକାଯାଇ ସମତୁଲ କରାଯାଉଛି।

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଆସନ୍ତା ବୁଧବାର ଐତିହାସିକ ବାଲିଯାତ୍ରା କଟକ-୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି। ପ୍ରଥମେ ପ୍ରଶାସନ ପକ୍ଷରୁ ମା' କଟକଚଣ୍ଡୀଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିମନ୍ତ୍ରଣ କରିଥିବା ଜଣାପଡ଼ିଛି।

# ଆଜି ରବୀନ୍ଦ୍ର ମଣ୍ଡପରେ 'ୱାନ୍ ଅନ୍ ୱାନ୍ ଧମାଲ୍'

## ଗୋଟିଏ ସନ୍ଧ୍ୟା, ୮ ନାଟକ

ଭୁବନେଶ୍ୱର,୩୧।୧୦ (ସୌମ୍ୟରଞ୍ଜନ ରାଉତ)

ଜୈନ୍ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ରେଜ୍ ପ୍ରଡକ୍ସନ୍ସର 'ୱାନ୍ ଅନ୍ ୱାନ୍ ଧମାଲ୍' କମାଲ କରିବ। ମୁମ୍ବାଇର ଅଭିନେତାଙ୍କ ସମେତ ଭାରତର ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ଗୋଟିଏ ସନ୍ଧ୍ୟାରେ ୮ ନାଟକ ପ୍ରଦର୍ଶିତ ହେବ। ଇଂଲିଶ, ହିନ୍ଦୀ ଏବଂ ହିଙ୍ଗ୍‌ଲିଶର ମିଶ୍ରଣରେ ଏହି ନାଟକଗୁଡ଼ିକ ହାସ୍ୟରସ, ବ୍ୟଙ୍ଗାତ୍ମକ ଏବଂ ସାମାଜିକ ମନ୍ତବ୍ୟକୁ ନେଇ ମଞ୍ଚସ୍ଥ ହେବ। ନାଟକଗୁଡ଼ିକ ମଧ୍ୟରେ 'ଆଇ ଆମ୍ ଏଭ୍ରି ୱମ୍ୟାନ୍'– ଏକ ପରିବାର ମଧ୍ୟରେ ଅନେକ ଭୂମିକା ଗ୍ରହଣ କରୁଥିବା ଏକକ ଚରିତ୍ର (ଇଂଲିଶ୍, ୧୩ ମିନିଟ୍), 'କଚରା କି ହିଫାଜତ୍'– ମୁଖ୍ୟମନ୍ତ୍ରୀଙ୍କ ଅଙ୍ଗରକ୍ଷୀଙ୍କ ହାସ୍ୟ ସମସ୍ୟା (ହିନ୍ଦୀ, ୧୫ ମିନିଟ୍), 'କୀଡା ସାଲା'–ମୁମ୍ବାଇରେ ଜଣେ ଜୁନିୟର୍ କଳାକାର ଭାବରେ ଜୀବନ (ହିଙ୍ଗ୍‌ଲିଶ୍, ୧୦ ମିନିଟ୍), 'ମାଇଣ୍ଡ୍ ବ୍ଲୋଇଙ୍ଗ୍ ମାନେକ୍ୱିନ୍'–ସାମାନ୍ୟ ଅକ୍ଷମତା ସହିତ ଜନ୍ମିତ ଏକ ମାନେକ୍ୱିନ ଜୀବନ ବଞ୍ଚିବାର ଏକ ମଜାଦାର ଉପାୟ ଖୋଜେ (ହିନ୍ଦୀ, ୧୨ ମିନିଟ୍), 'ଲାଫିଙ୍ଗ୍ ହାଏନା'– କାରାଓକେ ଡିଜେର ଏକ ଖରାପ ଗାୟକ (ଇଂଲିଶ୍, ୧୩ ମିନିଟ୍), 'ହମ ହେ ରାହି ପ୍ୟାର୍ କେ'– ପ୍ରେମ ଏବଂ ଜଣେ ବିଶ୍ୱସ୍ତ ହୃଦୟବାନ୍ ପାଇଁ ସନ୍ଧାନ (ହିନ୍ଦୀ, ୧୦ ମିନିଟ୍), 'ହେଲୋ ଚେକ୍'– ଗ୍ଲାମର୍ସ ଚାହୁଁଥିବା ଗୃହିଣୀ ତାଙ୍କର ସାମାଜିକ ଦୁଃସାହସିକ କାର୍ଯ୍ୟ ବାଣ୍ଟିଛନ୍ତି (ଇଂଲିଶ୍, ୧୦ ମିନିଟ୍) ଓ 'ଟିସି ରାସବିହାରୀ'– ଜଣେ ଟିକେଟ୍ କଲେକ୍ଟର (ହିନ୍ଦୀ, ୧୫ ମିନିଟ୍) ଆଦି ଦର୍ଶକଙ୍କ ଭରପୂର ମଜା ସହ ଶିକ୍ଷା ଦେବ। ଜାତୀୟସ୍ତରୀୟ କଳାକାର ରଜିତ୍ କପୁର, ନୀଲ୍ ଭୋପାଲମ୍, ଅନୁ ମେନନ୍, ଗଗନଦେବ ରାୟର୍, ଶ୍ରୁତି ବ୍ୟାସ୍, ଲୀଶା ବଜାଜ୍ ଏବଂ ଜାଫର୍ କରାଚୀୱାଲା ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବେ। ଜୈନ ଫାଉଣ୍ଡେଶନର ଏହି କାର୍ଯ୍ୟକ୍ରମ ଅଟିଜିମ୍ ସ୍ପେକ୍ଟ୍ରମ୍ ଡିଜ୍‌ଅର୍ଡର (ଏଏସ୍‌ଡ଼ି) ପୀଡିତ ଲୋକଙ୍କୁ ସହାୟତା କରିବା ପାଇଁ ବାର୍ଷିକ ପାଣ୍ଠି ସଂଗ୍ରହର ଏକ ଅଂଶ। ୨୦୧୫ରେ ଏହାର ପ୍ରତିଷ୍ଠା ହେବା ପରଠାରୁ ଫାଉଣ୍ଡେଶନ ବିଭିନ୍ନ ପ୍ରକାର କର୍ମଶାଳା, ରାଲି, କ୍ରୀଡା ଇଭେଣ୍ଟ, କଳା ପ୍ରଦର୍ଶନ ଏବଂ ସ୍ୱତନ୍ତ୍ର ଇଭେଣ୍ଟ ମାଧ୍ୟମରେ ଅଟିଜିମ୍ ସମ୍ପ୍ରଦାୟ ଲାଗି ଓକିଲାତି ସହ ସଚେତନତାକୁ ସମର୍ଥନ କରିଆସୁଛି। ଟ୍ରଷ୍ଟ ଏବେ ପୂର୍ବ ଭାରତରେ ଅଟିଜିମ୍ ପୀଡିତ ବ୍ୟକ୍ତିଙ୍କ ପାଇଁ ପ୍ରଥମ ଆବାସିକ ସୁବିଧା ପ୍ରତିଷ୍ଠା କରିବାକୁ ଆଗକୁ ବଢୁଛି। 'ୱାନ୍ ଅନ୍ ୱାନ୍ ଧମାଲ୍' ଭଳି ଇଭେଣ୍ଟରୁ ମିଳୁଥିବା ଅର୍ଥ ଏହି ମିଶନରେ ଯୋଗଦାନ କରିବାକୁ ଲକ୍ଷ୍ୟ ରଖିଛି। ଫାଉଣ୍ଡେଶନ ୨୦୧୫ରୁ ୨୦୨୪ ପର୍ଯ୍ୟନ୍ତ ଭାରତର ପ୍ରସିଦ୍ଧ କଳାକାରମାନଙ୍କୁ ନେଇ ନାଟକ ଆୟୋଜନ କରିସାରି ଆସିଥିବାବେଳେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି 'ୱାନ୍ ଅନ୍ ୱାନ୍ ଧମାଲ୍' କାର୍ଯ୍ୟକ୍ରମର ମିଡ଼ିଆ ପାର୍ଟନର ରହିଛି।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ନୀଳମାଧବ


@ ଅବିନାଶ


@ ସୂର୍ଯ୍ୟନାରାୟଣ


@ ତ୍ରିଲୋଚନ


@ ଓମ୍‌ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡା. ନୀଳକଣ୍ଠ ମିଶ୍ର ଓସାକ୍ସ ପ୍ରକଳ୍ପ ନିର୍ଦ୍ଦେଶକ

ଭୁବନେଶ୍ୱର, ୩୧।୧୦ (ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଡା. ନୀଳକଣ୍ଠ ମିଶ୍ର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଡା. ମିଶ୍ର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସହିତ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଓସାକ୍ସର ଅଧିକାରୀ ଓ କର୍ମଚାରୀମାନେ ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଡା. ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ଡା. ମିଶ୍ର ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବା ସହ ଏଚ.ଆଇ.ଭି./ଏଡ୍‌ସ ଦୂରୀକରଣ ଦିଗରେ ଓସାକ୍ସର କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ଡା. ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।



# ଜୟୀ ରାଜଗୁରୁଙ୍କ ବୀରତ୍ୱର ଗାଥା ସମଗ୍ର ଦେଶ ଜାଣିବା ଆବଶ୍ୟକ

ଭୁବନେଶ୍ୱର,୩୧।୧୦(ସୌମ୍ୟରଞ୍ଜନ ରାଉତ)

## ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ଦେଶପ୍ରେମରେ ଜୀବନକୁ ଆଲୋକରେ ଉଦ୍ଭାସିତ କରିଥିବା, ଚିନ୍ତାର ଉଚ୍ଚତମ ଶୃଙ୍ଗକୁ ସ୍ପର୍ଶ କରିଥିବା, ଦୃଢ଼ ସଂକଳ୍ପର ପରିଚୟ ଦେଇଥିବା ସେହିପରି ଜଣେ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ଥିଲେ ବିପ୍ଳବୀ ଜୟୀ ରାଜଗୁରୁ। ସାରା ଦେଶ ଯେତେବେଳେ ଇଂରେଜଙ୍କ ଅଧୀନକୁ ଆସିଯାଇଥିଲା, ସେତେବେଳେ ଏହି ଖୋର୍ଦ୍ଧା ମାଟିରୁ ବିଦ୍ରୋହର ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହୋଇଥିଲା। ସେ ରାଜା ମୁକୁନ୍ଦ ଦେବଙ୍କ ସହ ମିଶି ଓଡ଼ିଆ ମାଟିର ସମ୍ମାନ ପାଇଁ ଅସ୍ତ୍ର ଧରି ଶେଷରେ ଶହୀଦ ହୋଇଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଶୁକ୍ରବାର ସୂଚନା ଭବନଠାରେ ମହାନ ବିପ୍ଳବୀ ଶହୀଦ୍ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଗଜପତି ଦିବ୍ୟସିଂହ ଦେବ କହିଲେ, ଜାତିଉଦ୍ଦେଶ୍ୟରେ ଯେଉଁ ମହାନ ବ୍ୟକ୍ତିମାନେ ତାଙ୍କ ତ୍ୟାଗ, ବଳିଦାନ ସହିତ କୀର୍ତ୍ତି ଓ ସଂସ୍କୃତିକୁ ଉଜ୍ଜୀବିତ କରିଛନ୍ତି, ସେମାନଙ୍କ ମହିମା ଗାନ କରିବାର ଆବଶ୍ୟକତା ରହିଛି। ସାରା ଦେଶ ଯେତେବେଳେ ଇଂରେଜଙ୍କ ଦ୍ୱାରା ଶାସିତ ହୋଇ ଅତ୍ୟାଚାରର ଶିକାର ହେଉଥିଲା ଏ ଜାତିର ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ସେମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ବ୍ରିଟିଶ ଶାସନକୁ ହତବାକ କରିଦେଇଥିଲା। ତେଣୁ ଏହି ବୀରତ୍ୱର ଗାଥାକୁ ସମଗ୍ର ଭାରତ ବର୍ଷ ଜାଣିବାର ଆବଶ୍ୟକତା ରହିଛି। ଏଥିପାଇଁ ପାଠ୍ୟପୁସ୍ତକ ଓ ଶିକ୍ଷାନୁଷ୍ଠାନରେ ଜୟୀ ରାଜଗୁରୁଙ୍କ ବଳିଦାନ ସ୍ଥାନିତ ହେବା ଆବଶ୍ୟକ। ଏଭଳି ମହାପୁରୁଷଙ୍କ କୀର୍ତ୍ତି ସମସ୍ତଙ୍କୁ ଅନୁପ୍ରାଣିତ କରୁ ବୋଲି ଗଜପତି କହିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସରୋଜ କୁମାର ସାମଲ ଯୋଗଦେଇ କହିଲେ, ରାଜଗୁରୁ ଥିଲେ ଜଣେ ଜ୍ଞାନୀ ଓ ପ୍ରଜ୍ଞାଦୀପ୍ତ ପୁରୁଷ। ତାଙ୍କର ଦୁର୍ବାର ସଂଗ୍ରାମ ବଳରେ ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସକ ଏ ମାଟି ଛାଡି ପଳାଇଥିଲେ ବୋଲି ସେ କହିଥିଲେ। ଗବେଷକ ଅନିଲ ଧୀରଙ୍କ ସମେତ ଅନ୍ୟ ଅତିଥିମାନେ ଜୟୀ ରାଜଗୁରୁଙ୍କ ସମ୍ପର୍କରେ କହିଥିଲେ। ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ପର୍କିତ ଇଂଲିଶ୍ ପୁସ୍ତକ ଉନ୍ମୋଚିତ ହେଇଥିଲା। ଏଥିସହ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ୫ଜଣ ବରିଷ୍ଠ ଐତିହାସିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ସହ ଅନ୍ୟ ଅତିଥିମାନେ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ପର୍କିତ ଇଂଲିଶ୍ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ୨ ନକଲି ଯାତ୍ରୀ ଗୁମାସ୍ତା ହାତାହାତି

ପୁରୀ,୩୧।୧୦(ଅଜିତ୍ କୁମାର ମହାନ୍ତି)

## କଥା କଟାକଟି ବେଳର ଭିଡିଓ ଭାଇରାଲ

ଶ୍ରୀମନ୍ଦିର ନିକଟରେ ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଏନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଜଣେ ନକଲି ଯାତ୍ରୀ ଗୁମାସ୍ତା ଯାତ୍ରୀ ନେଇ ଯିବା ସମୟରେ ଅନ୍ୟ ଜଣେ ଯାତ୍ରୀ ଗୁମାସ୍ତାଙ୍କ ସହ ମୁହାଁମୁହିଁ ହେବାର ଦୃଶ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ଯାତ୍ରୀ ବ୍ୟବସାୟକୁ କେନ୍ଦ୍ରକରି ଦୁଇ ନକଲି ଯାତ୍ରୀ ଗୁମାସ୍ତାଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି। ଯାତ୍ରୀ ଗୁମାସ୍ତା ଦ୍ୱୟ ପରସ୍ପରକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାର୍‌ପିଟ୍ ହୋଇଛନ୍ତି। ଶ୍ରୀମନ୍ଦିର ପଶ୍ଚିମଦ୍ୱାର ପରିକ୍ରମା ମାର୍ଗରେ ଏଭଳି ଘଟଣା ଘଟିଛି।

ସୂଚନା ମୁତାବକ, ଶ୍ରୀମନ୍ଦିର ଚାରିପାର୍ଶ୍ୱରେ ମାଳ ମାଳ ନକଲି ଯାତ୍ରୀ ଗୁମାସ୍ତା ବୁଲୁଥିବା ଦେଖିବାକୁ ମିଳିଛି। ସେମାନେ ଯାତ୍ରୀଙ୍କୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରାଇଦେବାକୁ କହି ଲୁଟିବାରେ ଲାଗିଛନ୍ତି। ନିଜକୁ ଶ୍ରୀମନ୍ଦିର ଗୁମାସ୍ତା ବୋଲି ପରିଚୟ ଦେଇ ପୁରୀକୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କଠାରୁ ବେଆଇନ ଭାବେ ଟଙ୍କା ଆଦାୟ କରୁଛନ୍ତି। ଏହାକୁ ନେଇ ପ୍ରକୃତ ଯାତ୍ରୀ ଗୁମାସ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ପଶ୍ଚିମଦ୍ୱାର ପରିକ୍ରମା ମାର୍ଗରେ ଭକ୍ତଙ୍କୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରାଇବାକୁ ନେଇ ୨ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀମାନେ ଉଭୟଙ୍କୁ ବୁଝାସୁଝା କରିଥିଲେ। ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଯାତ୍ରୀଙ୍କୁ ନକଲି ଯାତ୍ରୀ ଗୁମାସ୍ତାମାନେ ବିଭିନ୍ନ ସମୟରେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ସେମାନଙ୍କଠାରୁ ଟଙ୍କା ଲୁଟୁଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ପୁରୀ ପୋଲିସ ୧୪ ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ବର୍ତ୍ତମାନ ପୁଣି ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିବାବେଳେ ସେମାନଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଜଗନ୍ନାଥପ୍ରେମୀ ମତବ୍ୟକ୍ତ କରିଛନ୍ତି।

## ୪ ବସ୍ତା ଗୋରୁ ଚମଡ଼ା ଜବତ, ଚାଳକ ଗିରଫ

ତିହିଡ଼ି,୩୧।୧୦(ସଞ୍ଜିତ ବଳ): ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ଥାନା ଅଧୀନ ସନ୍ଥପୁରା ଛକରୁ ଶୁକ୍ରବାର ପୂର୍ବାହ୍ନରେ ପୋଲିସ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୪ ବସ୍ତା ଗୋରୁ ଚମଡ଼ା ଜବତ କରିଛି। ପୋଲିସ ଉକ୍ତ ଭ୍ୟାନ୍‌କୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସନ୍ଥପୁରା ଅଞ୍ଚଳରୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଗୋରୁ ଚମଡ଼ା ବୋଝେଇ ହୋଇ ଯାଉଥିବା ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ। ସେମାନେ ସନ୍ଥପୁରା ଛକରେ ସେହି ଗାଡ଼ିକୁ ଅଟକାଇ ପୀରହାଟ ଥାନା ପୋଲିସକୁ ଖବର ଦେଇଥିଲେ। ଆଇଆଇସି ରୋଜାଲିନ ବେହେରାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଥିଲେ।

# ରାଧାପାଦ, ଓଡ଼ିଆଣୀ ବେଶ ଦର୍ଶନକଲେ ଶ୍ରଦ୍ଧାଳୁ

ସାକ୍ଷୀଗୋପାଳ,୩୧।୧୦(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



### ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ

କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥି ଅଁଳାନବମୀ ଅବସରରେ ଶୁକ୍ରବାର ସାକ୍ଷୀଗୋପାଳ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ସହ ପାଦ ଦର୍ଶନ କରିଛନ୍ତି। ବର୍ଷକୁ ଏହି ଗୋଟିଏ ଦିନ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ଦର୍ଶନ ପାଇଁ ଭୋର୍‌ରୁ ଶ୍ରଦ୍ଧାଳୁମାନେ ମନ୍ଦିର ସମ୍ମୁଖରେ ଲମ୍ବାଧାଡ଼ି ଲଗାଇଥିଲେ। ପୂର୍ବରାତି ୧୨ଟାରୁ ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ ନୀତି ପରେ ସାକ୍ଷୀଗୋପାଳ ଠାକୁରଙ୍କୁ ନଟବର ବେଶ ଏବଂ ଶ୍ରୀରାଧାଙ୍କୁ ଓଡ଼ିଆଣୀ ବେଶରେ ସଜ୍ଜିତ କରାଯାଇଥିଲା। ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବାଳଧୂପ ଏବଂ ଆଳତି ପରେ ଭୋର ୪ଟାରେ ପ୍ରଥମେ ସେବାୟତ ପରିବାର ଦର୍ଶନ କରିଥିଲେ। ପରେ ନିର୍ଦ୍ଧାରିତ ସମୟ ସକାଳ ୫ଟାରୁ ସାହାଣମେଳା ଦର୍ଶନ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ଓ ମନ୍ଦିର ବେଢା ପରିକ୍ରମା କରିବା ସହ ଅଁଳାବୃକ୍ଷକୁ ପୂଜାର୍ଚ୍ଚନା କରିଥିଲେ। ପୁରୀ ଜିଲାର ଦ୍ୱିତୀୟ ବୃହତ୍ତମ ଗଣପର୍ବ ମାନ୍ୟତା ପାଇଥିବା ଅଁଳାନବମୀରେ ସାକ୍ଷୀଗୋପାଳ ମନ୍ଦିର ପରିସର ଭକ୍ତିମୟ ହୋଇଉଠିଥିଲା।

ଶ୍ରୀରାଧା ବର୍ଷସାରା ଉତ୍ତର ଭାରତ ନାରୀ ସଦୃଶ ବେଶ ଧାରଣ କରୁଥିବାବେଳେ ଅଁଳାନବମୀରେ ପୂର୍ବକାଳର ଓଡ଼ିଆ ଘର ବୋହୂ ପରି ପାଟଶାଢ଼ି କାଣିଆକଛା ପରିଧାନ କରିଥିଲେ। ସେହିପରି ପାରମ୍ପରିକ ସୁବର୍ଣ୍ଣ ଗହଣା ପାଦପଦ୍ମ, ପାଉଁଜି, ଝୁଣ୍ଟିଆ, ପାହୁଡ଼, ବାଙ୍କି, ଚନ୍ଦ୍ରହାର ଶିକୁଳି, ବେଙ୍ଗପାଟିଆ, ତାବିଜ, ଅଁଳାମାଳ, ପୋହଳାମାଳ, ଚାପସରି, ପଣସକଣ୍ଟା ଖଡୁ, ବାହୁଟି, ବଟଫଳ ମାଳ, ଦ୍ରାବିଡ଼ ଚନ୍ଦ୍ର, ମୟୂରସା ଗୁଣା, ନୁଥ, ସେତିହାର, ପୋହଳାହାର, ଡେଉଁରିଆ ମାଳ, କିରୀଟ ଆଦି ଧାରଣ କରିଥିଲେ। ଫୁଲହାର, ଅଁଳାଫଳ ମାଳ, ଦୂବ, ଅରୁଆ ଚାଉଳ, ଗୁଆ, କଜଳ, ସିନ୍ଦୁର, ଅଳତା ଓ ଚନ୍ଦନପାଟି ଲାଗି କରାଯାଇଥିଲା। ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ସଜ୍ଜିତ ହୋଇ ଛନ୍ଦାଚରଣରେ ନୃତ୍ୟରତ ଭଙ୍ଗୀରେ ଶୋଭା ପାଇଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ୧୧ ଥାକିଆ ଛାୟାପ୍ରଦ ଷ୍ଟିଲ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଥିଲା। ଭଜନ କୀର୍ତ୍ତନ ପରିବେଷଣରେ ଆଧ୍ୟାତ୍ମିକମୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ପରିସର ଏବଂ ଅଁଳାବୃକ୍ଷ ପୂଜାର୍ଚ୍ଚନାର ସିଧା ପ୍ରସାରଣ କରାଯାଇଥିଲା। ଫୁଲ ଓ ଆଲୋକରେ ମନ୍ଦିର ଝଲସୁଥିଲା। ବସ୍‌ଷ୍ଟାଣ୍ଡଠାରୁ ପଞ୍ଚସଖା ପଡ଼ିଆ ପର୍ଯ୍ୟନ୍ତ ଆଲୋକ ବ୍ୟବସ୍ଥା ହୋଇଥିଲା। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଠାକୁରଙ୍କ ଦର୍ଶନ କରିବା ସହ ଯାତ୍ରା ପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହିପରି କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ପୁରୀ ଏସ୍‌ପି ପ୍ରତୀକ ସିଂ ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ସଂକ୍ରାନ୍ତରେ ଅନୁଧ୍ୟାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଉପଜିଲାପାଳ ରାଜକିଶୋର ଜେନା, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ମନ୍ଦିରର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା, ଅତିରିକ୍ତ ଏସ୍‌ପି ସଚ୍ଚିନ ପଟେଲ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ବିଜୟ କେତନ ବେହେରା ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ରହିଥିଲେ। ସନ୍ଧ୍ୟାରେ ଶ୍ରୀରାଧା ଉତ୍ସବରେ ଓଡ଼ିଶୀ, ଲୋକନୃତ୍ୟ ଓ ଭଜନ ପରିବେଷଣ କରାଯାଇଥିଲା। ମେଳା ପଡ଼ିଆରେ ମିଶନ ଶକ୍ତି, ହସ୍ତଶିଳ୍ପ, ଓର୍‌ମାସ୍, ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଷ୍ଟଲ ଖୋଲାଯାଇଛି। ଚଟପଟି ଖାଦ୍ୟ ସହିତ ବିଭିନ୍ନ ଘରକରଣା ସାମଗ୍ରୀ ଓ ଖେଳନା ଦୋକାନ ଖୋଲିଛି। ବିଭିନ୍ନ ବିଭାଗ, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ଏବଂ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ, ପାନୀୟଜଳ ଆଦି ଯୋଗାଇ ଦିଆଯାଇଥିଲା।

# ଜଳ ସମ୍ପଦ ବିଭାଗକୁ ଆହୁରି ଦକ୍ଷ, ସ୍ମାର୍ଟ କରାଯିବ




ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)

■ ରାଜ୍ୟର ହାଇଡ୍ରୋଲୋଜିକାଲ ତଥ୍ୟ ଅନୁଧ୍ୟାନକଲେ ମୁଖ୍ୟମନ୍ତ୍ରୀ
■ କର୍ମଚାରୀଙ୍କୁ ଅଧିକ ପ୍ରତିବଦ୍ଧତାର ସହ କାମ କରିବାକୁ ପରାମର୍ଶ ଦେଲେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ପୂର୍ବାହ୍ନରେ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ପରିଦର୍ଶନ କରି ବିଭାଗର ବିସ୍ତୃତ କାର୍ଯ୍ୟାବଳୀ ସମ୍ପର୍କରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗରେ ପହଞ୍ଚି ପ୍ରଥମେ ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ର ଯାଇ ସେଠାରେ ଥିବା ରାଜ୍ୟର ବିଭିନ୍ନ ଜଳଭଣ୍ଡାର ଓ ନଦୀଗୁଡ଼ିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବୁଝିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ଜଳ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁଯାୟୀ ଯଥାସମୟ ଭିତ୍ତିରେ ରାଜ୍ୟରେ ଜଳ ପରିଚାଳନା କରାଯାଇଥାଏ। ଏହାପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନକରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତକରି କହିଥିଲେ, ରାଜ୍ୟ ସରକାରଙ୍କ ଲକ୍ଷ୍ୟ ପୂରଣ ପାଇଁ ଆପଣମାନେ ଆହୁରି ପ୍ରତିବଦ୍ଧତାର ସହ କାମ କରନ୍ତୁ।

ପରିଦର୍ଶନ ପରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିସହ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ଆମେ ସୁନିଶ୍ଚିତ କରୁଛୁ। ଏହାକୁ ଦୃଷ୍ଟିରେ ରଖି ବିଭାଗକୁ ଆହୁରି ଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ କଲେଜରେ ଉତ୍ତେଜନା

ରାୟଗଡ଼ା,୩୧।୧୦ (ଆଶିଷ ରଞ୍ଜନ ପଣ୍ଡା)

### ପୀଡ଼ିତାଙ୍କ ବୟାନ ରେକର୍ଡ, ଅଧ୍ୟାପକ ଗିରଫ



ଏସ୍‌ଡିପିଓ ଗୌରହରି ସାହୁ ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା ସହରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ (ୟୁଜିଏମ୍‌ଆଇଟି) କଲେଜର ଅଧ୍ୟାପକ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶୁକ୍ରବାର କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀଛାତ୍ର ଅନୁଷ୍ଠାନ ଆଗରେ ଧାରଣାରେ ବସିବା ସହ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଛାତ୍ରୀ ଜଣକ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ବୟାନ ରେକର୍ଡ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଧ୍ୟାପକ ପ୍ରଦୀପ ତ୍ରିପାଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଡିପ୍ଲୋମା ପ୍ରଥମ ସେମିଷ୍ଟରର ଜଣେ ଛାତ୍ରୀଙ୍କୁ ଗଣିତ ବିଭାଗ ଅଧ୍ୟାପକ ପ୍ରଦୀପ ତ୍ରିପାଠୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଛାତ୍ରୀ ଜଣକ ଗତ ୨୫ ତାରିଖରେ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ କଲେଜ ଇଣ୍ଟରନାଲ କମିଟି ଯାଞ୍ଚ କରିଥିଲେ ହେଁ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ମାର୍କ କାଟିଦେବା ନେଇ ଧମକ ଦିଆଯାଇଥିବା ଛାତ୍ରୀ ଜଣକ କହିଛନ୍ତି। ପୂର୍ବରୁ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ହୋଇଥିବା ନେଇ ଅନୁଷ୍ଠାନର ଛାତ୍ରୀଛାତ୍ର କହିଛନ୍ତି। ତେଣୁ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଛାତ୍ରୀଛାତ୍ର କଲେଜକୁ ଘେରାଉ କରିବା ସହ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଅନୁଷ୍ଠାନର ଫାଟକ ବନ୍ଦ କରି ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଅଟକ ରଖିଥିଲେ। ଏହାକୁ ନେଇ କଲେଜରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ କଲେଜରେ ପହଞ୍ଚିଥିଲେ ମଧ୍ୟ ଛାତ୍ରୀଛାତ୍ର ସେମାନଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଏସ୍‌ଡିପିଓ ଗୌରହରି ସାହୁ, ଆଇଆଇସି ପ୍ରସନ୍ନ କୁମାର ବେହେରା ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଖବରପାଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବରିଷ୍ଠ କଂଗ୍ରେସ ନେତା ଦୁର୍ଗାପ୍ରସାଦ ପଣ୍ଡା ପହଞ୍ଚି ଭିତରକୁ ଯାଇ ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଆସି ଘଟଣାର ସମାଧାନ କରିବାକୁ ଛାତ୍ରୀଛାତ୍ର ଦାବି କରିଥିଲେ। ବିଭିନ୍ନ ରାଜନୈତିକ ଦଳ ଭାଜପା, ବିଜେଡି ନେତା କଲେଜରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଆଦିବାସୀ ନେତା ଗଙ୍ଗାଧର ପୁଆଲା, ରାୟଗଡ଼ା ବ୍ଲକ୍ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକାଙ୍କ ସହ ଆଦିବାସୀ ନେତା ଉପସ୍ଥିତ ରହି ପୀଡ଼ିତା ଛାତ୍ରୀଙ୍କୁ ସମର୍ଥନ ପୂର୍ବକ ଥାନାରେ ଏତଲା ଦେବାକୁ ଦାବି କରିଥିଲେ। ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ଛାତ୍ରୀ ଜଣକ ମା'ବାପାଙ୍କ ସହ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସ୍ ନଂ. ୩୧୯/୨୫ରେ ମାମଲା ରୁଜୁ କରାଯାଇଛି।

ଅନ୍ୟପଟେ ଏହି ମାମଲାକୁ ଚାପିଦେବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟ କିଛି ଯୁବଗୋଷ୍ଠୀ ଚେଷ୍ଟା କରିଥିବା ଆଦିବାସୀ ନେତା ଗଙ୍ଗାଧର ପୁଆଲା ଓ ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା ଅଭିଯୋଗ କରିଛନ୍ତି। ତେବେ ଛାତ୍ରୀଛାତ୍ର ଧାରଣା ଦେବା ସମୟରେ ରିଂରୋଡ୍‌ରେ ଭିଡ଼ ଜମାଇବା କାରଣରୁ ଅଞ୍ଚଳବାସୀ ଓ ସ୍କୁଲ ଛାତ୍ରୀଛାତ୍ର ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ପୁଅର ଚିକିତ୍ସା ପାଇଁ ରାଶନ କାର୍ଡକୁ ବନ୍ଧକ ଦେଲେ ମା'

ସୋନପୁର,୩୧।୧୦ (ମୃତ୍ୟୁଞ୍ଜୟ ଶତପଥୀ)

■ କ୍ରୀଡ଼ା ପ୍ରତିଯୋଗିତାବେଳେ ପଡ଼ିଯାଇ ଆହତ ହୋଇଥିଲେ
■ କର୍ତ୍ତବ୍ୟରେ ଅବହେଳା ପାଇଁ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ନିଲମ୍ବିତ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୂରପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଚିକିତ୍ସା ପାଇଁ ତାଙ୍କ ମାଆ ରାଶନକାର୍ଡ ବନ୍ଧକ ପକାଇ ଟଙ୍କା ଆଣିଥିବା ଆଲୋଚନା ହେଉଛି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। କ୍ରୀଡା ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ଆହତ ହୋଇଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ଛାତ୍ରଙ୍କ ମାଗଣା ଚିକିତ୍ସା ହୋଇଥିଲା। ଏହି ଘଟଣାରେ ସୁବର୍ଣ୍ଣପୁର ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ଭୋଇଙ୍କୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ମୀନାରାଣୀ ମଙ୍ଗଳ ଶୁକ୍ରବାର ନିଲମ୍ବନ କରିଛନ୍ତି। ଜିଲାପାଳ ଡ. ନୃପରାଜ ସାହୁଙ୍କ ନିର୍ଦ୍ଦେଶକ୍ରମେ ଡିଇଓ ମଙ୍ଗଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଡୁଙ୍ଗୁରିପାଲି ବ୍ଲକର ଇଚ୍ଛାପୁରରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିନିକା ବ୍ଲକ ସିନ୍ଦୂରପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର କ୍ରିଷ୍ଣା ନାଏକ ଅଂଶଗ୍ରହଣ କରିଥିଲେ। ତେବେ ଉଚ୍ଚଡିଆଁ ବେଳେ ତଳେ ପଡି ଯାଇ କ୍ରିଷ୍ଣାଙ୍କ ହାତ ଭାଙ୍ଗିଯାଇଥିଲା। ଏହି ଘଟଣାରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ଛାତ୍ରଙ୍କ ପ୍ରତି ସମବେଦନା ଜଣାଇ ନ ଥିବା ଅଭିଯୋଗ ହୋଇଥିଲା। କ୍ରିଷ୍ଣାଙ୍କ ଚିକିତ୍ସା ପାଇଁ ପରିବାର ଲୋକ ଅସୁବିଧା ଭୋଗିଥିଲେ। କ୍ରିଷ୍ଣାଙ୍କ ଚିକିତ୍ସା ପାଇଁ ମା' ପଦ୍ମିନୀ ନିଜର ରାଶନ କାର୍ଡକୁ ବନ୍ଧକ ଦେଇ ପ୍ରତିବଦଳରେ ଟଙ୍କା ଆଣିଥିବା ମଧ୍ୟ ଆଲୋଚନା ହୋଇଥିଲା। ଚିକିତ୍ସା ପାଇଁ ସେ ପୁଅକୁ ନେଇ ଏକ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ପରେ ଜିଲାପାଳଙ୍କ ହସ୍ତକ୍ଷେପ ପରେ କ୍ରିଷ୍ଣାଙ୍କ ମାଗଣା ଚିକିତ୍ସା ହୋଇଥିଲା। ତେଣୁ କର୍ତ୍ତବ୍ୟରେ ଅବହେଳା କାରଣରୁ ଜ୍ୟୋତିକାନ୍ତଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆ ଯାଇଥିବା ଜଣାପଡ଼ିଛି।

# ସବୁ ବିଧାନସଭା ୧୦୦% ଡିଜିଟାଇଜେଶନ ଜରୁରୀ: କିରେନ ରିଜିଜୁ

ଭୁବନେଶ୍ୱର,୩୧।୧୦ (ରବିନାରାୟଣ ଜେନା)

### ଇ-ବିଧାନସଭା ସମ୍ମେଳନ

ବିଧାନସଭାର ସମସ୍ତ କାର୍ଯ୍ୟକୁ କାଗଜବିହୀନ(ପେପରଲେସ୍) ସହ ସମ୍ପୂର୍ଣ୍ଣ ଡିଜିଟାଇଜେଶନ କରିବାରେ ଓଡ଼ିଶାର କାର୍ଯ୍ୟ ପ୍ରଶଂସନୀୟ। ତେବେ ଦେଶର ସମସ୍ତ ବିଧାନସଭା ଯେପରି ଶତପ୍ରତିଶତ ଡିଜିଟାଇଜେଶନ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି।

ଭାରତ ସରକାରଙ୍କ ପକ୍ଷରୁ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ସଂସଦର ଆନେକ୍ସ ଭବନରେ ଅନୁଷ୍ଠିତ ସମସ୍ତ ରାଜ୍ୟ ବିଧାନସଭା ସଚିବମାନଙ୍କ ତୃତୀୟ ଜାତୀୟ ଇ-ବିଧାନ ଆପ୍ଲିକେଶନ (ନେଭା) ସମ୍ମେଳନକୁ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ରିଜିଜୁ କହିଥିଲେ, ଖୁବ୍ କମ୍ ସମୟ ମଧ୍ୟରେ ଓଡ଼ିଶା ବିଧାନସଭା 'ନେଭା' ପ୍ରଣୟନ କରିଛି, ଯାହା କି ଅନ୍ୟ ଅଗ୍ରଣୀ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛି। କାର୍ଯ୍ୟକ୍ରମରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ସଚିବ ନିକୁଞ୍ଜ ବିହାରୀ ଧଳ ଅଧ୍ୟକ୍ଷତା କରି କହିଥିଲେ, ଓଡ଼ିଶା ବିଧାନସଭା ପକ୍ଷରୁ ଏହି ନେଭା ପ୍ରକଳ୍ପ ଠିକଣା ଭାବେ କାର୍ଯ୍ୟକାରୀ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଅବସରରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସତ୍ୟ ପ୍ରକାଶ ଓ ଏନ୍‌ଆଇସିର ମହାନିର୍ଦ୍ଦେଶକ ଅଭିଷେକ ସିଂ ଯୋଗଦେଇ 'ନେଭା' ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଯୋଗଦେଇ ଓଡ଼ିଶାର 'ନେଭା' ପ୍ରକଳ୍ପ କିଭଳି କାର୍ଯ୍ୟାନ୍ୱୟନ କମ୍ ସମୟ ମଧ୍ୟରେ ହୋଇପାରିଛି ତାହା ଉପରେ ଅବଗତ କରାଇଥିଲେ। ସେ କହିଥିଲେ, ଓଡ଼ିଶା ବିଧାନସଭାରେ ନେଭା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ୧୨ ଫେବୃଆରୀ ୨୦୨୫ରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ଯଦିଓ ୨୦୨୦ ଫେବୃଆରୀରେ ଭାରତ ସରକାରଙ୍କ ସହିତ ଏହାର ବୁଝାମଣା ସ୍ୱାକ୍ଷର ହୋଇଥିଲା ତାହା ଠିକଣା ଭାବେ କାର୍ଯ୍ୟକାରୀ ହୋଇ ନଥିଲା। ମାତ୍ର ସମ୍ପ୍ରତି ରାଜ୍ୟ ସରକାରଙ୍କ ବଳିଷ୍ଠ ଉଦ୍ୟମ ଓ ଇଚ୍ଛାଶକ୍ତି ଯୋଗୁ ଏହା ଠିକଣା ଭାବେ କାର୍ଯ୍ୟକାରୀ ହେବା ସମ୍ଭବ ହୋଇପାରିଛି। ଏହି ସମ୍ମେଳନରେ ଓଡ଼ିଶା ବିଧାନସଭାର ଏନ୍‌ଆଇସିର ଯୁଗ୍ମନିର୍ଦ୍ଦେଶକ ଅଶୋକ କୁମାର ରାଉତ ସାମିଲ ଥିଲେ।

## ପିଏସ୍‌ୟୁ ନିର୍ଦ୍ଦେଶକଙ୍କ ଅବସର ବୟସ ୬୫କୁ ବୃଦ୍ଧି

ଭୁବନେଶ୍ୱର,୩୧।୧୦ (ରବିନାରାୟଣ ଜେନା)

ଶକ୍ତି ବିଭାଗ ପକ୍ଷରୁ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ବିଭାଗୀୟ ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଶକ୍ତି ବିଭାଗ ଅଧୀନସ୍ଥ ଗ୍ରିଡ୍‌କୋ, ଓପିଟିସିଏଲ୍, ଓଏଚ୍‌ପିସି ଓ ଓପିଜିସି ଭଳି ସରକାରୀ ଉଦ୍ୟୋଗ (ପିଏସ୍‌ୟୁ)ଗୁଡ଼ିକରେ କାର୍ଯ୍ୟକାରୀ ନିର୍ଦ୍ଦେଶକଙ୍କ ଅବସର ବୟସ ସୀମାକୁ ୬୩ରୁ ୬୫ ବର୍ଷକୁ ବୃଦ୍ଧି କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ମାର୍କେଟ ବେସ୍‌ଡ ସାଲାରି (ଏମ୍‌ବିଏସ୍) ଗଠନ ପରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ପଦ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୬୦ ବର୍ଷ ରହିଥିବା ବେଳେ ନିଯୁକ୍ତି ସର୍ବାଧିକ ୫ ବର୍ଷ କିମ୍ବା ୬୩ ବର୍ଷ ବୟସ ପର୍ଯ୍ୟନ୍ତ ଥିଲା। କିନ୍ତୁ ଅଧିକାଂଶ ନିର୍ବାଚିତ ନିର୍ଦ୍ଦେଶକମାନେ ନିଯୁକ୍ତି ସମୟରେ ୬୦ ବର୍ଷ ନିକଟବର୍ତ୍ତୀ ହେବାରୁ ପୂରା ୫ ବର୍ଷ କାର୍ଯ୍ୟକାଳ ଶେଷ କରିପାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଅବସର ବୟସକୁ ୬୫ ବର୍ଷକୁ ବୃଦ୍ଧି କରିଛନ୍ତି, ସର୍ବାଧିକ କାର୍ଯ୍ୟକାଳ ୫ ବର୍ଷ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ କେତେକ କ୍ଷେତ୍ରରେ ପିଇଏସ୍‌ବିର ସୁପାରିସ ଅନୁଯାୟୀ ଶକ୍ତି ବିଭାଗ ୫ ବର୍ଷ ଅତିକ୍ରମ କରି କାର୍ଯ୍ୟକାଳ ବୃଦ୍ଧି ବିଚାର କରିପାରିବେ, ତେବେ ସର୍ବାଧିକ ବୟସ ୬୫ ବର୍ଷ ରହିବ ବୋଲି ବିଜ୍ଞପ୍ତିରୁ ଜଣାଯାଇଛି।

# ଦୌଡ଼ ଏକତା, ସମନ୍ୱୟ, ଦେଶପ୍ରେମର ପ୍ରତୀକ: ମୁଖ୍ୟମନ୍ତ୍ରୀ

### ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀରେ ରନ୍ ଫର୍ ୟୁନିଟି

ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଏକତା ଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକତା, ଭାଇଚାରା ଓ ଦେଶପ୍ରେମ ଆମ ବିକଶିତ ଭାରତର ଶକ୍ତି। ଭିନ୍ନତାରେ ଏକତା ହେଉଛି ଭାରତର ଆତ୍ମା ଓ ଶକ୍ତି। ଜାତି, ଧର୍ମ, ଭାଷା, ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଙ୍କଳ୍ପ, ଦୃଷ୍ଟିକୋଣ ବଳରେ ଆମେ ବର୍ତ୍ତମାନ ଭାରତକୁ 'ଏକ' ଦେଖୁଛୁ ବୋଲି ସେ କହିଥିଲେ। ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣକରି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇ କହିଛନ୍ତି, ଆମେ ସମସ୍ତେ ମିଳିମିଶି, ସଂଘବଦ୍ଧ ଭାବେ କାମକଲେ ଖୁବ୍‌ଶୀଘ୍ର ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବା। ଏହି ଦୌଡ଼ ହେଉଛି ସେହି ଏକତା, ସମନ୍ୱୟ ଓ ଦେଶପ୍ରେମର ପ୍ରତୀକ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୦୧୮ରେ ଗୁଜରାଟର କେଭାଡିଆଠାରେ ସର୍ଦ୍ଦାର ପଟେଲଙ୍କ ୧୮୨ ମିଟର ଉଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟି ଅନାବରଣ ହୋଇଥିଲା, ଯାହା ବିଶ୍ୱର ସର୍ବବୃହତ୍ ପ୍ରତିମା ଭାବେ ଭାରତୀୟ ଗୌରବର ପ୍ରତୀକ ହୋଇଉଠିଛି ବୋଲି ସେ କହିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି ଦୌଡ଼ ମାଧ୍ୟମରେ ଆମେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନାକୁ ଜାଗ୍ରତ କରିବା ଓ ଏକ ସଶକ୍ତ ଭାରତ ଗଢ଼ିବାରେ ନିରନ୍ତର ଅଗ୍ରସର ହେବା ଆମ ସମସ୍ତଙ୍କ ଦାୟିତ୍ୱ। ଶେଷରେ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଧନ୍ୟବାଦ ଦେଇଥିଲେ।

# ଫୁଲବାଣୀ ଜେଲରେ ମାଷ୍ଟର ମାଇଣ୍ଡ ପିଣ୍ଟୁ

### ପୀତବାସ ପଣ୍ଡା ହତ୍ୟା ମାମଲା

ଫୁଲବାଣୀ,୩୧।୧୦ (ରାକେଶ କୁମାର ରାଉତ)

ଗଞ୍ଜାମ ଜିଲାର ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମାଷ୍ଟର ମାଇଣ୍ଡ୍ ଶିବଶଙ୍କର ଓରଫ ପିଣ୍ଟୁ ଦାସଙ୍କୁ ଶୁକ୍ରବାର ଫୁଲବାଣୀ ମଣ୍ଡଳ କାରାଗାରକୁ ନିଆଯାଇଛି। ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର କୌଣସି ଜେଲରେ ତାଙ୍କ ପ୍ରତି ବିପଦ ଥିବା ଆଶଙ୍କା କରି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ତାଙ୍କୁ କଡା ସୁରକ୍ଷା ବଳୟରେ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ପିଣ୍ଟୁ ଫୁଲବାଣୀ ଆସିଥିବାରୁ ଜେଲର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଛି।

# ଭିନ୍ନକ୍ଷମ କଲେଜ ଛାତ୍ରୀଛାତ୍ର ପାଇବେ ଆବଶ୍ୟକ ପଢ଼ା ଉପକରଣ

ଯାଜପୁର,୩୧।୧୦(ହର୍ଷବର୍ଦ୍ଧନ ବେହେରା)

### ଏସ୍‌ଏସ୍‌ଇପିଡି ପକ୍ଷରୁ ଜିଲାପାଳମାନଙ୍କୁ ତଥ୍ୟ ଦାଖଲ ନିର୍ଦ୍ଦେଶ

ଉଚ୍ଚ ଶିକ୍ଷା ବିଭାଗ ଅଧୀନ ସରକାରୀ କଲେଜଗୁଡ଼ିକର ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ପଢ଼ା ଉପକରଣ ଯୋଗାଇ ଦିଆଯିବ। ହାଇକୋର୍ଟରେ ଏକ ସୋ-ମୋଟୋ ଡବ୍ଲ୍ୟୁପି(ସି) ନମ୍ବର ୨୧୪୦/୨୦୨୦ ମାମଲାର ବିଚାର କରି ଉପରୋକ୍ତ ପ୍ରସ୍ତାବ ଦେଇଥିଲେ। ଏହାପରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଏସ୍‌ଏସ୍‌ଇପିଡି) ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଆବଶ୍ୟକ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନିର୍ଦ୍ଦେଶରେ ଦର୍ଶାଯାଇଛି ଯେ, ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଯୋଜନା ଏସ୍‌ଏସ୍‌ଇପିଡି ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାର ଆଭିମୁଖ୍ୟ ହେଉଛି ସମାଜର ମୁଖ୍ୟସ୍ରୋତରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଆବଶ୍ୟକ ସମସ୍ତ ସେବା ଉପଲବ୍ଧ କରାଇବା। ଏହିକ୍ରମରେ ହାଇକୋର୍ଟ ମତ ଦେଇଛନ୍ତି ଯେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତବରୀ ବ୍ରେଲି ଟ୍ରାନ୍ସଲେଟର ସଫ୍ଟୱେର୍, ଅଡିଓ-ଭିଜୁଆଲ ଏଡ୍ସ, ସ୍କ୍ରିନ ରିଡର, ବ୍ରେଲି ଡିସପ୍ଲେ, ମ୍ୟାଗ୍ନିଫିକେସନ ସଫ୍ଟୱେର୍, ଆଡପ୍ଟିଭ କି-ବୋର୍ଡ ଏବଂ ମାଉସ, ସ୍ପିଚ-ଟ୍ୟାପ୍-ଟେକ୍ସଟ-ସଫ୍ଟୱେର୍, ଇ-ବୁକ୍ ଏବଂ ଅଡିଓ ବୁକ୍ ଭଳି କେତେକ ସ୍ୱତନ୍ତ୍ର ଉପକରଣ ଆବଶ୍ୟକ। ହାଇକୋର୍ଟଙ୍କ ଏହି ମତ ବିଭାଗର ସକ୍ରିୟ ବିଚାରାଧୀନ ରହିଛି। ତେଣୁ ଜିଲାପାଳମାନେ ଷ୍ଟକରେ ଉପଲବ୍ଧ ଥିବା ଉପରୋକ୍ତ ସ୍ୱତନ୍ତ୍ର ଉପକରଣଗୁଡ଼ିକୁ ସରକାରୀ କଲେଜଗୁଡ଼ିକୁ ପଠାଇବା ବ୍ୟବସ୍ଥା କରିବେ। ଯଦି ଷ୍ଟକରେ କୌଣସି ଏହି ଉପକରଣ ଉପଲବ୍ଧ ନାହିଁ, ତେବେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଆକଳନ କରି ରିପୋର୍ଟ ଦାଖଲ କଲେ ବିଭାଗ ପକ୍ଷରୁ ଶୀଘ୍ର କଲେଜରେ ପଠାଇ ଯୋଗାଇ ଦିଆଯିବ ବୋଲି ଏସ୍‌ଏସ୍‌ଇପିଡି ପକ୍ଷରୁ ପରାମର୍ଶ ଦିଆଯାଇଛି।

# ରାଜା ଚକ୍ର, ସୁଶାନ୍ତଙ୍କ ଜାମିନ ଆବେଦନ ଖାରଜ

କଟକ,୩୧।୧୦(କାର୍ତ୍ତିକ ସାହୁ)

### ଗନ୍ଧମାର୍ଦ୍ଦନ ଲୋଡିଂ ଟ୍ରାନ୍ସପୋର୍ଟିଂ ଦୁର୍ନୀତି ମାମଲା

କେନ୍ଦୁଝରସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲିମିଟେଡ୍‌ରେ ଆର୍ଥିକ ଦୁର୍ନୀତି ମାମଲାରେ ଗିରଫ ମୁଖ୍ୟ ଅଭିଯୁକ୍ତ ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଏବଂ ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ କୁମାର ସାମଲଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ଅପରାଧ ଗୁରୁତର ଦୃଷ୍ଟିରୁ ଜାମିନ ଆବେଦନକୁ ଖାରଜ କରିଦେଇଥିବା ରାୟରେ ଦର୍ଶାଇଛନ୍ତି।

ସୂଚନାନୁସାରେ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ସଂସ୍ଥା କେନ୍ଦୁଝର ଜିଲାରେ ଖଣିଖାଦାନ ଅଞ୍ଚଳର ବିକାଶ ପାଇଁ ଗଠିତ ହୋଇଥିଲା। କେତେକ ବ୍ୟକ୍ତି ବିକାଶ ନାମରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଆତ୍ମସାତ କରୁଥିବା ଇକୋନୋମିକ ଅଫେନ୍ସ ୱିଙ୍ଗ (ଇଓଡବ୍ଲ୍ୟୁ)ରେ ଅଭିଯୋଗ ହୋଇଥିଲା। ୨୦୧୭-୧୮ରୁ ୨୦୨୩-୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲି. ୧୮୫ କୋଟି ଟଙ୍କା ଲାଭ କରିଥିବା ଖାତାରେ ଦର୍ଶାଇଥିଲେ। ୨୦୧୨-୧୩ରୁ ୨୦୨୪ ପର୍ଯ୍ୟନ୍ତ ସୋସାଇଟିର କୌଣସି ଅଡିଟ କରାଯାଇନାହିଁ। ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ପାଇଁ ସଂସ୍ଥା ପକ୍ଷରୁ ୩୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ମାତ୍ର ସେଥିରେ କୌଣସି ଅର୍ଥ ଖର୍ଚ୍ଚ ହୋଇ ନ ଥିବା ୨ ଜଣ ବିଡିଓ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ସୋସାଇଟିର ଗାଡ଼ି ବଦଳରେ ରାଜା ଚକ୍ରଙ୍କ ନିଜ ଗାଡ଼ି, ମେସିନେରି ବ୍ୟବହାର କରି ସେଥିରେ ୯.୧ କୋଟି ଟଙ୍କାର ତେଲ ପକାଇବା ବାବଦରେ ତାଙ୍କ ନାମରେ ଥିବା ମା' କାଳୀ ପେଟ୍ରୋଲ ପମ୍ପକୁ ଏହି ଟଙ୍କା ପ୍ରଦାନ କରିଛି ଗନ୍ଧମାର୍ଦ୍ଦନ ଏଜେନ୍ସି। ସେହିପରି ବିଭିନ୍ନ ଗାଁ ଲୋକଙ୍କ ମୁହଁକୁ ଚୁପ କରି ସମର୍ଥନ ପାଇବା ପାଇଁ ସଂସ୍ଥା ପକ୍ଷରୁ ଗତ ୪ ବର୍ଷରେ ୩୩ କୋଟି ଟଙ୍କା ବଣ୍ଟନ କରାଯାଇଛି। ଶ୍ରମିକଙ୍କୁ ଦେୟ ଓ ଲୋଡିଂ ଖର୍ଚ୍ଚ ପାଇଁ ୭୪ କୋଟି ଟଙ୍କା ଦିଆଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ମାମଲାରେ ରାଜା ଚକ୍ର ଏବଂ ତାଙ୍କ ସ୍ତ୍ରୀ ରୂପାଲି ପଟ୍ଟନାୟକଙ୍କ ନାଁରେ ଥିବା ୨ଟି ଯାତ୍ରୀବାହୀ ଗାଡ଼ି, ୪୦ଟି ହାଇୱା ଗାଡ଼ିକୁ ଇଓଡବ୍ଲ୍ୟୁ ଜବତ କରିଛି। ଏଥିସହ ରାଜା ଚକ୍ରଙ୍କ ୨ଟି କ୍ରସିଂ ପ୍ଲାଣ୍ଟକୁ ମଧ୍ୟ ଜବତ କରାଯାଇଛି। ତେବେ ରାଜା ଚକ୍ର ଓ ତାଙ୍କ ସହଯୋଗୀ ଗିରଫ ହୋଇ ଏବେ ଜେଲରେ ଥିବାବେଳେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

**୮୦୦ ଟଙ୍କା ଲାଞ୍ଚ ମାମଲାରେ ୨ ବର୍ଷ ଜେଲ**

ବନ୍ତଳା,(ସୁଜିତ ସାହୁ): ୮ ଶହ ଟଙ୍କା ଲାଞ୍ଚ ନେବା ମାମଲାରେ ଅନୁଗୋଳ ବ୍ଲକ କୃଷି ସିଂହାର ପୂର୍ବତନ ରାଜସ୍ୱ ନିରୀକ୍ଷକ ଗୁଣନିଧି ନାୟକଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ସୂଚନା ଅନୁଯାୟୀ, ୨୦୨୩ ମାର୍ଚ୍ଚ ୧୫ରେ ଏକ ମ୍ୟୁଟେଶନ କେସ୍‌ର ଯାଞ୍ଚ କରି ରିପୋର୍ଟ ଦେଉଥିବା ପାଇଁ ପୂର୍ବତନ ରାଜସ୍ୱ ନିରୀକ୍ଷକ ନାୟକ ଅଭିଯୋଗକାରୀ ଅଞ୍ଜନା ବେହେରାଙ୍କ ଠାରୁ ୧୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଅଧିକାରୀମାନେ ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କୁ ୮ ଶହ ଟଙ୍କା ଲାଞ୍ଚ ନେବା ବେଳେ ଧରିଥିଲେ।

# ଚନ୍ଦକା ଜଙ୍ଗଲରୁ ନରକଙ୍କାଳ ଜବତ

## ଗୁଣିଗାରେଡ଼ି ପାଇଁ ହତ୍ୟା ସନ୍ଦେହ

- ପରିବାର ଲୋକଙ୍କ ସହ ୪ଜଣଙ୍କୁ ଅଟକ ରଖି ପଚରାଉଚରା
- ଏମ୍ସ ଏଫ୍‌ଏମ୍‌ଟି ବିଭାଗକୁ ଗଲା ଜବତ କଙ୍କାଳ

ବାରଙ୍ଗ/ ଭୁବନେଶ୍ୱର, ୩୧।୧୦ (ଲିଙ୍ଗରାଜ ରାଉତ/ସତ୍ୟଜିତ୍ ରାଉତ)

ଚନ୍ଦକା ଅଭୟାରଣ୍ୟ ଭିତରୁ ଶୁକ୍ରବାର ଏକ ନରକଙ୍କାଳ ଠାବ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। କୌଣସି ବ୍ୟକ୍ତିଙ୍କୁ ହତ୍ୟା କରି ପରେ ଜଙ୍ଗଲରେ ପୋତିଦିଆଯାଇଥିବା ପୋଲିସ ସନ୍ଦେହ କରୁଛି। ତେବେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ନିଖୋଜ ଥିବାବେଳେ ଏହା ତାଙ୍କ କଙ୍କାଳ ବୋଲି ଆଶଙ୍କା କରାଯାଉଛି। ଉକ୍ତ ବ୍ୟକ୍ତି ଜଣକ ହେଲେ ଚନ୍ଦକାଥାନା ଅଧିନସ୍ଥ ପିତାଗାଡିଆ ଗ୍ରାମର ବଳରାମ ବେଉଗାମ (୭୦)। ସେ ସ୍ଥାନୀୟ ଅଞ୍ଚଳରେ ଗୁଣିଗାରେଡ଼ି କରୁଥିଲେ। କଙ୍କାଳ ପାଖରୁ ମିଳିଥିବା ମାଳିକୁ ଦେଖି ତାହା ବଳରାମଙ୍କର ବୋଲି ପରିବାର ଲୋକ କହିଛନ୍ତି। ଚନ୍ଦକା ପୋଲିସ ପକ୍ଷରୁ ନରକଙ୍କାଳକୁ ଜବତ କରାଯାଇ ଏମ୍ସ ଏଫ୍‌ଏମ୍‌ଟି (ଡିପାର୍ଟମେଣ୍ଟ ଅଫ୍ ଫେରେନ୍‌ସିକ୍ସ ମେଡିସିନ ଆଣ୍ଡ ଟକ୍ସିକୋଲୋଜି) ବିଭାଗକୁ ନିଆଯାଇଛି। ସେଠାରେ ବ୍ୟବଚ୍ଛେଦ ସହ ଡିଏନ୍‌ଏ ପରୀକ୍ଷା ପରେ ତାହା ବଳରାମଙ୍କର କି ନୁହେଁ ଏବଂ ମୃତ୍ୟୁର କାରଣ ସମ୍ପର୍କରେ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଚନ୍ଦକା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ପୋଲିସ ଏହି ଘଟଣାରେ ବଳରାମଙ୍କ ପରିବାର ସଦସ୍ୟଙ୍କ ସହ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ବଳରାମ ୨୦ଦିନ ହେବ ଘରୁ ନିଖୋଜ ହୋଇଯାଇଥିଲେ। ସେ ଧାନବିଲ ଜଗିବାକୁ କହି ଘରୁ ଯାଇଥିଲେ ମଧ୍ୟ ଆଉ ଫେରି ନ ଥିଲେ। ବଳରାମ କୌଣସି ବନ୍ଧୁଘରକୁ ଯାଇଥିବ ଭାବି ପରିବାର ଲୋକ ଥାନାରେ ନିଖୋଜ ସମ୍ପର୍କରେ ଅଭିଯୋଗ କରି ନ ଥିଲେ ବୋଲି କହିଛନ୍ତି। ଏହାକୁ ନେଇ ପୋଲିସ ପରିବାର ଲୋକଙ୍କ ଉପରେ ମଧ୍ୟ ସନ୍ଦେହ କରୁଛି। ଶୁକ୍ରବାର ସକାଳ ବେଳେ ପିତାଗାଡିଆ ଗାଁର କିଛିଲୋକ ଛତୁ ତୋଳିବାକୁ ଜଙ୍ଗଲ ମଧ୍ୟକୁ ଯାଇଥିବାବେଳେ ଗାଁ ପାଖରୁ ପ୍ରାୟ ୧କିମି ଦୂର କୁମାରଖୁଣ୍ଟି ପାଖ ଜଙ୍ଗଲରୁ ନରକଙ୍କାଳ ପଡ଼ିଥିବାର ଦେଖିବାକୁ ପାଇଥିଲେ। କଙ୍କାଳଠାରୁ କିଛିଦୂରରେ ଏକ ଗାତ ଖୋଳାହୋଇଥିବାବେଳେ ଏଣେତେଣେ ହାଡ ପଡିଥିଲା। ସେଠାରେ କିଛି ପୋଡାପତ୍ର ପଡିଥିବା ବେଳେ କଙ୍କାଳରେ ଏକ ମାଳି ପଡ଼ିଥିବାର ଦେଖିବାକୁ ମିଳିଥିଲା। ବଳରାମ ନିଖୋଜ ଥିବାରୁ ଜଙ୍ଗଲକୁ ଯାଇଥିବା ଲୋକମାନେ ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ଲୋକ ଜଙ୍ଗଲକୁ ଯାଇ ବଳରାମ ବେକରେ ପକାଉଥିବା ମାଳିକୁ ଚିହ୍ନିବା ସହ ତାହା ବଳରାମଙ୍କର ବୋଲି ଦାବି କରିଥିଲେ। ତେବେ ବଳରାମଙ୍କ ମୃତ୍ୟୁ କିଭଳି ହେଲା ତାହା ଅସ୍ପଷ୍ଟ ରହିଯାଇଥିବା ବେଳେ ମୃତ ଶରୀରକୁ ଜଙ୍ଗଲି ଜନ୍ତୁ ଖାଇଦେଇଛନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ତେବେ ବଳରାମ ତନ୍ତ୍ରମନ୍ତ୍ର ଶିଖିଥିବାରୁ ତାଙ୍କୁ ଏଠାରେ ପୋତି ହତ୍ୟା କରାଯାଇଛି ବୋଲି ଲୋକମାନେ ସନ୍ଦେହ କରୁଛନ୍ତି। ଅନ୍ୟପଟେ ବନବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯିବା ପରେ ଚନ୍ଦକାଥାନା ଅଧିକାରୀଣୀ ସମିତା ମିଶ୍ର ସଦଳବଳେ ସାଇଣ୍ଟିଫିକ ଟିମ ଧରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ତେବେ ଘଟଣାକୁ ନେଇ ରହସ୍ୟ ଲାଗିରହିଥିବା ବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି।


ଜବତ ନରକଙ୍କାଳ।

# ଚାକିରିରୁ ବହିଷ୍କୃତହେବାରୁ ଡକାୟତି

## ୨ ପୂର୍ବତନ କର୍ମଚାରୀଙ୍କ ସମେତ ୮ ଗିରଫ

ଭୁବନେଶ୍ୱର,୩୧।୧୦ (ସତ୍ୟଜିତ ରାଉତ)

ନୟାପଲ୍ଲୀସ୍ଥିତ ଏକ କେମିକାଲ୍ କମ୍ପାନୀରେ ବନ୍ଧୁକ ଦେଖାଇ ଡକାୟତି ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ୮ଜଣ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। କମ୍ପାନୀରେ ଡ୍ରାଇଭର ଭାବେ କାମ କରୁଥିବା ଦୁଇ ଜଣଙ୍କୁ ଚାକିରିରୁ ବହିଷ୍କୃତ କରିଦିବା ପରେ ସେମାନେ ଅନ୍ୟ ସହଯୋଗୀଙ୍କ ସହ ମିଶି ଏହି କାଣ୍ଡ ଘଟାଇଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ପୂର୍ବତନ କର୍ମଚାରୀଦ୍ୱୟ ହେଲେ ଭୁବନେଶ୍ୱର ଓଲ୍ଡ ଟାଉନ ଅଞ୍ଚଳର ନିରଞ୍ଜନ ନନ୍ଦ (୩୨) ଓ କଟକର ବ୍ରିଟ୍‌କୋଲୋନୀରେ ରହୁଥିବା କଟକ ନରସିଂହପୁରର ରମାକାନ୍ତ ପାତ୍ର (୨୫)। ଅନ୍ୟ ୬ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ସାଗର କୁମାର ସାହୁ (୨୩), ପୁରୁଷୋତ୍ତମପୁର ଥାନା ଅଞ୍ଚଳର ହର୍ଷ ରାଉତ (୩୬), ବିପିନ ବେହେରା (୩୨), କାଲୁ ଚରଣ ପ୍ରଧାନ (୩୯), ବିପିନେଶ ସ୍ୱାଇଁ (୪୦) ଓ କବିସୂର୍ଯ୍ୟନଗରର ରାଜେନ୍ଦ୍ର ରାଉତ (୩୦)। ଅଭିଯୁକ୍ତଙ୍କଠାରୁ ଏକ ଖେଳନା ବନ୍ଧୁକ, କାର୍, ୭ ମୋବାଇଲ ଓ ନଗଦ ୭୦ ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ଗିରଫ ଅଭିଯୁକ୍ତ, ଜବତ ଟଙ୍କା ଓ ଖେଳଣା ବନ୍ଧୁକ।

ସୂଚନା ଅନୁଯାୟୀ, ନୟାପଲ୍ଲୀ ପ୍ଲଟ ନଂ-ଏନ୍-୫/୨୫ସ୍ଥିତ ଫୋଟିସ୍ କେମିକାଲ ପ୍ରାଇଭେଟ୍ ଲିଃ କମ୍ପାନୀରେ ଅଭିଯୁକ୍ତ ନିରଞ୍ଜନ ଓ ରମାକାନ୍ତ ପୂର୍ବରୁ ଡ୍ରାଇଭର ଭାବେ କାମ କରୁଥିଲେ। ଉଭୟଙ୍କୁ କୌଣସି କାରଣ ପାଇଁ ଚାକିରିରୁ ବହିଷ୍କୃତ କରାଯିବା ପରେ ସେମାନେ ପ୍ରତିଶୋଧ ନେବାକୁ ଡକାୟତି ଯୋଜନା କରିଥିଲେ। ପ୍ରଥମେ ରମାକାନ୍ତ ତାଙ୍କ ସାଙ୍ଗ ହର୍ଷଙ୍କୁ କଲ୍ କର ଏନେଇ କହିଥିଲେ। ଏଥିସହ କମ୍ପାନୀର ଲୋକେଶନ୍ ଓ କେଉଁଠି ଟଙ୍କା ରହେ ଜଣାଇଥିଲେ। ପରେ ହର୍ଷ ତାଙ୍କ ସହଯୋଗୀମାନଙ୍କୁ ଏକତ୍ର କରି କାଣ୍ଡ ଭିଆଇବାକୁ ଯୋଜନା କରିଥିଲେ। ଅକ୍ଟୋବର ୩ ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ଅଭିଯୁକ୍ତମାନେ ଦୁଇ ଭଡା କାର୍‌ରେ କମ୍ପାନୀ ନିକଟକୁ ଆସିଥିଲେ। ରମାକାନ୍ତ, ନିରଞ୍ଜନ ଓ ଅନ୍ୟ ଜଣେ କିଛିଦୂରରେ ରହିଥିଲେ। ଅନ୍ୟ ଅଭିଯୁକ୍ତମାନେ କମ୍ପାନୀ ଭିତରକୁ ପଶି ମ୍ୟାନେଜର କୌଶଲ କୁମାର ସିଂଙ୍କୁ ବନ୍ଧୁକ ଦେଖାଇ ମାରଧର କରିଥିଲେ। ଏଥିସହ ୨.୫୦ ଲକ୍ଷ ଟଙ୍କା ଓ ଏକ ଲାପଟପ୍ ନେଇ ଫେରାର ହୋଇଯାଇଥିଲେ। କମ୍ପାନୀର ଜେନେରାଲ ମ୍ୟାନେଜର କେ. ବାଲକେଶ୍ୱର ପଟ୍ଟନାୟକଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୫୭୨/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଏହି ମାମଲାରେ ଫେରାର ଥିବା ଅନ୍ୟଜଣେ ଅଭିଯୁକ୍ତଙ୍କୁ ଖୋଜା ଚାଲିଥିବା ଜୋନ୍ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

# ବଳାତ୍କାର ଉଦ୍ୟମ ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

ଛେଣ୍ଡିପଦା,୩୧।୧୦ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତ କଣିହାଁ ଥାନା ତେଲିସିଙ୍ଗା ଗାଁର ସନ୍ତୋଷ କୁମାର ନାଏକଙ୍କୁ ଶୁକ୍ରବାର ୫ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୬ ଜୁଲାଇ ୨୦୧୪ରେ ସମ୍ପୃକ୍ତା ନାବାଳିକା ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକା ୨୭ ତାରିଖରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୪୧/୧୪ରେ ମାମଲା ରୁଜୁ କରି ତତ୍କାଳୀନ ଥାନା ଅଧିକାରୀ ଓ ଏସ୍‌ଆଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତିକରି କୋର୍ଟ ସନ୍ତୋଷଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହକାରୀ ଓକିଲ ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ

## ଛୁଟି ମଞ୍ଜୁର ପାଇଁ ନେଉଥିଲେ ଲାଞ୍ଚ

ଫୁଲବାଣୀ/ଦାରିଙ୍ଗବାଡ଼ି, ୩୧।୧୦(ରାକେଶ କୁମାର ରାଉତ/ଅରୁଣ ସାହୁ)

ଜଣେ ମହିଳା ରୋଷେୟା ତଥା ଆଟେଣ୍ଡାଣ୍ଟଙ୍କ ଛୁଟି ମଞ୍ଜୁର କରିବା ପାଇଁ ଲାଞ୍ଚ ନେଇ ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କୁ ଫୁଲବାଣୀ ଭିଜିଲାନ୍ସ ଟିମ୍ ଗିରଫ କରିଛି। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ୍ ବୁଢ଼ାଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମହିଳା ରୋଷେୟା ତଥା ଆଟେଣ୍ଡାଣ୍ଟ ସୁରେଖା ପ୍ରଧାନ(୩୧)ଙ୍କ ଛୁଟି ମଞ୍ଜୁର କରିବା ପାଇଁ ପ୍ରଧାନଶିକ୍ଷକ କୁମରମଣି ମଳିକ ଅର୍ଥ ଦାବି କରିଆସୁଥିଲେ। ଏଥିପାଇଁ ସେ ବାରମ୍ବାର ଫୋନରେ ମଧ୍ୟ ଅର୍ଥ ଦାବି କରୁଥିଲେ। ଏହାର ପ୍ରମାଣକୁ ସୁରେଖା ନିଜ ମୋବାଇଲ କଲ୍ ରେକର୍ଡରେ ରଖି ସେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ।

ପ୍ରଧାନଶିକ୍ଷକ ନିଜ ଫୋନ୍ ପେ'ରେ ଏହି ଅର୍ଥ ଦାବି କରିଥିଲେ। ଦାବି ମୁତାବକ ଅଭିଯୋଗକାରୀ ସୁରେଖା ପ୍ରଧାନଶିକ୍ଷକଙ୍କୁ ନିଜ ଫୋନ ପେ'ରୁ ୪ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ଡିଏସ୍‌ପି ହେମନ୍ତ ମହାନ୍ତିଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ କାବୁ କରିଥିଲା। ଏହି ସମୟରେ ତାଙ୍କଠାରୁ ଲାଞ୍ଚ ଗ୍ରହଣ କରିଥିବା ମୋବାଇଲ ଫୋନ ଓ ଅନ୍ୟ ଆବଶ୍ୟକ ପ୍ରମାଣ ଜବତ କରାଯାଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ୧୬/୨୫ ମାମଲା ରୁଜୁ କରାଯାଇ ଅଧିକା ତଦନ୍ତ ଜାରି ଥିବା ଭିଜିଲାନ୍ସ ଡିଏସ୍‌ପି ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟଟି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ପଛୁଆବର୍ଗ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି।


କୁମରମଣି ମଳିକ

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଝାରବନ୍ଧ, ୩୧।୧୦(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ବୈତାଲି ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ରୁକଧର ସେଠ(୪୫)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ତାଙ୍କୁ କେହି ଧାରୁଆ ଅସ୍ତ୍ରରେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଝାରବନ୍ଧ ଥାନାରେ କେସ୍ ନଂ. ୧୪୪/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ, ରୁକଧର ପ୍ରତିଦିନ ପରି ଶୁକ୍ରବାର ଭୋର ୪ଟାରେ ନିତ୍ୟକର୍ମ ପାଇଁ ନିକଟସ୍ଥ ଅଙ୍ଗ ନଦୀକୁ ଯାଇଥିଲେ। ହେଲେ ଘରକୁ ଆଉ ଫେରି ନ ଥିଲେ। ସକାଳ ୮ଟା ପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକେ ନଦୀକୁ ଆସି ଖୋଜାଖୋଜି କରିଥିଲେ। ସେଠାରେ ଗଦା ହୋଇଥିବା ବାଲି ଉପରେ ରକ୍ତ ଛିଟା ଏବଂ ଗାମୁଛା ପଡ଼ିଥିବା ଦେଖିବାକୁ ପାଇଥିଲେ। ବହୁତ ଖୋଜାଖୋଜି କରିବା ପରେ ରକ୍ତ ପଡ଼ିଥିବା ସ୍ଥାନରୁ ପ୍ରାୟ ୨ ଶହ ମିଟର ଦୂରରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଝାରବନ୍ଧ ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ କେ. ସାମରିଆ ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡ ଶବର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ରୁକଧରଙ୍କ ସ୍ତ୍ରୀ ସୁନ୍ଦରମତୀ ସେଠଙ୍କ ଅଭିଯୋଗକୁ ଭିତ୍ତିକରି ନିକଟସ୍ଥ ଧନେଶ୍ୱର ଗାଁର କେତେଜଣ ଯୁବକଙ୍କୁ ପୋଲିସ ପଚରାଉଚରା କରୁଛି। ତାଙ୍କ ଅଭିଯୋଗ ଅନୁସାରେ, ଘଟଣାର ପୂର୍ବଦିନ ଅର୍ଥାତ୍ ଗୁରୁବାର ଉକ୍ତ ଯୁବକଙ୍କ ସହିତ ରୁକଧରଙ୍କ ଝଗଡ଼ା ହୋଇଥିଲା। ବିଶେଷଜ୍ଞ ଦଳ ମଧ୍ୟ ଘଟଣା ସ୍ଥଳକୁ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି।

# ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେବାକୁ ସିବିଆଇର ଆବେଦନ

## ବିମାନବନ୍ଦରରୁ ମୋଷ୍ଟ ୱାଣ୍ଟେଡ୍ ଧରାପଡ଼ିବା ଘଟଣା

ଭୁବନେଶ୍ୱର,୩୧।୧୦(ସତ୍ୟଜିତ ରାଉତ)

ଦିଲ୍ଲୀରେ ଏକ ବଡ଼ଧରଣର ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୋଷ୍ଟ ୱାଣ୍ଟେଡ୍ କଟକର ଦ୍ୱିବେନ୍ଦୁ ମହାରଣା ଗୁରୁବାର ଭୁବନେଶ୍ୱର ବିମାବନ୍ଦରରୁ ଧରାପଡ଼ିବା ପରେ ସିବିଆଇ ଟିମ୍ ତାଙ୍କୁ ଦିଲ୍ଲୀ ନେବାକୁ ପ୍ରସ୍ତୁତି ଚଳାଇଛି। ଦିଲ୍ଲୀ ସିବିଆଇ ଟିମ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କୁ ଗିରଫ ପରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ତାଙ୍କୁ ୨ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ସିବିଆଇ ପକ୍ଷରୁ ଆବେଦନ କରାଯାଇଛି। ତେବେ ଦ୍ୱିବେନ୍ଦୁଙ୍କ ଓକିଲଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଏହି ଏଫ୍‌ଆଇଆର୍‌ରେ ଦ୍ୱିବେନ୍ଦୁଙ୍କ ନାମ ନାହିଁ। ସେ ତଦନ୍ତରେ ସହଯୋଗ କରୁ ନ ଥିବା ସିବିଆଇ କହୁଛି। କିନ୍ତୁ ତାଙ୍କୁ ଆଇନ ଅନୁଯାୟୀ ନୋଟିସ କରାଯାଇନାହିଁ ବୋଲି ଦ୍ୱିବେନ୍ଦୁଙ୍କ ଓକିଲ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ଦ୍ୱିବେନ୍ଦୁ ଏକ କଲ୍‌ସେଣ୍ଟର ଜରିଆରେ ଜାପାନର ଲୋକମାନଙ୍କୁ ଠକେଇ କରିଥିବା ଅଭିଯୋଗ ରହିଛି। ବହୁଦିନ ଧରି ସେ ଫେରାର ଥିବାରୁ ତାଙ୍କ ବିରୋଧରେ ସିବିଆଇ କୋର୍ଟ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲା। ଏପରିକି କିଛିମାସ ତଳେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ଦ୍ୱିବେନ୍ଦୁ ଆବୁଧାବିରେ ଥିବାବେଳେ କଟକସ୍ଥିତ ଘରକୁ ଆସିବାକୁ ଯୋଜନା କରିଥିଲେ। ଗୁରୁବାର ସକାଳେ ସେ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ବିମାବନ୍ଦରରେ ପହଞ୍ଚିଥିଲେ। ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କୁ କାବୁ କରିବା ପରେ ଦିଲ୍ଲୀ ସିବିଆଇକୁ ଖବର ଦିଆଯାଇଥିଲା।


ଦ୍ୱିବେନ୍ଦୁ ମହାରଣା

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

## କାଦୁଆ ଜଗନ୍ନାଥପ୍ରସାଦରେ ବଧୂହତ୍ୟା ଅଭିଯୋଗର ରାୟ

ନୟାଗଡ଼, ୩୧।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଫତେଗଡ଼ ଥାନା କାଦୁଆ ଜଗନ୍ନାଥପ୍ରସାଦ ଗାଁର ବଧୂହତ୍ୟା ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ୧୨ ସାକ୍ଷୀ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଜବାବସୁଆଲ, ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜିଲା ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା ସ୍ତ୍ରୀ ହତ୍ୟାକାରୀ ଜିତେନ୍ଦ୍ର ଯୁଝାରସିଂଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷେ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ବର୍ଷେ ଅଧିକ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି।

ପ୍ରାପ୍ତ ସୂଚନା ଅନୁସାରେ, କେଶରସିଂ ଗାଁର ରାଜ କିଶୋର ନାୟକଙ୍କ ଝିଅ ମେଘେଇ(୨୫) ୬ ବର୍ଷ ତଳେ କାଦୁଆ ଜଗନ୍ନାଥପ୍ରସାଦ ଗାଁର ଫକିର ଯୁଝାରସିଂଙ୍କ ପୁଅ ଜିତେନ୍ଦ୍ର (୩୪)ଙ୍କୁ ବିବାହ କରିଥିଲେ। ବରପକ୍ଷର ଦାବି ମୁତାବକ ୩୦ ହଜାର ଟଙ୍କା, ସୁନାମୁଦି, ଘର ଉପକରଣ ଯୌତୁକ ଆକାରରେ ଦିଆଯାଇଥିଲା। ବିବାହର କିଛି ମାସ ସ୍ୱାମୀସ୍ତ୍ରୀ ଭଲରେ ଚଳିଥିଲେ। ପରେ ଦମ୍ପତିଙ୍କ କନ୍ୟାସନ୍ତାନ ଜନ୍ମ ହୋଇଥିଲା। କନ୍ୟା ସନ୍ତାନ ଜନ୍ମ ପରେ ଅଧିକ ୩୦ ହଜାର ଟଙ୍କା ପୁଣି ଯୌତୁକ ଆଣିବାକୁ ମେଘେଇଙ୍କୁ କୁହାଯାଇଥିଲା। ଯୌତୁକ ସମ୍ପର୍କରେ ମେଘେଇ ବାପଘର ଲୋକଙ୍କୁ ଜଣାଇଥିଲେ। ତେବେ ଯୌତୁକ ନ ଆଣିବାରୁ ମାନସିକ ଓ ଶାରୀରିକ ଭାବେ ମେଘେଇଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ନିର୍ଯାତନା ଅଧିକ ହେବା ପରେ ବନ୍ଧୁବାନ୍ଧବ ଓ ଭଦ୍ରଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ କରାଯାଇଥିଲା। ତଥାପି ନିର୍ଯାତନା କମି ନ ଥିଲା। ଶେଷରେ ୨୦୨୩ ଫେବୃଆରୀ ୮ରେ ମେଘେଇଙ୍କୁ ବିଷ ପିଆଇ ମାରି ଦେବାକୁ ଶାଶୁଘର ଲୋକମାନେ ଉଦ୍ୟମ କରିଥିଲେ। ମେଘେଇଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ସେ ସମୟରେ ଭର୍ତ୍ତି କରାଯାଇଥିଲା ଓ ପରେ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମେଘେଇଙ୍କ ମୃତ୍ୟୁ ହୋଇଥିଲା। ମେଘେଇଙ୍କ ବାପାଙ୍କ ଅଭିଯୋଗକ୍ରମେ ଫତେଗଡ଼ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଜିତେନ୍ଦ୍ର ଖୁର୍ଣ୍ଟୁବନ୍ଧସ୍ଥିତ ନୟାଗଡ଼ ଜିଲା ଜେଲରେ ରହିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ରାକେଶ କୁମାର ପୋଥାଳ ମାମଲା ପରିଚାଳନା କରୁଥିଲେ।

# ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ: ପ୍ରଧାନ ଶିକ୍ଷକଙ୍କୁ ଜେଲ

ସମ୍ବଲପୁର,୩୧।୧୦(ପ୍ରମୋଦ ବହିଦାର)

ଏକ ଆବାସିକ ପ୍ରାଥମିକ ବିଦ୍ୟାଳୟର ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ପ୍ରଧାନ ଶିକ୍ଷକ ବେଦବ୍ୟାସ ପଟେଲ(୬୨)ଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ପ୍ରକାଶ ଯେ, ପୀଡ଼ିତା ଛାତ୍ରୀ(୧୨) ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଧୁଡ଼ିପାଲି ଗ୍ରାମରେ ଥିବା ଆବାସିକ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ତେବେ ସେ ଅସୁସ୍ଥ ହେବାରୁ ନିଜ ଘର ଝାରପୁର ଗ୍ରାମକୁ ଯାଇ ଚିକିତ୍ସିତ ହୋଇ ପୁଣି ବିଦ୍ୟାଳୟକୁ ଫେରିଥିଲେ। ପ୍ରଧାନ ଶିକ୍ଷକ ବେଦବ୍ୟାସ ତାଙ୍କୁ ଚିକିତ୍ସା ପାଇଁ ଇଞ୍ଜେକ୍ସନ ନେବାକୁ ପଡ଼ିବ ବୋଲି କହି ଗତ ୨୦୧୮ ଫେବୃଆରୀ ୧୭ରେ ବିଦ୍ୟାଳୟରୁ ତାଙ୍କ ବାଇକ୍‌ରେ ଡାକ୍ତରଖାନା ଅଭିମୁଖେ ବାହାରିଥିଲେ। ମାତ୍ର ଡାକ୍ତରଖାନାକୁ ନ ଯାଇ ସେ ବାଟରେ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏହାର ପ୍ରତିରୋଧ କରି କାନ୍ଦିବାରୁ ସେ ଛାତ୍ରୀଙ୍କୁ ତାଙ୍କ ଘର ନିକଟରେ ଛାଡ଼ି ଦେଇ ଫେରାର୍ ହୋଇଯାଇଥିଲେ। ଛାତ୍ରୀ ଜଣକ ଘରକୁ ଆସି ପରିବାର ଲୋକଙ୍କୁ ସବୁକଥା କହିବା ପରେ ୧୮ରେ ପରିବାର ଲୋକେ କୁଚିଣ୍ଡା ଥାନାରେ ଏତଲା ଦେଇଥିଲେ। ଛାତ୍ରୀଙ୍କ ବୟାନ ଓ ତାଙ୍କ ପିତାଙ୍କ ଏତଲା କ୍ରମେ କୁଚିଣ୍ଡା ଥାନାରେ ଏକ ମାମଲା (ନଂ. ୪୯/୨୦୧୮) ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ସମ୍ବଲପୁର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ୧୨ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣକୁ ତର୍ଜମା କରି ଶୁକ୍ରବାର ପ୍ରଧାନ ଶିକ୍ଷକଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

# ୮ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ପଞ୍ଚାୟତ ନିର୍ବାଚନକୁ ନେଇ ସଲମନ ରାଉତ ହତ୍ୟା ମାମଲା**

## ୬ ନିର୍ଦ୍ଦୋଷରେ ଖଲାସ

ଢେଙ୍କାନାଳ,୩୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ତରଭା ପଞ୍ଚାୟତରେ ୨୦୧୭ ଫେବୃଆରୀ ୪ରେ ଘଟିଥିବା ବହୁଚର୍ଚ୍ଚିତ ସଲମନ ରାଉତ ହତ୍ୟା ମାମଲାର ରାୟ ୮ ବର୍ଷ ପରେ ଶୁକ୍ରବାର ପ୍ରକାଶ ପାଇଛି। ଏହି ମାମଲାର ରାୟ ପ୍ରକାଶ କରି ଜିଲା ଦୌରାଜଜ୍ ୮ଜଣ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଥିବା ବେଳେ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପଞ୍ଚାୟତ ନିର୍ବାଚନ ଓ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା।

ପ୍ରକାଶ ଯେ, ୨୦୧୭ ଫେବୃଆରୀ ୪ ସନ୍ଧ୍ୟାରେ ସଲମନ ରାଉତ ତରଭା ଗୋଡ଼ିସାହିଠାରେ ସରପଞ୍ଚ ନିର୍ବାଚନକୁ ନେଇ ପ୍ରଚାର କରୁଥିଲେ । ସେହି ସମୟରେ ବିପକ୍ଷ ଦଳର ସରପଞ୍ଚ ପ୍ରାର୍ଥୀ କୁଳମଣି ବେହେରା ଓ ତାଙ୍କ ସମର୍ଥକମାନେ ପ୍ରଚାର ପାଇଁ ଆସିଥିଲେ। ପୋଷ୍ଟର ମରାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରେ କୁଳମଣିଙ୍କ ସହଯୋଗୀ ବ୍ୟୋମକେଶ ସଲମନଙ୍କୁ ଗୁଳିମାଡ଼ କରିଥିଲେ। ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ସଲମନଙ୍କ ସହଯୋଗୀ ବିକ୍ରମ ମଲ୍ଲିକଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିଲା। ପରେ ରାଜ୍ୟ ସରକାର ଘଟଣାର ଗୁରୁତ୍ୱକୁ ଦେଖି କ୍ରାଇମବ୍ରାଞ୍ଚକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ସର୍ବେଶ୍ୱର ସାହୁ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ଏହି ମାମଲାର ବିଚାର କରି ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ମୁଖ୍ୟ ଅଭିଯୁକ୍ତ ତଥା କେଉଁଝର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ସେହି ସମୟରେ କାର୍ଯ୍ୟରତ ଥାଇ ଗ୍ରାମକୁ ଛୁଟିରେ ଆସିଥିବା କନ୍‌ଷ୍ଟେବଲ ବ୍ୟୋମକେଶ ବିଶ୍ୱାଳଙ୍କ ସହ ତ୍ରୟମ୍ବକ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ହୃଦାନନ୍ଦ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ମନମୋହନ ବିଶ୍ୱାଳ, ଦେବେନ୍ଦ୍ର ସ୍ୱାଇଁ ଓ କୁଳମଣି ବେହେରାଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅନ୍ୟତମ ଅଭିଯୁକ୍ତ ଚିତ୍ତରଞ୍ଜନ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ଗଦାଧର ବିଶ୍ୱାଳ ଓରଫ ସ୍ୱାଇଁ, ରାଜେନ୍ଦ୍ର ବେହେରା, ଅଜିତ ମଲ୍ଲିକ ଓ ବିଜୁ ମଲ୍ଲିକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ଚିକୁନ ବିଶ୍ୱାଳଙ୍କ ପୂର୍ବରୁ ମୃତ୍ୟୁ ଘଟିଛି।

# ମୋଟରସାଇକେଲ ଡିକି ଭାଙ୍ଗି ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ୍

ଟୁଡଭେଲା,୩୧।୧୦ (ମନୋଜ କୁମାର ଜୈନ)

ଶୁକ୍ରବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ବଲାଙ୍ଗୀର ଜିଲା ତୁଷୁରା ସହରର ମୁଖ୍ୟ ଛକଠାରେ ଥିବା ଏକ ଫ୍ୟାନ୍ସି ଦୋକାନ ଆଗରେ ଥୁଆ ହୋଇଥିବା ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ପ୍ରାୟ ୫ ଲକ୍ଷ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ତୁଷୁରା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛି।

ପ୍ରକାଶ ଯେ, ତୁଷୁରା ଏନ୍‌ଏସି ଅଧୀନ ନଅଗାଁ କଲୋନୀର ରିଙ୍କୁ ଷଡ଼ଙ୍ଗୀ ଓ ସାଧୁରାମ ଷଡ଼ଙ୍ଗୀ ତୁଷୁରା ଷ୍ଟେଟବ୍ୟାଙ୍କରୁ ୫ ଲକ୍ଷ ୧୦ ହଜାର ଟଙ୍କା ଉଠାଣ କରିଥିଲେ। ଉକ୍ତ ଟଙ୍କାକୁ ବାଇକ୍ ଡିକିରେ ରଖି ସେମାନେ ବ୍ୟାଙ୍କଠାରୁ ମାତ୍ର ଏକ କିଲୋମିଟର ଦୂରରେ ଥିବା ଉକ୍ତ ଫ୍ୟାନ୍ସି ଦୋକାନ ଆଗରେ ଗାଡି ରଖି କିଛି କିଣିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଛି, ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତୁଷୁରା ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି।

# ୨ ସେନା କର୍ମଚାରୀଙ୍କୁ ଆଜୀବନ କାରାଦଣ୍ଡ

## ସ୍କୁଲ ବସ୍ ଭିତରେ ୪ବର୍ଷର ଶିଶୁକନ୍ୟାଙ୍କୁ ଯୌନ ଶୋଷଣ ମାମଲା

## ପୀଡ଼ିତାଙ୍କୁ ସାଢେ ୧୦ ଲକ୍ଷ ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର, ୩୧।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳରେ ଥିବା ଆର୍ମି ଏଡି କଲେଜ ପରିସରରେ ଗତ ଜାନୁଆରୀ ମାସରେ ଏକ ଲଜ୍ଜାଜନକ ଘଟଣା ଘଟିଥିଲା। ଏକ ବସ୍ ଭିତରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ୨ଜଣ ସେନା କର୍ମଚାରୀ ଯୌନ ଶୋଷଣ କରିଥିଲେ। ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ମାମଲାର ବୃତ୍ତାନ୍ତ ରାୟ ଘଟଣାର ୧୦ ମାସରେ ଶୁଣାଣି କରି ସମ୍ପୃକ୍ତ ବସ୍‌ରେ କାର୍ଯ୍ୟରତ ଦୁଇ ଜଣ ସେନା କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗୁଜରାଟ ମେହେସନା ଜିଲା ସତଲାସନର ମୂଳନିବାସୀ ଭୂତେଦିଆ ଜଏସ କୁମାର (୩୦) ଓ ଦେଓଗଡ଼ ଜିଲା ବରକୋଟ ଥାନା ଅନ୍ତର୍ଗତ ବାଇଧର ଗାଁ'ର ହସେଲଦାର ମୁଣ୍ଡା (୩୭)। ଜଏସ କୁମାର ଗୋପାଳପୁର ଆର୍ମି ଏଡି କଲେଜରେ ହାବିଲଦାର ଭାବେ କାର୍ଯ୍ୟ କରୁଥିବା ବେଳେ ହସେଲଦାର ଆର୍ମି ଏଡିକଲେଜର ନାୟକ ରୂପେ କାର୍ଯ୍ୟ କରୁଥିଲେ। ଜଜ୍ ପ୍ରତ୍ୟେକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୧୦ ହଜାର ଲେଖାଏ ଜରିମାନା ଦେବାକୁ ଶୁଣାଣିରେ ଉଲ୍ଲେଖ କରିଛନ୍ତି। ଉଭୟ ଅଭିଯୁକ୍ତଙ୍କଠାରୁ ଆଦାୟ ୨୦ ହଜାର ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ ୨ ଅଭିଯୁକ୍ତ ୬ମାସ ଲେଖାଏ ଅଧିକ ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଜଜ୍ ପୀଡ଼ିତାଙ୍କୁ ସାଢେ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗତ ଜାନୁଆରୀ ୨ ତାରିଖରେ ଗୋପାଳପୁର ଥାନା ଅନ୍ତର୍ଗତ ଆର୍ମି ଏଡି କଲେଜ ପରିସରରେ ଥିବା ଏକ ଇଂଲିଶ ମାଧ୍ୟମ ସ୍କୁଲରେ ପଢୁଥିବା ଜଣେ ୪ବର୍ଷର ଶିଶୁକନ୍ୟାଙ୍କୁ ଭୟଭୀତ କରି ଏକ ସ୍କୁଲ ବସ୍ ଭିତରେ ଯୌନ ଶୋଷଣ କରାଯାଇଥିଲା। ପୀଡ଼ିତା ଛାତ୍ରୀଙ୍କ ଚିତ୍କାର ଶୁଣି ବସ୍‌ଷ୍ଟପ୍ ନିକଟରେ ଅପେକ୍ଷା କରିଥିବା ତାଙ୍କ ଜେଜେ ମା' ବସ୍ ଭିତରକୁ ଯାଇ ତାଙ୍କ ନାତୁଣୀଙ୍କୁ ଏଭଳି ଲଜ୍ଜାଜନକ ଅବସ୍ଥାରେ ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ତାଙ୍କ ବୋହୂ ଓ ପରେ ପୁଅଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ଏନେଇ ଜାନୁଆରୀ ୩ ତାରିଖରେ ଗୋପାଳପୁର ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ।


ଅଭିଯୁକ୍ତ ୨ ସେନା କର୍ମଚାରୀ।

ପୋଲିସ ପୀଡ଼ିତାଙ୍କ ବୟାନକୁ ଆଧାରକରି ନଂ. ୦୨/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଉକ୍ତ ବସ୍‌ରେ ଡ୍ରାଇଭର ଥିବା ଜଏସ କୁମାର ଓ ହେଲ୍‌ପର ହସେଲଦାରଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେବା ପରେ ଉଭୟଙ୍କୁ ଗତ ଜାନୁଆରୀ ୪ ତାରିଖରେ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିଲା। ତଦନ୍ତକାରୀ ଅଧିକାରୀ ତଥା ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡା ଏନେଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବିଚାରାଧୀନ ବନ୍ଦୀ ଭାବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ଏଫ୍‌ଏମ୍‌ଟି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାଶଙ୍କ ମେଡିକାଲ ରିପୋର୍ଟ ଓ ସମସ୍ତ ପ୍ରମାଣକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

**ଚେନ୍ନାଇ ବେଳାଭୂମିରେ ୪ ମହିଳାଙ୍କ ମୃତଦେହ**

ଚେନ୍ନାଇର ଏନ୍ନୋର ବେଳାଭୂମିରେ ୪ ମହିଳାଙ୍କ ମୃତଦେହ ଶୁକ୍ରବାର ଠାବ ହୋଇଛି। ସମସ୍ତ ମୃତକଙ୍କ ବୟସ ୧୭ରୁ ୩୦ ବର୍ଷ ଭିତରେ ହେବ। ସେମାନଙ୍କ ମଧ୍ୟରେ ଶ୍ରୀଲଙ୍କା ଶରଣାର୍ଥୀ ଶିବିରର ବାସିନ୍ଦା ରହିଛନ୍ତି। ସମୁଦ୍ର ଢେଉରେ ସେମାନେ କେଉଁଠୁ ଭାସିଆସିଥିବା ସ୍ଥାନୀୟ ପୋଲିସ କହିଛି।



# ତାଞ୍ଜାନିଆରେ ନିର୍ବାଚନୀ ବିକ୍ଷୋଭ ବେଳେ ହିଂସା
# ୩ ଦିନରେ ୭୦୦ ମୃତ: ବିରୋଧୀ


ରାଷ୍ଟ୍ରପତି ସମିଆ ସୁଲୁହୁ ହାସନ୍

**ଡୋଡୋମା,୩୧।୧୦**

ପୂର୍ବ ଆଫ୍ରିକୀୟ ରାଷ୍ଟ୍ର ତାଞ୍ଜାନିଆରେ ନିର୍ବାଚନୀ ଅନିୟମିତତାକୁ ନେଇ ବିକ୍ଷୋଭ ବେଳେ ୭୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବା ବିରୋଧୀ ଦଳ ଦାବି କରିଛି। ରାଷ୍ଟ୍ରପତି ସମିଆ ସୁଲୁହୁ ହାସନ୍‌ଙ୍କ ୨ ବଡ଼ ଚ୍ୟାଲେଞ୍ଜରଙ୍କୁ ଦୌଡ଼ରୁ ବାଦ୍ ଦିଆଯାଇଥିବାରୁ ଦେଶବ୍ୟାପୀ ଜନାକ୍ରୋଶ ବୃଦ୍ଧି ପାଇଛି। ଉତ୍ୟକ୍ତ ଲୋକେ ସରକାରୀ ଅଫିସଗୁଡ଼ିକରେ ଭଙ୍ଗାରୁଜା ଓ ଜଳାପୋଡ଼ା କରିବାରେ ଲାଗିଛନ୍ତି। ବିକ୍ଷୋଭକାରୀମାନେ ରାସ୍ତାରେ ଟାୟାର ଜାଳି ରାଷ୍ଟ୍ରପତିଙ୍କ ସପକ୍ଷରେ ଲଗାଯାଇଥିବା ପୋଷ୍ଟରଗୁଡ଼ିକୁ ଚିରିବାରେ ଲାଗିଥିବାବେଳେ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି। ଏପରି କି ବିକ୍ଷୋଭକାରୀମାନେ କେତେକ ଥାନାରେ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସରକାର ବୁଧବାରଠାରୁ ଇଣ୍ଟରନେଟ ସେବାକୁ ବନ୍ଦ କରିଦେଇଛନ୍ତି। ରିପୋର୍ଟିଂ ପାଇଁ ବିଦେଶୀ ଖବରଦାତାମାନଙ୍କୁ ତାଞ୍ଜାନିଆକୁ ଛଡ଼ାଯାଉନାହିଁ।

ତେବେ ବିକ୍ଷୋଭକାରୀଙ୍କ ଉପରେ ସରକାର ଦମନଲୀଳା ଚଳାଇଥିବାରୁ ଆଗକୁ ସ୍ଥିତି ଆହୁରି ଅଣାୟତ୍ତ ହେବା ଆଶଙ୍କା କରାଯାଉଛି। ରାଜଧାନୀ ଦରଏସ୍ ସଲାମରେ ପୋଲିସ ୨ ଦିନ ହେଲା କର୍ଫ୍ୟୁ ଜାରି କରିଛି। ସହରର ବିଭିନ୍ନ ସ୍ଥାନରେ ଶୁକ୍ରବାର ବହୁ ସଂଖ୍ୟକ ପୋଲିସ ଓ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ସରକାରୀ କର୍ମଚାରୀମାନଙ୍କୁ ଘରେ ରହି କାମ (ୱାର୍କ-ଫ୍ରମ୍-ହୋମ୍) କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଶାନ୍ତ ସ୍ଥିତି ୨୦୨୧ରୁ କ୍ଷମତାରେ ଥିବା ରାଷ୍ଟ୍ରପତି ହାସନଙ୍କ ପାଇଁ ଅଗ୍ନିପରୀକ୍ଷା ପାଲଟିଛି। ଅନ୍ୟପକ୍ଷେ ହାସନ ମାନବାଧିକାର ହନନ ସମ୍ପର୍କିତ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗତବର୍ଷ ସେ କେତେକ ଅପହରଣ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ଅଦ୍ୟାବଧି ସେନେଇ ରିପୋର୍ଟ ଦାଖଲ କରାଯାଇ ନ ଥିବା ହାସନ କହିଛନ୍ତି। ନିର୍ବାଚନ କମିଶନ ପ୍ରାଦେଶିକ ନିର୍ବାଚନ ଫଳାଫଳ ଗୁରୁବାର ଘୋଷଣା କରିଛନ୍ତି। ହାସନଙ୍କ ଦଳ ଚାମା ଚା ମାପିନ୍ଦୁଜି (ସିସିଏମ୍) ଅନେକ ନିର୍ବାଚନମଣ୍ଡଳୀରେ ବିଜୟ ଲାଭ କରୁଥିବା ଫଳଫଳରେ ଦର୍ଶାଯାଇଛି। ସରକାରୀ ଟିଭି ଚ୍ୟାନେଲରେ ସେନା ମୁଖ୍ୟ ଜାକୋବ୍ ଏମ୍‌କୁଣ୍ଡା କହିଛନ୍ତି, ଅପରାଧୀମାନେ ଏସବୁ କାଣ୍ଡ ଭିଆଉଛନ୍ତି। ସାମରିକ ତଥା ଅନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ସ୍ଥିତିକୁ ନିୟନ୍ତ୍ରଣରେ ରଖିଛନ୍ତି। ତାଞ୍ଜାନିଆର ମୁଖ୍ୟ ବିରୋଧୀ ଦଳ ଚାଡେମା ନିର୍ବାଚନ ବେଳେ ଆନ୍ଦୋଳନ ଡାକରା ଦେଇଥିଲା। ନିର୍ବାଚନ ଆଚରଣ ବିଧିରେ ସ୍ୱାକ୍ଷର କରିବାକୁ ମନା କରିଦେଇଥିବାରୁ ଗତ ଏପ୍ରିଲରେ ମୁଖ୍ୟ ବିରୋଧୀ ଦଳ ଓ ଏହାର ନେତା ଟୁଣ୍ଡୁ ଲିସୁଙ୍କୁ ଦେଶଦ୍ରୋହ ଅଭିଯୋଗରେ ଅଯୋଗ୍ୟ ଘୋଷଣା କରାଯାଇଥିଲା। ସେହିପରି ଅନ୍ୟତମ ବିରୋଧୀ ଦଳ ଏସିଟି-ୱାଜାଲେଣ୍ଡୋକୁ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ଦେବାରୁ ନିର୍ବାଚନ କମିଶନ ଅଯୋଗ୍ୟ ଘୋଷଣା କରିବା ପରେ ହାସନଙ୍କ ବିରୋଧରେ ମାତ୍ର ୨ଟି ଛୋଟ ଦଳ ରହିଥିଲେ। ଏଭଳି ସ୍ଥିତିରେ ରାଷ୍ଟ୍ରପତିଙ୍କ ପୁନଃ ବିଜୟ ସୁନିଶ୍ଚିତ ହୋଇଥିଲା। ଗୁରୁବାର ପ୍ରକାଶିତ ନିର୍ବାଚନ ଫଳକୁ ଗୁରୁବାର ୟୁରୋପିଆନ୍ ପାର୍ଲାମେଣ୍ଟ ଏକ 'ଜାଲିଆତି' ବୋଲି ଅଭିହିତ କରିଥିଲା। ସରକାରଙ୍କ ଦମନମୂଳକ କାର୍ଯ୍ୟ ଦେଶରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ୟୁରୋପୀୟ ସଂସଦର ସଦସ୍ୟମାନେ ସମାଲୋଚନା କରିଥିଲେ। ଇତିମଧ୍ୟରେ ଜାତିସଂଘ ମାନବାଧିକାର ମୁଖପାତ୍ର ସେଇଫ୍ ମାଗାଙ୍ଗୋ ଜେନେଭାରେ ଖବରଦାତାମାନଙ୍କୁ କହିଛନ୍ତି, ନିର୍ବାଚନ ପରେ ବିକ୍ଷୋଭ ବେଳେ ଘଟିଥିବା ହିଂସାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ତାଙ୍କର ହସ୍ତଗତ ହୋଇଛି। ସ୍ଥିତି ଉପରେ ନଜର ରଖାଯାଇଛି।


ଦର୍-ଏ-ସଲାମ୍‌ରେ ସରକାରୀ ବିରୋଧୀ ବିକ୍ଷୋଭବେଳେ ଟେକା ମାରୁଛନ୍ତି ଆନ୍ଦୋଳନକାରୀ।

# ଆମେରିକା, ଇୟୁ ସହ ଟ୍ରେଡ୍ ଡିଲ୍‌ର ନିକଟତର ଭାରତ: ଗୋୟଲ

**ନୂଆଦିଲ୍ଲୀ,୩୧।୧୦**

ଉଭୟ ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ସହ ବାଣିଜ୍ୟ ଚୁକ୍ତିରେ ସ୍ୱାକ୍ଷର କରିବା ଦିଗରେ ଭାରତ ଅଗ୍ରସର ହେଉଛି। ଆଲୋଚନାରେ ପୂର୍ବାପେକ୍ଷା ଉନ୍ନତି ଆସିଛି ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଶୁକ୍ରବାର ସୂଚନା ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଅଗଷ୍ଟ ଶେଷଭାଗରେ ଭାରତୀୟ ସାମଗ୍ରୀ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଅତିରିକ୍ତ ଭାବେ ୨୫% ଜରିମାନା କଷିଥିଲେ। ଏଥିଯୋଗୁ ଆମେରିକାକୁ ପ୍ରବେଶ କରୁଥିବା ଭାରତୀୟ ଉତ୍ପାଦଗୁଡ଼ିକୁ ୫୦ ପ୍ରତିଶତ ଶୁଳ୍କ ବୋଝ ସହିବାକୁ ପଡୁଛି। ନୂଆଦିଲ୍ଲୀ ଏହି ଉଚ୍ଚ ଟାରିଫ୍‌କୁ ଅନୁପଯୁକ୍ତ ଦର୍ଶାଇବା ସହ ଏକ ନୂଆ ବାଣିଜ୍ୟିକ ଚୁକ୍ତି ସକାଶେ ୱାଶିଂଟନ୍ ସହ ଆଲୋଚନା ଚଳାଇଛି। ଏହା ଉପରେ କେନ୍ଦ୍ରମନ୍ତ୍ରୀ ଗୋୟଲ କହିଛନ୍ତି, ଭାରତ ଉଭୟ ଆମେରିକା ଏବଂ ଇୟୁ ସହ ବାଣିଜ୍ୟ ଚୁକ୍ତି ଆଲୋଚନା ଉନ୍ନତ ପର୍ଯ୍ୟାୟରେ ରହିଛି। ଏହା ପୂର୍ବରୁ ଉକ୍ତ ଆଲୋଚନା ସମ୍ପର୍କରେ ଅବଗତ ବିଶେଷଜ୍ଞମାନେ କହିଥିଲେ, ଆମେରିକା ଭାରତୀୟ ସାମଗ୍ରୀ ଉପରେ କଷୁଥିବା ୫୦% ଟାରିଫ୍‌କୁ ୧୫%କୁ ଖସାଇପାରେ। ସେହିପରି ଇୟୁ ସହ ଚାଲିଥିବା ଆଲୋଚନାରେ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ)ର ୨୦ ଚାପ୍ଟର ମଧ୍ୟରୁ ୧୦ଟି ଶେଷ ହୋଇଥିବା ଜଣାପଡ଼ିଛି।

# ଭାରତ-ଆମେରିକା ପ୍ରତିରକ୍ଷା ସହଭାଗିତା ୧୦ ବର୍ଷ ବୃଦ୍ଧି


ଆମେରିକାର ଯୁଦ୍ଧ ସଚିବ ପିଟର ହେଗ୍‌ସେଠଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।

**ନୂଆଦିଲ୍ଲୀ,୩୧।୧୦**

ଭାରତ ଓ ଆମେରିକା ଶୁକ୍ରବାର ଉଭୟଙ୍କ ଡିଫେନ୍ସ ଫ୍ରେମ୍‌ୱାର୍କ ଏଗ୍ରିମେଣ୍ଟକୁ ଆଉ ୧୦ ବର୍ଷ ବୃଦ୍ଧି ସକାଶେ ଚୁକ୍ତିବଦ୍ଧ ହୋଇଛନ୍ତି। କୁଆଲାଲମ୍ପୁରରେ ଆସିଆନ୍ ପ୍ରତିରକ୍ଷା ମନ୍ତ୍ରୀ ପ୍ଲସ୍ ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଆମେରିକାର ଯୁଦ୍ଧ ସଚିବ ପିଟର ହେଗ୍‌ସେଠ ଉକ୍ତ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ସୁରକ୍ଷା ସହଯୋଗରେ ରଣନୈତିକ ଉନ୍ନତି ଆଣିବା ପାଇଁ ଏହା ହେଉଛି ୩ୟ ବୃଦ୍ଧି। ଏହି ଚୁକ୍ତି ସ୍ୱାକ୍ଷର ହେବା ପରେ ଭାରତ-ଆମେରିକା ପ୍ରତିରକ୍ଷା ସହଯୋଗ କ୍ଷେତ୍ରକୁ ନୀତିଗତ ଦିଗ ମିଳିବ। ଏହା ଏକ ନୂଆଯୁଗର ଆରମ୍ଭ ବୋଲି ରାଜନାଥ Xରେ ସୂଚନା ଦେଇଛନ୍ତି। ସେହିପରି ହେଗ୍‌ସେଠ କହିଛନ୍ତି, ଏହି ଚୁକ୍ତି ଆମ ପ୍ରତିରକ୍ଷା ସମନ୍ୱୟକୁ ତ୍ୱରାନ୍ୱିତ କରିବ। ପ୍ରକାଶ ଯେ, ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥର ଦାୟିତ୍ୱ ଗ୍ରହଣ କରିବା ପରେ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୱାଶିଂଟନ୍ ଗସ୍ତ କରିଥିଲେ। ସେହି ସମୟରେ 'ୟୁଏସ୍-ଇଣ୍ଡିଆ ମେଜର ଡିଫେନ୍ସ ପାର୍ଟନରଶିପ୍ ଇନ୍ ଦି ଟ୍ୱେଣ୍ଟିଫାଷ୍ଟ ସେଞ୍ଚୁରି' ଶୀର୍ଷ ଚୁକ୍ତିର ନବୀକରଣ ସମ୍ପର୍କରେ ଘୋଷଣା କରାଯାଇଥିଲା।

# ୭୫୧ ଏତଲା, ଗୋଟିଏରେ ଅଭିଯୁକ୍ତ

**ସୁପ୍ରିମକୋର୍ଟଙ୍କୁ କହିଲେ ଉମର ଖାଲିଦ**



**ନୂଆଦିଲ୍ଲୀ,୩୧।୧୦**

୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଆକ୍ଟିଭିଷ୍ଟ ତଥା ଜେଏନ୍‌ୟୁର ପୂର୍ବତନ ଛାତ୍ର ଶର୍ଜିଲ ଇମାମ, ଉମର ଖାଲିଦ ଏବଂ ଗୁଲ୍‌ଫିଶା ଫତିମା ନିଜକୁ ନିର୍ଦ୍ଦୋଷ ବୋଲି ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ହିଂସାରେ ସେମାନେ ସମ୍ପୃକ୍ତ ଥିବା ନେଇ କୌଣସି ପ୍ରମାଣ ନାହିଁ। ଦଙ୍ଗା ଷଡ଼ଯନ୍ତ୍ର ଅଭିଯୋଗକୁ ସେମାନେ ଖଣ୍ଡନ କରିଛନ୍ତି। ଉମର ଖାଲିଦ କହିଛନ୍ତି, ମୋଟ ୭୫୧ଟି ଏତଲା ଦାଏର ହୋଇଥିବାବେଳେ ମାତ୍ର ଗୋଟିଏରେ ସେ ଅଭିଯୁକ୍ତ ହୋଇଛନ୍ତି। ଯଦି ଏହା ଏକ ଷଡ଼ଯନ୍ତ୍ର, ତେବେ ଏହା ଆଶ୍ଚର୍ଯ୍ୟକର। ତାଙ୍କ ବିରୋଧରେ ହିଂସାର କିଛି ପ୍ରମାଣ ନ ଥିବା ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠକୁ ଖାଲିଦ ଜଣାଇଛନ୍ତି। ଖାଲିଦଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କୋର୍ଟଙ୍କୁ କହିଥିଲେ, ଦିଲ୍ଲୀ ଦଙ୍ଗା ସହ ସମ୍ପୃକ୍ତି ନେଇ ତାଙ୍କ ମହକିଲଙ୍କ ପାଖରୁ କୌଣସି ପାଣ୍ଠି, ଅସ୍ତ୍ର କିମ୍ବା ଅନ୍ୟାନ୍ୟ ଭୌତିକ ପ୍ରମାଣ ମିଳିନାହିଁ। ଉକ୍ତ ମାମଲାରେ ଅନ୍ୟ ଆକ୍ଟିଭିଷ୍ଟ ନତାଶା ନରୱାଲ, ଦେବାଙ୍ଗନ କଲିତା ଏବଂ ଆସିଫ୍ ଇକବାଲ ତନ୍ହାଙ୍କୁ ୨୦୨୧ ଜୁନ୍‌ରେ ଜାମିନ ମିଳିଥିବାବେଳେ ସେହି ସମାନ ଆଧାରରେ ଖାଲିଦ୍ ଜାମିନ୍ ପାଇବାକୁ ହକ୍‌ଦାର ବୋଲି ସିବଲ୍ କହିଥିଲେ।

# ଆଣ୍ଡ୍ର୍ୟୁଙ୍କ 'ରାଜପଦ' ନେଲା ସେକ୍ସ ସ୍କାଣ୍ଡାଲ

## ରାଜପ୍ରାସାଦରୁ ବିଦା

**ଲଣ୍ଡନ,୩୧।୧୦**

ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟ ତାଙ୍କ ସାନଭାଇ ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କଠାରୁ ରାଜପଦ ଓ ସମ୍ମାନ କାଢ଼ିନେବା ସହ ତାଙ୍କୁ ରାଜପ୍ରାସାଦରୁ ବିଦା କରିଛନ୍ତି। ବକିଂହାମ୍ ପ୍ୟାଲେସ୍ ପକ୍ଷରୁ ଏହା ଘୋଷଣା କରାଯାଇଛି। ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟେଇନ୍‌ଙ୍କ ସହ ସମ୍ପର୍କ ରଖିଥିବା ଆଣ୍ଡ୍ର୍ୟୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କିଙ୍ଗ୍ ଚାର୍ଲ୍ସଙ୍କ ଉପରେ କିଛି ସପ୍ତାହ ହେଲା ଚାପ ପଡୁଥିଲା। ଆଣ୍ଡ୍ର୍ୟୁ ରହୁଥିବା ବାସଭବନ ରୟାଲ ଲଜ୍‌ର ଲିଜ୍ ସମର୍ପଣ କରିବା ପାଇଁ ତାଙ୍କୁ ଆନୁଷ୍ଠାନିକ ନୋଟିସ୍ ପଠାଯିବ ଓ ସେ ଘରୋଇ ବାସଭବନକୁ ସ୍ଥାନାନ୍ତର ହେବେ। ଏଣିକି ଆଣ୍ଡ୍ର୍ୟୁ ପ୍ରିନ୍ସ ନୁହନ୍ତି ଆଣ୍ଡ୍ର୍ୟୁ ମାଉଣ୍ଟବ୍ୟାଟେନ୍ ୱିଣ୍ଡସର ଭାବେ ପରିଚିତ ହେବେ।



ଏପ୍‌ଷ୍ଟେଇନ୍‌ଙ୍କ ସହ ବନ୍ଧୁତା ଓ ଯୌନ କେଲେଙ୍କାରୀ ଅଭିଯୋଗକୁ ନେଇ ସମାଲୋଚିତ ହେବା ପରେ ଆଣ୍ଡ୍ର୍ୟୁ ଚଳିତ ମାସ ଆରମ୍ଭରେ ଡ୍ୟୁକ୍ ଅଫ୍ ୟୋର୍କ ପଦବୀ ତ୍ୟାଗ କରିଥିଲେ। ଏହା ପରେ ତାଙ୍କୁ ରୟାଲ ଲଜ୍‌ରୁ ବିଦା କରିବା ନେଇ ରାଜପ୍ରାସାଦ ଉପରେ ଚାପ ବଢ଼ିଚାଲିଥିଲା। ତେବେ ରାଜା ଚାର୍ଲ୍ସ ଆଣ୍ଡ୍ର୍ୟୁଙ୍କୁ କେବଳ ରାଜପ୍ରାସାଦରୁ ବିଦା କରିନାହାନ୍ତି, ତାଙ୍କୁ ଜନ୍ମରୁ ମିଳିଥିବା ପ୍ରିନ୍ସ ପଦବୀକୁ ମଧ୍ୟ କାଢ଼ିନେଇଛନ୍ତି।

# ମୋଗଲ ପେଣ୍ଟିଂ ୧୧୯.୪୯ କୋଟି ଟଙ୍କାରେ ନିଲାମ

**ନୂଆଦିଲ୍ଲୀ,୩୧।୧୦(ପି.ଟି.)**

ମୋଗଲ ଶାସନ ସମୟର ଏକ କ୍ଷୁଦ୍ର ପେଣ୍ଟିଂ ରେକର୍ଡ ୧୧୯.୪୯ କୋଟି ଟଙ୍କା (୧୦,୨୪୫,୦୦୦ ପାଉଣ୍ଡ)ରେ ନିଲାମ ହୋଇଛି। ସମ୍ରାଟ ଆକବରଙ୍କ ପ୍ରିୟ କାରିଗର ବସୱାନଙ୍କ ଦ୍ୱାରା ଉକ୍ତ ଚିତ୍ର ଅଙ୍କାଯାଇଥିଲା, ଯେଉଁଥିରେ ଏକ ଚିତା ପରିବାର ପାହାଡିଆ ଭୂଇଁର ସବୁଜ ଘାସ ଉପରେ ବିଶ୍ରାମ ନେଉଥିବା ଦେଖିବାକୁ ମିଳିଛି। ଗତ ୨୮ ତାରଖରେ କ୍ରିଷ୍ଟିଜ୍ ଲଣ୍ଡନରେ ଏହି ଶାସ୍ତ୍ରୀୟ ଭାରତୀୟ କଳାର ନିଲାମ କରାଯାଇଛି। ପ୍ରିନ୍ସ ଆଣ୍ଡ ପ୍ରିନ୍ସେସ୍ ସଦ୍‌ରୁଦ୍ଦିନ ଆଗା ଖାନ୍‌ଙ୍କର ଏହି ବ୍ୟକ୍ତିଗତ ସଂଗ୍ରହ ଅସାଧାରଣ ଚିତ୍ରର ଶୀର୍ଷକ ରହିଛି ' ଏ ଫାମିଲି ଅଫ୍ ଚିତାସ୍ ଇନ୍ ଏ ରକି ଲ୍ୟାଣ୍ଡସ୍କେପ୍'। ୧୫୭୫-୮୦ରେ ଏହି ପେଣ୍ଟିଂ ପ୍ରସ୍ତୁତ ହୋଇଥିଲା, ଯାହା ଆକଳିତ ମୂଲ୍ୟର ୧୪ ଗୁଣ ଅଧିକ ଦାମ୍‌ରେ ବିକ୍ରି ହୋଇଛି। ଗତ ମାର୍ଚ୍ଚରେ ଖ୍ୟାତନାମା ଚିତ୍ରକର ଏମ୍.ଏଫ୍. ହୁସେନ୍‌ଙ୍କ ୧୯୫୪ର ଏକ ପେଣ୍ଟିଂ କ୍ରିଷ୍ଟିଜ୍ ନ୍ୟୁୟର୍କ ଅକ୍ସନରେ ୧୩.୭୫ ନିୟୁତ ଡଲାରରେ ବିକ୍ରି ହୋଇ ସବୁଠୁ ଦାମୀ ଭାରତୀୟ ପେଣ୍ଟିଂର ପରିଚୟ ହାସଲ କରିଥିଲା।



# ତାପମାତ୍ରା ବୃଦ୍ଧିରୁ ଶ୍ରମିକଙ୍କ ଉତ୍ପାଦକତା ୧୦% କମିଛି

**ନୂଆଦିଲ୍ଲୀ,୩୧।୧୦**

ତାପମାତ୍ରା ବୃଦ୍ଧିଜନିତ ଚାପ ଯୋଗୁ ଗତ ୪ ଦଶନ୍ଧି ମଧ୍ୟରେ ଭାରତରେ ଦାଦନ ଶ୍ରମିକମାନଙ୍କ ଉତ୍ପାଦନ କ୍ଷମତା ୧୦ ପ୍ରତିଶତ ହ୍ରାସ ପାଇଛି। ଗାନ୍ଧୀନଗରର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ସମେତ ଅନ୍ୟ ପ୍ରତିଷ୍ଠାନର ଗବେଷକମାନେ ଚଳାଇଥିବା ଅଧ୍ୟୟନରେ ଏହି ଆକଳନ କରାଯାଇଛି। ୧୯୮୦ରୁ ୨୦୨୧ ମଧ୍ୟରେ ଭାରତର ଉତ୍ତର, ପୂର୍ବ ଏବଂ ଦକ୍ଷିଣ ଭାଗରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଦାଦନ ଶ୍ରମିକଙ୍କ ହଟ୍‌ସ୍ପଟ୍‌ରେ ଆର୍ଦ୍ରତା ଯଥେଷ୍ଟ ବଢ଼ିଥିବାରୁ ଉତ୍ତାପ ଅଧିକ ଅନୁଭୂତ ହୋଇଛି। ଦେଶର ୪ ବୃହତ୍ ମହାନଗର ମୁମ୍ବାଇ, ଦିଲ୍ଲୀ, କୋଲକାତା ଏବଂ ହାଇଦ୍ରାବାଦକୁ ସର୍ବାଧିକ ଶ୍ରମିକ କାର୍ଯ୍ୟ ଅନ୍ୱେଷଣରେ ଆସିଥାନ୍ତି। ଆର୍ଥସ୍ ଫ୍ୟୁଚର ନାମକ ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ବୈଶ୍ୱିକ ଉତ୍ତାପ ପ୍ରତି ୧ ଡିଗ୍ରୀ ବୃଦ୍ଧିରେ ଉଭୟ ଘର ଭିତରେ ଓ ବାହାରେ କାର୍ଯ୍ୟରତ କର୍ମଚାରୀମାନେ ପର୍ଯ୍ୟାପ୍ତ ଉତ୍ତାପ ଚାପ ଅନୁଭବ କରିଥାନ୍ତି। ଫଳରେ ଶାରୀରିକ ଶ୍ରମରେ ନିବୃତ୍ତ ରହିବାର କ୍ଷମତା ହ୍ରାସ ପାଇଥାଏ। ଅଧ୍ୟୟନ ଅନୁଯାୟୀ ଦାଦନ ଶ୍ରମିକ ବା କାର୍ଯ୍ୟ ଅନ୍ୱେଷଣରେ ଅନ୍ୟତ୍ର ଯାଉଥିବା ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୪୨ ପ୍ରତିଶତ ହୋଇପାରେ। ୨୦୧୧ ଜନଗଣନା ଅନୁଯାୟୀ ଦେଶ ଭିତରେ ବିଭିନ୍ନ ଅଞ୍ଚଳକୁ ଯାଇ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ୪୫ କୋଟି ବୋଲି ୨୦୨୦ରେ ପ୍ରକାଶିତ ଏକ ଅଧ୍ୟୟନରେ କୁହାଯାଇଥିଲା। ଶାରୀରିକ ପରିଶ୍ରମ କରୁଥିବା ଓ ଦୀର୍ଘ ସମୟ ଘର ବାହାରେ କାର୍ଯ୍ୟରତ ଶ୍ରମିକ ଅଧିକ ଉତ୍ତାପ ଚାପ ଅନୁଭବ କରିଥାନ୍ତି। ଉଚ୍ଚ ତାପ ଯୋଗୁ ସେମାନଙ୍କ ଶରୀର ତାପମାତ୍ରା ନିୟନ୍ତ୍ରିତ କରିବାରେ ଅକ୍ଷମ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତାପ ଚାପ ବଢ଼ୁଛି ଯାହା ଦାଦନ ଶ୍ରମିକଙ୍କ ସମେତ ବାହାରେ କାର୍ଯ୍ୟରତ କର୍ମଚାରୀଙ୍କ ଉତ୍ପାଦକତା ଓ ଆୟ ପ୍ରଭାବିତ ହେଉଥିବା ଅଧ୍ୟୟନରେ କୁହାଯାଇଛି।



## ରାଜ୍ୟ ଖବର

# ଶ୍ରୀଲଙ୍କାରେ ଯୁବ ସମ୍ମିଳନୀ ପାଇଁ ୨ ଭଉଣୀ ମନୋନୀତ


ବିଭାରାଣୀ


ସନ୍ଧ୍ୟାରାଣୀ

**ଢେଙ୍କାନାଳ,୩୧।୧୦(ରତନ ନାୟାର)**

ଶ୍ରୀଲଙ୍କାର କଲମ୍ବୋଠାରେ ୧୨ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଭାରତ-ଶ୍ରୀଲଙ୍କା ଅନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ଢେଙ୍କାନାଳର ଦୁଇ ଭଉଣୀ ପ୍ରତିନିଧିତ୍ୱ କରିବେ । ଏହି ଦୁଇ ଭଉଣୀ ହେଉଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ ମେରାମଣ୍ଡଳୀ ଗ୍ରାମର ବ୍ୟବସାୟୀ ବିଷ୍ଣୁ ପ୍ରସାଦ ପାଟରା ଓ ମାତା ବିଦ୍ୟୁତ୍‌ପ୍ରଭା ପାଟରାଙ୍କ କନ୍ୟା ତଥା ଯୁବ ପର୍ବତାରୋହିଣୀ ବିଭାରାଣୀ ପାଟରା ଓ ତାଙ୍କ ସାନଭଉଣୀ ସନ୍ଧ୍ୟାରାଣୀ ପାଟରା । ପ୍ରୋଜେକ୍ଟ ପଏଣ୍ଟ, କମନୱେଲଥ ଓ ମାଇଁ ଭାରତ ଯୁବ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି ସମ୍ମିଳନୀ ଆୟୋଜିତ ହେଉଛି। ବିଭାରାଣୀ ଆଫ୍ରିକା, ୟୁରୋପ, ରୁଷିଆ, ବାଂଲାଦେଶ, ଆବୁଧାବି ଆଦି ଦେଶରେ ସଫଳତାର ସହ ପର୍ବତାରୋହଣ କରିଥିବା ବେଳେ ସନ୍ଧ୍ୟାରାଣୀ ବର୍ତ୍ତମାନ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଭାଷାରେ ସ୍ନାତକୋତ୍ତର ଅଧ୍ୟୟନ କରୁଛନ୍ତି।

# ପଞ୍ଚକ ପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

**ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)**

ପଞ୍ଚକ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ଯାହା ଆବଶ୍ୟକ, ତାହା କରାଯିବ ବୋଲି ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପଞ୍ଚକରେ ସିଂହଦ୍ୱାର ଦେଇ ସବୁ ଭକ୍ତ ଶ୍ରୀମନ୍ଦିରରେ ପ୍ରବେଶ କରିବେ ଏବଂ ଅନ୍ୟ ତିନି ଦ୍ୱାରରେ ବାହାରିବେ। କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ଆରମ୍ଭ ହେବ। ତା'ପରେ ରତ୍ନଭଣ୍ଡାରର ଗଣତିମଣତି କରାଯିବ ବୋଲି ହରିଚନ୍ଦନ ସୂଚନା ଦେଇଛନ୍ତି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଆଇନ ବିଭାଗ ସହିତ ବୈଠକ ସରିଛି ବୋଲି ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।



# ଭାରତକୁ ବିଶାଳ ରାଷ୍ଟ୍ର ଭାବେ ଗଠନକରିବା ସର୍ଦ୍ଦାର ପଟେଲଙ୍କ ମୂଳ ଲକ୍ଷ୍ୟ ଥିଲା: ଗୋଲକ

**ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)**

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ଓ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କରିଥିଲେ। ଏବେ ଭାରତୀୟଙ୍କ ଭାଇଚାରା ସୁଦୃଢ଼ ହୋଇଛି ଓ ଏକ ସଶକ୍ତ ଭାରତ ଗଢିବା ପାଇଁ ଆମ ଭିତରେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନା ନିହାତି ଆବଶ୍ୟକ। 'ଏକ ଭାରତ, ଶ୍ରେଷ୍ଠ ଭାରତ, ଆତ୍ମନିର୍ଭରଶୀଳ ଭାରତ' ଆମର ସଂକଳ୍ପ ବୋଲି ଭାଜପା ବରିଷ୍ଠ ନେତା ଗୋଲକ ମହାପାତ୍ର କହିଛନ୍ତି।

**ଭାଜପା ପକ୍ଷରୁ ସର୍ଦ୍ଦାର ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳିତ**

ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ଦଳର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପାଳନ ଅବସରରେ ଗୋଲକ କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ଗଡଜାତ ରାଜ୍ୟଗୁଡ଼ିକୁ ଏକାଠିକରି ଭାରତବର୍ଷକୁ ବିଶାଳ ରାଷ୍ଟ୍ର ଭାବେ ଗଠନରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ଏହି ମହାନ୍ ବରପୁତ୍ରଙ୍କୁ ସମ୍ମାନ ଜଣାଇ ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୩୧ରେ 'ଏକତା ଦୌଡ଼' ଅନୁଷ୍ଠିତ ହେଉଛି ବୋଲି ଗୋଲକ କହିଛନ୍ତି। ଶୁକ୍ରବାର ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଉପସଭାପତି ଜତିନ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ସର୍ଦ୍ଦାର ପଟେଲଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୬୩ଟି ସ୍ଥାନରେ ଦଳ ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ଜତିନ୍ ମହାନ୍ତି କହିଛନ୍ତି।

# ଇନ୍ଦିରାଙ୍କ ଶ୍ରାଦ୍ଧ ଦିବସ, ପଟେଲଙ୍କ ଜୟନ୍ତୀ ପାଳିଲା କଂଗ୍ରେସ



**ଭୁବନେଶ୍ୱର,୩୧।୧୦ (ରବିନାରାୟଣ ଜେନା)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ ଭୁବନେଶ୍ୱରସ୍ଥିତ କଂଗ୍ରେସଭବନଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ କଂଗ୍ରେସଭବନରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସମେତ ଦଳୀୟ ନେତୃବୃନ୍ଦ ଇନ୍ଦିରା ଓ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଇନ୍ଦିରା ଗାନ୍ଧୀ ପାର୍କସ୍ଥିତ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪୬ ବିଲିୟନ ଡଲାରରେ ପହଞ୍ଚିଛି ସୁନା ଚାହିଦା

ଭୁବନେଶ୍ୱର,୩୧।୧୦

୨୦୨୫ ୩ୟ ତ୍ରୈମାସିକରେ ସୁନା ଚାହିଦା (ଓଟିସି ସମେତ) ୧୩୧୩ ଟନ୍‌ରେ ଏବଂ ମୂଲ୍ୟ ଦୃଷ୍ଟିରୁ ୧୪୬ ବିଲିୟନ ଡଲାରରେ ପହଞ୍ଚିଛି। ଏହା ରେକର୍ଡ ଅନୁଯାୟୀ ସୁନା ଚାହିଦାର ସର୍ବୋଚ୍ଚ ତ୍ରୈମାସିକ ଥିଲା। ଏହି ତଥ୍ୟ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ୩ୟ ତ୍ରୈମାସିକ ୨୦୨୫ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟରେ ଜଣାପଡ଼ିଛି । ଏହି ତ୍ରୈମାସିକରେ ନିବେଶ ଚାହିଦା ବୃଦ୍ଧି ପାଇ ୫୩୭ ଟନ୍‌ରେ ପହଞ୍ଚିଥିଲା ଏବଂ ମୋଟ ଶୁଦ୍ଧ ସୁନା ଚାହିଦାରେ ୫୫%ର ଯୋଗଦାନ ଦେଇଛି। ୩ୟ ତ୍ରୈମାସିକରେ ସୁନା ଇଟିଏଫ୍ ଅନ୍ତର୍ଜାତୀୟ ପ୍ରବାହ ସହ ଅଧିକ ୨୨୨ ଟନ୍ ବୃଦ୍ଧି ପାଇ ୨୬ ବିଲିୟନ ଡଲାରରେ ପହଞ୍ଚିଛି। ପ୍ରାୟ ସମସ୍ତ ବଜାରରେ ଅଭିବୃଦ୍ଧି ସହ ଗୋଲ୍ଡ ବାର୍ ଓ କଏନ ନିବେଶ ବାର୍ଷିକ ୧୭% ବୃଦ୍ଧି ହୋଇ ମୋଟ ୩୧୬ ଟନ୍ ରହିଛି, କିନ୍ତୁ ଏଥିରେ ଭାରତ (୯୨ ଟନ୍) ଓ ଚାଇନା (୭୪ ଟନ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଅନ୍ୟପକ୍ଷରେ ସୁନା ଅଳଙ୍କାର ଚାହିଦା, ଚଳିତ ବର୍ଷ ୫୦ଟି ରେକର୍ଡ ସୁନା ମୂଲ୍ୟ ବୃଦ୍ଧି ଯୋଗୁ ଚାପଗ୍ରସ୍ତ ହୋଇଥିଲା, ଯାହାର ୩ୟ ତ୍ରୈମାସିକରେ ବାର୍ଷିକ ଆଧାରରେ ୧୯% ହ୍ରାସ ପାଇଛି। ସୁନାର ଉଚ୍ଚ ଦର ସତ୍ତ୍ୱେ ୩ୟ ତ୍ରୈମାସିକରେ ମୋଟ ୨୨୦ ଟନ୍‌ର ଶୁଦ୍ଧ କ୍ରୟ ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରୟ ବୃଦ୍ଧି ପାଇଛି। ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ଶୁଦ୍ଧ କ୍ରୟ ମୋଟ ୬୩୪ ଟନ ରହିଛି । ମୋଟ ସୁନା ଯୋଗାଣ ୧୩୧୩ ଟନ୍‌ର ଏକ ତ୍ରୈମାସିକ ରେକର୍ଡରେ ପହଞ୍ଚିଛି ଯାହା ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ସୁନା ଖଣି ଉତ୍ପାଦ ବାର୍ଷିକ ଆଧାରରେ ୨% ବୃଦ୍ଧି ହୋଇ ୯୭୭ ଟନରେ ପହଞ୍ଚିଥିବା ବେଳେ ସୁନା ରିସାଇକ୍ଲିଂ ବାର୍ଷିକ ୬% ବୃଦ୍ଧି ହୋଇ ୩୪୪ ଟନ୍ ରହିଛି। ଉଚ୍ଚ ସୁନା ଦର ସତ୍ତ୍ୱେ ଏହା ଅପେକ୍ଷାକୃତ ସ୍ଥିର ରହିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ୩ୟ ତ୍ରୈମାସିକରେ ସୁନା ମୂଲ୍ୟ ଆଉନ୍ସ ପିଛା ୪୦୦୦ ଡଲାର ଆଡ଼କୁ ବୃଦ୍ଧି ପାଇବା, ବର୍ଷ ସାରା ଏହାର ଚାହିଦାକୁ ଆଗକୁ ବଢ଼ାଉଥିବା କାରକଗୁଡ଼ିକର ଶକ୍ତି ଓ ସ୍ଥାୟିତ୍ୱକୁ ସୂଚିତ କରୁଛି। ବର୍ଦ୍ଧିତ ଭୂରାଜନୈତିକ ଉତ୍ତେଜନା, ଦୃଢ଼ ମୁଦ୍ରାସ୍ଫୀତି ଚାପ ଓ ଅନ୍ତର୍ଜାତୀୟ ବାଣିଜ୍ୟ ନୀତିକୁ ନେଇ ରହିଥିବା ଅନିଶ୍ଚିତତା ଏହି ସୁରକ୍ଷିତ ସମ୍ପତ୍ତି ପାଇଁ ଚାହିଦା ବୃଦ୍ଧି କରିଛି । କାରଣ ନିବେଶକମାନେ ନିଜ ପୋର୍ଟଫୋଲିଓରେ ସ୍ଥିରତା ଆଣିବାକୁ ଚାହୁଁଛନ୍ତି। କ୍ରମାଗତ ଭାବେ ଦୁର୍ବଳ ହେଉଥିବା ୟୁଏସ୍ ଡଲାର, ନିମ୍ନ ସୁଧ ହାର ଆକାଂକ୍ଷା ଏବଂ ମୁଦ୍ରାସ୍ଫୀତି ଅସ୍ଥିରତାର ବିପଦ ନିବେଶ ଚାହିଦାକୁ ଆହୁରି ବୃଦ୍ଧି କରିପାରେ। ସୁନା ଚଳିତ ବର୍ଷ ଗୋଟିଏ ପରେ ଗୋଟିଏ ରେକର୍ଡ ସୃଷ୍ଟି କରିଛି ଏବଂ ବର୍ତ୍ତମାନର ପରିବେଶ ସୂଚାଉଛି ଯେ, ସୁନା ପାଇଁ ଅଧିକ ଲାଭ ସୃଷ୍ଟି ହୋଇପାରେ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ଆଞ୍ଚଳିକ ସିଇଓ ସଚିନ୍ ଜୈନ କହିଛନ୍ତି, ୨୦୨୫ର ୩ୟ ତ୍ରୈମାସିକରେ ଭାରତର ମୋଟ ସୁନା ମୂଲ୍ୟ ୨୩% ବୃଦ୍ଧି ହୋଇ ୨୦୩,୨୪୦ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ସୁନା ଚାହିଦା ପରିମାଣ ୧୬%ର ହ୍ରାସ ପରିଲକ୍ଷିତକରି ୨୦୯.୪ ଟନ୍ ରହିଛି। ଉଚ୍ଚ ହାରାହାରି ମୂଲ୍ୟ ଦ୍ୱାରା ପରିଚାଳିତ ମୂଲ୍ୟରେ ଏହି ମଜଭୁତ ଅଭିବୃଦ୍ଧି ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ସ୍ଥାୟୀ ଆକର୍ଷଣକୁ ଆହୁରି ସୁଦୃଢ଼ କରିଛି। ନିବେଶ ଚାହିଦା ପରିମାଣ ଦୃଷ୍ଟିରୁ ୨୦% ବୃଦ୍ଧି ହୋଇ ୯୧.୬ ଟନ ରହିଛି ଏବଂ ମୂଲ୍ୟ ଦୃଷ୍ଟିରୁ ୭୪% ବୃଦ୍ଧି ହୋଇ ୮୮୯୭୦ କୋଟି ଟଙ୍କା ରହିଛି।

# ଇନ୍‌ଫୋ ଭ୍ୟାଲିରେ ହେବ ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍

## ଆଜି ଭୂମିପୂଜା କରିବେ ଅଶ୍ୱିନୀ

ଭୁବନେଶ୍ୱର,୩୧।୧୦ (ଅନୁରାଧା ମହାରଣା)

ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଓଡ଼ିଶା ଆସିବେ। ଏହି ଅବସରରେ ଭୁବନେଶ୍ୱରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ଭୁବନେଶ୍ୱରର ଇନ୍‌ଫୋ ଭ୍ୟାଲିରେ ନିର୍ମାଣ ହେବାକୁ ଥିବା ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍‌ର ଭୂମିପୂଜନ ସମାରୋହରେ ଯୋଗଦେବେ। 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜିଟାଲ ଇଣ୍ଡିଆ'ର ଦୃଷ୍ଟିକୋଣ ସହ ଏହି ପ୍ରକଳ୍ପ ଭାରତର ଅର୍ଦ୍ଧପରିବାହୀ



ଅଶ୍ୱିନୀ ବୈଷ୍ଣବ

ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହା ସହ ବୈଷ୍ଣବ ଭୁବନେଶ୍ୱରର ଲୋକସେବା ଭବନରେ ରେଳ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ସାରା ରାଜ୍ୟରେ ରେଳ ଭିତ୍ତିଭୂମିକୁ ଆହୁରି ଉନ୍ନତ କରିବା ଏବଂ ସଂଯୋଗୀକରଣକୁ ଉନ୍ନତକରିବା ଏହି ଏମ୍‌ଓୟୁର ଲକ୍ଷ୍ୟ ରହିଛି। ପରେ ମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଚାଲିଥିବା ପୁନର୍ବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କରିବେ।

# କନ୍ଦରପୁରରେ କାନାରା ବ୍ୟାଙ୍କ ଶାଖା ଉଦ୍‌ଘାଟିତ

କଟକ ସଦର,୩୧।୧୦(ସୁଶାନ୍ତ କୁମାର ଜେନା)

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କଟକ-ପାରାଦୀପ ରାସ୍ତାର କନ୍ଦରପୁରଠାରେ କାନାରା ବ୍ୟାଙ୍କର ଏକ ଶାଖା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶାଖାକୁ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏବଂ ବ୍ୟାଙ୍କର ଓଡ଼ିଶା ମୁଖ୍ୟ ଜଗଦୀଶ ଚନ୍ଦ୍ର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମଣ୍ଡଳ ପ୍ରବନ୍ଧକ ତାପସ ରଞ୍ଜନ ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ



ବ୍ୟାଙ୍କ ଶାଖା ଉଦ୍‌ଘାଟନ ସମାରୋହରେ ମଞ୍ଚାସୀନ ଅତିଥି।

ପ୍ରଦାନ କରିଥିଲେ। ଏହି ସମାରୋହରେ ଆଞ୍ଚଳିକ ପରିଚାଳକ ଆକିଲା ଟି, କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ, ବୈଜୟନ୍ତୀ ଜେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ସରପଞ୍ଚ ରାକେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଲୋକେ ନୂଆ ଆକାଉଣ୍ଟ ଖୋଲିଥିଲେ।

# 'ମାଇଁ ଭାରତ'ରେ ଯୋଡ଼ି ହେଲେଣି ୨ କୋଟି ଯୁବପିଢ଼ି

ଭୁବନେଶ୍ୱର,୩୧।୧୦

ଦେଶର ଯୁବକମାନଙ୍କୁ ସଶକ୍ତ କରି ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଯୋଗଦାନ ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ମାଇଁ ଭାରତ ପ୍ଲାଟଫର୍ମ ଏକ ଅନନ୍ୟ ଉଦ୍ୟମ ରୂପେ ଉଭା ହୋଇଛି। ଆରମ୍ଭର ଦୁଇ ବର୍ଷରୁ କମ ସମୟ ମଧ୍ୟରେ ମାଇଁ ଭାରତ ୨ କୋଟିରୁ ଅଧିକ ଯୁବକ ଏବଂ ୧.୨୦ ଲକ୍ଷରୁ ଅଧିକ ସହଯୋଗୀ ସଂସ୍ଥାକୁ ଯୋଡ଼ି ଦେଶର ସବୁଠାରୁ ବଡ଼ ଡିଜିଟାଲ ପ୍ଲାଟଫର୍ମରେ ପରିଣତ ହୋଇଛି। ବର୍ତ୍ତମାନ ଏହି ପ୍ଲାଟଫର୍ମରେ ୧୪.୫ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଅବସର ଉପଲବ୍ଧ। ଏହା ୧୬,୦୦୦ରୁ ଅଧିକ ଯୁବ କ୍ଲବ ସଦସ୍ୟ ଏବଂ ୬୦,୦୦୦ରୁ ଅଧିକ ସଂସ୍ଥାଗତ ସହଯୋଗୀଙ୍କୁ ଯୋଡ଼ୁଛି। ଏଥିରେ ସରକାରୀ ସଂସ୍ଥା, ବିଦ୍ୟାଳୟ-ମହାବିଦ୍ୟାଳୟ ଏବଂ ଅନେକ ବେସରକାରୀ ସଂଗଠନ (ଏନଜିଓ) ସାମିଲ ଅଛି। ଚଳିତ ମାସ ଆରମ୍ଭରେ କେନ୍ଦ୍ର ସରକାର ମାଇଁ ଭାରତ ମୋବାଇଲ ଆପ ଲଞ୍ଚ କରିଛନ୍ତି। ଏହି ଆପ ପୋର୍ଟାଲରେ ସବୁ ବିଶେଷତ୍ୱ ସ୍ମାର୍ଟଫୋନରେ ଉପଲବ୍ଧ ହେଉଛି।

# ବାଲାଜୀ ମାର୍ବଲ୍‌ସ ରେ' ଶେରା ଟାଇଲସ ମେଗା ଶୋ'ରୁମ୍ ଉଦ୍‌ଘାଟିତ

କଟକ,୩୧।୧୦(କାର୍ତ୍ତିକ ସାହୁ)

୧୯୯୭ ମସିହାରୁ ସମଗ୍ର ଓଡ଼ିଶାରେ ଘରେ ଘରେ କାନ୍ଥ ଓ ଚଟାଣରେ ବିଛା ଯାଇଥିବା ରେ' ଶେରା କମ୍ପାନୀର ଟାଇଲସ ଓ ମାର୍ବଲ୍‌ସ ବହୁ ସୁନାମ ଅର୍ଜନ କରିପାରିଛି। ଏହି ଅବସରରେ ବିଡାନାସୀ ସିଡିଏ ରୋଡଠାରେ ରେ' ଶେରା କମ୍ପାନୀର ନୂତନ ଆଉଟ ଲେଟ ମେସର୍ସ ବାଲାଜୀ ମାର୍ବଲ୍‌ସ ଉଦ୍‌ଘାଟିତ ହୋଇଯାଇଛି। ପାଞ୍ଚ ହଜାର ବର୍ଗ ଫୁଟ ପରମିତ ଜାଗାରେ ଏହି ଟାଇଲ ଶୋ' ରୁମ୍‌ରେ ବିଭିନ୍ନ ଭେରାଇଟିର ଚଟାଣ କାନ୍ଥ ଟାଇଲ ମାର୍ବଲ୍‌ସ ଏବଂ ଗ୍ରାନାଇଟ ଆଦି ମହଜୁଦ ରହିଛି। ଉଦ୍‌ଘାଟନ ଉତ୍ସବରେ ରେ'




ଶେରା କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଦିପେଶ ପଟେଲ ଓ ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ନାରାୟଣ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ରେ' ଟାଇଲସ ମାର୍ବଲ ଏବଂ ଗ୍ରାନାଇଟ ସମସ୍ତ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ଇତ୍ୟା ରଞ୍ଜନ ସ୍ୱାଇଁ ଓ କୋ ପ୍ରୋପାଇଟର ନରେଶ ପଣ୍ଡା କହିଛନ୍ତି। କମ୍ପାନୀର କର୍ମଚାରୀ ସୁରେଶ କୁମାର ସାହୁ, ସୁଶାନ୍ତ କୁମାର ପାଢ଼ୀ, ସୁଦର୍ଶନ ପାଢ଼ୀ, ସରୋଜ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ସ୍ୱାଇଁ, ପ୍ରମୋଦ କୁମାର ବେହେରା, ରମେଶ ପଣ୍ଡା, ରଶ୍ମିତା ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ।

# ହୋଣ୍ଡା ଆକ୍ଟିଭାର ୩୫ ନିୟୁତ ଗ୍ରାହକ

ଭୁବନେଶ୍ୱର,୩୧।୧୦

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ(ଏଚ୍‌ଏମ୍‌ଏଆଇ) ଆକ୍ଟିଭାର ୧୧୦, ଆକ୍ଟିଭା ୧୨୫ ଏବଂ ଆକ୍ଟିଭା-ଆଇର ଗ୍ରାହକ ସଂଖ୍ୟା ୩୫ ନିୟୁତରେ ପହଞ୍ଚିଛି। ମେଟ୍ରୋଠାରୁ ନେଇ ଛୋଟ ସହର ପର୍ଯ୍ୟନ୍ତ ଆକ୍ଟିଭାର ଉପସ୍ଥିତି ବାସ୍ତବରେ ସାରା ଭାରତରେ ରହିଛି। ୨୦୦୧ରେ ଏହା ବଜାର ପ୍ରବେଶ କରିବା ପରଠାରୁ ଦୁଇଚକିଆ ରୂପାନ୍ତରଣ କ୍ଷେତ୍ରରେ କେନ୍ଦ୍ରବିନ୍ଦୁ ହୋଇଛି ଏବଂ ଏହା ବିବିଧ ଜନସାଧାରଣଙ୍କ ମଧ୍ୟରେ ଚାଳକମାନଙ୍କ ପାଇଁ ଭରସାଯୋଗ୍ୟ ଓ ସୁଲଭ ଗମନାଗମନ ମାଧ୍ୟମ ପାଲଟିଛି। ଏଚ୍‌ଏମ୍‌ଏସ୍‌ଆଇର ଅଭିବୃଦ୍ଧି କ୍ଷେତ୍ରରେ ମଜଭୁତ ଅବଦାନ ରଖୁଥିବା ଆକ୍ଟିଭା ଭାରତୀୟ ଦୁଇଚକିଆ ବଜାରରେ ଏହି ବ୍ରାଣ୍ଡ୍‌ର ଉପସ୍ଥିତିରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ପ୍ରଥମ ୧୦ ନିୟୁତ ଗ୍ରାହକ ୨୦୧୫ ସୁଦ୍ଧା ହାସଲ କରାଯାଇଥିବାବେଳେ ୨୦ ନିୟୁତ ଗ୍ରାହକ ୨୦୧୮ରେ ଏବଂ ଏବେ ୩୫ ନିୟୁତ ଗ୍ରାହକ ୨୦୨୫ରେ ଯୋଡ଼ିହୋଇଛନ୍ତି ।

# କଗ୍ନିଜାଣ୍ଟର ରାଜସ୍ୱରେ ୭.୪% ବୃଦ୍ଧି

ଭୁବନେଶ୍ୱର,୩୧।୧୦

କଗ୍ନିଜାଣ୍ଟ (ନାସ୍‌ଡାକ୍: ସିଟିଏସ୍‌ଏଚ୍) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏଥିରେ କଗ୍ନିଜାଣ୍ଟର ରାଜସ୍ୱ ବାର୍ଷିକ ଆଧାରରେ ୭.୪% ଏବଂ କ୍ରମିକ ଭାବେ (ସ୍ଥିର ମୁଦ୍ରାରେ ୨.୮%) ୩.୨% ବୃଦ୍ଧି ହୋଇ ୫.୪୨ ବିଲିୟନ ଡଲାର ରହିଛି । ଅପରେଟିଂ ମାର୍ଜିନ ୧୬.୦% ରହିଛି ଯାହା ବାର୍ଷିକ ଭିତ୍ତିରେ ୧୪୦ ବେସିସ୍ ପଏଣ୍ଟ ବୃଦ୍ଧି ହୋଇଛି। ଏହାଛଡ଼ା ଆଡ୍‌ଜଷ୍ଟେଡ୍ ଅପରେଟିଂ ମାର୍ଜିନ ବାର୍ଷିକ ୭୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧିହୋଇ ୧୬.୦% ରହିଛି। ୧.୩୯ ଡଲାରର ଆଡ୍‌ଜଷ୍ଟେଡ୍ ଇପିଏସ୍ ବାର୍ଷିକ ୧୧% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ୦.୫୬ ଡଲାରର ଜିଏଏପି ଇପିଏସ୍ ବାର୍ଷିକ ୦.୬୧ ଡଲାର ହ୍ରାସ ପାଇଛି, ଯେଉଁଥିରେ ୦.୮୦ ଡଲାରର ଏକ ଏକକାଳୀନ, ନଗଦବିହୀନ ଆୟକର ଖର୍ଚ୍ଚ ପ୍ରଭାବ ସାମିଲ ରହିଛି। ୨୦୨୫ର ସ୍ଥିର ମୁଦ୍ରା ରାଜସ୍ୱ ଅଭିବୃଦ୍ଧି ଆକଳନ ୬.୦%ରୁ ୬.୩%କୁ ବୃଦ୍ଧିପାଇଛି। ଏ ସମ୍ପର୍କରେ କଗ୍ନିଜାଣ୍ଟର ସିଇଓ, ରବି କୁମାର ଏସ୍ କହିଛନ୍ତି, '୩ୟ ତ୍ରୈମାସିକରେ କମ୍ପାନୀର ରାଜସ୍ୱ ବାର୍ଷିକ ଆଧାରରେ ୬.୫% ଓ ସ୍ଥିର ମୁଦ୍ରାରେ କ୍ରମିକ ଭାବେ ୨.୮% ବୃଦ୍ଧି ପାଇଛି, ଯାହା କ୍ରମାଗତ ଭାବେ ୫ମ ତ୍ରୈମାସିକ ପାଇଁ ଆମର ବାର୍ଷିକ ମୂଳ ରାଜସ୍ୱ ଅଭିବୃଦ୍ଧି ଏବଂ ୨୦୨୨ ପରଠାରୁ ଆମର ସବୁଠାରୁ ଶକ୍ତିଶାଳୀ କ୍ରମିକ ଅଭିବୃଦ୍ଧିକୁ ଉପସ୍ଥାପନ କରୁଛି। ଆମେ ଏହି ତ୍ରୈମାସିକରେ ୬ଟି ବଡ଼ ଡିଲ୍ ସ୍ୱାକ୍ଷର କରିଛୁ, ଯାହା ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଆମର ଡିଲ୍ ସଂଖ୍ୟାକୁ ୧୬ରେ ପହଞ୍ଚାଇଛି।


# Classified Everyday

0674-2580101, 9692975378



REAL ESTATE SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ 200ଫୁଟରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2438

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D-07




Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D-76944

## LOST

ମୁଁ ଅଶୋକ କୁମାର ଗୁପ୍ତା, ପି- ୰ମୋହନ ପ୍ରସାଦ ଗୁପ୍ତା, ଗ୍ରାମ- ତାରା ଗାଁ, ଥାନା କୋଡ଼ିଙ୍ଗା, ଜିଲ୍ଲା ନବରଙ୍ଗପୁର ମୁଁ କୋଟଗାଁ, କେପିଜି ବ୍ୟାଙ୍କକୁ ଗଲାବେଳେ ମୋର ଏକ ବ୍ୟାଗ କେଉଁ ଠାରେ ହଜିଗଲା। ଉକ୍ତ ବ୍ୟାଗରେ ମୋର ଜମି ପଟ୍ଟା, ଆଧାର କାର୍ଡ,ପ୍ୟାନ କାର୍ଡ ଏବଂ କିଛି ଜମି ବିକ୍ରି ଦଲିଲ ଥିଲା। ଯଦି କେଉଁ ସହୃଦୟ ବ୍ୟକ୍ତିଙ୍କୁ ମିଳେ ଦୟାକରି ଏହି ନଂ 7682092914 ରେ ଯୋଗାଯୋଗ କରନ୍ତୁ। ଏ ନେଇ କୋଡ଼ିଙ୍ଗା ଥାନାରେ ମୁଁ ଲିଖିତ ଅଭିଯୋଗ କରିଛି। ଧ-୨୪୪୧

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 30.10.2025, I, Sarat Bala Pattnaik, W/o.- Shiba Charan Mohanty, Plot No.- 23/24, At/P.O.- Sailashree Vihar, P.S.- Chandrasekharpur, Bhubaneswar, Dist.- Khordha, PIN- 751021, Odisha declare that I have changed my name from Pravat Nalini Mohanty to Sarat Bala Pattnaik. Henceforth, I shall be known as Sarat Bala Pattnaik for all purposes.
Sarat Bala Pattnaik D-2443

By virtue an affidavit before Executive Magistrate, Gondia, solemnly declare that I have changed my name from Laxmidhar Das to Laxman Malik. Henceforth, I shall be known as LAXMAN MALIK, S/o.- Late Bhagabat Malik, At-Nityanandapur, P.O./P.S.- Nihalprasad, Dist.- Dhenkanal for all purposes.
Laxman Malik D-2444

By the virtue of the affidavit No.- 3143, Dtd.- 30.10.2025, before Executive Magistrate, Bhadrak, I, Arun Kumar Pagal, S/o.- Narayan Pagal, At- Narayanpur, P.O.- Narayanpur, P.S.- Dhamanagar, Dist.- Bhadrak, PIN- 756117 declare that my name is wrongly mentioned as Aruna Kumar Pagal instead of Arun Kumar Pagal. I shall be known as ARUN KUMAR PAGAL for all future purposes. D-2446

I, PHEMAS DIGAL, S/o.- PABITRA DIGAL, R/o.- Gedingia, Mungelibadi, Manikeswar, Kandhamal, Odisha- 762101 have changed my name to FEMOSH DIGAL. D-2439

By virtue of an affidavit sworn before the Executive Magistrate, Chandbali, dated- 29.10.2025, I, Gayatri Tripathy, D/o.- Bidyadhar Tripathy, Vill./ P.O.- Karanapokhari, P.S.- Bansada, Dist.- Bhadrak, PIN- 756132, Odisha declare that I have changed my name from Gayatri Panda to Gayatri Tripathy. Henceforth, I shall be known as Gayatri Tripathy for all future purposes. D-2448

I, Mandara Majhi, W/o.- Suru Majhi, At- Chaunrimahul, P.O.- Banjari, Dist.- Jharsuguda, Odisha declared by this affidavit vide No-1905, Dtd.- 01.08.2025 that my true and correct name is Mandara Majhi and onward I shall be known as Mandara Majhi for all purpose. D-2445

I, Smt. Kora Domini, declared that as per affidavit No.- 94, Dtd.- 27.10.2025, before the Executive Magistrate, Nandapur my old name K Domini has been changed to Kora Domini. Henceforth, I will be known as Kora Domini wife of late Kora Samara, At- Darliput, P.O.- Padwa Dist.- koraput for all purposes. D-2447

I, Bharati Sahoo, W/o.- Ashok Kumar Sahoo, Resident of At- Baseli Sahi, P.O/Dist./P.S.- Khordha, PIN- 752055 Odisha declare by this affidavit No.- 1948, dtd.- 22.10.2025 that now onwards I shall be known as BHARATI JAGADEV for all future purposes. D-2442

## ADVERTISEMENT

Odisha State Ophthalmological Society needs a qualified vender for conducting their office Bearer's Election 2025, voting process on line on 17th, 18th & 19th November, 2025.
Please Contact: Dr. R. C. Meher
MEHER EYE HOSPITAL
ROURKELA- 769012,
Ph. No.: 94370 45706, 93370 57278


## LEGAL NOTICE

IR. No.- 1572
Date- 10.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀ ଆଶୁତୋଷ ସାମଲ ଓ.ଏ.ଏସ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓ.ଏସ୍.ଏସ୍. କେସ୍ ନଂ.- ୮୩୯ /୨୦୨୦

ଆଲୋକ ମହାନ୍ତି ...ବାଦୀ

ବନାମ

ଦେବରଞ୍ଜନ ମହାନ୍ତି ଏବଂ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ- ୨୦ ମୁତାବକ

୨. ଅର୍ଜୁନ ବେହେରା, ପିତା- ସମ ବେହେରା,୩. ରାମ ବେହେରା, ପିତା- ହାଡୁ ବେହେରା, ଉଭୟଙ୍କର ବାସସ୍ଥାନ ସା- ରାମଚନ୍ଦ୍ରପୁର, ପୋଷ୍ଟ- ଝାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୯।୧୧।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ମୌଜା-ଓଗାଳପଡା, ତହସିଲ-ଜଟଣୀ, ଥାନା-ଜଟଣୀ, ଜିଲା -ଖୋର୍ଦ୍ଧା ସାବକ ଖାତା ନଂ.- ୧, ପ୍ଲଟ୍ ନଂ.- ୧୧୬, କିସମ- ଶାରଦ- ତିନି, ରକବା- ଏ୦.୪୦୫ଡି. ସ୍ୱଧରୁ, ଏ୦.୦୬୯ଡି, ପ୍ଲଟ୍ ନଂ.- ୧୧୫ , ରକବା-ଏ୦.୧୪୦ଡି. ସ୍ୱଧରୁ, ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ। ହାଲ୍ ଖାତା ନଂ.- ୮, ପ୍ଲଟ୍ ନଂ.- ୨୪୮, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୪୦୦ଡି. ସ୍ୱଧରୁ, ଏ୦.୧୨୪ଡି. ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:୧୦।୧୦।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୪୫୦

ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ପ୍ରବିର କୁମାର ନାୟକ,ଓ.ଏ.ଏସ୍,(ଏସ୍.ଏ.ଜି) ରିଭିଜ୍‌ନାଲ୍ କୋର୍ଟ ନଂ.୩, ଭୁବନେଶର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର, ଜି.- ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନଂ. ୫୪୪/୨୦୨୪

ଯୋଗୀନ୍ଦ୍ର ବେହେରା .....ବାଦୀ

ବନାମ

ଉଲ୍ଲାସ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ...ପ୍ରତିବାଦୀମାନେ

ନୋଟିସ ଅର୍ଡର -୫ ରୁଲ -୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
୧. ଉଲ୍ଲାସ ଚନ୍ଦ୍ର ମିଶ୍ର (ପ୍ରତିବାଦୀ ନଂ.୧),୨. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର (ପ୍ରତିବାଦୀ ନଂ.୨), ୩. ଅଭିମନ୍ୟୁ ମିଶ୍ର (ପ୍ରତିବାଦୀ ନଂ.୩) ଏ ସମସ୍ତଙ୍କ ପିତା ୰ଲିଙ୍ଗରାଜ ମିଶ୍ର, ୪. ସୁଶୀଳାବାଳା ମିଶ୍ର (ପ୍ରତିବାଦୀ ନଂ.୪) ସ୍ୱା-ଜୀବନବନ୍ଧୁ ମିଶ୍ର, କ୍ର.ନଂ.- ୧ ରୁ ୩ଙ୍କ ବାସସ୍ଥାନ: ସା- ଭାତଖୁରି, ପୋ- ଗଙ୍ଗପଡ଼ା, ଥାନା- ଇଙ୍ଗୋଭାଲି, ଜି- ଖୋର୍ଦ୍ଧା, ଓଡ଼ିଶା, ୫. ରତିକାନ୍ତ କାନୁନଗୋ (ପ୍ରତିବାଦୀ ନଂ.୫) ପିତା- ଅନିଲ କାନୁନଗୋ, ସା-ପ୍ଲଟ୍ ନଂ.- ୨୫୧, ଶହୀଦ ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ଓଡ଼ିଶା।

ଏତ୍‌ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ରିଭିଜନ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ.ଏସ କେସ୍ ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା ୩୦।୧୨। ୨୦୨୫ରିଖ ଦିବା ଘ୩:୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜି- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ନୀଳକଣ୍ଠପୁର ସାବକ ଖାତା ନଂ. ୧୬୫, ସାବକ ପ୍ଲଟ୍ ନଂ.୧୨୨, ସବ୍ ପ୍ଲଟ୍ ନଂ.- ୭ ଓ ୮, ରକବା- ଏ୦.୪୧୫ଡି. ସ୍ୱଧ, ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ, କିସମ- ଢ଼ିପମାଳ, ହାଲ୍ ଖାତା ନଂ.- ୨୮୬, ହାଲ୍ ପ୍ଲଟ୍ ନଂ.- ୧୫୮, ରକବା- ଏ୦.୧୩୮ଡି. ସ୍ୱଧ, ଏ୦.୦୫୫ଡି. ସ୍ୱତ୍ୱ- ସ୍ଥିତିବାନ, କିସମ- ପତିତ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ, ନିଜର ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା. ୨୬।୦୮।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୪୪୦

ପ୍ରଦକ୍ଷିଣ

# ମୁଁ ଅଙ୍ଗୀକାର କରୁଛି ଜୀବନ, ମୁଁ ତତେ ଭଲପାଏ

## – ରାଜେନ୍ଦ୍ର କିଶୋର ପଣ୍ଡା

ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଜନ୍ମ ୨୪ ଜୁନ୍ ୧୯୪୪ରେ, ଅବିଭକ୍ତ ସମ୍ବଲପୁର ଜିଲାର ପତଲଗା ଗାଁ(ହୀରାକୁଦ ଜଳଭଣ୍ଡାରରେ ବିଲୀନ)ରେ। ବୃତ୍ତିରେ ଭାରତୀୟ ପ୍ରଶାସନିକ ସେବାଧିକାରୀ ଥିଲେ ବି କବିତା ରଚନା ଥିଲା ତାଙ୍କର ନିଶା ଓ ତପସ୍ୟା। ପ୍ରମୁଖ କବିତାଗ୍ରନ୍ଥ: 'ଗୌଣ ଦେବତା' (୧୯୭୫), 'ଅନବତାର ଓ ଅନ୍ୟ ଅନ୍ୟ' (୧୯୭୬), 'ଘୁଣାକ୍ଷର' (୧୯୭୭), 'ଶତଦ୍ରୁ ଅନେକ' (୧୯୭୭), 'ନିଜ ପାଇଁ ନାନାବାୟା' (୧୯୮୦), 'ଚୌକାଠରେ ଚିରକାଳ' (୧୯୮୧), 'ଶୈଳକଳ୍ପ' (୧୯୮୨), 'ଅନ୍ୟା' (୧୯୮୮), 'ବହୁବ୍ରୀହି' (୧୯୯୧), 'ବୋଧିନଭ' (୧୯୯୬) ଓ 'ମଣିଷ, ମଣିଷ' (୨୦୧୭)। ଓଡ଼ିଆ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୮୫, ପୁରସ୍କୃତ ବହି 'ଶୈଳକଳ୍ପ'), 'ଗଙ୍ଗାଧର ଜାତୀୟ କବିତା ପୁରସ୍କାର' (୨୦୧୦), 'ଶାରଳା ପୁରସ୍କାର' (୧୯୯୫- ପ୍ରତ୍ୟାଖ୍ୟାନ) ଓ 'କୁଭେମ୍ପୁ ରାଷ୍ଟ୍ରୀୟ ପୁରସ୍କାର' (୨୦୨୦) ଦ୍ୱାରା ସମ୍ମାନିତ। ଅଭିନବ ବ୍ୟଞ୍ଜନା ଓ ଧ୍ୱନିଗର୍ଭୀ ସଂରଚନା ପାଇଁ ଭାରତୀୟ କବିତାରେ ଉଜ୍ଜ୍ୱଳ ତାଙ୍କ ସୃଜନ-ଛବି।



[୨୪ ଜୁନ୍ ୧୯୪୪ – ୨୪ ଅକ୍ଟୋବର ୨୦୨୫]

''ଯୋଉଠି ଯେତେବେଳେ ଯିଏ ବି କାନ୍ଦୁଛି,
ସେଇଠି ସେତେବେଳେ
ବିଷଣ୍ଣ ବାଳକ ପରି ତା'ରି ଭିତରେ
ମୁଁ ଇ କାନ୍ଦୁଛି।''
['ଆଶ୍ୱାସ', 'ଶୈଳକଳ୍ପ']

ବସିଲାଠୁଁ ଉଠିଗଲା ପରି ଆରପାରିକି ଚାଲିଗଲେ କବି ରାଜେନ୍ଦ୍ର କିଶୋର ପଣ୍ଡା, ୨୪ ଅକ୍ଟୋବର ୨୦୨୫ରେ। କୈଶୋରରୁ ତାଙ୍କ କବି-ଜୀବନର ଉନ୍ମେଷ ଘଟିଥିଲେ ବି ଜନନେତ୍ରରେ ଭାସ୍ୱର ହୋଇଛି ତାଙ୍କ ପ୍ରତିଭା ଗତ ଶତାବ୍ଦୀର ସପ୍ତମ ଦଶକରେ। ଆରମ୍ଭରୁ ଶେଷଯାଏଁ ସେ କ୍ରିୟାଶୀଳ ରହିଛନ୍ତି ଓଡ଼ିଆ କବିତାରେ। କେତେବେଳେ ବନ୍ଦିତ ତ କେତେବେଳେ ବିତର୍କିତ ଏହି କବି ଭାରତୀୟ କବିତାରେ





-ଥିଲେ ଅମଡ଼ା ବାଟର ଯାତ୍ରୀ। ଓଡ଼ିଆ କବିତାରେ ଏକଦା ଥିଲେ ବଡ଼ ଏକ ଲହର। ଶବ୍ଦଙ୍କର ମୂଳ ଉତ୍ସକୁ ଯାଇ ଗଢ଼ିଛନ୍ତି ନାନା ନୂଆ ଶବ୍ଦ କବିତାରେ, ଶବ୍ଦଙ୍କ ଭିତରେ ଟକରାଟକରି ଲଗେଇ ଦେଇ ନୂଆ ଧ୍ୱନିରେ ସେ ଶବ୍ଦର ଅର୍ଥକୁ ଅର୍ଥାନ୍ତରକୁ ନେଇଛନ୍ତି। 'ଚିର ଖେଳୁଆଡ଼ ଶିଶୁ' ତାଙ୍କର କବିସତ୍ତା। 'ଶୃଙ୍ଗାର' ଓ 'ବୀଭତ୍ସ'- ଦୁଇ ରସର ସଉତୁଣୀ କଳି କେବେ କେବେ ତାଙ୍କ କବିତାକୁ ପୁଣି କରିଥାଏ ଉପଭୋଗ୍ୟ।

୧୯୭୫ରୁ ୮୫- ଏଇ ଦଶ ବର୍ଷ ଥିଲା ରାଜେନ୍ଦ୍ରଙ୍କ କବିତାର ସବୁଠୁଁ ସ୍ମରଣୀୟ କାଳଖଣ୍ଡ। ଏହି ଅବଧିରେ ସେ ତାଙ୍କ ଜୀବନର ସର୍ବୋତ୍ତମ କବିତାଗୁଡ଼ିକୁ ଲେଖିଛନ୍ତି। ଜୀବନ ଓ କବିତା ହୋଇଛି ତାଙ୍କ ପାଇଁ ଏକଇ ମୁଦ୍ରାର ଦୁଇ ପାର୍ଶ୍ୱ। ଥରେ ସେ କହିଥିଲେ: ''ମୋର କବିତା ଇ ମୋର ଆତ୍ମଜୀବନୀ। ଅନ୍ତତଃ ଗତ ଚାରି ପାଞ୍ଚ ବର୍ଷ ଧରି ମୁଁ ଯାହା ଲେଖିଛି ନିଜକୁ କାବ୍ୟ ନାୟକ କରି, ତହିଁରେ ଅନୃତ-ଭାଷଣ କରିନାହିଁ; ମୋ' ଉପଲବ୍ଧି ପ୍ରତି ବିଶ୍ୱାସଘାତ କରିନାହିଁ।'' (କଳିଙ୍ଗ ସାହିତ୍ୟ ସମାଜ, ବ୍ରହ୍ମପୁରର ବାର୍ଷିକ ସାହିତ୍ୟୋତ୍ସବ-୧୯୮୦ରେ ପ୍ରଦତ୍ତ ଅଭିଭାଷଣ)। ଲେଖିଛନ୍ତି: ''କ୍ଷୁଧାର ରାଉରାଉ ହାତନଖରେ/ ଖଣ୍ଡିଏ ରୁଟି ଛିନ୍ନବିଚ୍ଛିନ୍ନ ହୋଇଯିବାର ମୁଁ ଦେଖିଛି/ ଉତ୍ତରଖଣ୍ଡରେ ରାମସଜୀବନ୍‌ର ହାଡୁଆ ଗାଡୁଆ ମୁହଁ/ ପୁତ୍ରଶୋକରେ କିଳିବିଲେଇ ଯିବାର ମୁଁ ଦେଖିଛି.../ ରାଜନୀତିର ବାଘନଖୀ ଖେଳ/ ଉପରିକର ଚୌକି-ଧନ୍ୟ ମୁରାଟ/ ଶତ୍ରୁର କପଟ, ଈର୍ଷା, ଜିଘାଂସା/ ମତେ କେବେ ଅଧୋଫଣ କରିଛି, କେବେ ଆହତ,/ ଗ୍ରହଣ କରିଛି ସବୁକିଛି।'' (ଜୀବନପ୍ରତି, ଶୈଳକଳ୍ପ)। ସୁଖ, ଦୁଃଖ, ଆନନ୍ଦ ବିଷାଦ ଭିତରେ ସେ ମଗେଇ ନେଇଛନ୍ତି ଜୀବନକୁ।

ସ୍କୁଲଫେରନ୍ତା ବାଟରେ ରଙ୍ଗବେରଙ୍ଗର ଗୋଡ଼ି, କୋଳି ଓ ଅନାବନା ପତ୍ର ଫୁଲ ଗୋଟାଇ ପକେଟରେ ଭରିବା, ଦୁମୁକାଣି ବର୍ଷାରେ ତିନ୍ତିବା, ମାଆ ବାପାଙ୍କୁ ଲୁଚାଇ ବିଡ଼ି ଟାଣିବା, ପାଣି ଚବର ଚବର କରି ତା'ର ଧ୍ୱନିରେ ବିମୋହିତ ହେବା, ତଳେ ଥାଇ ମେଘଙ୍କୁ ଚିହାଇ ଲଢ଼େଇ ଲଗେଇଦବା, ଅଚାନକ ନିଜର ଭିଟାମାଟି ହରାଇ ବସିବା, ମଶାଣିର ଜଳଜଳା ହାଣ୍ଡି ଖପରା ସନ୍ଧିରେ ଗଜୁରି ଉଠିଥିବା ଚାରାଗଛକୁ ଚାହିଁ ଅବାକ୍ ହେବା, ରାତିସାରା ଧଇଁପେଲା ଶ୍ୱାସ ଭୋଗି ପାହାନ୍ତାର ପୃଥ୍ୱୀକୁ ଅନେଇ କାନ୍ଦକାନ୍ଦ ହେବା ଓ ଓଠରେ ସ୍ମିତ ଫୁଟାଇ କହିବା- ''ମୁଁ ଅଙ୍ଗୀକାର କରୁଛି ଜୀବନ/ ମୁଁ ତତେ ଭଲପାଏ''- ଏହିପରି ଜୀବନର ରକମ ରକମ ଅନୁଭୂତିରେ ଭାରାନତ ତାଙ୍କ କବିତା। ସେ ସେଇ କବି, ଯିଏ 'ମଣିଷର ପ୍ରତିବେଶୀ'। ମୃତ୍ୟୁର ପାଖେ ପାଖେ ଥାଇ ମଧ ମୃତ୍ୟୁକୁ ତାଙ୍କର ଡର ନାହିଁ। ଜୀବନକୁ ସେ ବର ମାଗନ୍ତି: ''ମତେ ଏଇ ବର ଦେ'ରେ ଜୀବନ୍!/ ଥରକୁ ଥର ମୁଁ ଯେମିତି ତୋର/ ଅଥଳ ଅଥୟ ଉଆଁର ଭିତରେ/ ଅତି ଛୋଟ ଏକ ହୁଲି ଡଙ୍ଗା ପରି/ ଏମିତି ଉଲ୍ଲାସରେ ବେଦନାରେ/ ନାଚୁଥିବି ଡେଉଁଥିବି ଘୂରୁଥିବି ଛିଟ୍‌କୁଥିବି/ ମୋକ୍ଷଫୋକ୍ଷ ମୋର ଲୋଡ଼ା ନାହିଁ।'' (ଜୀବନ ପ୍ରତି, ସାଦାପୃଷ୍ଠା- ୩୬୬)।

ରାଜେନ୍ଦ୍ର ଜୀବନ ଓ ସମାଜ ପ୍ରତି ପ୍ରତିବଦ୍ଧ ସତ, କିନ୍ତୁ 'ଅନ୍ଧ ପକ୍ଷଭୁକ୍ତି ବା ସ୍ତାବକତା'ରେ ବିଶ୍ୱାସୀ ନୁହନ୍ତି। ତାଙ୍କ ମତରେ ''ପ୍ରତିବଦ୍ଧତା ଏପରି ହେବା ଉଚିତ ଯେମିତି କବି ନିଜର ଦୋଷ ଦେଖି, ଅନ୍ୟାୟ- ଅନାଚାରରେ ନିଜର ପରୋକ୍ଷ ସଂଲିପ୍ତି ଦେଖି, କହିଦେଇପାରିବ: ପହିଲା ଗୁଳି ମୋତେ ମାର୍।'' 'ନିଜ ପାଇଁ ନାନାବାୟା' କବିତାଗ୍ରନ୍ଥରେ ସ୍ଥାନିତ 'ଗୋଲାମ୍ ଦାସ୍' କବିତା। ବହୁ ଚର୍ଚ୍ଚିତ। ମୁହେଁ ମୁହେଁ ଘୂରିବୁଲେ ଆଜି ଏ କବିତାର କେତେକେତେ ଧାଡ଼ି: ''ଅନାମ ଦାସ୍ ଅଧାମ୍ ଦାସ୍/ ଶୁଣ୍ ମୁଁ କହୁଚି ଗୋଲାମ୍ ଦାସ୍/ x x ମୁଁ ଦଲାଲ୍ ମୁଁ ଦଲାଲ୍/ ପହିଲା ଗୁଳି ମୋତେ ମାର୍...।'' 'ଭୁବନେଶ୍ୱର' କବିତାରେ ଆହୁରି ଟାଣ୍ ତାଙ୍କ ସୃଜନ-ଦମ୍ଭ। ଡାକିହାକି କହନ୍ତି: ''ଭୁବନେଶ୍ୱର!/ ମୁଁ ଖାତିର୍ କରେନା ତୋର ମଧୁପିଙ୍ଗଳ ମାନଚକ୍ରବର୍ତ୍ତୀମାନଙ୍କୁ/ ଶିରପା ମୁଦି ମକର କୁଣ୍ଡଳ ପାଇଁ କନ୍ଦଳ କରୁଥିବା/ ସାହିତ୍ୟର ସିହାଣା ସୌଦାଗରମାନଙ୍କୁ, ଭୁବନେଶ୍ୱର!/ ମୁଁ ଖାତିର୍ କରେନା/ ପାହାଡ଼ ପ୍ରମାଣ ନଥି ଭିତରେ 'ବ୍ରହ୍ମୋଽସ୍ମି' କହୁଥିବା/ ମୂଷିକମୁଖ କୁନି ସାଇବଙ୍କୁ।'' (ଶୈଳକଳ୍ପ)। 'ଶ୍ରାବଣ' ଓ 'ହୁତାଶନ' ଯଦିଓ ଏକାଠି ଜଳୁଥାଏ ରାଜେନ୍ଦ୍ରଙ୍କ କବିତାରେ, ନବରତ୍ନ ସଭାରେ ପଶି ନିଜକୁ କିନ୍ତୁ 'ଦଶ' ବୋଲି ଗଣିବାର ଅହମିକା ତାଙ୍କର ନ ଥାଏ କେବେ। ବରଂ ମନରେ ଥାଏ ନମ୍ର ଅଭିଳାଷ: ''ଯୋଉଠି ଯେତେବେଳେ ଯିଏ ବି କାନ୍ଦୁ ତା'ରି ପାଖରେ/ ଠିଆ ହୁଅନ୍ତି ମୁଁ/ ଘଡ଼ିଏ/ ପୋଛି ଦିଅନ୍ତି ଲୁହ, କହନ୍ତି: ମଣିଷ!/ କାନ୍ଦନା!'' ('ଆଶ୍ୱାସ', 'ଶୈଳକଳ୍ପ'- ସାଦାପୃଷ୍ଠା-୩୬୦)।

କବି ମାତ୍ରକେ 'ପ୍ରେରଣିତ ଶିଶୁ' ସୃଜନର। ଅନ୍ତରରେ ମଙ୍ଗଳର ଆବାହନୀ: ''ସବୁ ମଲାଲୋକ ଲେଉଟି ଆସନ୍ତୁ ଶିଶୁ ହୋଇ/ ସବୁ ବଡ଼ ମଣିଷ ଶିଶୁ ପାଲଟି ଯାଆନ୍ତୁ/ ସବୁ ଶିଶୁ ରହିଥାନ୍ତୁ ଶିଶୁ ହୋଇ/ ସବୁ ଶିଶୁ କବି ହୋଇ ରହିଥାଆନ୍ତୁ!'' (ଶିଶୁ, ସାଦାପୃଷ୍ଠା-୩୫୧)। ପତ୍ନୀ ଭିତରେ କବି ଆବିଷ୍କାର କରନ୍ତି ଚିରକାଳର ନାରୀକୁ। କହନ୍ତି: ''ଅମୃତ ବୁନ୍ଦାକ ହୁଏତ ମୋ' ଭାଗ୍ୟରେ ନାହିଁ/ ଏତିକି ଜାଣେ,/ ତୁମେ ଏମିତି ଏକ ସମୁଦ୍ର/ ଯାହାକୁ ନିରବଧି କାଳ ମନ୍ଥୁଥିଲେ ବି/ ହଳାହଳ ନିଗିଡ଼େ ନାହିଁ।'' (ପତ୍ନୀ ପ୍ରତି, ଶୈଳକଳ୍ପ, ସାଦାପୃଷ୍ଠା- ୩୬୪)।

ରାଜେନ୍ଦ୍ରଙ୍କ କବିତାରେ ଥାଏ ଶୈଳୀର ନାନା ବୁଦ୍ଧିଦୀପ୍ତ ଛଟକ। ପୂର୍ବସୂରୀ କବିଙ୍କ କବିତା ସହ ତାଙ୍କ କବିତାର ଚେହେରା ମିଶେ ନାହିଁ। ନିଜ କବିତାରେ ବି ନିଜକୁ ଦୋହରାଇ ଯିବାର ସେ ପରିପନ୍ଥୀ। ସମଧର୍ମା ନୁହନ୍ତି, ଅସମଧର୍ମା ଯୁଯୁତ୍ସୁମାନଙ୍କ ପାଇଁ ସଦା ଅଭିପ୍ରେତ ଥାଏ ଚିର ଅନ୍ୱେଷୀ ତାଙ୍କ କବିତା। ଲୀଳା-କୁତୂହଳୀ ତାଙ୍କ ଶୈଳୀ। କେଇଟି ଉଦ୍ଧୃତି: ୧. ''ନଈରେ ବାଳିଆ ଚହଟିବ/ ଡିମିରି ଫୁଲ ମହକିବ/ କାହାଳୀ ଘଣ୍ଟ ସଜାଡ଼ ଭାଇ/ ଛକଡ଼ି ପଧାନ ଯାଉଛି କହି/ ମନ୍ତ୍ରୀ ହୋଇ ନେଉଟିବ.../ ନେଉଟିବ।'' (ନିଜ ପାଇଁ ନାନାବାୟା, ସାଦାପୃଷ୍ଠା-୩୮୫), ୨. ''ଭୁଞ୍ଜ୍ ବୋଇଲେ ଖାଇବୁ/ ଆଉ ଗିଳ୍ ବୋଇଲେ ଉପାସ?/ କଥାକୁ ନ ବୁଝି ନଥାରେ ଗୁମାନ/ କାହିଁକିରେ ଧନ/ ତୋର କାହିଁରେ ଖମାର, ଉଆସ?'' (ନିଜ ପାଇଁ ନାନାବାୟା, ସାଦାପୃଷ୍ଠା-୩୯୮), ୩. ''କାନ୍ଥ ନ ଶୁଣିଲା କାନ୍ଥକୁ ଡିଏ/ ବାଡ଼ ନ ଶୁଣିଲା ବାଡ଼କୁ ଡିଏ?/ ଗହଳ ମାଣ୍ଡିଆ କେଉଁଠିରେ ବାୟା/ ପେଟେ ଓଦାକନା ଦେଏ/ ରାଣୀ ଶୋଇଛନ୍ତି ରୁଷିବା ଘରେ ଯେ/ ସେଠି କୋଉ ନିଦ ହୁଏ!'' ('ରଜାଘର ଭୋଜି', ସାଦାପୃଷ୍ଠା- ୩୯୨)। ଉକ୍ତିଗୁଡ଼ିକ ଭିତରେ ଚେକାଭିଡ଼ି ଶୋଇଛି ଶ୍ଲେଷ, 'ଅସ୍ତ୍ରମାନଙ୍କର ସଂଘାତରୁ ସମ୍ଭୂତ ଅଗ୍ନି'। (ବୋଧିନଭ-୩)

ଏକାଧିକ ଭଲ କବିତା ଲେଖିବା ସତ୍ତ୍ୱେ ସାରା ଜୀବନ କବି ଭୋଗିଛନ୍ତି ସ୍ୱ-କବିତା ପ୍ରତି ପାଠକର ଅସୂୟା ଓ ଅଣହେଳା। ବିଷାଦରେ ଜରିଜରି ଦିଶିଛନ୍ତି ବାଉଲ ପରି ବିଷଣ୍ଣ, ସୁଫୀ ସନ୍ନ୍ୟାସୀର ସ୍ୱର ପରି ଶୁଭିଛି ତାଙ୍କ ଉଦାସ କଣ୍ଠସ୍ୱର। ତାଙ୍କର ବୁଝିବା ବାକି ନ ଥିଲା ଯେ, ସାରା ଜୀବନ କବିତାରେ ବିତାଇବା ସତ୍ତ୍ୱେ ସ୍ୱ-ଅଭିଳଷିତ କବିତାଟି ସେ ଲେଖିପାରିଲେ ନାହିଁ। ତଥାପି ହାତରେ କଲମ ଥାଇ କବି ବିଦାୟ ନେଲେ। 'ଭୁବନେଶ୍ୱର' କବିତାରେ ସେ ବଚନ ଦେଇଛନ୍ତି- ''ଯେତେବେଳେ ମରିଯିବି, ଆତ୍ମା ମୋର ବିଜେ କରିବ/ ରାଜାରାଣୀ ମନ୍ଦିରର/ ଛୋଟ ବଂଶୀବାଦକ ମୂର୍ତ୍ତିର ପଥର ଦେହ ପଥର ବଂଶୀରେ...।'' ମନେହୁଏ, ବୃଥା ହେବନାହିଁ ମିଜାଜୀ କବି ରାଜେନ୍ଦ୍ରଙ୍କର ଏ ପ୍ରତିଶ୍ରୁତି!

ପ୍ରସ୍ତୁତି : ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫

### ଅପର ପକ୍ଷ

**ରାଜେନ୍ଦ୍ର କିଶୋର ପଣ୍ଡା**

ସମବେତ ପ୍ରାର୍ଥନା ଗାଇବା ପାଇଁ
ଧାଡ଼ି ବାନ୍ଧି ଠିଆ ହେବା କଥା ତ
ତୁମେ ସବୁ ଠିଆହୁଅ।
ମୁଁ କିନ୍ତୁ ସ୍ୱର ମିଳାଇ
ଗାଇବା ପାଇଁ ବାଧ ନୁହେଁ।

ହାତଟିଏ ବଢ଼ି ଆସିଲେ
ନ ମିଳାଇବି କେମିତି?
କିନ୍ତୁ ମିଳିତ ଦରଖାସ୍ତରେ
ମୋର ଦସ୍ତଖତ?
ନା, ଧନ୍ୟବାଦ।
ମଡ଼ାର ଟିପଚିହ୍ନ ମୋର ନୁହେଁ।
ମୋର ହାତମିଳା କିଛି ନୁହେଁ-
କେବଳ ଶିଷ୍ଟାଚାର।

ଚୌକିମାନଙ୍କୁ ସଲାମ କରି ଆସିଲେ ବି
ମୁଁ ଜାଣେ: ସମସ୍ତ ଚୌକି ଶୂନ୍ୟ।
ଆପୋସ ଭାବକୁ ମୋର ଘୃଣା।
ହାଃ
ପାଦ ପାଖେ କିଏ ମୁଁ ଜାଣେ
ମୁଣ୍ଡ କତିରେ କିଏ ମୁଁ ଜାଣେ
କିନ୍ତୁ
ଆଖି ଖୋଲି ପକ୍ଷଭୁକ୍ତ ହେବାକୁ
ମୁଁ ବାଧ ନୁହେଁ।

ପକ୍ଷ କଥା ଉଠୁଛି ତ
ମୋତେ ସାମିଲ କର ଅପର ପକ୍ଷରେ
(ଶରଣ ପଶିବାର ସୌଭାଗ୍ୟ
ମୋର ନାହିଁ)
ତୁମର ଅପର ପକ୍ଷ ବି ଜାଣେ
ଯେ, ମୁଁ ତା'ର ବି ଅପର ପକ୍ଷରେ।
ଏକ ବଚନ।

[କବିତାର ନିର୍ବାଚିତ ଅଂଶ ସ୍ଥାନିତ]

## ପୁସ୍ତକ ପରିଚୟ

### ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ



**ଲେଖକ:** ଡ. ନାରାୟଣ ମହାନ୍ତି
**ପ୍ରକାଶକ:** ଅଧ୍ୟାପିକା ନୀହାରିକା ଦାସ ସ୍ମୃତିନ୍ୟାସ, ଝାଞ୍ଜିରିମଙ୍ଗଳା, କଟକ-୯
**ଦ୍ୱିତୀୟ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ପୁସ୍ତକର ପ୍ରଥମ ସଂସ୍କରଣ ୨୦୧୯ରେ ପ୍ରକାଶ ପାଇଥିଲା ଓ ଦ୍ୱିତୀୟ ସଂସ୍କରଣ ଏବେ ପ୍ରକାଶ ପାଇଛି। ବିଶିଷ୍ଟ ଦାର୍ଶନିକ ଓ ଲେଖକ ପ୍ରୟାତ ହୃଦାନନ୍ଦ ରାୟଙ୍କ ପ୍ରେରଣା ଏହି ଗ୍ରନ୍ଥ ପ୍ରକାଶନ ମୂଳରେ ରହିଛି ବୋଲି ଲେଖକ ସୂଚାଇଛନ୍ତି। ପ୍ରଥମ ସଂସ୍କରଣର ମୁଦ୍ରିତ ସମସ୍ତ ପାଞ୍ଚଶହ କିତା ନିଃଶେଷ ହୋଇଯିବା ପରେ ଓ ପ୍ରଥମ ସଂସ୍କରଣର ଅପୂର୍ଣ୍ଣତାକୁ ପୂରଣ କରିବା ଲକ୍ଷ୍ୟରେ ଦ୍ୱିତୀୟ ସଂସ୍କରଣ ପ୍ରକାଶର ପରିକଳ୍ପନା କରାଯାଇଛି। ଏଥିରେ ମଧ ସେ ପ୍ରାପ୍ତ ଓ ଉପଲବ୍ଧ ସମସ୍ତ ତଥ୍ୟକୁ ଅନ୍ତର୍ଭୁକ୍ତ କରିପାରିନାହାନ୍ତି ବୋଲି ମୁଖବନ୍ଧରେ ଅକୁଣ୍ଠ ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି। ଯାହା ମନେହୁଏ, 'ଓଡ଼ିଶାରେ ଦର୍ଶନଶିକ୍ଷା' ସମ୍ପର୍କରେ ଡକ୍ଟର ମହାନ୍ତିଙ୍କର ଏହି ଗ୍ରନ୍ଥଟି ହେଉଛି ସର୍ବପ୍ରଥମ ଉଦ୍ୟମ। ଏଥିରେ ମୋଟ ଦଶଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟରେ ରେଭେନ୍‌ସା କଲେଜ (ଯେଉଁଠୁ ରାଜ୍ୟରେ ଦର୍ଶନ ଶିକ୍ଷାର ଭିତ୍ତି ସ୍ଥାପନ ହୋଇଥିଲା), ଦ୍ୱିତୀୟରେ ବେସରକାରୀ କଲେଜ ସମୂହ, ତୃତୀୟରେ ସରକାରୀ କଲେଜ ସମୂହ, ଚତୁର୍ଥରେ ଉତ୍କଳ ବିଶ୍ୱବିଦ୍ୟାଳୟ, ପଞ୍ଚମରେ ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ, ଷଷ୍ଠରେ ଦର୍ଶନଶାସ୍ତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତୁଙ୍ଗ ବ୍ୟକ୍ତିବିଶେଷ, ସପ୍ତମରେ ଓଡ଼ିଆ ସାହିତ୍ୟକୁ ଦର୍ଶନଶାସ୍ତ୍ରବିତ୍‌ମାନଙ୍କର ଅବଦାନ, ଅଷ୍ଟମରେ ବିଭିନ୍ନ କ୍ଷେତ୍ରରେ ଦର୍ଶନଶାସ୍ତ୍ରବିତ୍‌ଙ୍କ ଅବଦାନ, ନବମରେ ବିଦେଶରେ ଓଡ଼ିଶାର ଦର୍ଶନ ଶାସ୍ତ୍ରବିତ୍ ଓ ଦଶମରେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଶ୍ରେଣୀ ଆଦି ପ୍ରସଙ୍ଗ ରହିଛି। ଏଭଳି ଏକ ପୁସ୍ତକ ଓଡ଼ିଶାର ବର୍ତ୍ତମାନ ପିଢ଼ି ଓ ଭବିଷ୍ୟତ ପିଢ଼ିର ଦର୍ଶନଶାସ୍ତ୍ର ଅନୁରାଗୀ ତଥା ସାଧାରଣ ପାଠିକା ପାଠକଙ୍କ ପାଇଁ ଯେ ଅତ୍ୟନ୍ତ ଉପଯୋଗୀ, ଏଥିରେ ସନ୍ଦେହ ନାହିଁ।

### ଶ୍ରୀକୃଷ୍ଣ କୃଷ୍ଣା



**କବୟିତ୍ରୀ:** ଭାନୁମତୀ ସାହୁ
**ପ୍ରକାଶକ:** ବ୍ଲାକ୍ ଈଗଲ୍ ବୁକ୍ସ, ଭୁବନେଶ୍ୱର/ଡବ୍ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ବହିଟିର ଦୁଇଟି ଭାଗ। ପ୍ରଥମରେ 'ଶ୍ରୀକୃଷ୍ଣ' ଓ ଦ୍ୱିତୀୟ ଭାଗରେ 'କୃଷ୍ଣା'- କୃଷ୍ଣ ଓ ଦ୍ରୌପଦୀଙ୍କୁ ଚରିତ୍ର କରି ଦୁଇଟିଯାକ ଦୀର୍ଘ କବିତା ଲେଖାଯାଇଛି। କବିତା ଦ୍ୱୟର ଭିତ୍ତି ହେଉଛି 'ଈଶ୍ୱର ବିଶ୍ୱାସ'। ଶ୍ରୀକୃଷ୍ଣ କବିତାଟି ଏକ ସ୍ୱପ୍ନିଳ ସମ୍ମୋହନ ଭିତରୁ ଭୂମିଷ୍ଠ, ଯେଉଁଠି କବୟିତ୍ରୀ କହନ୍ତି: ''ଜନ୍ମର ଆରମ୍ଭରୁ ଓ ଜନ୍ମର ଶେଷ ପର୍ଯ୍ୟନ୍ତ/ ତୁମ ପାଦତଳେ ମୁଁ ହିଁ ସମର୍ପିତ/ ଅନ୍ୟର ଉପେକ୍ଷାରେ ମନରେ ବିଷ ଭରେ/ ତଥାପି ଭଲ ପାଇବାର ଦ୍ୱାହି ଦେଇ/ ନିଜକୁ ସମ୍ଭାଳେ।'' (ପୃ:୪୭)। 'ଶ୍ରୀକୃଷ୍ଣ'ରେ ମୋଟ ୩୮ଟି ଭାଗ ରହିଛି, ସବୁଥିରେ କୃଷ୍ଣଙ୍କୁ ନେଇ କବୟିତ୍ରୀଙ୍କର ମନୋଭାବନା ସ୍ଥାନିତ। 'କୃଷ୍ଣା'ରେ ଲେଖିକା କହନ୍ତି ଦ୍ରୌପଦୀଙ୍କ କା' ହେଇ ଶ୍ରୀକୃଷ୍ଣଙ୍କୁ: ''ଶୋକ, ଦୁଃଖ, ଯନ୍ତ୍ରଣାର ମାୟାର ଭ୍ରମରେ ପଡ଼ି/ ଭ୍ରମି ଭ୍ରମି ମାୟାଗ୍ରସ୍ତା ହେଲି/ ଆଜି ହିମାଳୟ ପଥର ଯାତ୍ରାରେ/ ନିଃଶେଷ କରିଦିଅ ମୋତେ କ୍ଷଣକରେ/ ମିଶୁ ମୋର ଆତ୍ମା ତୁମ ପରମାତ୍ମାଠାରେ।'' (ପୃ:୧୩୨)। କୃଷ୍ଣାରେ ରହିଛି ୨୭ଟି ଭାଗ। କବିତାର ଗୁଣାଗୁଣ ସମ୍ପର୍କରେ ମନ୍ତବ୍ୟ ଦେବାଠୁଁ ଶ୍ରେୟସ୍କର ବହିଟିକୁ କେବଳ ପାଠିକାପାଠକଙ୍କ ଆଗରେ ନିଷ୍ପକ୍ଷ ଭାବେ ତୋଳିଧରିବା। ଆଶା, କବୟିତ୍ରୀଙ୍କ ଶବ୍ଦସେବା ବ୍ୟର୍ଥ ଯିବ ନାହିଁ।

## କାଳକାଳକୁ



**''ଆକ୍ରମଣ କରୁଥିବା ଶତ୍ରୁଙ୍କୁ ଡର ନାହିଁ, ଡର ତୋଷାମଦି କରୁଥିବା ବନ୍ଧୁଙ୍କୁ।''**
**– ଡେଲ୍ କାର୍ନେଗୀ**

**ଡେଲ୍ କାର୍ନେଗୀଙ୍କ** ଜନ୍ମ ୨୪ ନଭେମ୍ବର ୧୮୮୮ରେ ଆମେରିକାର ମିସୌରୀରେ ଓ ପରଲୋକ ୦୧ ନଭେମ୍ବର ୧୯୫୫ରେ ନ୍ୟୁୟର୍କର ଫରେଷ୍ଟ ହିଲ୍‌ସରେ। ବୃତ୍ତି ଅଧ୍ୟାପନା ଓ ରୁଚି ଲେଖାଲେଖି। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକ ହେଲା- 'ହାଓ ଟୁ ୱିନ୍ ଫ୍ରେଣ୍ଡସ ଆଣ୍ଡ ଇନ୍‌ଫ୍ଲୁଏନ୍‌ସ ପିପୁଲ୍' (୧୯୩୬), 'ହାଓ ଟୁ ଷ୍ଟପ୍ ୱରିଙ୍ଗ୍ ଆଣ୍ଡ ଷ୍ଟାର୍ଟ ଲିଭିଂ' (୧୯୪୮) ଓ 'ଲିଙ୍କନ୍ ଦ ଅନ୍‌ନୋନ୍' (୧୯୩୨)। ସେ କହୁଥିଲେ: ''ବିଫଳତା ଭିତରୁ ସଫଳତା ଆହରଣ କର'' ଏବଂ କହୁଥିଲେ: ''ଉପଯୋଗ ନ ହେବା ଯାଏଁ ଜ୍ଞାନ ଶକ୍ତି ନୁହେଁ।'' ଲୋକଶକ୍ତି ନିର୍ମାଣରେ ନିଜର ବିଦ୍‌ବତ୍ତା ଓ ମହତ୍ତର ଯୋଗଦାନ ପାଇଁ ସେ 'ଗ୍ଲୋବାଲ ଲିଡରଶିପ୍ ଆୱାର୍ଡସ'ରେ ସମ୍ମାନିତ ହୋଇଥିଲେ।

## ଅନୁବାଦ ଗଳ୍ପ

### ମନୁଷ୍ୟ

ମୂଳହିନ୍ଦୀ- ଡ. ଚନ୍ଦ୍ରେଶ କୁମାର ଛତଲାନୀ
ଅନୁବାଦ- ମଧୁସ୍ମିତା ପଟ୍ଟନାୟକ

ଲେଖକ ମୋହିତ ହେଇଯାଇଥିଲେ ତା'ର ରୂପ ଦେଖି। ସେଥିପାଇଁ ପ୍ରତିଦିନ ତା'ର ପିଛା କରି କରି ଲେଖୁଥିଲେ ବହିଟିଏ ତା' ଉପରେ। ଆଜି ସେ ବହିକୁ ଶେଷ କରିବାକୁ ଯାଉଥିଲେ। ସେ ପ୍ରଥମ ପୃଷ୍ଠା ଖୋଲିଲେ, ଯେଉଁଥିରେ ଲେଖାଥିଲା ''ଆଜି ମୁଁ ତାକୁ କଇଁଛ ରୂପରେ ଦେଖିଲି, ସେ ନିଜ ଖୋଳପା ଭିତରେ ପଶିଥିଲା''।

ତା'ପରେ ଦ୍ୱିତୀୟ ପୃଷ୍ଠା ଖୋଲିଲେ, ସେଥିରେ ଲେଖାଥିଲା ''ଆଜି ସେ ବିଲୁଆ ରୂପରେ ଥିଲା''। ଜଣକ ପଛରେ ଜଣେ ସମସ୍ତେ ଆଖି ବନ୍ଦ କରି ଚିଲୋଉଥିଲେ।

ଆଉ ତୃତୀୟ ପୃଷ୍ଠାରେ ଲେଖାଥିଲା, ''ଆଜି ସେ ଥିଲା ଈଶ୍ୱରଙ୍କ ରୂପରେ ଆଉ ତାକୁ ନିଦରେ ଲାଗୁଥିଲା କି ସେ କୌଣସି ଅବତାରଙ୍କୁ ସୃଷ୍ଟି କଲା''।

ତା' ପର ପୃଷ୍ଠାରେ ଲେଖାଥିଲା, ''ଆଜି ସେ ଗୋଟିଏ ମେଣ୍ଢା ଥିଲା। ରାସ୍ତା ସମ୍ପର୍କରେ ତା'ର କୌଣସି ଜ୍ଞାନ ନ ଥିଲା। ସେ ଆଖି ବନ୍ଦ କରିଥିଲା ଆଉ ତାକୁ ବାଡ଼େଇ ବାଡ଼େଇ ଚରାଉଥିଲା''। ତା' ପର ପୃଷ୍ଠାରେ ଲେଖା ହୋଇଥିଲା, ''ଆଜି ସେ ମୃଦୁ ପାନୀୟ ବୋତଲ ରୂପରେ ଥିଲା, ଆଉ ତା'ର ରକ୍ତ ପିଇବାକୁ ଯାଉଥିଲା''। ଯାହାକୁ ସେ ନିଜର ସୃଜିତ ଅବତାର ବୋଲି ଭାବୁଥିଲା, ତାକୁ ଭବିଷ୍ୟତର ସ୍ୱପ୍ନରେ ବୁଡ଼େଇ ରଖିଥିଲା।

ଲେଖକଙ୍କର ଆଗକୁ ଥିବା ପୃଷ୍ଠା ଆଉ ପଢ଼ାଗଲା ନାହିଁ। ତାଙ୍କ ଭଲପାଇବା ତାଙ୍କୁ ଅଟକେଇଦେଲା ଆଉ ଆଗକୁ ପଢ଼ିବାରୁ। ପ୍ରଥମ ପୃଷ୍ଠା ତଳେ ସେ ଲେଖିଲା- 'ଅକର୍ମଣ୍ୟ'! ଦ୍ୱିତୀୟ ପୃଷ୍ଠା ତଳେ ଲେଖିଲା- 'ରାଜନୈତିକ ସ୍ଲୋଗାନ', ତୃତୀୟ ପୃଷ୍ଠା ଶେଷରେ ଲେଖିଲା- 'ନିର୍ବାଚନରେ ବିଜୟ', ଚତୁର୍ଥ ପୃଷ୍ଠା ଶେଷରେ ଲେଖିଲା- 'ଚେସ୍‌ର ଗୋଟି', ପଞ୍ଚମ ପୃଷ୍ଠା ଶେଷରେ ଲେଖିଲା- 'ମହଙ୍ଗାଇ'। ଶେଷରେ ବହିକୁ ବନ୍ଦକରି ଶୀର୍ଷକ ରଖିଲା- 'ମନୁଷ୍ୟ'।

ପ୍ଲଟ ନମ୍ବର-୨୭, ବ୍ରହ୍ମେଶ୍ୱରବାଗ,
ଟଙ୍କପାଣି ରୋଡ, ଭୁବନେଶ୍ୱର-୭୫୧୦୧୮

## କବିତା

### ବର୍ଣ୍ଣବାଦ

**ଭରତ ବେହେରା**

ଏମିତି ଥିଲା
ବର୍ଣ୍ଣବାଦର କରୁଣ ପରିଣତି ଯେ
ଜିଇବାକୁ ହେଲା ସାରା ଜୀବନ
ପୁରୁଷ ପୁରୁଷ ଗାଁ ଶେଷମୁଣ୍ଡ
ଅପହୃତ ହୋଇଥିଲା
ମଣିଷର ମଞ୍ଜି: ଜିନ୍ ଜେନମ୍।

ସେମାନଙ୍କ ଭାଗରେ
ନା ଥିଲା ପ୍ରସ୍ଥପ୍ରସ୍ଥ ଘର
ନା ବାଟିବାଟି ଜମି।

ଥିଲା: ହଜାର ବର୍ଷର ଘୃଣା, ଅପମାନ
ଯୁଗଯୁଗରୁ ଅବନତ ହୋଇଥିଲା ମଥା
ଭାଙ୍ଗି ଦିଆଯାଇଥିଲା
ଗର୍ଦ୍ଦନର ଗାଢ଼ ଗଢ଼ଣ।

ତେବେ ବି ସବୁ ଅବିଚାର ଅନାଦର
ମୁଣ୍ଡରେ ମୁଣ୍ଡେଇ ସେମାନେ ଚାଲିଛନ୍ତି
ଜିଇଛନ୍ତି ଶତାବ୍ଦୀ ଶତାବ୍ଦୀ।

ସେମାନଙ୍କର ଥିଲା କଳା ମଟମଟ ଦେହ
ଥିଲା ବଳିଷ୍ଠବାହୁ
ଥିଲା କମରର ଅପ୍ରମିତ ବଳ
ଲମ୍ବା ସମୟ ଖଟିବାର ତାକତ।

ଅଥଚ ପାଦତଳ ମାଟି ନଥିଲା
ଏକାନ୍ତ ନିଜର।

ସେମାନଙ୍କ ଉପଜାତିର ନାମ
ଏତେ ତିକ୍ତ, ଏତେ କଟୁ ଯେ
ଉଚ୍ଚାରଣ କଲାକ୍ଷଣି ଦୁହିଁଯାଏ
ସାରାଦେହ ଶିରା ଓ ପ୍ରଶିରା
ଅନୁଦିନ ଅନୁକ୍ଷଣ କିଏ ଯେମିତି
ବିନ୍ଧ କରେ କଳିଜାରେ କଣ୍ଟା।

ଏତେ ଘୃଣା, ଅବିଚାର, ଅପମାନ ସତ୍ତ୍ୱେ
ସେମାନେ ତୁଠର ପଥର ପରି ସବୁ ସହିଛନ୍ତି
କାଳ ନିରବଧି।
ସେମାନଙ୍କ ଉଦାରତାର ଲମ୍ବ ପ୍ରସ୍ଥ
ସହଣିର ଗଭୀରତା, ଖଟଣିର ମୂଲ୍ୟ
ଆକଳନ କିଏ ସେ କରିବ?
ଦେଖ, ବର୍ଣ୍ଣବାଦର ଜଳନ୍ତା ବହ୍ନି
ଜାଳିପୋଡ଼ି ପାଉଁଶ କରିଛି
କୋଟି କୋଟି ନିଉଛୁଣା ମାମୁଲି ମଣିଷ।

ଏମ୍.ଆଇ.ଜି.-୨୨
ଜି.ଏସ୍.ନଗର, ଜଗତପୁର, କଟକ
ମୋ: ୯୪୩୭୫୭୦୧୨୦

### ଅଶରୀରୀ

**ଦୀପ୍ତି ମିଶ୍ର**

ଆଜିକାଲି କିଏ ଗୋଟେ
ମୋ' ପାଖେପାଖେ ରହୁଛି
ମୋତେ ସବୁବେଳେ ଜଗିଛି,
କାଳେ କାହାକୁ କହିଦେବି
'ତୁମେ ମୋ ନିଜର...
ମୁଁ ତୁମକୁ ଖୁବ୍ ଭଲପାଏ।'

କାରଣ ଏଠି ସଂପ୍ରୀତିର ଅନୁଭବ
ଆଣିଦିଏ ବିଷାକ୍ତ ଅନୁଭୂତି,
ଝରଣା ବି ତା'ର କୁଳୁକୁଳୁ ସ୍ୱରକୁ
ବେଳେବେଳେ ହରାଇଦିଏ,
ଏଇ ଭାବମୟ ସଂସାରରେ
ଭାବର ବନ୍ଧନରେ ବାନ୍ଧି ହେବାକୁ
ସଂକୋଚ କରେ।

ଆଉ ଏଠି 'ପ୍ରୀତି' 'ପ୍ରୀତି' କହି
ଯେଉଁମାନେ ଚିତ୍କାର କରନ୍ତି
ସେମାନେ ବୁଝନ୍ତି ନାହିଁ
ପ୍ରୀତିର ସୌଷମ୍ୟ,
ପ୍ରୀତିର ଲାବଣ୍ୟ
'ପ୍ରୀତି'ଟା ସତେ ଅବା ତାଙ୍କ
ଗୋଡ଼ ତଳର ଦାସ
ତାଙ୍କ ହାତଗଢ଼ା କଣ୍ଢେଇ
ଯେତେବେଳେ ଚାହିଁବେ
ସେତେବେଳେ ପାଉଥିବେ ତାକୁ,
ଆଉ ମନଇଚ୍ଛା ବ୍ୟବହାର କରିବେ
ଯେପରି ଚାହିଁବେ।

ଆଜିକାଲି କିଏ ଗୋଟେ ମୋର
ପାଖେପାଖେ ରହୁଛି
ଜାଣିପାରୁନି ସେ 'ପ୍ରୀତି' ନା 'ଭୀତି'
ଏ ଦୁନିଆ ମୋତେ
ଯାହା ଦେବାର ତ ଦେଇଛି
ଆଉ କ'ଣ ବା ଦେବ?
ଯାହା ଦେଉ ବା ନ ଦେଉ ମୋତେ
ଚିହ୍ନେଇ ଦେଇଛି କିନ୍ତୁ ଆପଣାକୁ।

ମୋ: ୯୪୩୮୪୦୪୩୦୮

### ଦୁଇଟି ମିନି କବିତା

**କୃଷ୍ଣା ମିଶ୍ର**

#### କୋଣାର୍କ

କୋଣାରକେ ଶିଳାପଦ୍ମ
ଆଉ ଫୁଟେ ନାଇଁ,
କାରୁକଳା ଧୋଇଗଲା ପରେ
କାଳର ସୁଅରେ,
ଉଜୁଡ଼ା ମନର ଭାବ
କେବଳ ହିଁ ସୂର୍ଯ୍ୟ ବୁଝିପାରେ
ସେଇଥିପାଇଁ ତ ନିତିଦିନ
ଭଙ୍ଗା ଦେହକୁ ତା'ର ଆଦରରେ
ଛୁଇଁଯାଏ, ସକାଳର
କଅଁଳ ଖରାରେ!

#### ଦିନେ କେବେ

ଦିନେ ତ ଫୁଟିବ ଫୁଲ,
ପାଣି କିଏ ଦଉ କି ନ ଦଉ
ପାଚି ଝଡ଼ୁଥିବ ଫଳ
ତୋଳି କିଏ ନଉ କି ନ ନଉ।

ସେ ଗଛକୁ ରୋପି ଦେଇ
ତା' ଦେହେ ମୋ' ଆତ୍ମା ଥାପିଦେବି
ଫୁଲ ଫଳ ଭରିଥିବ
ଜାଣେନି, ମୁଁ ଥିବି କି ନ ଥିବି।

ବାଣପୁର, ଖୋର୍ଦ୍ଧା
ମୋ: ୯୮୫୩୩୭୫୭୩୪

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୧/୨୦୨୫ Bhubaneswar, Saturday, November 1/ 2025

# ବାରବାଟୀରେ ଆଜିଠୁ ଓଡ଼ିଶା-ଆନ୍ଧ୍ର ପ୍ରଦେଶ



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଅଭ୍ୟାସ ସେସନ ଅବସରରେ ଓଡ଼ିଶା ଦଳ।

## ରଣ୍‌ଜୀ ଟ୍ରଫି ମ୍ୟାଚ୍

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ଚଳିତ ରଣ୍‌ଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ତୃତୀୟ ମ୍ୟାଚ ଶନିବାରଠାରୁ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ। କଟକର ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଦୁଇ ଦଳ ବେଶ୍ କିଛି ସମୟ ବାରବାଟୀରେ ଅଭ୍ୟାସ କରି ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ବରୋଦା ନିକଟରୁ ହାରି ଯାଇଥିବାବେଳେ ଉତ୍ତର ପ୍ରଦେଶ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଡ୍ର ରଖିଥିବାରୁ ପ୍ରଥମ ଇନିଂସ ପଛୁଆ ରହିବା ଭିତ୍ତିରେ ମାତ୍ର ୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଆନ୍ଧ୍ର ଏପର୍ଯ୍ୟନ୍ତ ୨ଟି ମ୍ୟାଚ ଖେଳିଥିବାବେଳେ ଉତ୍ତର ପ୍ରଦେଶଠାରୁ ପ୍ରଥମ ଇନିଂସରେ ପଛୁଆ ରହିବାରୁ ଗୋଟିଏ ପଏଣ୍ଟ ପାଇଛି। ବରୋଦା ବିପକ୍ଷ ଦ୍ୱିତୀୟ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ନ ହେବାରୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି। ତେଣୁ ୨ ପଏଣ୍ଟ ସହିତ ଆନ୍ଧ୍ର ଏଲିଟ ଗ୍ରୁପ୍ 'ଏ' ଟେବୁଲର ୬ଷ୍ଠ ଏବଂ ଓଡ଼ିଶା ସର୍ବନିମ୍ନ ୮ମ ସ୍ଥାନରେ ରହିଛି।

ଉଭୟ ମ୍ୟାଚରେ ବ୍ୟାଟିଂ ବିଫଳତା ଓଡ଼ିଶା ପାଇଁ ଚିନ୍ତାର କାରଣ ହୋଇଛି। କେତେଜଣ ଖେଳାଳି ବ୍ୟାକ୍ତିଗତ ଭାବେ ଭଲ ଖେଳିଥିଲେ ଦଳଗତ ପ୍ରଦର୍ଶନରେ ଓଡ଼ିଶା ବିଫଳ ହୋଇଛି। ବୋଲିଂ ମଧ୍ୟ ସେପରି ପ୍ରଭାବୀ ହୋଇପାରିନାହିଁ। ଘରୋଇ ପରିବେଶରୁ ଫାଇଦା ଉଠାଇ ନ ପାରିବା ମଧ୍ୟ ଦଳ ପାଇଁ ଚିନ୍ତାଜନକ ରହିଛି। ବାରବାଟୀରେ ଗୋଟିଏ ମ୍ୟାଚ ଖେଳି ସାରିଥିବାରୁ ଆଗାମୀ ମ୍ୟାଚରେ ଦଳ ଭଲ ପ୍ରଦର୍ଶନ କରିବାନେଇ ଆଶା ରହିଛି। ୨୦୦୭ରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଆନ୍ଧ୍ର ୧୦୨ ରନରେ ବିଜୟୀ ହୋଇଥିଲା। ଶେଷଥର ପାଇଁ ୨୦୧୭ ଅକ୍ଟୋବର ୨୪ରୁ ୨୭ ପର୍ଯ୍ୟନ୍ତ ବିଜୟନଗରମ୍‌ଠାରେ ଅନୁଷ୍ଠିତ ମ୍ୟାଚଟି ଡ୍ର ରହିଥିଲା। ଏଥିରେ ଓଡ଼ିଶା ଫଲୋଅନ ହୋଇଥିବାବେଳେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଆନ୍ଧ୍ର ୩ ପଏଣ୍ଟ ପାଇଥିଲା।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ।

ଆନ୍ଧ୍ର ପ୍ରଦେଶ ଦଳ: ରିକି ଭୁଇ (ଅଧିନାୟକ), ସିରାପାରାପୁ ଆଶିଷ, ଅଶ୍ୱିନ ହେବ୍ବାର, ଶ୍ରୀକର ଭରତ, କରନ ଶିନ୍ଦେ, ପୃଥ୍ୱୀ ରାଜ, ସତ୍ୟନାରାୟଣ ରାଜୁ, ଶେଖ ରଶିଦ, ଅଭିଷେକ ରେଡ୍ଡୀ, ରେଭନ୍ଥ ରେଡ୍ଡୀ, କାଭୁରି ସିତେଜା, ୟାରା ସନ୍ଦୀପ, କେ.ଭି. ଶଶିକାନ୍ତ, ସୌରଭ କୁମାର, ଚିପୁରପଲ୍ଲୀ ଷ୍ଟିଫେନ, ତ୍ରିପୁରାନା ବିଜୟ।

# ଆତ୍ମବିଶ୍ୱାସ, ଆବେଗର ପ୍ରତିଫଳନ

**ନଭି ମୁମ୍ବାଇ, ୩୧।୧୦ (ପି.ଟି.)**

ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଭାରତର ରେକର୍ଡ ଚେଜ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ସମେତ ଦେଶର କ୍ରୀଡ଼ା ମହଲକୁ ଅଭିଭୂତ କରିଛି। ଏହି ଆଶ୍ଚର୍ଯ୍ୟଜନକ ବିଜୟ କ୍ରିକେଟ ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି। ଜେମିମା ରୋଡ୍ରିଗ୍ସ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ୧୨୭ ରନ କରି ଅପରାଜିତ ରହିଥିଲେ। ଗୁରୁବାର ରାତିରେ ଏହି ବିଜୟ ଦ୍ୱାରା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ରୋକି ଭାରତ ତୃତୀୟ ଥର ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଜେମିମାଙ୍କର ଏହା ତୃତୀୟ ଶତକ ଓ ବିଶ୍ୱକପ୍‌ରେ ପ୍ରଥମ। ସେ ଓ ଅଧିନାୟିକା ହରମନପ୍ରୀତ କୌର (୮୮ ବଲ୍‌ରୁ ୮୯ରନ, ୧୦ ଚୌକା ଓ ୨ ଛକା) ତୃତୀୟ ଉଇକେଟରେ ୧୬୭ ରନ ଯୋଗ କରିଥିଲେ। ଏହି ବିଜୟ ଦ୍ୱାରା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆର ପ୍ରତିଯୋଗିତାର ଗତ ଦୁଇ ସଂସ୍କରଣରେ ୧୫ମ୍ୟାଚ ଅପରାଜେୟ ଧାରା ଭାରତ ବ୍ରେକ୍ ଦେବାରେ ସମର୍ଥ ହୋଇଛି। ୩୩୯ର ବିଶାଳ ସ୍କୋରକୁ ପିଛା କରିବା ବେଳେ ଜେମିମାଙ୍କ ଅପରାଜିତ ବ୍ୟାଟିଂ ଯୋଗୁ ଅଷ୍ଟ୍ରେଲିଆର ୩୩୮/ଅଲଆଉଟ ସ୍କୋର ଜବାବରେ ଭାରତ ୪୮.୩ ଓଭରରେ ୩୪୧/୫ ସ୍କୋର କରି ମ୍ୟାଚ ଜିତିନେଇଥିଲା। ତେନ୍ଦୁଲକର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ''ଚମତ୍କାର ବିଜୟ! ଜେମିମା ଓ ହରମନପ୍ରୀତ୍‌ଙ୍କ ବଳିଷ୍ଠ ନେତୃତ୍ୱ ପ୍ରଶଂସା ଯୋଗ୍ୟ, ଶ୍ରୀଚରଣୀ ଓ ଦୀପ୍ତି ଚମତ୍କାର ବୋଲିଂ କରି ଭାରତ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ଦଳ ଏହି ଭଳି ପ୍ରଦର୍ଶନ ଜାରି ରଖୁ। ଭାରତର ପୂର୍ବତନ କୋଚ୍ ତଥା ଲେଗ୍ ସ୍ପିନ କିମ୍ବଦନ୍ତୀ ଅନିଲ କୁମ୍ବଲେ ଜେମିମାଙ୍କ ଅପରାଜିତ ୧୨୭ରନ ଇନିଂସର ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିରେ ଜେମିମାଙ୍କ ଧୈର୍ଯ୍ୟ ଓ ଶକ୍ତି ଭରି ରହିଥିଲା। ସେ ତାଙ୍କ ପରିପକ୍ୱତା ଓ ଆତ୍ମବିଶ୍ୱାସର ପରିଚୟ ଦେଇଛନ୍ତି। ବ୍ୟାଟିଂ ଷ୍ଟାଲୱାର୍ଟ ବିରାଟ କୋହଲି 'ଏକ୍ସ'ରେ ତାଙ୍କ ପୋଷ୍ଟରେ ପ୍ରଥମେ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ମ୍ୟାଚରେ ଦଳର ସ୍ଥିରତା, ଆତ୍ମବିଶ୍ୱାସ ଓ ଆବେଗର ପ୍ରତିଫଳନ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଏହି ବିଜୟ ବାସ୍ତବିକ ହୃଦୟସ୍ପର୍ଶୀ। 'ୱେଲ୍‌ଡନ୍ ଟିମ୍ ଇଣ୍ଡିଆ'। ଭାରତର ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ତାଙ୍କ ପୋଷ୍ଟରେ କହିଛନ୍ତି, ''ଅଷ୍ଟ୍ରେଲିଆ ସୋଚ୍ ରହି ଥି କି ଔର ଏକ ସେମିଫାଇନାଲ ହୈ, ଆରାମ ସେ ଜିତେ ଔର ଜିତେ ଫାଇନାଲ। ହମାରି ଲଡ଼କିୟୋଁ ନେ ସୋଚା, ୟେତୋ ମୌକା ହେ ଅସଲି ଧାମାକା କର୍‌ନେକା! ସାରେ ଆଲୋଚନା ଧୋ ଡାଲା। କ୍ୟା ଖେଲ ଦେଖାୟା। ଓମେନ୍ ଇନ୍ ବ୍ଲୁ'' ପାଇଁ ଆମେ ଗର୍ବିତ। ଭାରତର ପୂର୍ବତନ କ୍ରିକେଟର ଯୁବରାଜ ସିଂ ମଧ୍ୟ ମହିଳା ଦଳର ଦୃଢ଼ ବିଶ୍ୱାସ ଓ ଦୃଢ଼ ସଂକଳ୍ପର ଉଚ୍ଚ ପ୍ରଶଂସା କରିଛନ୍ତି, ବିଶେଷ କରି ଜେମିମା ଓ ହରମନପ୍ରୀତଙ୍କ ବ୍ୟାଟିଂକୁ। ପ୍ରବଳ ଚାପରେ ଥାଇ ଦଳର ଜଣେ ସଚ୍ଚା ଅଧିନାୟିକା ଭାବେ ହରମନପ୍ରୀତ୍ ସ୍ଥିର ମନୋଚିତ୍ତରେ ଦଳର ସ୍କୋରକୁ ଆଗେଇ ନେବା ଏବଂ ଏକଗ୍ରତା ଓ ଦୃଢ଼ ସଂକଳ୍ପଭିତ୍ତିକ ଜେମିମାଙ୍କ ସ୍ମରଣୀୟ ଇନିଂସକୁ ସମଗ୍ର ବିଶ୍ୱ ଦେଖିଲା। ଏହା ଏକ ଐତିହାସିକ ସେମିଫାଇନାଲ ଥିଲା। ବର୍ତ୍ତମାନ ଫାଇନାଲକୁ ଅପେକ୍ଷା। ଭାରତ ନଭି ମୁମ୍ବାଇଠାରେ ରବିବାର ଖେଳାଯିବାକୁଥିବା ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।



ସଚିନ ତେନ୍ଦୁଲକର



ବୀରେନ୍ଦ୍ର ସେହ୍ୱାଗ



ବିରାଟ କୋହଲି

## ଭାରତୀୟ ମହିଳା କ୍ରିକେଟ ଦଳକୁ ପ୍ରଶଂସାର ସୁଅ

# ବିଶ୍ୱ ଜୁ-ଜିତ୍‌ସୁରେ ଓଡ଼ିଶାରୁ ୩ ଭାଗନେବେ

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଶନିବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଜୁ-ଜିତ୍‌ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗନେବା ନିମନ୍ତେ ଓଡ଼ିଶାର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ସ୍ୱରାଜ ଜାନି ଓ ଅମରେଶ୍ୱର ସ୍ୱାଇଁ ଶୁକ୍ରବାର ଥାଇଲାଣ୍ଡ ଯାତ୍ରା କରିଛନ୍ତି। ଗତ ଜାତୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଓଡ଼ିଶାର ଏହି ପ୍ରତିଯୋଗୀମାନେ ବିଶ୍ୱ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିଲେ। ଓଡ଼ିଶା ଜୁ- ଜିତ୍‌ସୁ ଆସୋସିଏଶନ୍‌ର ଖେଳାଳି ଅନୁପମା ଗତ ୫ ବର୍ଷଧରି ଏସୀୟ ଜୁ-ଜିତ୍‌ସୁ ପ୍ରତିଯୋଗିତାରେ ଲଗାତର ପଦକ ହାସଲ କରିବା ସହ ଏସିଆନ ଗେମ୍ସରେ ଭାଗ ନେଇଥିଲେ। ସ୍ୱରାଜ ଜାନି ମଧ୍ୟ ଗତ ଏସୀୟ ଜୁ-ଜିତ୍‌ସୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# 'ରିଟର୍ନ ଟୁ ସ୍ପୋର୍ଟ୍ସ' କର୍ମଶାଳାରେ ଓଡ଼ିଶାରୁ ମୁକ୍ତି ପ୍ରସାଦ ଭାଗନେଲେ



କର୍ମଶାଳାରେ ଭାଗନେବା ଅବସରରେ ମୁକ୍ତିପ୍ରସାଦ ଦାଶ (ବାମରୁ ଦ୍ୱିତୀୟ)।

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ସ୍ପୋର୍ଟ୍ସ ଡେଭଲପମେଣ୍ଟ ଅଥରିଟି ଅଫ୍ ତାମିଲନାଡୁ, ତାମିଲନାଡୁ ସେଣ୍ଟର ଫର ସ୍ପୋର୍ଟ୍ସସାଇନ୍ସେସ ଏବଂ ଇଣ୍ଡିଆନ ନ୍ୟାଶନାଲ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ ଆସୋସିଏଶନ ଆନୁକୂଲ୍ୟରେ ଚେନ୍ନାଇଠାରେ ଅନୁଷ୍ଠିତ 'ରିଟର୍ନ ଟୁ ସ୍ପୋର୍ଟ୍ସ' କର୍ମଶାଳାରେ ଓଡ଼ିଶାର କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଜର୍ମାନୀର କୋଚ୍ ଜର୍ଗ ଟେକ୍‌ମାନ୍ ଏବଂ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଅଥରିଟି ଅଫ୍ ତାମିଲନାଡୁର ହାଇ ପରଫର୍ମାନ୍ସ ମ୍ୟାନେଜର ଡକ୍ଟର ସାଜୁ ପରିଚାଳନା କରିଥିଲେ। ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଓଡ଼ିଶାରୁ ଏକମାତ୍ର ଭାଗ ନେଇଥିବା ମୁକ୍ତି ପ୍ରସାଦ ନିଜ କାର୍ଯ୍ୟଧାରା ଉପରେ ଅନେକ ଅଭିଜ୍ଞତା ହାସଲ କରିଥିବା ପ୍ରକାଶ କରିଛନ୍ତି। ବିଶେଷ କରି ଆଣ୍ଠୁରେ ଅସ୍ତ୍ରୋପଚାର ପରବର୍ତ୍ତୀ ଅବସ୍ଥାରୁ ସୁସ୍ଥହେବା ଏବଂ ରିଟର୍ନ ଟୁ ପ୍ଲେ ମ୍ୟାନେଜମେଣ୍ଟ ଉପରେ ଅନେକ କିଛି ଶିଖିବାକୁ ମିଳିଲା ବୋଲି ସେ କହିଛନ୍ତି।

## ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ

# ଓଡ଼ିଶା-ବିହାର ମ୍ୟାଚ ଡ୍ର

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ):** ପଞ୍ଜାବର ଅମୃତସରଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିବା ପରେ ଶୁକ୍ରବାର ବିହାର ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଛି। ଓଡ଼ିଶା ପକ୍ଷରୁ ସତ୍ୟଜିତ ସିଂ ୭୩ ଓ ଆୟାନ ଖାଁ ୭୪ତମ ମିନିଟରେ ଗୋଲ ୨ଟି ଦେଇଥିଲେ। ତେବେ ବିହାର ଦଳର ଚିରାଗ ରାଜ ୮୨ ଓ ପ୍ରେମ୍ କୁମାର ୯୦+୨ ମିନିଟରେ ଗୋଲ ୨ଟି ପରିଶୋଧ କରି ଦେଇଥିଲେ। ଫଳରେ ନୈରାଶ୍ୟଜନକ ପ୍ରଦର୍ଶନ ସହ ଓଡ଼ିଶା ଅଭିଯାନ ଶେଷ ହୋଇଛି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ୦-୧୩ ଗୋଲରେ ମିଜୋରାମଠାରୁ ଏବଂ ଦ୍ୱିତୀୟ ମ୍ୟାଚରେ ୦-୬ ଗୋଲରେ ମଣିପୁର ନିକଟରୁ ପରାସ୍ତ ହୋଇଥିଲା। ଜୁନିୟର ସ୍ତରରେ ଓଡ଼ିଶାର ଏପରି ପ୍ରଦର୍ଶନ ରାଜ୍ୟ ଫୁଟବଲପ୍ରେମୀଙ୍କୁ ବ୍ୟଥିତ କରିଛି।

# ଅଷ୍ଟ୍ରେଲିଆର ସହଜ ବିଜୟ

## ଦ୍ୱିତୀୟ ଟି୨୦

■ ଜୋଶ୍ ହାଜେଲ୍‌ଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍

**ମେଲବୋର୍ନ, ୩୧।୧୦**

ନଭି ମୁମ୍ବାଇରେ ଗୁରୁବାର ଅନୁଷ୍ଠିତ ମହିଳା କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ଭାରତୀୟ ମହିଳା କ୍ରିକେଟ ଦଳ ବିଶ୍ୱ ରେକର୍ଡ ସୃଷ୍ଟି କରିବାର ଗୋଟିଏ ଦିନ ପରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତୀୟ ପୁରୁଷ ଦଳ ଅଷ୍ଟ୍ରେଲିଆଠାରୁ ବଲ୍ ଦୃଷ୍ଟିରୁ ବଡ଼ ବ୍ୟବଧାନରେ ପରାଜିତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୪୦ ବଲ୍ ବାକିଥାଇ ୪ ଉଇକେଟରେ ସହଜ ବିଜୟ ହାସଲ କରିଛି। ବଲ୍ ବ୍ୟବଧାନକୁ ଦେଖିଲେ ଟି୨୦ରେ ଭାରତର ଏହା ଦ୍ୱିତୀୟ ବୃହତ୍ ପରାଜୟ। ୨୦୦୮ରେ ଏହି ମେଲବୋର୍ନରେ ଅଷ୍ଟ୍ରେଲିଆଠାରୁ ୫୨ ବଲ୍ ବାକିଥାଇ ପରାଜୟ ଭାରତ ପାଇଁ ସର୍ବବୃହତ୍ ହୋଇ ରହିଛି। ଚଳିତ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ୧୮.୪ ଓଭରରେ ମାତ୍ର ୧୨୫ ରନକରି ଅଲ୍‌ଆଉଟ ହୋଇଥିଲା। ୧୨୬ ରନର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୧୩.୨ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା।

ଟସ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୯ ରନ ମଧ୍ୟରେ ୫ ଉଇକେଟ ହରାଇବା ସହ ୧୨୫ରେ ଅଲ୍‌ଆଉଟ ହୋଇ ଯାଇଥିଲା। ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୧୮.୪ ଓଭରରେ ୧୨୫/ଅଲ୍‌ଆଉଟ (ଅଭିଷେକ ଶର୍ମା-୬୮, ହର୍ଷିତ ରାଣା-୩୫, ଜୋଶ୍ ହାଜେଲଉଡ୍-୩/୧୩, ଜାଭିଅର ବ୍ରେଟଲେଟ୍-୨/୩୯, ନାଥାନ ଇଲିସ-୨/୨୧, ମାର୍କୁସ ଷ୍ଟୋଇନିସ-୧/୨୪)। ଅଷ୍ଟ୍ରେଲିଆ ୧୩.୨ ଓଭରରେ ୧୨୬/୬ (ମିଚେଲ ମାର୍ଶ-୪୬, ଟ୍ରାଭିସ ହେଡ୍-୨୮, ଯଶପ୍ରୀତ୍ ବୁମ୍‌ରା-୨/୨୬, ବରୁଣ ଚକ୍ରବର୍ତ୍ତୀ-୨/୨୩, କୁଲଦୀପ ଯାଦବ-୨/୪୫)।

# ଆନନ୍ଦଙ୍କ ନାମରେ ଚେସ୍ ବିଶ୍ୱକପ୍ ଟ୍ରଫି

**ପଣଜୀ, ୩୧।୧୦ (ପି.ଟି.)**

ପାଞ୍ଚ ଥର ବିଶ୍ୱ ଚାମ୍ପିୟନ ଭାରତୀୟ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ସମ୍ମାନାର୍ଥେ ଏଠାରେ ଆୟୋଜିତ ହେଉଥିବା ଫିଡେ ଚେସ୍ ବିଶ୍ୱକପ୍‌ର ନୂତନ ଟ୍ରଫି ତାଙ୍କ ନାମରେ ନାମିତ କରାଯାଇଛି। ପିତ୍ତଳ ତିଆରି ସୁନା ପାଣି ଦିଆ ଏହି ଟ୍ରଫିର ଉନ୍ମୋଚନ ଶୁକ୍ରବାର ପ୍ରତିଯୋଗିତାର ଏକ ରଙ୍ଗାରଙ୍ଗ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ପନ୍ନ ହୋଇଛି। ଏହି ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଓ ଫିଡେ ମୁଖ୍ୟ ଆର୍କାଡି ଡିଭୋରକୋଭିଚ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ରୋଲିଂ ଟ୍ରଫି ଭବିଷ୍ୟତର ଫିଡେ ବିଶ୍ୱକପ୍ ବିଜେତାମାନଙ୍କୁ ପ୍ରଦାନ କରାଯିବ।

# ଫିଡେ, ଏଆଇସିଏଫ୍, କିଟ୍ ମଧ୍ୟରେ ବୁଝାମଣା



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଫିଡେ ଓ ଏଆଇସିଏଫ୍ କର୍ମକର୍ତ୍ତାଙ୍କ ସହ ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଶୁକ୍ରବାର ମୁମ୍ବାଇଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ଶିକ୍ଷା ସହ ଚେସ୍‌ର ମଧ୍ୟ ପ୍ରଚାର ପ୍ରସାର ହୋଇପାରିବ। ଫିଡେ ସଭାପତି ଆର୍କାଡି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନିତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହନ୍ତି ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଚେସ୍ ମାଧ୍ୟମରେ ଶିକ୍ଷା, ପୁନର୍ବାସ, ଅନ୍ତର୍ଭୁକ୍ତୀକରଣ ଏବଂ ଲୋକଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେବା ନିମନ୍ତେ ଫିଡେ ପକ୍ଷରୁ ବିଭିନ୍ନ ସମୟରେ ପ୍ରୟାସ ଜାରି ରହିଛି। ଏଥିପାଇଁ ୨୦୨୫ରେ ଫିଡେର ସ୍ଲୋଗାନ ଥିଲା ଚେସ୍ ଫର୍ ସୋସିଆଲ୍ ସର୍ଭିସ। ୨୦୨୬କୁ 'ଇୟର ଅଫ୍ ଚେସ୍ ଇନ୍ ଏଜୁକେଶନ' ଭାବେ ଫିଡେ ଘୋଷଣା କରିଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ କିଟ୍ ସହ ଫିଡେ ବୁଝାମଣା କରିଛି। ୨୦୨୬ ଜାନୁଆରୀରେ କିଟ୍‌ରେ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଫେଷ୍ଟିଭାଲରେ ପାଖାପାଖି ୩୫ ଦେଶର ଚେସ୍ ସଂଘର ମୁଖ୍ୟ ଏବଂ ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାରେ ଏଭଳି ଚେସ୍ ଫେଷ୍ଟିଭାଲ୍ ହେବାକୁ ଯାଉଛି। ଏହା ପୂର୍ବରୁ ଫୁଟବଲର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟବଲ ସଂଘ (ଫିଫା) ସହ ଏବଂ ଭଲିବଲ୍‌ର ପ୍ରସାର ନିମନ୍ତେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଛି। ୩ ଅନ୍ତର୍ଜାତୀୟ ସଂଘ ସହ ବୁଝାମଣା କରିବାରେ ଏହା ପ୍ରଥମ ବିଶ୍ୱବିଦ୍ୟାଳୟ। ଏହି ଅବସରରେ ଅଚ୍ୟୁତ ଉପସ୍ଥିତ ରହି ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ। ''ବିଶ୍ୱରେ ସର୍ବାଧିକ ଲୋକପ୍ରିୟ ଖେଳ ଫୁଟବଲ୍ ଓ ଭଲିବଲ୍ ସହ ବୁଝାମଣା ହୋଇଥିବା ବେଳେ ଏବେ ବିଶ୍ୱର ଅନ୍ୟତମ ଆଦୃତ କ୍ରୀଡ଼ା ଚେସ୍‌ର ଅନ୍ତର୍ଜାତୀୟ ସଂଘ ସହ କିଟ୍ ବୁଝାମଣା କରିଛି। ଏହା ଓଡ଼ିଶା ଏବଂ ଭାରତ ପାଇଁ ଗୌରବର ବିଷୟ'' ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି।

## ୩ ଅନ୍ତର୍ଜାତୀୟ ସଂଘ ସହ ବୁଝାମଣାରେ ପ୍ରଥମ ବିଶ୍ୱବିଦ୍ୟାଳୟ

### ରଞ୍ଜନ ମହାନ୍ତିଙ୍କୁ ଗୁରୁଦାୟିତ୍ୱ

ଭାରତରେ ଚେସ୍‌ର ବିକାଶ ପାଇଁ ଫିଡେ-ଏଆଇସିଏଫ୍-କିଟ୍ ମଧ୍ୟରେ ଯେଉଁ ବୁଝାମଣା ହୋଇଛି ସେଥିରେ ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତିଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅର୍ଥାତ୍ ଏହି ତିନି ଅନୁଷ୍ଠାନ ସହ ରଞ୍ଜନ ଯୋଗାଯୋଗରେ ରହି ଚେସ୍‌ର ବିକାଶ ଦିଗରେ ଗୁରୁଦାୟିତ୍ୱ ବହନ କରିବେ।

# ରାଜ୍ୟ ମହିଳା ଫିଡେ ରେଟିଂ ଚେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ):** କେନ୍ଦ୍ରାପଡା କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସହଯୋଗରେ ଶୁକ୍ରବାର କେନ୍ଦ୍ରାପଡ଼ାର ଗରଦପୁରଠାରେ ଓଡ଼ିଶା ମହିଳା ଫିଡେ ରେଟିଂ ଚେସ -୨୦୨୫ ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଇଆଇସି ରବୀନ୍ଦ୍ର ନାଥ ବେହେରା, ଯାଜପୁର ୟୁନାଇଟେଡ ଚେସ ଆସୋସିଏଶନ୍‌ର ସମ୍ପାଦକ ସମରେନ୍ଦ୍ର ସାହୁ, ବରଗଡ଼ ଜିଲା ଚେସ୍ ଆସୋସିଏଶନ୍ ସମ୍ପାଦକ କେ.ଆର୍. ପ୍ରଧାନ, ସିପାର ସଭାପତି ଧନଞ୍ଜୟ ସାବତ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଆସୋସିଏଶନ୍ ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ ଉଦ୍‌ବୋଧନ ଦେଇଥିବାବେଳେ ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ। ୪ ଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୩୦ ମହିଳା ଖେଳାଳି ବିଭିନ୍ନ ଜିଲାରୁ ଭାଗନେଇଛନ୍ତି।

# ଦବଙ୍ଗ ଦିଲ୍ଲୀ ଚାମ୍ପିୟନ




ପ୍ରୋ କବାଡ଼ି ଲିଗ୍ ଚାମ୍ପିୟନ ଦବଙ୍ଗ ଦିଲ୍ଲୀ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

## ପ୍ରୋ କବାଡ଼ି ଲିଗ୍

**ନୂଆଦିଲ୍ଲୀ, ୩୧।୧୦(ପି.ଟି.)**

ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣରେ ଦବଙ୍ଗ ଦିଲ୍ଲୀ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଦିଲ୍ଲୀ ୩୧-୨୮ ପଏଣ୍ଟରେ ପୁନେରି ପଲଟନକୁ ପରାସ୍ତ କରିଛି। ପୂର୍ବରୁ ସିଜନ-୮ରେ ଚାମ୍ପିୟନ ହୋଇଥିବା ଦିଲ୍ଲୀପାଇଁ ଏହା ଦ୍ୱିତୀୟ ପିକେଏଲ୍ ଟାଇଟଲ। ସେତେବେଳେ ଦିଲ୍ଲୀ ଦଳର ଅଧିନାୟକ ଥିବା ଜୋଗିନ୍ଦର ନରୱାଲ ଏବେ ମୁଖ୍ୟ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ୟୁ ମୁମ୍ବାପରେ ଦ୍ୱିତୀୟ ଦଳଭାବେ ଘରୋଇ ପରିବେଶରେ ଦିଲ୍ଲୀ ଟାଇଟଲ ହାସଲ କରିଛି। ଫଜେଲ ଅତ୍ରାଚଲି ପିକେଏଲ୍ ଇତିହାସରେ ସବୁଠାରୁ ସଫଳ ବିଦେଶୀ ଖେଳାଳି ହୋଇଛନ୍ତି। ନୀରଜ ନରୱାଲ ଓ ଅଜିଙ୍କ୍ୟ ପାୱାର ୮ ଓ ୬ ପଏଣ୍ଟ ହାସଲ କରି ରେଡିଙ୍ଗ୍ ୟୁନିଟର ଶୀର୍ଷରେ ରହିଛନ୍ତି। ପୁନେରି ପଲଟନ ଲାଗି ଆଦିତ୍ୟ ଶିନ୍ଦେ ସୁପର ୧୦ ହାସଲ କରିଥିବାବେଳେ ଅବିନେଶ ନଦରାଜନ ୪ ଟ୍ୟାକେଲ ପଏଣ୍ଟ ପାଇଥିଲେ। ଓଭରଅଲ୍ ଦେଖିବାକୁ ଗଲେ ଦବଙ୍ଗ ଦିଲ୍ଲୀର ୧୭ ତୁଳନାରେ ପଲଟନ ୧୫ ରେଡ୍ ପଏଣ୍ଟ ପାଇଥିଲା। ଦିଲ୍ଲୀ ଥରେ ସୁପର ରେଡ୍ ମଧ୍ୟ କରିଥିଲା। ଟ୍ୟାକଲ ପଏଣ୍ଟରେ ଦିଲ୍ଲୀ (୮)ଠାରୁ ପଲଟନ (୧୦) ଆଗରେ ରହିଥିବାବେଳେ ଉଭୟ ସମାନ ଅଲ୍‌ଆଉଟ ପଏଣ୍ଟ (୨ ଲେଖାଏ) ହାସଲ କରିଥିଲେ। ଦିଲ୍ଲୀ ୪ ଏବଂ ପଲଟନ ମାତ୍ର ୧ ଅତିରିକ୍ତ ପଏଣ୍ଟ ପାଇଥିଲା।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ